# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ସେପ୍ଟେମ୍ବର ୨୧/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Berhampur, Saturday, September 21/2019 | ★★★

୧୫୩ ଭାଗ ୨୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଫାଇନାଲରେ ଅମିତ୍

ପ୍ରଥମ ଭାରତୀୟ ବକ୍ସର ଭାବେ ହରିୟାଣାର ଅମିତ୍ ପଙ୍ଘାଲ ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି।

୧୯ ୧୪

## ଦୀପିକା ଆଉଟ୍ ଶ୍ରଦ୍ଧା ଇନ୍

ନିର୍ଦ୍ଦେଶକ ଲଭ୍ ରଞ୍ଜନଙ୍କ ଆଗାମୀ ଚଳଚ୍ଚିତ୍ରରେ ଶ୍ରଦ୍ଧା କପୁର ନଜରକୁ ଆସିବେ । ପୂର୍ବରୁ ଏଥିରେ ରଣବୀର ସିଂହଙ୍କ ସହ ଦୀପିକା ପାଦୁକୋନ ଆସିବେ ବୋଲି ଚର୍ଚ୍ଚା ହେଉଥିଲା।



## ୨୪ ଜିଲାରେ ହେବ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ

ଭୁବନେଶ୍ୱର, ୨୦।୯(ବ୍ୟୁରୋ): ରାଜ୍ୟର ୨୪ଟି ଜିଲାରେ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା କରାଯିବ। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ସିଭିଲ୍ କୋର୍ଟ ଆଇନ-୧୯୮୪ ଅନୁଯାୟୀ ଉପରୋକ୍ତ କୋର୍ଟଗୁଡ଼ିକ ଜଣେ ଜଣେ ଅତିରିକ୍ତ ଜିଲାଜଜ୍‌ଙ୍କ ଅଧୀନରେ କାର୍ଯ୍ୟ କରିବ ବୋଲି ଶୁକ୍ରବାର ପଞ୍ଚାୟତିରାଜ ଓ ପାନୀୟଜଳ, ଆଇନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ଏହି କୋର୍ଟଗୁଡ଼ିକ ପୋକ୍ସୋ ଆକ୍ଟ-୨୦୧୨ (ପ୍ରୋଟେକସନ୍ ଅଫ୍ ଚିଲ୍ଡ୍ରେନ୍ ଫ୍ରମ୍ ସେକ୍ସୁଆଲ୍ ଅଫେନ୍‌ସେସ୍ ଆକ୍ଟ) ସମ୍ବନ୍ଧିତ ଅପରାଧ ମାମଲାଗୁଡ଼ିକର ବିଚାର କରିବ। ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, ବଲାଙ୍ଗୀର, କଟକ, ଢେଙ୍କାନାଳ, ବ୍ରହ୍ମପୁର, ଜଗତସିଂହପୁର, ଯାଜପୁର, ଝାରସୁଗୁଡ଼ା, ଭବାନୀପାଟଣା, କେନ୍ଦ୍ରାପଡ଼ା, କେଉଁଝର, ଖୋର୍ଦ୍ଧା, ଜୟପୁର, ବାରିପଦା, ନବରଙ୍ଗପୁର, ନୟାଗଡ଼, ଫୁଲବାଣୀ, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ମୋଟ ୨୪ଟି ସ୍ଥାନରେ ଏହି କୋର୍ଟ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି।


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


■ ମାନ୍ଦାବସ୍ଥା ଦୂରେଇବାକୁ ସୀତାରାମନ୍‌ଙ୍କ ପ୍ରୟାସ

# କର୍ପୋରେଟ ଟିକସ ହ୍ରାସ ଘୋଷଣା



■ ୩୦ରୁ ୨୫.୧୭%କୁ ଖସିଲା କର୍ପୋରେଟ ଟିକସ

■ ଅନ୍ୟକୌଣସି ଛାଡ଼ ନେଉ ନଥିଲେ ଘରୋଇ କମ୍ପାନୀ ଦେବେ ୨୨% ଟିକସ

■ ଅକ୍ଟୋବର ପହିଲା ପରେ ମାନୁଫାକ୍‌ଚରିଂ କମ୍ପାନୀ ଦେବେ ୧୫% ଟିକସ

ପଣଜୀ,୨୦।୯

ଦେଶ ଏବେ ଘୋର ମାନ୍ଦାବସ୍ଥା ଦେଇ ଗତିକରୁଛି। ଏହାକୁ ଦୂରେଇବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପୂର୍ବରୁ ୩ ଥର ବିଭିନ୍ନ କ୍ଷେତ୍ର ଲାଗି ପ୍ରୋତ୍ସାହନ ଘୋଷଣା କରିସାରିଛନ୍ତି। ଏଠାରେ ଜିଏସ୍‌ଟି କାଉନସିଲର ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ପୂର୍ବରୁ ସମସ୍ତଙ୍କୁ ଚମକାଇ ଦେଇ ସେ କର୍ପୋରେଟ ଜଗତ ପାଇଁ ଟିକସ ହ୍ରାସ ଘୋଷଣା କରିଛନ୍ତି। ଏଣିକି କମ୍ପାନୀଗୁଡ଼ିକ ୨୫.୧୭% ଦେବେ ବୋଲି ସେ କହିଛନ୍ତି। ସେହିପରି ସେ ମିନିମମ୍ ଅଲ୍ଟରନେଟ ଟିକସ, କ୍ୟାପିଟାଲ ଗେନ୍ସ ଟିକସ ଉପରେ ଲାଗୁଥିବା ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରାଯିବ ବୋଲି ଘୋଷଣା କରିଛନ୍ତି। ଏହାଛଡ଼ା ସେ ନୂଆକରି ଗଢ଼ି ଉଠିବାକୁ ଥିବା ମାନୁଫାକ୍‌ଚରିଂ କମ୍ପାନୀ ପାଇଁ ମଧ୍ୟ ଟିକସ ହ୍ରାସ କରାଯିବ ବୋଲି କହିଛନ୍ତି।

ଶୁକ୍ରବାର ଏଠାରେ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଘରୋଇ କମ୍ପାନୀଗୁଡ଼ିକ କର୍ପୋରେଟ ଟିକସ ବାବଦରେ ୩୦% ଟିକସ ଦେଉଥିବା ବେଳେ ଏହାକୁ ହ୍ରାସ କରାଯାଇଛି। ସେମାନେ ଅନ୍ୟକୌଣସି ଟିକସ ଛାଡ଼ ନେଉ ନଥିଲେ ୨୨% ଟିକସ ଆଦାୟ କରାଯିବ। ତେବେ ସରଚାର୍ଜ ଓ ସେସ୍ ଆଦିକୁ ମିଶାଇଲେ ଏହି ଟିକସ ପରିମାଣ ୨୫.୧୭% ହେବ। ଏହା ଦକ୍ଷିଣ-ପୂର୍ବ ଏସିଆର ଅନ୍ୟ ଦେଶ ସହ ସମାନ ହୋଇଛି। ଫଳରେ ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱ ବଜାରରେ ଚାଇନା, ଦକ୍ଷିଣ କୋରିଆ ଓ ଇଣ୍ଡୋନେସିଆ ସହ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ସେହିପରି ଅକ୍ଟୋବର ପହିଲା ପରେ ପ୍ରତିଷ୍ଠିତ ଘରୋଇ ମାନୁଫାକ୍‌ଚରିଂ କମ୍ପାନୀଙ୍କ ଠାରୁ ଏଣିକି ୧୫% ଟିକସ ଆଦାୟ କରାଯିବ। ସରଚାର୍ଜ ଓ ସେସ୍ ମିଶାଇଲେ ଏହା ୧୭.୦୧% ହେବ। ପୂର୍ବରୁ ସେମାନଙ୍କ ଠାରୁ ୨୫% ଟିକସ ଆଦାୟ କରାଯାଉଥିଲା। ସୀତାରାମନ୍ କହିଛନ୍ତି ଯେ, ଷ୍ଟକ୍ ବଜାରରେ ନିବେଶ ବୃଦ୍ଧି ଉଦ୍ଦେଶ୍ୟରେ ସରକାର କ୍ୟାପିଟାଲ ଗେନ୍ସ ଉପରେ ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାଛଡ଼ା ଜୁଲାଇ ୫ ପୂର୍ବରୁ ବାଏବ୍ୟାକ କରିବାକୁ ଘୋଷଣା କରିଥିବା କମ୍ପାନୀଙ୍କ ଠାରୁ ସରଚାର୍ଜ ଆଦାୟ କରାଯିବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସେହିଭଳି ସିଏସ୍‌ଆର୍ ବାବଦରେ ଖର୍ଚ୍ଚ ହେଉଥିବା ୨% ଅର୍ଥରାଶି ପରିଧିକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ୍‌ଙ୍କ ଘୋଷଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଓ ଉଦ୍ୟୋଗ ଜଗତ ସ୍ୱାଗତ କରିଛନ୍ତି।

## ସେନ୍‌ସେକ୍ସ ୧୦ବର୍ଷରେ ସର୍ବବୃହତ୍ ବୃଦ୍ଧି

**ମୁମ୍ବାଇ,୨୦।୯:** ଅର୍ଥନୀତି ଅଭିବୃଦ୍ଧି ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ପକ୍ଷରୁ ଶୁକ୍ରବାର କର୍ପୋରେଟ ଟିକସ ହ୍ରାସ ସମେତ ନିବେଶ ବୃଦ୍ଧି ଲାଗି କେତେକ ଘୋଷଣା କରାଯାଇଛି। ଏହାକୁ ଷ୍ଟକ୍ ମାର୍କେଟ ସକାରାତ୍ମକ ଭାବେ ଗ୍ରହଣ କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ସେନ୍‌ସେକ୍ସ ଗୋଟିଏ ଦିନରେ ୧୯୨୧.୧୫ ପଏଣ୍ଟ ବୃଦ୍ଧି ପାଇଛି, ଯାହା କି ୧୦ ବର୍ଷରେ ସର୍ବବୃହତ ବୃଦ୍ଧି କୁହାଯାଉଛି। ଶୁକ୍ରବାର କାରବାର ଶେଷ ବେଳକୁ ସେନ୍‌ସେକ୍ସ ୩୮,୦୧୪.୬୨ରେ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୫୬୯.୪୦ ପଏଣ୍ଟ ବୃଦ୍ଧି ପାଇ ୧୧,୨୭୪ରେ ବନ୍ଦ ହୋଇଛି।

# ପୂର୍ବତନ ଛାତ୍ରନେତାଙ୍କୁ ସଂଘବଦ୍ଧ ଆକ୍ରମଣ



ଆହତ ପୂର୍ବତନ ଛାତ୍ରନେତା ଦେବାଶିଷ ମିଶ୍ର(ବୁନୁ)।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

■ ଥମୁନି ଅଣଛାତ୍ରଙ୍କ ଗୁଣ୍ଡାରାଜ

■ କାର ଜବତ, ଥାନାରେ ୨ ଛାତ୍ର ଅଟକ

■ କ୍ୟାମ୍ପସରେ ଫୋର୍ସ ମୃତୟନ

■ କ୍ୟାମ୍ପସରୁ ଅଣଛାତ୍ରଙ୍କ ଅନୁପ୍ରବେଶ ବନ୍ଦ ଦାବି

ବ୍ରହ୍ମପୁର ଅଫିସ,୨୦।୯

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଗୁଣ୍ଡାରାଜ ଥମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି। କିଛିଦିନ ତଳେ ଦୁଇ ଛାତ୍ର ନବାଗତ ଛାତ୍ରଙ୍କ ହଷ୍ଟେଲକୁ ଯାଇ ମାରଣାସ୍ତ୍ର ଦେଖାଇ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଘଟଣା ସପ୍ତାହ ପରେ ଶୁକ୍ରବାର ପୁଣି କେତେକ ଅଣଛାତ୍ରଙ୍କ ଗୁଣ୍ଡାରାଜ ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ଆନନ୍ଦ ବଜାରରେ ଅଣଛାତ୍ରମାନେ ପୂର୍ବତନ ଛାତ୍ରନେତା ଦେବାଶିଷ ମିଶ୍ର(ବୁନୁ)ଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ସୂଚନା ପ୍ରକାରେ, ଶୁକ୍ରବାର ପୂର୍ବତନ ଛାତ୍ରନେତା ଦେବାଶିଷ ପିଏଚଡି ନାମଲେଖା ସମ୍ପର୍କରେ ବୁଝିବାକୁ ବିଶ୍ୱବିଦ୍ୟାଳୟକୁ ଆସିଥିଲେ। କ୍ୟାମ୍ପସରେ ଥିବା ଆନନ୍ଦ ବଜାର ନିକଟରେ ତାଙ୍କୁ କେତେକ ଛାତ୍ର ଓ ଅଣଛାତ୍ର ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ଦେବାଶିଷଙ୍କ ମୁଣ୍ଡ, ହାତ, ଗୋଡରେ ଗଭୀର ଆଘାତ ଲାଗି ଥିଲା। ସ୍ଥାନୀୟ କେତେକ ଛାତ୍ର ଓ ସହଯୋଗୀ ଦେବାଶିଷଙ୍କୁ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ଖବର ପାଇ ଗୋପାଳପୁର ପୋଲିସ ଦୁଇ ଛାତ୍ରଙ୍କୁ ଥାନାରେ ଅଟକ ରଖିବା ସହ ପୂର୍ବତନ ଛାତ୍ରନେତାଙ୍କ କାରକୁ ମଧ୍ୟ ନିଜ ହେପାଜତକୁ ନେଇଥିବା ଜଣାପଡିଛି। ☞ପୃଷ୍ଠା-୪

**ଆଇନ ଛାତ୍ରୀ ବଳାତ୍କାର ମାମଲା**

# ଜେଲ ଗଲେ ଚିନ୍ମୟାନନ୍ଦ

ଶାହଜାହାନପୁର,୨୦।୯(ଆଇଏଏନ୍‌ଏସ୍)

ଆଇନ ଛାତ୍ରୀ ବଳାତ୍କାର ମାମଲାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଭାବଶାଳୀ ଭାଜପା ନେତା ସ୍ୱାମୀ ଚିନ୍ମୟାନନ୍ଦ ଓରଫ କୃଷ୍ଣପାଲ୍ ସିଂ ଗିରଫ ହୋଇଛନ୍ତି। ପୀଡିତାଙ୍କ ପରିବାର ସହ ବୁଝାମଣା ପାଇଁ ସହଯୋଗୀମାନଙ୍କ ଉଦ୍ୟମ ଏବଂ ତାଙ୍କ କୌଶଳ ଭାଜପା ନେତାଙ୍କୁ ଗିରଫଦାରିରୁ ରକ୍ଷା କରିପାରି ନାହିଁ। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଶୁକ୍ରବାର ସକାଳେ ଚିନ୍ମୟାନନ୍ଦଙ୍କୁ ତାଙ୍କ ମୁମୁକ୍ଷୁ ଆଶ୍ରମରୁ ଗିରଫ କରିଛି। କୋର୍ଟରେ ହାଜର ପରେ ତାଙ୍କୁ ୧୪ ଦିନ ପାଇଁ ଶାହଜାହାନପୁର ☞ପୃଷ୍ଠା-୪

■ ଢେଙ୍କାନାଳ ଜିଲାପାଳ-ଓକିଲ ସଂଘ ମଧ୍ୟରେ ବିବାଦ

# କାର୍ଯ୍ୟାଳୟ ଘେରାଉ, ଉତ୍ତେଜନା



ଅତିରିକ୍ତ ଜିଲାପାଳ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

■ ଜିଲାପାଳଙ୍କ ଦୁର୍ବ୍ୟବହାର ଅଭିଯୋଗ

■ ଅତିରିକ୍ତ ଜିଲାପାଳଙ୍କୁ ଠେଲାପେଲା

■ ନିଃସର୍ତ୍ତ କ୍ଷମା ଦାବି କଲା ଓକିଲ ସଂଘ

ଢେଙ୍କାନାଳ ଅଫିସ, ୨୦।୯

ଢେଙ୍କାନାଳ ଜିଲାପାଳ ଏବଂ ଓକିଲ ସଂଘ ମଧ୍ୟରେ ଶୁକ୍ରବାର ଦେଖାଦେଇଛି ବିବାଦ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଓକିଲ ସଂଘ ପକ୍ଷରୁ ଅପରାହ୍ନରେ ଜିଲା କାର୍ଯ୍ୟାଳୟ ଘେରାଉ କରାଯାଇଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସମୟରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକଙ୍କୁ ଠେଲାପେଲା ଏବଂ କାର୍ଯ୍ୟାଳୟର ଫୁଲକୁଣ୍ଡ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଜିଲାପାଳ ନିଃସର୍ତ୍ତ କ୍ଷମା ନ ମାଗିବା ଯାଏ ତାଙ୍କୁ କାର୍ଯ୍ୟାଳୟରେ ପୂରାଇ ଦିଆଯିବ ନାହିଁ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହା ଏକ ଛୋଟିଆ ଭୁଲ ବୁଝାମଣା। ଏ ସମ୍ପର୍କରେ ବାର ଆସୋସିଏଶନ ସଦସ୍ୟଙ୍କ ସହ ଆଲୋଚନା କରାଯିବ। ନିଶ୍ଚିତ ଭାବେ ସମାଧାନର ବାଟ ବାହାରିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।

ଘଟଣାରୁ ଜଣାପଡ଼ିଛି, ଜମି ଅଧିଗ୍ରହଣ ସଂକ୍ରାନ୍ତରେ ମାମଲାର ଶୁଣାଣି ପାଇଁ ଜିଲାପାଳଙ୍କ ପକ୍ଷରୁ ଶୁକ୍ରବାରକୁ ଦିନ ଧାର୍ଯ୍ୟ କରାଯାଇଥିଲା। ତଦନୁଯାୟୀ କେତେଜଣ ଆଇନଜୀବୀ ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ପ୍ରକୋଷ୍ଠରେ ପହଞ୍ଚିଥିଲେ। ଏହି ସମୟରେ ଜିଲାପାଳ ସେସୁ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ବୈଠକରେ ବସିଥିଲେ। ନିର୍ଦ୍ଧାରିତ ସମୟଠାରୁ ବିଳମ୍ବ ହେବାରୁ ଅପେକ୍ଷାରତ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହି ସମୟରେ ଜିଲାପାଳଙ୍କ ପ୍ରକୋଷ୍ଠରୁ ଅବକାରୀ ବିଭାଗର ଜଣେ ଅଧିକାରୀ ଆସି ବୈଠକ ଚାଲୁଥିବାରୁ ଓକିଲଙ୍କୁ ଚୁପ୍ ରହିବାକୁ କହିଥିଲେ। ଏହାକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବାବୁଙ୍କ ବିଦ୍ରୋହ

**ଆଜିର ମନ୍ତବ୍ୟ**

“ ପାକିସ୍ତାନ ସବୁବେଳେ ଭାରତର ଜାତୀୟ ନେତୃତ୍ୱକୁ ନ୍ୟୂନ ମନେକରିଆସିଛି।

-ବି.ଏସ୍. ଧନୋଆ, ବାୟୁସେନା ମୁଖ୍ୟ


NECC NATIONAL EGG CO-ORDINATION COMMITTEE 20.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers






ଆପଣଙ୍କର ପ୍ରିୟ ଧରିତ୍ରୀ କାଗଜରେ ଏକ ବ୍ୟାଗ ପ୍ରସ୍ତୁତ କରନ୍ତୁ ଏବଂ ଫଟୋ/ ଭିଡିଓ /ସେଲଫିକୁ plasticfreeodishadht@gmail.com ରେ ମେଲ୍ କରନ୍ତୁ । ଖବରକାଗଜକୁ ପୁଣି ବ୍ୟବହାର ଉପଯୋଗୀ କରିବା ସହ ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନରେ ସହଯୋଗ କରି ପୁରସ୍କାର ଜିତିବାର ସୁଯୋଗ ପାଆନ୍ତୁ । ଶ୍ରେଷ୍ଠ ୫ଟି ବ୍ୟାଗ୍ ପ୍ରସ୍ତୁତକାରୀଙ୍କୁ ମିଳିବ ଆକର୍ଷଣୀୟ ଉପହାର ।


■ ଗ୍ରାହାମ ଷ୍ଟେନ୍ସ ପୋଡ଼ି ଘଟଣା

# ଦାରା ସିଂଙ୍କ ସହଯୋଗୀଙ୍କୁ ଗିରଫ କଲା ସିବିଆଇ

ଠାକୁରମୁଣ୍ଡା,୨୦।୯(ଡି.ଏନ୍.ଏ.)

ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁତ୍ରଙ୍କୁ ପୋଡ଼ି ହତ୍ୟା କରିଥିବା ଘଟଣାରେ ଫେରାର ଥିବା ଦାରା ସିଂଙ୍କ ଜଣେ ସହଯୋଗୀଙ୍କୁ ଗୁରୁବାର ବିଳମ୍ବିତ ରାତିରେ କୋଲ୍‌କାତାର ସି.ବି.ଆଇ. ଟିମ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଦ୍ଧଦେବ ନାୟକ। ଠାକୁରମୁଣ୍ଡା ଥାନା ଭରାଣ୍ଡିହା ପଞ୍ଚାୟତ ଅନ୍ତର୍ଗତ ନିଶ୍ଚିନ୍ତପୁର ଗ୍ରାମସ୍ଥିତ ଘରୁ ତାଙ୍କୁ ଗିରଫ କରି ଭୁବନେଶ୍ୱର ନିଆଯାଇଥିବା ଠାକୁରମୁଣ୍ଡା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୯୯ ଜାନୁୟାରୀ ୨୨ ତାରିଖରେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମ ଚର୍ଚ୍ଚ ସମ୍ମୁଖରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କର ଦୁଇ ନାବାଳକ ପୁତ୍ରଙ୍କୁ ଦାରା ସିଂ ଓ ତାଙ୍କ ସହଯୋଗୀମାନେ ପୋଡ଼ି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସେତେବେଳେ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା।





ବୈଦ୍ୟନାଥ
ଚ୍ୟବନପ୍ରାଶ ପରିବାର

ଚ୍ୟବନ-ଭିଟ୍ ସୁଗର ଫ୍ରୀ ଚ୍ୟବନପ୍ରାଶ : ମଧୁମେହ ରୋଗୀଙ୍କ ପାଇଁ ଅତ୍ୟୁତ୍ତମ ସ୍ୱାସ୍ଥ୍ୟ ବର୍ଦ୍ଧକ।
ଚ୍ୟବନପ୍ରାଶ ସ୍ପେଶାଲ : ପୂରା ପରିବାର ପାଇଁ ରୋଗ-ନିରୋଧକ ଶକ୍ତି ଯୋଗାଇବା ଏବଂ ସୁସ୍ୱାସ୍ଥ୍ୟ, ଓ ସବଳତା ପାଇଁ ଏଥିରେ ରହିଛି ୫୨ଟି ଚେ଼ରମୂଳି ଓ ଖନିଜ
କେଶରୀ କଳ୍ପ ରୟାଲ ଚ୍ୟବନପ୍ରାଶ : ବୟୋବୃଦ୍ଧି ଦୂରକରିବା ସହିତ ଗୋଲ୍ଡ, ସିଲଭର ଓ ସାଫ୍ରନ ସମୃଦ୍ଧ ବାର୍ଦ୍ଧକ୍ୟ ପ୍ରତିରୋଧୀ ତାରୁଣ୍ୟ ସୃଷ୍ଟିକାରୀ ସପ୍ଲିମେଣ୍ଟ

Shop online at www.baidyanath.com Customer Care: 1800 102 1855 (10 am to 6 pm)



୧୯୬୨ ତୁଳନାରେ ୨୦୧୯ରେ ରାଜନୀତିରେ ଅସନ୍ତୋଷ ବ୍ୟକ୍ତ କରିବାର ସ୍ଥାନ ନାଟକୀୟ ଭାବେ ସଙ୍କୁଚିତ ହୋଇଯାଇଛି।
–ଶଶୀ ଥରୁର,
ବରିଷ୍ଠ କଂଗ୍ରେସ ନେତା



# ଜଳବାୟୁ ପରିବର୍ତ୍ତନ ମୁକାବିଲା ଜରୁରୀ

ନୂଆଦିଲ୍ଲୀ/ନ୍ୟୁୟର୍କ,୨୦୧୯

ଜଳବାୟୁ ପରିବର୍ତ୍ତନ ସଙ୍କଟ ମୁକାବିଲାରେ ବିଫଳତାକୁ ନେଇ ଚିନ୍ତିତ ଓ ଭବିଷ୍ୟତକୁ ନେଇ ଉତ୍କଣ୍ଠିତ ଅଗଣିତ ସ୍ୱଳ୍ପବୟସ୍କ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଶୁକ୍ରବାର ଏଭଳି ଭାବେ ବିଶ୍ୱ ଜଳବାୟୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି, ଯାହାର ନାମ ରଖାଯାଇଛି 'ଫ୍ରାଇଡେ ଫର୍ ଫ୍ୟୁଚର'। ଆମେରିକାର ନ୍ୟୁୟର୍କରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ପୂର୍ବରୁ ବିଶ୍ୱବ୍ୟାପୀ ଏଭଳି ବିକ୍ଷୋଭ କାର୍ଯ୍ୟକ୍ରମ ଚାଲିଛି। ବିକ୍ଷୋଭ ବେଳର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଅଙ୍ଗାରକାମ୍ଳ ଉତ୍ସର୍ଜନ ବୃଦ୍ଧି ବିରୋଧରେ ମୁଣ୍ଡ ଟେକିଥିବା ଏହି ଆନ୍ଦୋଳନ କେବଳ ୟୁରୋପୀୟ ଦେଶରେ ସୀମିତ ହୋଇ ରହିନାହିଁ। ଏଥିରେ ପ୍ରାୟ ସବୁ ମହାଦେଶର ଲକ୍ଷ ଲକ୍ଷ ଜନତା ବିଶେଷକରି କିଶୋରୀକିଶୋର ଓ ଯୁବତୀଯୁବକ ଯୋଡ଼ିହୋଇ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ଏହିକ୍ରମରେ ଆମେରିକାରେ ୮୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ କରାଯାଇଥିବାବେଳେ ଜର୍ମାନୀରେ ୪୦୦ ରାଲିର ଆୟୋଜନ କରାଯାଇଛି। ଅଷ୍ଟ୍ରେଲିଆର ମେଲବୋର୍ନ ସହରରେ ଆୟୋଜିତ ରାଲିରେ ଲକ୍ଷାଧିକ ବିକ୍ଷୋଭକାରୀ ସାମିଲ ହୋଇଛନ୍ତି, ଯାହାକି ଦେଶର ଇତିହାସରେ ଜଳବାୟୁ ପରିବର୍ତ୍ତନ ବିରୋଧୀ ସବୁଠୁ ବଡ଼ ଆୟୋଜନ। ୧୭ ବର୍ଷୀୟ ନିଆମ୍ ଓ'କୋନୋର ସ୍ମିଥ୍ ମେଲବୋର୍ନ ସଭାକୁ ସମ୍ବୋଧିତ କରି କହିଛନ୍ତି, ସମସ୍ତେ ଏକ ନିରାପଦ ଭବିଷ୍ୟତ ଚାହାନ୍ତି, ଯାହାକୁ ଆମ ସରକାର ଅଦ୍ୟାବଧି ସମର୍ଥନ କରିନାହିଁ। ଆମେ ସମସ୍ତେ ଏକଜୁଟ ହୋଇ ଏଥିରେ ପରିବର୍ତ୍ତନ ଆଣିପାରିବା। ଅଷ୍ଟ୍ରେଲିଆ ଉପପ୍ରଧାନମନ୍ତ୍ରୀ ମାଇକେଲ ମ୍ୟାକ୍ କୋରମାକ୍ ଏହି ବିକ୍ଷୋଭକୁ ଏକ ବ୍ୟାଘାତ ଭାବେ ଅଭିହିତ କରି ଛାତ୍ରୀଛାତ୍ର ଆନ୍ଦୋଳନସ୍ଥଳ ଅପେକ୍ଷା ସ୍କୁଲରେ ଅଧିକ ଶିଖିପାରିବେ ବୋଲି କହିଛନ୍ତି। ଫିଲିପାଇନ୍ସର କ୍ୱେଜନ ସହରରେ ବିକ୍ଷୋଭକାରୀମାନେ ବିଶାଳ ଶୋଭାଯାତ୍ରା କରିଛନ୍ତି। ଜଣକ ହାତରେ ଥିବା ପ୍ଲାକାର୍ଡରେ ଲେଖାଅଛି, 'ପୃଥିବୀର ମୃତ୍ୟୁ ଆସନ୍ନ। ଏବେ କାର୍ଯ୍ୟାନୁଷ୍ଠାନର ବେଳ।' କେନିଆ ରାଜଧାନୀ ନାଇରୋବିରେ ବ୍ୟାନର ପୋଷ୍ଟର ଛାଇଦେଇଛନ୍ତି ବିକ୍ଷୋଭକାରୀ। 'ଏବେ ଜଳବାୟୁ ଜରୁରିକାଳୀନ ପରିସ୍ଥିତି' ବୋଲି ଏକ ପୋଷ୍ଟରରେ ଲେଖାଥିବାବେଳେ ଜଣେ ଯୁବତୀ ବ୍ୟଙ୍ଗ କରି କହୁଥିଲେ, ବିଶ୍ୱ ଦିନକୁ ଦିନ ଉତ୍ତପ୍ତ ହେବାରେ ଲାଗିଛି। ଏହାର ଉତ୍ତାପ ମୋ କାଳ୍ପନିକ ପୁରୁଷବନ୍ଧୁଙ୍କଠାରୁ ମଧ୍ୟ ଅଧିକ। ଜର୍ମାନୀର ବର୍ଲିନରେ ମଧ୍ୟ ଲକ୍ଷାଧିକ ବିକ୍ଷୋଭକାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ବ୍ରିଟେନର ବ୍ରାଇଟନ୍‌ରୁ ନେଇ ଏଡିନ୍‌ବର୍ଗ ପର୍ଯ୍ୟନ୍ତ ଏବଂ ରାଜଧାନୀ ଲଣ୍ଡନରେ ଜଳବାୟୁ ପରିବର୍ତ୍ତନକୁ ନେଇ ସଚେତନତା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ମୁମ୍ବାଇରେ ଛୋଟଛୋଟ ପିଲାମାନେ ସେମାନଙ୍କଠାରୁ ବଡ଼ ରେନିକୋଟ୍ ପିନ୍ଧି ବର୍ଷାରେ ଶୋଭାଯାତ୍ରା କରିଥିଲେ। ବିଶ୍ୱର ସବୁଠୁ ପ୍ରଦୂଷିତ ସହର ନୂଆଦିଲ୍ଲୀରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ଜଣେ ବିକ୍ଷୋଭକାରୀ ସ୍ଲୋଗାନ ଦେଉଥିଲେ, 'ମୁଁ ସ୍ୱଚ୍ଛବାୟୁ ଗ୍ରହଣ କରିବାକୁ ଚାହେଁ।' ପଡ଼ୋଶୀ ପାକିସ୍ତାନର 'କ୍ଲାଇମେଟ ଆକ୍ସନ ନାଓ' ସଙ୍ଗଠନ ପକ୍ଷରୁ ୨୫ ସହରରେ ଜଳବାୟୁ ପରିବର୍ତ୍ତନ ନେଇ ଶୋଭାଯାତ୍ରା କରାଯାଇଛି। ତେବେ ବିଶ୍ୱର ସବୁଠୁ ଅଧିକ ସବୁଜଗୃହ ଉତ୍ସର୍ଜନକାରୀ ଚାଇନାରେ ବିକ୍ଷୋଭକୁ ଅନୁମତି ମିଳୁ ନ ଥିବାରୁ ଏହି ଦେଶରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

## ବିଶ୍ୱବ୍ୟାପୀ ବିକ୍ଷୋଭ ଶୋଭାଯାତ୍ରା



ବର୍ଲିନସ୍ଥିତ ବ୍ରାଣ୍ଡେନ୍‌ବର୍ଗ ଗେଟ୍ ସାମ୍ନାରେ ଜଳବାୟୁ ପରିବର୍ତ୍ତନ ବିକ୍ଷୋଭରେ ସାମିଲ ହୋଇଥିବା ୩ ବ୍ୟକ୍ତି ବେକରେ ଫାଶୀ ଲଗାଇ ବରଫ ଖଣ୍ଡ ଉପରେ ଛିଡ଼ା ହୋଇଛନ୍ତି।

## ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର




ସିଡ୍‌ନୀରେ ବିକ୍ଷୋଭକାରୀମାନେ ପ୍ଲାକାର୍ଡ ଧରି 'ଗ୍ଲୋବାଲ୍ ଷ୍ଟ୍ରାଇକ୍ ଫର୍ କ୍ଲାଇମେଟ୍' ରାଲିରେ ଭାଗନେଇଛନ୍ତି।

## ଜାତିସଂଘ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମ୍ମିଳନୀ

# ଭାରତର ପକ୍ଷ ରଖିବେ ମୋଦି

ନୂଆଦିଲ୍ଲୀ/ନ୍ୟୁୟର୍କ,୨୦୧୯: ଆମେରିକାର ନ୍ୟୁୟର୍କରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ସୋମବାର ହେବ। ଏଥିରେ ଯୋଗଦେବା ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ବିଶ୍ୱନେତାଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଭାରତ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନେଇ ପକ୍ଷ ରଖିବେ। ମୋଦିଙ୍କ ଭାଷଣରେ ଏହି କ୍ଷେତ୍ରରେ ଭାରତର ସଫଳତା ଓ ଯୋଜନା ମୁଖ୍ୟ ବିଷୟ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି।

ଜଳବାୟୁ ପରିବର୍ତ୍ତନଜନିତ ସବୁଜଗୃହ ବାଷ୍ପ ଉତ୍ସର୍ଜନକୁ ଆସନ୍ତା ଦଶନ୍ଧି ମଧ୍ୟରେ ୪୫% ହ୍ରାସ ଓ ୨୦୫୦ ସୁଦ୍ଧା ଶୂନ୍ୟ

### ଯୋଗଦେବେ ୬୦ ରାଷ୍ଟ୍ରମୁଖ୍ୟ

ନିର୍ଗମନ ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ୨୦୨୦ ସୁଦ୍ଧା ଏହି କ୍ଷେତ୍ରରେ କେଉଁ ଦେଶର କ'ଣ ଅବଦାନ ରହିବ ତାକୁ ନେଇ ନିର୍ଦ୍ଦିଷ୍ଟ ଓ ବାସ୍ତବବାଦୀ ଯୋଜନା ସମ୍ପର୍କରେ ବିଶ୍ୱନେତାମାନେ ନିଜ ନିଜ ବକ୍ତବ୍ୟ ରଖିବେ। ଏହି ସମ୍ମିଳନୀ ସରକାର, ଘରୋଇ କ୍ଷେତ୍ର, ସିଭିଲ ସୋସାଇଟି, ସ୍ଥାନୀୟ କର୍ତ୍ତୃପକ୍ଷ ଓ ଅନ୍ୟ ଆନ୍ତର୍ଜାତିକ ସଙ୍ଗଠନଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ସମସ୍ୟାର ସମାଧାନ ପାଇଁ ଏକାଠି କରିବ। ଏହି ସମ୍ମିଳନୀର ବିଷୟବସ୍ତୁ ରଖାଯାଇଛି, 'ଏ ରେସ୍ ୱି କ୍ୟାନ୍ ୱିନ୍, ଏ ରେସ୍ ୱି ମଷ୍ଟ ୱିନ୍'। ଏଥିରେ ଯୋଗଦେବା ପାଇଁ ଶତାଧିକ ଦେଶ ପକ୍ଷରୁ ଆବେଦନ କରାଯାଇଥିବାବେଳେ ସେଥିମଧ୍ୟରୁ ଅଧା ରାଷ୍ଟ୍ରର ଆବେଦନ ଖାରଜ ହୋଇଯାଇଛି। ପ୍ରାୟ ୬୦ ରାଷ୍ଟ୍ରମୁଖ୍ୟଙ୍କୁ ଏଥିରେ ସାମିଲ ହେବା ପାଇଁ ସୁଯୋଗ ଦିଆଯାଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଶନିବାର ନ୍ୟୁୟର୍କରେ ଜାତିସଂଘ ପକ୍ଷରୁ ଯୁବ ଜଳବାୟୁ ସମ୍ମିଳନୀର ଆୟୋଜନ କରାଯିବ।

# ଜାମିନ ଆବେଦନର ଶୁଣାଣି କରିବେ ଜଣିକିଆ ଖଣ୍ଡପୀଠ

ନୂଆଦିଲ୍ଲୀ,୨୦୧୯(ଆଇଏଏନ୍‌ଏସ୍)



ନ୍ୟାୟପାଳିକାରେ ମାମଲା ବୋଝ କମାଇବା ପାଇଁ ଜଣିକିଆ ଖଣ୍ଡପୀଠ ଗଠନ ଲାଗି ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଏହି ଖଣ୍ଡପୀଠଗୁଡ଼ିକରେ ଜାମିନ, ମାମଲା ସ୍ଥାନାନ୍ତର ଏବଂ ଅନ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରାଯିବ। ରିପୋର୍ଟ ଅନୁଯାୟୀ ଜୁନ୍ ୧ ସୁଦ୍ଧା ସର୍ବୋଚ୍ଚ ଅଦାଲତରେ ୫୮,୬୬୯ଟି ମାମଲା ବିଚାର ଅପେକ୍ଷାରେ ଥିଲା। ସୁପ୍ରିମକୋର୍ଟ (ସଂଶୋଧନ) ନିୟମାବଳୀ, ୨୦୧୯ରେ ଅଦାଲତ କେତେକ ପରିବର୍ତ୍ତନ ଆଣିବା ପରେ ସିଙ୍ଗଲ୍ ଜଜ୍ ବେଞ୍ଚ୍ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ କୌଣସି ମାମଲାର ଶୁଣାଣି ୨ରୁ କମ୍ ବିଚାରପତି ଥିବା ଖଣ୍ଡପୀଠରେ ହେଉ ନ ଥିଲା। ଏବେ ଜଣିକିଆ ଖଣ୍ଡପୀଠରେ ସ୍ୱତନ୍ତ୍ର ଲିଭ୍ ପିଟିଶନ୍, ୭ ବର୍ଷରୁ କମ୍ ଦଣ୍ଡବିଧାନ ହେବାକୁ ଥିବା ଜାମିନ ଆବେଦନ ଖାରଜ କିମ୍ବା ଆଗୁଆ ଜାମିନ ଆବେଦନର ଶୁଣାଣି ହୋଇପାରିବ। ଏହା ବ୍ୟତୀତ ମାମଲା ସ୍ଥାନାନ୍ତର, ଜରୁରୀ ସ୍ଥାନାନ୍ତର ଏବଂ ପ୍ରଧାନ ବିଚାରପତିଙ୍କ ଦ୍ୱାରା ବିଜ୍ଞାପିତ ଅନ୍ୟ ମାମଲାର ମଧ୍ୟ ଉକ୍ତ ଖଣ୍ଡପୀଠରେ ଶୁଣାଣି ହେବ।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ



ରୋହିତ ଭେମୁଲା



ପାୟଲ ତଡ୍‌ଭି

ନୂଆଦିଲ୍ଲୀ,୨୦୧୯(ପି.ଟି.)

### କ୍ୟାମ୍ପସ୍‌ରୁ ଜାତିଗତ ବୈଷମ୍ୟ ଦୂର ପାଇଁ ରୋହିତ, ପାୟଲଙ୍କ ମା' କରିଥିଲେ ଆବେଦନ

ଜାତିଗତ ପକ୍ଷପାତିତାରୁ ବିଶ୍ୱବିଦ୍ୟାଳୟ ଛାତ୍ର ରୋହିତ ଭେମୁଲା ଓ ପାୟଲ ତଡ୍‌ଭି ଆତ୍ମହତ୍ୟା କରିଥିବା ସେମାନଙ୍କ ମାଆ ଅଭିଯୋଗ କରିଛନ୍ତି। ଦେଶର ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରୁ ଜାତିଗତ ପକ୍ଷପାତିତାର ଅନ୍ତ ଘଟାଇବା ପାଇଁ ସେମାନେ ପିଟିଶନ୍‌ରେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଜଷ୍ଟିସ୍ ଏନ.ଭି. ରମାନା ଏବଂ ଅଜୟ ରାସ୍ତୋଗିଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରି ୪ ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି।

ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପିଏଚ୍‌ଡି ଛାତ୍ର ରୋହିତ ଜାତିଗତ ଭେଦଭାବକୁ ନେଇ ୨୦୧୬ ଜାନୁୟାରୀ ୧୭ରେ ଆତ୍ମହତ୍ୟା କରିଥିଲେ। ସେହିବର୍ଷ ମେ ୨୨ରେ ଅନୁରୂପ କାରଣରୁ ଟିଏନ୍ ଟୋପିୱାଲା ନ୍ୟାଶନାଲ ମେଡିକାଲ କଲେଜର ଆଦିବାସୀ ଛାତ୍ରୀ ପାୟଲ ଆତ୍ମହତ୍ୟା କରିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନରେ ୟୁଜିସି ନିୟମାବଳୀ କାର୍ଯ୍ୟକାରୀ ହେଉ ନ ଥିବା ଉଭୟ ଆବେଦନକାରିଣୀ ମାଆଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ କୋର୍ଟଙ୍କୁ କହିଥିଲେ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ସେମାନେ ଆତ୍ମହତ୍ୟା କରିଥିବାର ପ୍ରମାଣ ରହିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ସମାନତା, ଜୀବନ ଧାରଣ ଭଳି ମୌଳିକ ଅଧିକାର କାର୍ଯ୍ୟକାରୀ କରିବା ଏବଂ ଜାତିଗତ ପକ୍ଷପାତିତା ଦୂର କରିବା ପାଇଁ ଆବେଦନକାରୀ ଅନୁରୋଧ କରିଛନ୍ତି।

# ଏନ୍‌ଆର୍‌ସିକୁ ବିରୋଧ, ଆସାମ ବନ୍ଦ

ଗୁଆହାଟୀ,୨୦୧୯(ପି.ଟି.)



ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଚୂଡ଼ାନ୍ତ ତାଲିକାରୁ ବହୁ ମୂଳବାସିନ୍ଦା ବାଦ୍ ପଡିଥିବାରୁ ଏହା ବିରୋଧରେ ଶୁକ୍ରବାର ଆସାମରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଫଳରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଅଗଷ୍ଟ ୩୧ରେ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ଅନେକ ତ୍ରୁଟି ରହିଥିବା ଅଲ୍ କୋଚ୍ ରାଜବୋଙ୍ଗଶି ଷ୍ଟୁଡେଣ୍ଟସ୍ ୟୁନିଅନ (ଏକେଆର୍‌ଏସ୍‌ୟୁ) ଅଭିଯୋଗ କରିବା ସହ ବାଦ୍ ପଡିଥିବା ଉକ୍ତ ସମ୍ପ୍ରଦାୟର ଲୋକମାନଙ୍କୁ ସାମିଲ କରିବା ପାଇଁ ଦାବି କରିଛି। ଚୂଡ଼ାନ୍ତ ତାଲିକାରେ ହଜାର ହଜାର କୋଚ୍ ରାଜବୋଙ୍ଗଶି ସମ୍ପ୍ରଦାୟର ବ୍ୟକ୍ତି ବାଦ୍ ପଡିଥିବାରୁ ଏହି ତାଲିକା ଗ୍ରହଣୀୟ ନୁହେଁ ବୋଲି ଜଣେ ବିକ୍ଷୋଭକାରୀ କହିଛନ୍ତି। ବନ୍ଦକୁ ନେଇ କୌଣସି ହିଂସାକାଣ୍ଡ ଘଟି ନ ଥିବାବେଳେ ବିକ୍ଷୋଭକାରୀ ଏନ୍‌ଆର୍‌ସି କୋର୍ଡିନେଟର ପ୍ରତୀକ ହାଜେଲାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କୋଚ ରାଜବୋଙ୍ଗଶି ବହୁଳ ଜିଲା ମୋରିଗାଁଓ, କୋକ୍ରାଝର, ଚିରାଙ୍ଗ, ବକ୍ସା, ନାଲବାରି, ନାଗାଓଁ ଏବଂ ଶିବସାଗରରେ ଦୋକାନବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

### ଚୂଡାନ୍ତ ତାଲିକାକୁ ପ୍ରତ୍ୟାଖାନ କଲେ ବିକ୍ଷୋଭକାରୀ

## 'ୟୁପିରେ ଲାଗୁହେଲେ ବିଦା ହେବେ ଯୋଗୀ'

ଲକ୍ଷ୍ନୌ, ୨୦୧୯(ପି.ଟି.)

ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଶୁକ୍ରବାର ଏନ୍‌ଆର୍‌ସିକୁ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପରେ ବର୍ଷିଛନ୍ତି। ଲୋକଙ୍କ ମନରେ ଭୟ ସଂଚାର କରି ରାଜନୀତି କରାଯିବା ଅନୁଚିତ ବୋଲି ସେ ସମାଲୋଚନା କରିଛନ୍ତି। ୟୁପିରେ ଏନ୍‌ଆର୍‌ସି ଲାଗୁ କରାଗଲେ ରାଜ୍ୟରୁ ଯୋଗୀ ବିଦା ହୋଇଯିବେ। କାରଣ ସେ ଉତ୍ତରାଖଣ୍ଡର ମୂଳନିବାସୀ ବୋଲି ଅଖିଳେଶ କହିଛନ୍ତି। ଏନ୍‌ଆର୍‌ସିକୁ ମାଧ୍ୟମ କରି ରାଜନୈତିକ ଭୟ ସୃଷ୍ଟି କରାଯିବା ଠିକ୍ ନୁହେଁ। ଏଭଳି ରାଜନୀତି କରୁଥିବା ନେତାଙ୍କୁ କ୍ଷମତାରୁ ଦୂରେଇ ରଖିବା ଲାଗି ସେ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ମୁକ୍ତ ହେଲେ ୩ କଶ୍ମୀରୀ ନେତା

ଶ୍ରୀନଗର,୨୦୧୯(ପି.ଟି.)

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଅଟକ ଥିବା ୩ ଜଣ କଶ୍ମୀରୀ ନେତାଙ୍କୁ ଶୁକ୍ରବାର ମୁକ୍ତ କରାଯାଇଛି। ସେମାନେ ହେଲେ ପୂର୍ବତନ ପିଡିପି ନେତା ଇମ୍ରାନ ଅନସାରୀ, ପିଡିପି ନେତା ଖୁର୍ଶିଦ ଆଲମ ଏବଂ ନ୍ୟାଶନାଲ କନଫରେନ୍ସ ନେତା ସୟେଦ ଆଖୁନ୍। ଏମାନେ ଅନ୍ୟ ନେତାମାନଙ୍କ ସହ ସେଣ୍ଟାଉର୍ ହୋଟେଲରେ ଅଟକ ଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ଆଖୁନ୍‌ଙ୍କୁ ମୁକ୍ତ କରାଯାଇଥିବାବେଳେ ଭାଇ ମୃତ୍ୟୁ କାରଣରୁ ଆଲମଙ୍କୁ ସାମୟିକ ଭାବେ ମୁକ୍ତ କରାଯାଇଛି। ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତିଙ୍କ ବିରୋଧରେ ବିଦ୍ରୋହ କରିଥିବା ଅନ୍‌ସାରୀଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ମୁକ୍ତ କରାଯିବା ପରେ ସେ ଚିକିତ୍ସା ପାଇଁ ନୂଆଦିଲ୍ଲୀ ଯାଇଛନ୍ତି। ମହରମ ପୂର୍ବରୁ ତାଙ୍କୁ ହୋଟେଲରୁ ଘରକୁ ସ୍ଥାନାନ୍ତର କରାଯାଇ ସେଠାରେ ଅଟକ ରଖାଯାଇଥିଲା।

# ସୋମବାରରୁ ଅଯୋଧ୍ୟା ଶୁଣାଣି ଅଧିକ ଘଣ୍ଟାଏ

ନୂଆଦିଲ୍ଲୀ,୨୦୧୯(ପି.ଟି.)

ସୁପ୍ରିମକୋର୍ଟରେ ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଜାରି ରହିଥିବାବେଳେ ଆସନ୍ତା ସୋମବାରରୁ ସାମ୍ବିଧାନିକ ପୀଠ ଅଧିକ ଏକଘଣ୍ଟା ବସିବ। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଏଭଳି ନିଷ୍ପତ୍ତି ନେଇଛନ୍ତି। ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏହି ମାମଲାର ଶୁଣାଣି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ବେଞ୍ଚ୍‌ରେ ଅଗଷ୍ଟ ୬ରୁ ଚାଲିଛି। ୨୩ ତାରିଖରୁ ଶୁଣାଣି ଅପରାହ୍ନ ୪ଟା ପରିବର୍ତ୍ତେ ୫ଟା ପର୍ଯ୍ୟନ୍ତ ଚାଲିବ ବୋଲି ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷଙ୍କୁ ଅଦାଲତ ଜଣାଇଦେଇଛନ୍ତି। ଉକ୍ତ ସାମ୍ବିଧାନିକ ପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି।

ସୁପ୍ରିମକୋର୍ଟରେ ନବନିଯୁକ୍ତ ୪ ବିଚାରପତି କ୍ରିଷ୍ଣା ମୁରାରି, ଏସ୍.ଆର୍. ଭଟ୍ଟ, ଭି. ରାମସୁବ୍ରମଣ୍ୟନ୍ ଏବଂ ହୃଷୀକେଶ ରାୟ ସୋମବାର ଶପଥ ନେବା ଆଶା କରାଯାଉଛି। ଅଯୋଧ୍ୟା ମାମଲାର ଶୁଣାଣି ଅକ୍ଟୋବର ୧୮ରେ ଶେଷ କରିବା ପାଇଁ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ମଧ୍ୟଭାଗରେ ରାୟ ପ୍ରକାଶ ପାଇବା ସମ୍ଭାବନା ରହିଛି।

## କଶ୍ମୀରରେ ଶିଶୁ ଅଟକ ଅଭିଯୋଗ
# ହାଇକୋର୍ଟଙ୍କୁ ରିପୋର୍ଟ ତଲବ

ନୂଆଦିଲ୍ଲୀ,୨୦୧୯(ଆଇଏଏନ୍‌ଏସ୍)

କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଅଗଷ୍ଟ ୫ରୁ ସେଠାରେ ବେଆଇନ ଭାବେ ପିଲାମାନଙ୍କୁ ଅଟକ ରଖାଯାଇଥିବା ଅଭିଯୋଗ ହୋଇଛି। ସୁପ୍ରିମକୋର୍ଟ ଶୁକ୍ରବାର ଏନେଇ ଜମ୍ମୁ-କଶ୍ମୀର ହାଇକୋର୍ଟର ଜୁଭେନାଇଲ ଜଷ୍ଟିସ୍ କମିଟିକୁ ରିପୋର୍ଟ ମାଗିଛନ୍ତି। ରିଟ୍ ପିଟିଶନରେ ଥିବା ତଥ୍ୟର ଅନୁଧ୍ୟାନ କରି ସପ୍ତାହେ ମଧ୍ୟରେ ଜଣାଇବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ଅଧିକାର କର୍ମୀ ଏନାକ୍ଷୀ ଗାଙ୍ଗୁଲି ଓ ପ୍ରଫେସର ଶାନ୍ତା ସହ୍ନାଙ୍କ ପକ୍ଷରୁ ପିଟିଶନ୍ ଦାଏର ହୋଇଥିଲା। ପିଲାଙ୍କୁ ଅଟକ ରଖାଯିବା ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ପ୍ରଧାନ ବିଚାରପତି କହିଥିଲେ।

## ଇତିହାସର ଆଇନାରେ — ସେପ୍ଟେମ୍ବର ୨୧ର ପ୍ରମୁଖ ଘଟଣା

୧ ୧୯୯୯ ସେପ୍ଟେମ୍ବର ୨୧ରେ ତାଇୱାନ୍‌ରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୨,୪୧୫ ଜଣ ପ୍ରାଣ ହରାଇଥିବାବେଳେ ୧୧,୩୦୫ ଆହତ ହୋଇଥିଲେ। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୬ ଥିଲା। ୫୦ ହଜାରରୁ ଊର୍ଦ୍ଧ୍ୱ କୋଠାଘର ଧୂଳିସାତ୍ ହୋଇଯାଇଥିଲା। ରିଲିଫ କାର୍ଯ୍ୟରେ ବହୁଦେଶ ସହଯୋଗର ହାତ ବଢାଇଥିଲେ।

୨ ୨୦୧୩ ସେପ୍ଟେମ୍ବର ୨୧ରେ କେନିଆର ନାଇରୋବିସ୍ଥିତ ୱେଷ୍ଟଗେଟ୍ ଶପିଙ୍ଗ୍ ମଲ୍‌ରେ ଆତଙ୍କବାଦୀ ସଙ୍ଗଠନ ଅଲ୍ ଶବାବ୍ ଆକ୍ରମଣ କରିଥିଲା। ଏଥିରେ ୭୧ ଜଣ ପ୍ରାଣ ହରାଇଥିଲେ। ୬୨ ସାଧାରଣ ଜନତା, ୫ ପୋଲିସ କର୍ମୀ ଓ ୪ ଆତଙ୍କବାଦୀ ନିହତ ହୋଇଥିବାବେଳେ ୨୦୦ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ।

# ପୀଡ଼ିତାଙ୍କୁ ୨୦୦ ଥର ଫୋନ କରିଥିଲେ ଚିନ୍ମୟାନନ୍ଦ

ଶାହଜାହାନପୁର,୨୦୧୯

ଆଇନ ଛାତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇଥିବା ଓ ଚାଟିଂ କରିଥିବା ଭାଜପା ନେତା ଚିନ୍ମୟାନନ୍ଦ ଗିରଫ ହେବା ପରେ ସ୍ୱୀକାର କରିଛନ୍ତି। ଏଭଳି କାର୍ଯ୍ୟ ଲାଗି ସେ ଲଜ୍ଜିତ ବୋଲି କହିଛନ୍ତି। ତେବେ ବଳାତ୍କାର ଅଭିଯୋଗକୁ ସେ ଖଣ୍ଡନ କରିଥିବା ଏସ୍‌ଆଇଟି ମୁଖ୍ୟ ନବୀନ ଆରୋରା କହିଛନ୍ତି। ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଚିନ୍ମୟାନନ୍ଦ ଓ ପୀଡ଼ିତା ଛାତ୍ରୀଙ୍କ ମଧ୍ୟରେ ପାଖାପାଖି ୨୦୦ ଥର ଫୋନ୍‌ରେ କଥାବାର୍ତ୍ତା ହୋଇଛି। ଏସ୍‌ଆଇଟି ଟିମ୍ ଅଭିଯୁକ୍ତଙ୍କ ଫୋନ୍‌କୁ ଫୋରେନ୍‌ସିକ ସାଇନ୍ସ ଲାବରେଟୋରିକୁ ପଠାଇଛି। ତଥାକଥିତ ସ୍ୱାମୀଙ୍କ ବିରୋଧରେ ଆଇପିସିର ଧାରା ୩୭୬ସି, ୩୫୪ଡି, ୩୪୨ ଏବଂ ୫୦୬ରେ ମାମଲା ରୁଜୁ ହୋଇଛି।

ଗତ ସପ୍ତାହରେ ସିଆର୍‌ପିସିର ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ଦିନଠାରୁ ଚିନ୍ମୟାନନ୍ଦ ଗିରଫଦାରିରୁ ବର୍ତ୍ତିବା ପାଇଁ ନିଜକୁ ଅସୁସ୍ଥ ଦର୍ଶାଇବାର ନାଟକ ଆରମ୍ଭ କରିଦେଲେ। ସେ ସ୍ଥାନୀୟ ହସ୍ପିଟାଲରେ ନିଜକୁ ଭର୍ତ୍ତି କରାଇଥିଲେ। ଲକ୍ଷ୍ନୌର କିଙ୍ଗ୍ ଜର୍ଜ ମେଡିକାଲ ୟୁନିଭର୍ସିଟି (କେଜିଏମ୍‌ୟୁ)ରେ ଭର୍ତ୍ତି ହେବା ଲାଗି ଉଦ୍ୟମ ଚଳାଇଥିଲେ। ଗୁରୁବାର ରାତିରେ ଏସ୍‌ଆଇଟି ତାଙ୍କ ଆଶ୍ରମରେ ପହଞ୍ଚିଥିଲା। ତେବେ ଆତ୍ମଘୋଷିତ ଗଡ୍‌ମ୍ୟାନଙ୍କ ସମର୍ଥକମାନେ ଉକ୍ତ ଟିମ୍‌କୁ ଆଶ୍ରମ ଭିତରେ ପୂରାଇ ନ ଦେବାରୁ ସେମାନଙ୍କୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ପୀଡିତାଙ୍କ ଦୁଇ ସମ୍ପର୍କୀୟ ଭାଇ ସଞ୍ଜୟ ସିଂ ଏବଂ ବିକ୍ରମ ଓରଫ ବ୍ରଜେଶଙ୍କ ସମେତ ପୁରୁଷ ବନ୍ଧୁ ସଚିନ ସେନ୍‌ଗାର ଓରଫ ସୋନୁଙ୍କୁ ଗିରଫ କରାଯାଇଛି। ପ୍ରମାଣ ନଷ୍ଟ କରିବା ଏବଂ ଧମକ ଦେଇ ଟଙ୍କା ଆଦାୟ କରିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିବା ୟୁପି ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ କହିଛନ୍ତି। ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସେମାନେ ଭାଜପା ନେତାଙ୍କଠାରୁ ଟଙ୍କା ଆଦାୟ କରିବାକୁ ଉଦ୍ୟମ କରୁଥିଲେ ବୋଲି ଚିନ୍ମୟାନନ୍ଦଙ୍କ କର୍ମଚାରୀମାନେ ଅଭିଯୋଗ କରିଥିଲେ।

ବଳାତ୍କାର ମାମଲାକୁ ଲୋକଲୋଚନକୁ ଆଣିବାରେ ଚିନ୍ମୟାନନ୍ଦଙ୍କୁ ଶ୍ରେୟ ଦିଆଯାଇପାରେ। କାରଣ ପୀଡିତା ଅଗଷ୍ଟ ୨୩ରେ ସୋସିଆଲ ମିଡିଆରେ ଅଭିଯୋଗ କରିବା ପୂର୍ବରୁ ୨୨ ତାରିଖରେ ଚିନ୍ମୟାନନ୍ଦଙ୍କ ହ୍ୱାଟ୍ସଆପ୍‌କୁ ଏକ ବାର୍ତ୍ତା ଆସିଥିବା ନେଇ ତାଙ୍କ କଲେଜ ପ୍ରଶାସନ ପକ୍ଷରୁ ପୋଲିସ୍‌ରେ ଏତଲା ଦିଆଯାଇଥିଲା। ଭାଜପା ନେତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ପାଇଁ ଉଦ୍ଦିଷ୍ଟ କେତେକ ଭିଡିଓ ବଦଳରେ ଉକ୍ତ ବାର୍ତ୍ତାରେ ୫ କୋଟି ଟଙ୍କା ଦାବି କରାଯାଇଥିବା କଲେଜ କର୍ତ୍ତୃପକ୍ଷ ଜଣାଇଥିଲେ। ପରେ ଝିଅ ନିଖୋଜ ହେବା ନେଇ ପୀଡ଼ିତାଙ୍କ ବାପା ଥାନାରେ ଏତଲା ଦେବା ସହ ଏଥିପାଇଁ ଚିନ୍ମୟାନନ୍ଦଙ୍କୁ ଦାୟୀ କରିଥିଲେ। ଅନ୍ୟପକ୍ଷରେ ଚିନ୍ମୟାନନ୍ଦଙ୍କଠାରୁ ଅର୍ଥ ଆଦାୟ କରିବା ପାଇଁ ଧମକ ଦିଆଯିବା ନେଇ ତାଙ୍କ ଓକିଲ କୋର୍ଟରେ ମାମଲା ଦାଏର କରିଥିଲେ। ପୀଡ଼ିତା ନୂଆଦିଲ୍ଲୀ ଥାନାରେ ଏତଲା ଦେବା ପରେ ଏହାକୁ ଏସ୍‌ଆଇଟିକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କର ଡାକ୍ତରୀ ମାଇନା କରାଯିବା ପରେ ଗତ ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯାଇଥିଲା। ୮ ତାରିଖରୁ ଏସ୍‌ଆଇଟି ଟିମ୍ ଚିନ୍ମୟାନନ୍ଦଙ୍କ ସମେତ ୩୦ ଜଣଙ୍କୁ ପଚରାଉଚରା କରିଥିଲା।

## ଏସ୍‌ଆଇଟି ଆଗରେ ମାନିଲେ



## ସଂକ୍ଷେପରେ

### ୨୬ ଯାଏ ହାଲୁକା ବର୍ଷା

ଭୁବନେଶ୍ୱର,୨୦।୯(ବ୍ୟୁରୋ): ରାଜ୍ୟରେ ମୌସୁମୀ ଦୁର୍ବଳ ରହିଛି। ତେବେ ଘୂର୍ଣ୍ଣିବଳୟ ଯୋଗୁ କେତେକ ସ୍ଥାନରେ ଅସରାଏ କିମ୍ବା ଦିଅସରା ବର୍ଷା ହୋଇଯାଉଛି। ଆସନ୍ତା ୨୭ ତାରିଖ ଯାଏ ରାଜ୍ୟରେ ହାଲୁକା ବର୍ଷା ରହିବ। ପାଗରେ ସେଭଳି କିଛି ପରିବର୍ତ୍ତନର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଏବଂ ସମ୍ବଲପୁର ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ଏଭଳି ପାଗ ସପ୍ତାହେ ଯାଏ ରହିବ। ୨୭ ତାରିଖରୁ ପାଗରେ ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୪୬ ମିଲିମିଟର ବର୍ଷା ହୋଇଥିବା ବେଳେ ବାରିପଦା ୨୫.୨, ହୀରାକୁଦ ୨୧, ଭବାନୀପାଟଣା ୧୧.୬, ବାଲେଶ୍ୱର ୦.୯, ଭୁବନେଶ୍ୱର ୨.୪, ଅନୁଗୋଳ ୬, ଝାରସୁଗୁଡା ୩.୨, ବଲାଙ୍ଗୀର ୮, ପୁରୀ ୦.୮, ଦାରିଙ୍ଗବାଡି ୮, କୋରାପୁଟ ୧.୪, ମାଲକାନଗିରି ୨.୮ ଏବଂ ସୋନପୁରରେ ୧.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ନବ ନିଯୁକ୍ତ ଉପଦେଷ୍ଟାଙ୍କ ଦାୟିତ୍ୱ ସ୍ପଷ୍ଟ

ଭୁବନେଶ୍ୱର, ୨୦।୯(ବ୍ୟୁରୋ): ରାଜ୍ୟ ସରକାର ନିକଟ ଅତୀତରେ ଏକାଧିକ ବିଭାଗ ଏବଂ ସଂସ୍ଥାରେ ଉପଦେଷ୍ଟାମାନଙ୍କୁ ନିଯୁକ୍ତ କରିଥିଲେ। ହେଲେ ସେମାନଙ୍କ ନିର୍ଦ୍ଦିଷ୍ଟ ଦାୟିତ୍ୱ କ'ଣ ରହିବ, ସେ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିଲା। ଏହାକୁ ଦୃଷ୍ଟିରେ ରଖାଯାଇ ବିଭାଗଗୁଡ଼ିକ ସହ ପରାମର୍ଶ କରି ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ବିଭିନ୍ନ ସରକାରୀ ଯୋଜନା ତୃଣମୂଳସ୍ତରରେ ରୂପାୟନ ସମ୍ପର୍କରେ ସ୍ୱତନ୍ତ୍ର ଭାବେ ଉପଦେଷ୍ଟାମାନେ ମତାମତ (ଫିଡ୍‌ବ୍ୟାକ) ସଂଗ୍ରହ କରିବେ। ସଂପୃକ୍ତ ମତାମତ ବିଭାଗୀୟ ମନ୍ତ୍ରୀଙ୍କ ଜରିଆରେ ଉପଦେଷ୍ଟାମାନେ ବିଭାଗକୁ ଜଣାଇବେ। ରାଜ୍ୟ ସରକାରଙ୍କ ଫ୍ଲାଗଶିପ୍ ଜରିଆରେ କାର୍ଯ୍ୟକାରୀ ହେଉଥିବା ଯୋଜନାକୁ ଅଧିକ ଗୁରୁତ୍ୱର ସହ ସମୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ଉପଦେଷ୍ଟାଙ୍କ ଗଠନଧର୍ମୀ ପରାମର୍ଶକୁ ପରବର୍ତ୍ତୀ ସମୟରେ ବିଚାରବିମର୍ଶ କରାଯିବ। ଏଥିସହିତ ଆବଶ୍ୟକ ହେଲେ ଯୋଜନାରେ ପରିବର୍ତ୍ତନ ହେବ। ବିଭାଗ ଦ୍ୱାରା ଆୟୋଜନ କରାଯାଉଥିବା ବିଭିନ୍ନ ଉତ୍ସବ ଏବଂ କାର୍ଯ୍ୟକ୍ରମରେ ଉପଦେଷ୍ଟାମାନେ ଯୋଗ ଦେଇପାରିବେ। ହେଲେ ଏହା ସଂପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କ ସମ୍ମତି ଦ୍ୱାରା ହେବା ଆବଶ୍ୟକ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଉପଦେଷ୍ଟାମାନେ ମଧ୍ୟ ଦାୟିତ୍ୱ ନେଇପାରିବେ।

### ପୋଷ୍ଟ ଅଫିସ୍ ସାମ୍ନାରୁ ୧.୬୦ ଲକ୍ଷ ଲୁଟ୍

ବାହାନଗା,୨୦।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପୋଷ୍ଟଅଫିସ୍ ସାମ୍ନାରୁ ଶୁକ୍ରବାର ଏକ ମଟରସାଇକେଲର ଡିକି ଭାଙ୍ଗି ଦୁଇ ଜଣ ଦୁର୍ବୃତ୍ତ ୧ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ସମ୍ପର୍କରେ ଗୋପାଳପୁର ଫାଣ୍ଡିରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପଣ୍ଡାଶୁଣି ପଞ୍ଚାୟତ ମଇଁଷାପଟା ଗ୍ରାମର ବିଜୟ ପାଣିଗ୍ରାହୀ ଷ୍ଟେଟ୍‌ବ୍ୟାଙ୍କ, ଗୋପାଳପୁର ଶାଖାରୁ ୪ଲକ୍ଷ ଟଙ୍କା ଉଠାଇ ନିଜର ମଟରସାଇକେଲ ଡିକିରେ ରଖିଥିଲେ। ଏହାପରେ ସେ ଉକ୍ତ ଟଙ୍କାକୁ ଫିକ୍ସ ଡିପୋଜିଟ୍ କରିବା ପାଇଁ ଗୋପାଳପୁର ପୋଷ୍ଟ ଅଫିସ୍‌କୁ ଆସିଥିଲେ। ପୋଷ୍ଟ ଅଫିସ୍ ସାମ୍ନାରେ ବିଜୟ ମଟରସାଇକେଲ ରଖି ଭିତରକୁ ଯାଇ କର୍ମଚାରୀଙ୍କ ସହ ଆଲୋଚନା କରୁଥିବା ବେଳେ ତାଙ୍କୁ ପିଛା କରି ଆସିଥିବା ୨ଜଣ ଯୁବକ ତାଙ୍କ ମୋଟରସାଇକେଲର ଡିକି ଭାଙ୍ଗି ଟଙ୍କା କାଢୁଥିଲେ। ଏହି ସମୟରେ ବିଜୟ ଫେରି ଆସିବାରୁ ଉକ୍ତ ଯୁବକଦ୍ୱୟ ସେଥିମଧ୍ୟରୁ କିଛି ଟଙ୍କା ଧରି ସେଠାରୁ ଚମ୍ପଟ ମାରିଥିଲେ। ତେବେ ବିଜୟ ଗାଡି ପାଖକୁ ଆସି ଟଙ୍କା ଗଣିବା ପରେ ସେମାନେ ୪ଲକ୍ଷରୁ ୧ଲକ୍ଷ ୬୦ ହଜାର ଟଙ୍କା ଧରି ଚମ୍ପଟ ମାରିଥିବା ଜାଣିବାକୁ ପାଇଥିଲେ। ଏ ବିଷୟରେ ସେ ତୁରନ୍ତ ଗୋପାଳପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ୍ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ ଟେର ପାଇପାରିନାହିଁ।




## ୨୫ରୁ ବନ୍ଦ ହେବ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନସେବା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

**ବିଧିବଦ୍ଧ ଘୋଷଣା କଲା ଏୟାର ଏସିଆ**




ଆସନ୍ତା ୨୫ତାରିଖରୁ ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ବନ୍ଦ ହେବ। ଏ ନେଇ ଏୟାର ଏସିଆ କର୍ତ୍ତୃପକ୍ଷ ବିଧିବଦ୍ଧ ଭାବେ ଚିଠି ଲେଖି ଶୁକ୍ରବାର ଭୁବନେଶ୍ୱର ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ତେବେ ଏହା ସାମୟିକ ବୋଲି ଚିଠିରେ ଉଲ୍ଲେଖ ରହିଥିବା ଏୟାରପୋର୍ଟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି। ତେବେ ସାମୟିକର ସମୟସୀମା ବିଷୟରେ କିଛି ଜଣାପଡ଼ିନାହିଁ। ଏହି ବିମାନଟି ବନ୍ଦ ହୋଇଯିବା ପରେ ଭୁବନେଶ୍ୱରରୁ କେବଳ ଗୋଟିଏ ଅନ୍ତର୍ଜାତୀୟ ବିମାନ ଉଡ଼ିବ। ଆଗରୁ ଏୟାର ଇଣ୍ଡିଆ ବ୍ୟାଙ୍କକ୍‌କୁ ବିମାନ ଚଳାଚଳ ବନ୍ଦ କରିଦେଇଛି। ଏବେ କେବଳ ଏୟାର ଏସିଆର ଗୋଟିଏ ବିମାନ କୁଆଲାଲାମ୍ପୁରକୁ ଚଳାଚଳ କରୁଛି। ଏୟାର ଏସିଆ ବିମାନ ପ୍ରତ୍ୟାହାରକୁ ସାମୟିକ କହିଥିବାବେଳେ ବିଶେଷଜ୍ଞ ଏହାକୁ ଗ୍ରହଣ କରିନାହାନ୍ତି। ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ବିମାନରେ ୭୦ ପ୍ରତିଶତ ସିଟ୍ ବି ପୂରଣ ହେଉ ନ ଥିଲା। ବାଧ ହୋଇ ବିମାନ କମ୍ପାନୀ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏଥିଯୋଗୁ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି। ଏ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ଏୟାର ଏସିଆ ସହ ଆଲୋଚନା କଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ଯାତ୍ରୀମହଲରେ ମତ ପ୍ରକାଶ ପାଇଛି। ଗତ କିଛି ମାସ ଭିତରେ ଏୟାର ଏସିଆ ତିନୋଟି ସହରକୁ ଘରୋଇ ବିମାନ ସେବା ବନ୍ଦ କରିଛି। ଚେନ୍ନାଇ, ରାଞ୍ଚି ଓ ହାଇଦ୍ରାବାଦକୁ ସେବା ବନ୍ଦ କରିଥିବା ବେଳେ ବେଙ୍ଗାଲୁରୁ ଓ କୋଲକାତା ରୁଟ୍‌ରେ ବିମାନ ସଂଖ୍ୟା ହ୍ରାସ କରାଯାଇଛି। ଗତବର୍ଷ ଡିସେମ୍ବରରୁ ଆରମ୍ଭ କରିଥିବା ସେବା ଏତେ ଶୀଘ୍ର ବନ୍ଦ ହୋଇଯିବାର କାରଣ ସ୍ପଷ୍ଟ ନ କରିଥିଲେ ବି ଯାତ୍ରୀଙ୍କ ସଂଖ୍ୟା କମ୍ ଏକ ପ୍ରମୁଖ କାରଣ ବୋଲି ଶୁଣିବାକୁ ମିଳୁଛି।

## ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଭୁଶୁଡ଼ିଲା କାନ୍ଥ
# ୮ ଆହତ, ୩ ଗୁରୁତର

କାମାକ୍ଷାନଗର, ୨୦।୯(ଡି.ଏନ୍.ଏ.)


ଉତ୍ତ୍ୟକ୍ତ ବ୍ୟକ୍ତିମାନେ ଜେସିବିରେ ନିଆଁ ଲଗାଇ ଦେଇଛନ୍ତି।

- ଉତ୍ତ୍ୟକ୍ତ ଲୋକଙ୍କ ଲଙ୍କାକାଣ୍ଡ
- ପୋଲିସ ଗାଡ଼ି ଭଙ୍ଗାରୁଜା
- ଜାଳିଦେଲେ ଜେସିବି, ରାସ୍ତାରୋକୋ

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡସୁଆଁଳ ଗ୍ରାମ ନିକଟ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣବେଳେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ଜେସିବି ସହାୟତାରେ ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ କାନ୍ଥ ଭୁଶୁଡ଼ି ଦୁଇ ପରିବାରର ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଲଙ୍କାକାଣ୍ଡ ଘଟାଇଛନ୍ତି। ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଏକ ଜେସିବିକୁ ପୋଡ଼ି ଦେଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଘଟଣାସ୍ଥଳରେ ପହଞ୍ଚିଥିବା ପୋଲିସ ଗାଡ଼ିକୁ ମଧ ସେମାନେ ଭଙ୍ଗାରୁଜା କରିଥିଲେ। ଖବର ଲେଖାଯିବା ସୁଦ୍ଧା ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଆହତଙ୍କୁ କ୍ଷତିପୂରଣ ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ଚିକିତ୍ସା ସହାୟତା ଦାବିରେ ଲୋକମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବଡସୁଆଁଳ ଗ୍ରାମ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଲାଗି ଏନ୍‌ଏସି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରୁ ୧୦୦ ମିଟର ପର୍ଯ୍ୟନ୍ତ ଉଚ୍ଛେଦ କରିବାକୁ ସୀମା ନିର୍ଦ୍ଧାରଣ କରାଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ ୧୨୦ ମିଟର ଯାଏ ନିର୍ମାଣ ଭଙ୍ଗା ଯାଇଥିଲା। ଲୋକଙ୍କ ଅଗୋଚରରେ ହଠାତ୍ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ଏକ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ବଦ୍ରିପ୍ରିୟା ଖଟୁଆ (୩୨), ବବିତା ଖଟୁଆ (୩୫), କାଜଲ ଖଟୁଆ (୧୬), ନୀଳିମା ଖଟୁଆ (୧୨), ଖୁସି ଖଟୁଆ (୧୩), ଲୁଇ ଖଟୁଆ (୧୧), ଦୀପୁନ ଖଟୁଆ, କ୍ରିଷ୍ଣା ଖଟୁଆ ପ୍ରମୁଖ ଏଥିରେ ଚାପି ହୋଇଯାଇଥିଲେ। ସୌଭାଗ୍ୟରୁ ସମସ୍ତେ ଏକ ବିମ୍ ତଳେ ରହିବାରୁ ଅଳ୍ପକେ ଜୀବନ ବଞ୍ଚି ଯାଇଛି।

ତେବେ ସେମାନଙ୍କ ମଧ୍ୟରୁ କେତେଜଣଙ୍କ ହାତଗୋଡ଼ ଭାଙ୍ଗିଯାଇଛି। ଶିଶୁମାନଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ସେମାନଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୂଚନାପାଇ ତହସିଲଦାର ସୁଧାଂଶୁ କୁମାର ମହାନ୍ତି, ଅତିରିକ୍ତ ତହସିଲଦାର ଅନୁପମା ମୁର୍ମୁ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ସହ ଏକ ଜେସିବିରେ ନିଆଁ ଲଗାଇ ଦେଇଥିଲେ। ଏଥିସହ ଅନ୍ୟ ଏକ ଜେସିବିକୁ ଭାଙ୍ଗି ଦେଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଦେଖି ଏନ୍‌ଏଚ୍‌ଏଆଇର କର୍ମଚାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଖବର ଲେଖାଯିବା ସୁଦ୍ଧା ଲୋକମାନେ ବଡସୁଆଁଳଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ସେମାନଙ୍କ ଦାବି କରିଛନ୍ତି ଯେ, ବିନା ସୂଚନାରେ ଅଧିକ ୨୦ ମିଟର ଯାଏ ଉଚ୍ଛେଦ କରାଯାଇଛି। ଏହା ବେଆଇନ। କେତେ ମିଟର ଉଚ୍ଛେଦ ହେବ ପ୍ରଥମେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଉ। ଏହାପରେ ଉଚ୍ଛେଦ କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

### ଆଶୀର୍ବାଦଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର, ୨୦।୯ (ବ୍ୟୁରୋ): ଅର୍ଥତତ୍ତ୍ୱ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି। ତେଣୁ ଜେଲ୍ ପରିସରସ୍ଥ ଡାକ୍ତରଖାନାରେ ତାଙ୍କୁ ରଖାଯାଇ ଚିକିତ୍ସା କରାଯାଉଛି। ଡାକ୍ତରମାନେ ନିୟମିତ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଆଗାମି ଦିନରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇପାରେ ବୋଲି କୁହାଯାଉଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେବାର ବ୍ୟବସ୍ଥା ହୋଇଥିଲା। କିନ୍ତୁ ଶେଷ ପର୍ଯ୍ୟାୟରେ ତାହାକୁ ବାତିଲ କରାଯାଇଥିଲା। ସକାଳେ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଶୀର୍ବାଦ ଚା' ପିଇବା ସହ ଉପମା ଖାଇଥିଲେ। ଗୁରୁବାର ରାତିରେ ତାଙ୍କୁ ରୁଟି, ଶନ୍ତୁଳା ଦିଆଯାଇଥିଲା। ସେହିଭଳି କମଳାକାନ୍ତ ଦାସଙ୍କୁ ଝାରପଡ଼ା ଜେଲର ୱାର୍ଡ ନଂ-୧୮ରେ ରଖାଯାଇଛି।

## ହତ୍ୟାକାରୀଙ୍କୁ ଫାଶୀ ଦିଅ

ଭୁବନେଶ୍ୱର,୨୦।୯(ବ୍ୟୁରୋ): ନର୍ସ ନୀହାରିକା ପାତ୍ର ଗତ ୮ତାରିଖରେ ନିଖୋଜ ହୋଇଯାଇଥିଲେ। ଏହାର ୯ଦିନ ପରେ ବିରିଡ଼ି ଥାନା ବିଲୁଆଖାଇ ନଦୀପଠାରୁ ତାଙ୍କ ଗଳିତ ମୃତଦେହ ମିଳିଥିଲା। ମୃତଦେହରୁ ମାଂସ ଝଡ଼ିଯାଇଥିବାରୁ ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଥିଲା। ପରିବାର ଲୋକେ ପୋଷାକରୁ ମୃତଦେହ ଚିହ୍ନଟ କରିଥିଲେ। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ଯୋଗାଡ଼ ଉଦ୍ଦେଶ୍ୟରେ ଡିଏନ୍‌ଏ ଟେଷ୍ଟ ପାଇଁ ପୋଲିସ ନିଷ୍ପତ୍ତି ନେଇଥିଲା। ସେହିଅନୁଯାୟୀ, ନୀହାରିକାଙ୍କ ମା' ପ୍ରତିମା ପାତ୍ର ଓ ବାପା ଗଗନ ପାତ୍ରଙ୍କୁ ଶୁକ୍ରବାର ଅପରାହ୍ନରେ ତାଙ୍କ ଗ୍ରାମ ଭିଙ୍ଗାରପୁରରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ଏହି ଅବସରରେ ଗଣମାଧ୍ୟମକୁ ନୀହାରିକାଙ୍କ ମା' କାନ୍ଦି କାନ୍ଦି କହିଛନ୍ତି, ମୋ ଝିଅକୁ ଯିଏ ଏମିତି ମାରିଛି ତାକୁ ସେମିତି ମରାଯାଉ। ମୋ ଝିଅକୁ ନ୍ୟାୟ ମିଳୁ। ନୀହାରିକା ଆମ ପରିବାରକୁ ପୋଷୁଥିଲା। ତାକୁ ହରାଇ ଆମେ କେମିତି ରହିବୁ। ସେହିପରି ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦେବାକୁ ନୀହାରିକାଙ୍କ ବାପା ଦାବି କରିଛନ୍ତି। ତାଙ୍କ ଝିଅକୁ କିଶୋର ଗତ ୮ ତାରିଖରେ ନେଇଯାଇ ହତ୍ୟା କରିଥିବା ସେ କହିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ଅନ୍ୟମାନେ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଧରାଯାଉ ବୋଲି ସେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।


ନୀହାରିକାଙ୍କ ମାତାପିତା।

## ଆତ୍ମସମର୍ପଣ କଲେ ପ୍ରେମିକ କିଶୋର

ଜଗତ୍‌ସିଂହପୁର ଅଫିସ/ବିରିଡ଼ି (ଡି.ଏନ୍.ଏ.),୨୦।୯

**ନୀହାରିକା ହତ୍ୟା ମାମଲା**


ନୀହାରିକାଙ୍କ ସହ କିଶୋର।

- ଟଙ୍କା ନେବା ପାଇଁ ହାଜିପୁରରେ କାରରୁ ଓହ୍ଲାଇଥିଲେ
- ୮ ତାରିଖ ରାତି ୧୦ଟା ଭିତରେ ହୋଇଥିଲା ହତ୍ୟା
- ଗୋପନରେ ଚାଲିଛି ପଚରାଉଚୁରା

ନର୍ସ ନୀହାରିକା ପାତ୍ର ହତ୍ୟା ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ନୀହାରିକାଙ୍କ ମୃତଦେହ ବିରିଡ଼ି ଥାନା ଅଧୀନ ବିଲୁଆଖାଇ ନଦୀପଠାରୁ ଉଦ୍ଧାର ହେବାର ୩ ଦିନ ପର୍ଯ୍ୟନ୍ତ ପୋଲିସକୁ ଧରାଛୁଆଁ ଦେଉ ନ ଥିବା ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ପ୍ରେମିକ ହାଜିପୁରର କିଶୋର ଚନ୍ଦ୍ର ଆଞ୍ଚଲ (ରାଜା) ଶୁକ୍ରବାର ଅପରାହ୍ନରେ ହଠାତ୍ ପୋଲିସ ଆଗରେ ଆତ୍ମସମର୍ପଣ କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ତାଙ୍କ ପାଖରୁ ଟଙ୍କା ସରିଯିବାରୁ ସେ ହାଜିପୁର ଛକରେ ଜଣଙ୍କଠାରୁ ଟଙ୍କା ନେବା ପାଇଁ କାରରୁ ଓହ୍ଲାଇବାବେଳେ ଧରାପଡିଥିବା କୁହାଯାଉଛି। ଫଳରେ ଘଟଣା ଆହୁରି ରହସ୍ୟମୟ ହୋଇଯାଇଛି। ତେବେ ଖୁବ୍‌ଶୀଘ୍ର ସମଗ୍ର ଘଟଣାର ପର୍ଦ୍ଦାଫାଶ ହେବାକୁଯାଉଛି। କିଶୋରଙ୍କୁ ପୋଲିସ କଟକରେ କୌଣସି ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା ଜାରି ରଖିଛି। ହତ୍ୟାରେ କିଶୋରଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ଗତ ୮ ତାରିଖ ରାତି ପ୍ରାୟ ୧୦ଟା ଭିତରେ ନୀହାରିକାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୁରାକ ପାଇଛି। କେବଳ ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ଏବଂ କେଉଁ ସ୍ଥାନରେ କିପରି ହତ୍ୟା କରାଯାଇଥିଲା ତାହା ଜାଣିବା ପାଇଁ ପୋଲିସ ଛାନଭିନ ଚଳାଇଛି। ସେହିପରି ମୃତଦେହ ନୀହାରିକାଙ୍କର କି ନାହିଁ ତାହା ସ୍ପଷ୍ଟ ହେବା ପାଇଁ ଡିଏନ୍‌ଏ ପରୀକ୍ଷା ନିମନ୍ତେ ପ୍ରକ୍ରିୟା ଚାଲିଛି। ଶୁକ୍ରବାର ତାଙ୍କ ମା ଖୋର୍ଦ୍ଧାଜିଲା ବାଲିଅନ୍ତା ଥାନା ଭିଙ୍ଗାରପୁରର ପ୍ରତିମା ପାତ୍ର ଓ ବାପା ଗଗନ ପାତ୍ରଙ୍କ ରକ୍ତ ନମୁନା ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ସଂଗ୍ରହ ହୋଇଛି। ପୂର୍ବରୁ ନୀହାରିକାଙ୍କ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ଦିନେ ଦୁଇଦିନ ଭିତରେ ସେମାନଙ୍କ ନମୁନା ଭୁବନେଶ୍ୱରସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍ (ଷ୍ଟେଟ୍ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀ)କୁ ପଠାଯିବ। ଶବ ବ୍ୟବଚ୍ଛେଦ ରିପୋର୍ଟ ମଧ୍ୟ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପୋଲିସର ହସ୍ତଗତ ହୋଇପାରିନାହିଁ। କିନ୍ତୁ ରାତିସୁଦ୍ଧା ରିପୋର୍ଟ ମିଳିଯିବ ବୋଲି ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ ସୂଚନା ଦେଇଛନ୍ତି।

### ପୁଅ-ବୋହୂଙ୍କ ନିର୍ଯାତନା ସୀମା ଟପିଲା, ଏସ୍‌ପିଙ୍କୁ ଭେଟିଲେ ବୃଦ୍ଧା
## ସମ୍ପତ୍ତି ଦାନ ସହ ଘରକୁ କରିବେ ବୃଦ୍ଧାଶ୍ରମ

ପାରଳାଖେମୁଣ୍ଡି,୨୦।୯(ସ୍ୱ.ପ୍ର.)


ଗଜପତି ଏସ୍‌ପି ସାରା ଶର୍ମାଙ୍କ ସହ ଜାନକୀ ଅଧିକାରୀ।

- ପୁଅ-ବୋହୂଙ୍କୁ କାଉନସେଲିଂ କରିବ ପୋଲିସ
- ସହଯୋଗ ନ କଲେ କାର୍ଯ୍ୟାନୁଷ୍ଠାନ: ଏସ୍‌ପି

ଏକମାତ୍ର ପୁଅ-ବୋହୂଙ୍କ ନିର୍ଯାତନା ଆଉ ସହ୍ୟ ହେଲାନାହିଁ। ବାଧହୋଇ ଜଣେ ୭୫ବର୍ଷୀୟ ବୃଦ୍ଧା ପୁଅକୁ ନିଜ ସମ୍ପତ୍ତିରୁ ବେଦଖଲ କରିବା ପାଇଁ ମନସ୍ଥ କଲେ। ଏହି ସବୁ ସମ୍ପତ୍ତି ସେ ସରକାରଙ୍କୁ ଦାନ କରିବା ସହ ନିଜ ଘରକୁ ବୃଦ୍ଧାଶ୍ରମ କରିବା ପାଇଁ ଗଜପତି ଏସ୍‌ପି ସାରା ଶର୍ମାଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ପାରଳାଖେମୁଣ୍ଡି ଗୋପିନୀ ସାହି ବାସିନ୍ଦା ଡା. ରାମଚନ୍ଦ୍ର ଅଧିକାରୀଙ୍କ ସ୍ତ୍ରୀ ହେଉଛନ୍ତି ଜନକୀ । ତାଙ୍କର ଗୋଟିଏ ପୁଅ ଏବଂ ୩ଟି ଝିଅ ରହିଥିବାବେଳେ ସମସ୍ତେ ବିବାହିତ ଅଟନ୍ତି। ପରିଣତ ବୟସରେ ପୁଅ ସୁନୀଲ୍ ଅଧିକାରୀ ଏବଂ ତାଙ୍କ ସ୍ତ୍ରୀ ବିଭିନ୍ନ ସମୟରେ ଗାଳିଗୁଲଜ ଓ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି ଜାନକୀ। ଏହି ସବୁ ନିର୍ଯାତନା ଅସହ୍ୟ ହେବାପରେ ବୃଦ୍ଧା ଜାନକୀ ନିଜର ସମସ୍ତ ସମ୍ପତ୍ତି ସରକାରଙ୍କୁ ଦାନ କରିବା ସହ ନିଜ ଘରକୁ ସ୍ୱାମୀ ଓ ତାଙ୍କ ନାମାନୁସାରେ 'ଜାନକୀରାମ' ବୃଦ୍ଧାଶ୍ରମରେ ପରିଣତ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସେହି ବୃଦ୍ଧାଶ୍ରମରେ ଅନ୍ୟ ଅସହାୟ ବୃଦ୍ଧାବୃଦ୍ଧଙ୍କ ସହ ସେ ରହିବେ, ନଚେତ୍ ବଞ୍ଚିବାକୁ ଚାହାନ୍ତି ନାହିଁ ବୋଲି କହିଛନ୍ତି। ସେ ନିଜ ସମ୍ପତ୍ତି ଝିଅ, ପୁଅ କାହାରିକୁ ମଧ ଦେବା ପାଇଁ ଅନିଚ୍ଛା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜୀବନ ପ୍ରତି ବିପଦ ରହିଥିବାରୁ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ଜାନକୀ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଏସ୍‌ପିଙ୍କୁ ଭେଟି ନିବେଦନ କରିଛନ୍ତି। ପୋଲିସ ତାଙ୍କୁ ସୁରକ୍ଷା ଦେବା ସହ ସବୁଥିରେ ସହଯୋଗ କରିବ ବୋଲି ଏସ୍‌ପି ଶର୍ମା କହିଛନ୍ତି। ଏହାସହ ପୁଅ-ବୋହୂଙ୍କୁ କାଉନସେଲିଂ ପାଇଁ ଜଣେ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଉଭୟେ ଶୁକ୍ରବାର ପୂର୍ବାହ୍ନରେ ଥାନାକୁ ଆସି ପୋଲିସ ନିକଟରେ ନିଜ ପକ୍ଷ ରଖିବା ପାଇଁ ନୋଟିସ୍ କରାଯାଇଥିଲା। ସେମାନେ ଠିକ୍ ସମୟରେ ପହଞ୍ଚି ନ ଥିବାବେଳେ ପୋଲିସକୁ ସହଯୋଗ ନ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସେହିପରି ସମ୍ପତ୍ତି ଦାନ ସମ୍ପର୍କରେ ଜିଲାପାଳଙ୍କୁ ଭେଟିବା ପାଇଁ ଏସ୍‌ପି ଜାନକୀଙ୍କୁ ପରାମର୍ଶ ଦେଇଛନ୍ତି।

### ଆଇଆଇଟି ଅଷ୍ଟମ ସମାବର୍ତ୍ତନ ଉତ୍ସବ ସମାରୋହ ଆଜି
## ଅତିଥି ଭାବେ ଯୋଗ ଦେବେ ଇସ୍ରୋ ଅଧ୍ୟକ୍ଷ

କଟଣୀ,୨୦।୯(ଡି.ଏନ.ଏ.)

ଇଣ୍ଡିଆନ୍‌ଇନ୍‌ଷ୍ଟିଚ୍ୟୁଟ୍‌ଅଫ୍‌ଟେକନୋଲୋଜି (ଆଇଆଇଟି)ର ଅଷ୍ଟମ ସମାବର୍ତ୍ତନ ସମାରୋହ ଶନିବାର ଜଟଣୀସ୍ଥିତ ଏହାର ସ୍ଥାୟୀ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ଅଧ୍ୟକ୍ଷ ଡ. କେ. ଶିବନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ ବୋଲି ଶୁକ୍ରବାର ଏଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର କହିଛନ୍ତି। ଏହି ସମାରୋହରେ ୩୨ ପିଏଚ୍‌ଡି, ୧୦୫ ଏମ୍‌ଟେକ୍, ୬୭ ଏମ୍‌ଏସି ଓ ୧୫୨ ଜଣ ବି.ଟେକ୍ ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂର ସ୍ରୋହନ୍ ମହାପାତ୍ରଙ୍କୁ ପ୍ରେସିଡେଣ୍ଟ ସ୍ୱର୍ଣ୍ଣପଦକ ଉପାଧିରେ ସମ୍ମାନିତ କରାଯିବ। ସେହିପରି ଏମ୍‌ଟେକ୍ ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକ୍ଚରର ରାହୁଲ ଦାସ ଓ ଏମ୍‌ଏସି ବେସିକ୍ ସାଇନ୍ସର ଅନୁଭବ ନାଥ ଡାଇରେକ୍ଟର ସ୍ୱର୍ଣ୍ଣପଦକରେ ସମ୍ମାନିତ ହେବେ। ଏହାଛଡା ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ବିଟେକ୍ ବ୍ୟାଚର ୫ ଜଣ, ଏମ୍‌ଟେକ୍‌ରେ ୬ ଓ ଏମ୍‌ଏସିରେ ୪ ଜଣ ବିଦ୍ୟାର୍ଥୀଙ୍କୁ ଇନ୍‌ଷ୍ଟିଚ୍ୟୁଟ ରୌପ୍ୟ ପଦକ ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ରାଜାକୁମାର ସୂଚନା ଦେଇଥିଲେ।


ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ।

**କିଛି ତଥ୍ୟ** ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରେ ୨୯୦ ନିୟୁତ ୟୁନିଟ ମୋବାଇଲ ହ୍ୟାଣ୍ଡ ଉତ୍ପାଦନ ହୋଇଥିବା ବେଳେ ଏହାର ମୋଟ ମୂଲ୍ୟ ୧.୮୧ ଲକ୍ଷ କୋଟି ଟଙ୍କା ରହିଛି। – **ଆଇସିଇଏ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ଆର୍ଯ୍ୟନ୍
ପରିବାରବର୍ଗ


ରୁଦ୍ର ନାରାୟଣ
ପରିବାରବର୍ଗ


ସନ୍ତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କାର୍ଯ୍ୟାଳୟ...


ଜିଲାପାଳଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା।

ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ ଜିଲାପାଳଙ୍କୁ ଭେଟି ଏହାର ପ୍ରତିବାଦ କରିଥିଲେ। ହେଲେ ଜିଲାପାଳ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଆଇନଜୀବୀମାନେ ଏ ନେଇ ଓକିଲ ସଂଘର ଦୃଷ୍ଟି ଆକର୍ଷଣ କରିବା ପରେ ସଂଘ କାର୍ଯ୍ୟାଳୟରେ ଜରୁରୀ ବୈଠକ ବସିଥିଲା। ଜିଲାପାଳଙ୍କ କାର୍ଯ୍ୟାବଳୀକୁ ନିନ୍ଦା କରାଯିବା ସହ ଏହାର ତୀବ୍ର ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁଯାୟୀ ଅପରାହ୍ନ ୩ଟାରେ ବହୁସଂଖ୍ୟାରେ ଆଇନଜୀବୀ ଶୋଭାଯାତ୍ରାରେ ଆସି ଜିଲା କାର୍ଯ୍ୟାଳୟ ଘେରିବା ସହ ଧାରଣାରେ ବସିଥିଲେ। ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ଦୁର୍ଗାପ୍ରସାଦ ଶତପଥୀ, ପୂର୍ବତନ ସଭାପତି ନବକିଶୋର ଗୁରୁ, ସମ୍ପାଦକ ଟଙ୍କଧର ବେହେରା, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରତାପ ନାରାୟଣ ତ୍ରିପାଠୀ, ପତିତପାବନ ମିଶ୍ର ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିଲେ। ସହରରେ ଆଇନଶୃଙ୍ଖଳା, ଜିଲା ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ସମାଧାନ ଲାଗି ସଂଘ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ତଥାପି ଏହାର ସମାଧାନ ହେଉ ନ ଥିବାରୁ ସଂଘ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏସବୁର ପ୍ରତିବାଦରେ ଓକିଲମାନେ ଧାରଣାରେ ବସି ନାରାବାଜି କରିଥିଲେ।

ସୂଚନା ପାଇ ୪୫ ମିନିଟ୍ ବିଳମ୍ବରେ ପୋଲିସ ପହଞ୍ଚିଥିଲା। ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ପିଡି ଡିଆରଡିଏ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ ଆଲୋଚନା କରିଥିଲେ। ଏହାପରେ ଧାରଣାରତ ଆଇନଜୀବଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିଥିଲେ। ହେଲେ ଜିଲାପାଳ ନିଃସର୍ତ୍ତ କ୍ଷମା ନ ମାଗିବା ଯାଏ ତାଙ୍କୁ କାର୍ଯ୍ୟାଳୟରେ ପୂରାଇ ଦିଆଯିବନାହିଁ ବୋଲି ସଦସ୍ୟମାନେ ଜିଦ୍‌ରେ ଅଡ଼ି ରହିଛନ୍ତି। ଅପରାହ୍ନରେ ସଂଘର ସଦସ୍ୟମାନେ ଜିଲା କାର୍ଯ୍ୟାଳୟରୁ ଫେରିଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ କୁହନ୍ତି, ଆମ ମତ ସବୁବେଳେ ଖୋଲା। କେହି ଉଦ୍ଦେଶ୍ୟମୂଳକ ଭାବେ ଆଇନର ବାହାରକୁ ଯାଆନ୍ତି ନାହିଁ। ନିଶ୍ଚିତ ଭାବେ ଏହାର ସମାଧାନର ବାଟ ବାହାରିବ।

## ଜେଲ ଗଲେ ...

ଜିଲା ଜେଲକୁ ପଠାଇଦିଆଯାଇଛି। ୨୩ ବର୍ଷୀୟା ଆଇନ ଛାତ୍ରୀଙ୍କୁ ବ୍ଲାକ୍‌ମେଲ କରାଯାଇ ବଳାତ୍କାର କରାଯାଇଥିବା ସେ ଅଗଷ୍ଟ ୨୩ରେ ସୋସିଆଲ ମିଡିଆରେ ଭିଡ଼ିଓ ବାର୍ତ୍ତା ପୋଷ୍ଟ କରି ଅଭିଯୋଗ ଆଣିଥିଲେ। ତା' ପରଦିନ ଉକ୍ତ ଛାତ୍ରୀ ନିଖୋଜ ହୋଇଯାଇଥିଲେ ଓ ରାଜସ୍ଥାନର ଦୌସା ଅଞ୍ଚଳରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ସୁପ୍ରିମକୋର୍ଟ ନିଜଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଛାତ୍ରୀଙ୍କୁ ରୁଦ୍ଧଦ୍ୱାର ଶୁଣାଣି ପାଇଁ ଡାକିଥିଲେ। ଅଭିଯୋଗର ତଦନ୍ତ କରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ସହ ପୀଡିତା ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବାକୁ ସର୍ବୋଚ୍ଚ ଅଦାଲତ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚିନ୍ମୟାନନ୍ଦଙ୍କ ବିରୋଧରେ ବଳାତ୍କାର ନୁହେଁ ଯୌନ ସମ୍ପର୍କ ପାଇଁ କର୍ତ୍ତୃତ୍ୱର ଅପବ୍ୟବହାର ମାମଲା ଦାଏର ହୋଇଛି। ବଳାତ୍କାର ମାମଲାରେ ଦଣ୍ଡ ପରିମାଣ ୭ ବର୍ଷରୁ ଆଜୀବନ ଥିଲାବେଳେ ଉପରୋକ୍ତ ମାମଲାରେ ଦୋଷୀସାବ୍ୟସ୍ତ ହେଲେ ୫ରୁ ୧୦ ବର୍ଷ ଜେଲ୍‌ଦଣ୍ଡ ଏବଂ ଜରିମାନା ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ପୀଡ଼ିତା ଛାତ୍ରୀ ଓ ତାଙ୍କ ୩ ସହଯୋଗୀଙ୍କ ବିରୋଧରେ ଜବରଦସ୍ତ ଟଙ୍କା ଆଦାୟ ନେଇ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ପ୍ରଥମ ପୃଷ୍ଠାରୁ...

## ପୂର୍ବତନ ଛାତ୍ରନେତାଙ୍କୁ ...


ଛାତ୍ରମାନେ ବିତ୍ତ ନିୟନ୍ତ୍ରକଙ୍କ ସହ ଆଲୋଚନା କରୁଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର କ୍ୟାମ୍ପସରେ ଅଣଛାତ୍ରମାନେ ବିଶୃଙ୍ଖଳା ସୃଷ୍ଟି କରିବା ସହ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରୁଛନ୍ତି। ଏହାସତ୍ତ୍ୱେ ଅଣଛାତ୍ରଙ୍କ ଅନୁପ୍ରବେଶ ଉପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟର ଗୋଟିଏ ଛାତ୍ରଗୋଷ୍ଠୀ ଅଣଛାତ୍ରଙ୍କ ଅନୁପ୍ରବେଶ ବନ୍ଦ କରିବା ସହ ଥାନାରେ ଅଟକ ରଖିଥିବା ଦୁଇ ଛାତ୍ରଙ୍କୁ ଛଡାଯାଇ ଘଟଣାରେ ସମ୍ପୃକ୍ତ ଥିବା ଅଣଛାତ୍ରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ବିପକ୍ଷ ଛାତ୍ରଗୋଷ୍ଠୀ ଅଣଛାତ୍ରଙ୍କ ଅନୁପ୍ରବେଶ ରୋକିବା ସହ କ୍ୟାମ୍ପସରେ ବିଶୃଙ୍ଖଳା, ଛାତ୍ରଙ୍କ ଗୁଣ୍ଡାରାଜ ଉପରେ ଅଙ୍କୁଶ ଲଗାଇବା ଦିଗରେ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଉଭୟ ଗୋଷ୍ଠୀ ବିତ୍ତ ନିୟନ୍ତ୍ରକ କେ.କେ. ଖଟୁଆଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ବ୍ରହ୍ମପୁର ଏସ୍‌ପି ଓ ସ୍ଥାନୀୟ ଗୋପାଳପୁର ଥାନାକୁ ପଠାଯାଇଥିବା ବିତ୍ତ ନିୟନ୍ତ୍ରକ ଖଟୁଆ କହିଛନ୍ତି। ଏଥିସହ କିଛିଦିନ ତଳେ ହଷ୍ଟେଲରେ ହୋଇଥିବା ଦୁଇ ସିନିୟର ଛାତ୍ରଙ୍କ ବିଶୃଙ୍ଖଳା ଓ ର୍‍ୟାଗିଂ ଅଭିଯୋଗ ଉପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ପ୍ରକାରେ ରାତିରେ ପିସିଆର ଭ୍ୟାନ ନିୟୋଜିତ କରିବାକୁ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଯାଇଥିବା ସେ ସୂଚାଇଛନ୍ତି। ତେବେ ଖବର ଲେଖାହେବା ସୁଦ୍ଧା ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଥାନାରେ ପହଞ୍ଚି ନାହିଁ। ତଥାପି କ୍ୟାମ୍ପସର ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ୩ ପ୍ଲାଟୁନ୍ ଫୋର୍ସ ମୃତୟନ କରାଯାଇଥିବା ଗୋପାଳପୁର ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ସୂଚାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପରିବାରରେ ବିଭିନ୍ନ ସମସ୍ୟା ବିଜଡ଼ିତ ହେବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବା ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବା କାରଣରୁ ତାହାହିଁ ଚିନ୍ତାର କାରଣ ହୋଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟାଇବେ।

**ବୃଷ** ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ ସାମାନ୍ୟ କଥାରେ ମନୋମାଳିନ୍ୟ ଘଟିପାରେ। ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ ଓ କାମଟି ସୁବିଧାରେ ହୋଇଯିବ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ସନ୍ତାନହେତୁକ ପୀଡ଼ା କିମ୍ବା ଅନୁପସ୍ଥିତିର ଅଭାବ ଅନୁଭବ କରିବେ।

**ମିଥୁନ** କୌଣସି ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ବିଶେଷଭାବେ ପ୍ରଶାସନ,ପ୍ରକାଶନ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭକରି ପ୍ରଶଂସିତ ହେବେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** ଘଟିଯାଇଥିବା ବିଷୟକୁ ଚିନ୍ତାକରି ମନରେ ଅସ୍ଥିରତା ସୃଷ୍ଟି ହେବ। ନିଜ ଭାଇ, ବନ୍ଧୁ ଓ କୁଟୁମ୍ବର ଲୋକମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଅପରାହ୍ନରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ବିବାଦୀୟ ଘଟଣାରେ, ମାଲିମକଦ୍ଦମାରେ ଜୟଲାଭ କରିବା ଆଶା କ୍ରମଶଃ ବୃଦ୍ଧି ପାଇପାରେ।

**ସିଂହ** ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କାର୍ଯ୍ୟରେ ବିଘ୍ନ ଯୋଗୁ ମାନସିକ ସ୍ଥିରତା ହରାଇବେ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ ଓ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**କନ୍ୟା** କଥା ପ୍ରସଙ୍ଗରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଯୋଜନାବିହୀନ କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। ଅତି ପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା** ଆଜିର କାମରେ ଆବଶ୍ୟକତାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟହେବେ। ବିଭିନ୍ନ ସମସ୍ୟା ମଧ୍ୟରେ ବୁଡ଼ିରହି ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା** ଆଜିଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ପାଇବେ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ପରୋକ୍ଷ ଶତ୍ରୁତା କରୁଥିବା କୌଣସି ବ୍ୟକ୍ତିମାନଙ୍କ ଦ୍ୱାରା ଆଜିର କର୍ମକ୍ଷେତ୍ର ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର** ଅଫିସରୁ କୌଣସି ଖବର ପାଇ ବିଚଳିତବୋଧ କରିବେ। ଆର୍ଥିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଆବଶ୍ୟକତା ପୂର୍ଣ୍ଣ ହେବା କାଠିକର ପାଠ ହେବ। ବାଣିଜ୍ୟ, ବ୍ୟବସାୟ,ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ପାରିବାରିକ ସ୍ତରରେ ବିଶୃଙ୍ଖଳା ଲାଗି ରହିବା କାରଣରୁ ମହିଳାଙ୍କ ମନ ସ୍ଥିର ରହିବ ନାହିଁ।

**କୁମ୍ଭ** ପରିବାରରେ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା,ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରିଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶକରି ସମାଲୋଚିତ ହେବେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସକରି ଖାଲରେ ପଡ଼ିପାରନ୍ତି। ଯାତ୍ରା, ବ୍ୟବସାୟ, ଆଲୋଚନା କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରିବେ।

ଆଜି ଆଶ୍ୱିନ କୃଷ୍ଣ ସପ୍ତମୀ ଶନିବାର, ଦେବ୍ୟୁତ୍ଥାପନ, ସହସ୍ରକୁମ୍ଭାଭିଷେକ, ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତି ଦିବସ, ରାଶି ନକ୍ଷତ୍ର- ଦିବା ଘ୧୨।୧୦ମି. ପର୍ଯ୍ୟନ୍ତ ରୋହିଣୀ/ବୃଷ, ସପ୍ତମୀର ଶ୍ରାଦ୍ଧ। ଦିବା ଘ୭।୨୭ମି. ମଧ୍ୟେ ଘ୭।୧୫ମି. ଗତେ, ଘ୯।୩୮ମି. ମଧ୍ୟେ ଘ୧୨।୦୧ମି. ଗତେ, ଘ୩।୧୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ଗତେ ଘ୮।୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୯ ମଧ୍ୟେ ରାହୁକାଳ।

# classifieds Everyday 0674-2580101, 2549302

## automobile SALE

Eicher tractor, IndicaVista, Bolero 7 seater, Swift Dzire, Passenger Auto, Leyland Bus, 9938424739/ 7077132568 D-14419

Capital Ford, resale of assuredcar excellent condition Freestyle Titanium, 2018 model, Ecosport's Titanium(O) 2017 model, Aspire Titanium 2018 model, Figo Titanium 2012 model, Indigo ecs 2011 model, Chevrolet SAIL 2014 model, Capital Ford, Mancheswar, Bhubaneswar, Contact No:9337331191/ 7809925131/ 9556155045. D-14421

## real estate SALE

**2400 sqft GA plot sale at Bharatpur (Sum Hospital), Bhubaneswar, Contact- Deepak- 9937329999(Broker excuse).** D-68006

**Gharabari boundary plot Infocity-2 near 200ft. road side. Direct owner- 8144391451.** D-66786

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535.** D-66780

ଘରବାରି ପ୍ଲଟ୍ ହଂସପାଳ ଅଟଳା 15,00,000/-, ବାଲିଅନ୍ତା 10,50,000/-, Conversion, Mutation, boundarywall free. Contact: 7008351926. D-67068

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14330

Ready to move 2BHK flats near BJEM School-II, Tankapani road, Bhubaneswar. 9776080988 / 9437493502 D-63958

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14331

**ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622.** D-66784

BDA Plot 30' road, Electric ସହିତ ମାତ୍ର 7,00,000/- ରେ NH-16ରୁ 200 Mtr. Distanceରେ ମିଳୁଅଛି। 9556730254/ 6371719107 D-14390

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

9230 sqft yellowzone, Gharabari sthitiban plot connecting 60ft road, close to 200ft wideroad, Mouza- Sundarpur, Bhubaneswar. Contact Owner: 9338342502. D-67394

## PURCHASE

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14424

## to-let

Cold store size 15x12x10 near Rasulgarh Chhaka, Bhubaneswar 9337793377 / 8917525377 D- 14411

3BHK semifurnished modern flat at main road Unit-8, Soubhagya nagar. 9000004523. D-67706

## ACCOMMODATION

ଭୁବନେଶ୍ୱରରେ Sweet Stall କରିବା ପାଇଁ ଦୋକାନଘର ଆବଶ୍ୟକ। Contact- 9937105075/ 6370745985. D-66967

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

## healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Kajal ayurvedic massage club fully relaxed by smart lady, home service available. 9937637219. D-66960

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963

Ayurvedic full body massage ladies/gents smart experts therapist: 8480939300. D-66966

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Monalisa Massage Club: All types body massage with hiprofile smart lady rooms service available- 9708545108. D-14410

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

## packers & movers

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

## business

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରନ୍ତ) 9997928820, 9780806657. D-14392

## AFFIDAVIT

By virtue of an affidavit in the Court of the Executive Magistrate, Jajpur I, Arati Jena W/o- Satrughna Das of Jayantara, Mangalpur, Jajpur, hereby declared that I have changed my name from Aratee Das to Arati Jena. Henceforth, I shall be known as Arati Jena for all future purposes. D-14420

ଏତଦ୍ୱାରା ଆମେ ସତ୍ୟଭାମା କୁମାରୀ ଦେବୀ ଏବଂ ଜୟଜିତ ସିଂଦେଓ ନିବାସୀ ଦେଓଭବନ, ଟାଉନ୍ ଥାନା ସାମନା, ତହସିଲ/ଜିଲ୍ଲା- ସମ୍ବଲପୁର, ଘୋଷଣା କରୁଅଛୁ ଯେ, ସତ୍ୟନାରାୟଣ ଚନ୍ଦ୍ର ଦେଓ କରିଥିବା ଉଇଲ୍‌ନାମା ରେଜିଷ୍ଟର୍ ନଂ.୧୦, ତାରିଖ ୨୨।୦୧।୨୦୦୯ ଅନୁସାରେ ଆମ୍ଭେ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଅଟୁ। ଏହି ସମ୍ପତ୍ତିରେ ଅନ୍ୟ କାହାର ଅଧିକାର ନାହିଁ। ଯଦି ଏହାକୁ କୌଣସି ବ୍ୟକ୍ତି କ୍ରୟ କିମ୍ବା ବିକ୍ରୟ କଲେ ଆମ୍ଭେ ଦାୟୀ ରହିବୁ ନାହିଁ। ସମ୍ପତ୍ତିର ବିବରଣୀ- ଏମ୍. ଏସ୍ ହୋଲ୍ଡିଂ ନଂ. ୭୪୪- ରାମପୁର ଏବଂ ଖାତା ନଂ. ୮୯୭, ଗ୍ରାମ- ରାମପୁର, ଖାତା ନଂ. ୧୧୫ ,ଏବଂ ୯୭, ଗ୍ରାମ- ପଣ୍ଡକିମାଲ ଏବଂ ଖାତା ନଂ. ୫୬ ଗ୍ରାମ- ଡନ୍ତଗାଡ଼ ଇତ୍ୟାଦି। D-14409

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସଞ୍ଜୟ ମହାନ୍ତି ଦକ୍ଷିଣ-ପୂର୍ବ ରେଳପଥ ମହାପ୍ରବନ୍ଧକ



**ଭୁବନେଶ୍ୱର, ୨୦।୯ (ବ୍ୟୁରୋ):** ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବେ ଓଡ଼ିଆ ଆଇଆର୍‌ଟିଏସ୍ ଅଫିସର ସଞ୍ଜୟ କୁମାର ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। କୋଲକାତାସ୍ଥିତ ମୁଖ୍ୟାଳୟରେ ମହାନ୍ତି ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହାପୂର୍ବରୁ ସେ ରେଲୱେ ବୋର୍ଡରେ ଟ୍ରାଫିକ ଟ୍ରାନ୍ସପୋର୍ଟେଶନର ପ୍ରିନ୍ସିପାଲ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସେହିପରି ପୂର୍ବରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ। ସେ ଖୋର୍ଦ୍ଧାରୋଡ ରେଳ ଡିଭିଜନର ଡିଆର୍‌ଏମ୍ ଥିବାବେଳେ ଏହି ଡିଭିଜନକୁ ଶ୍ରେଷ୍ଠ ପଣ୍ୟ ପରିବହନ ମଣ୍ଡଳ ଭାବେ ଠିଆ କରାଇଥିଲେ। ମହାନ୍ତି ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରେ ଡିଗ୍ରୀ ହାସଲ କରିବା ପରେ ୧୯୮୫ ବ୍ୟାଚ୍‌ରେ ଭାରତୀୟ ରେଳପଥ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ପରେ ମୁମ୍ବାଇ, ନାଗପୁର, ଝାନ୍ସି, କୋଙ୍କଣ ଜୋନ୍‌ରେ ବରିଷ୍ଠ ପଦବୀରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ରେଳପଥରେ ସିଷ୍ଟମ ବିଲ୍ଡର ଓ ପ୍ରଶାସନରେ ସେ ନୂତନତ୍ୱ ଆଣିଛନ୍ତି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ଉଚ୍ଛେଦ ବିରୋଧରେ ରାସ୍ତାରେ ବସିଲେ ମହିଳା

# ମରିବୁ ପଛେ, ଭିଟାମାଟି ଛାଡ଼ିବୁ ନାହିଁ

- ଜିଲାପାଳଙ୍କୁ ଫେରାଦ ହେଲେ
- ଆମ ଉପରେ ବୁଲ୍‌ଡୋଜର ଚଢ଼ାଅ ତା'ପରେ ଉଚ୍ଛେଦ କର

**ପୁରୀ ଅଫିସ, ୨୦।୯**

ଶ୍ରୀମନ୍ଦିର ମେଘନାଦ ପାଚେରି କଡ଼ରୁ ୭୫ ମିଟର ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ ଜାରି ରହିଛି। ଡିଜିପିଏସ୍ (ଡିଫରେନ୍‌ସିଆଲ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ପଦ୍ଧତିରେ ସର୍ଭେ କରାଯାଉଛି। ତେବେ ଏହି ଉଚ୍ଛେଦକୁ ବିରୋଧ କରି ପ୍ରଭାବିତ ହେବାକୁ ଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଗୁରୁବାର ସର୍ଭେକୁ ବିରୋଧ କରିବାରୁ ଅଧାରୁ ମାପଚୁପ ବନ୍ଦ ରହିଥିଲା। ଶୁକ୍ରବାର ବି ସମାନ ସ୍ଥିତି ଦେଖିବାକୁ ମିଳିଛି। ଉଚ୍ଛେଦକୁ ବିରୋଧ କରି ବାସେଳିସାହି, ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହିର ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ଉଚ୍ଛେଦ ବନ୍ଦ ଦାବିରେ ପଶ୍ଚିମ ପାର୍ଶ୍ୱ ଗାଣ୍ଠୁଆ ଚଉରା ଛକରେ ଧାରଣା ଦେଇଥିଲେ। ସରକାର ଯଦି ଚାହୁଁଛନ୍ତି ତେବେ ପ୍ରଥମେ ଆମ ଉପରେ ବୁଲ୍‌ଡୋଜର ଚଢାଇ ଆମକୁ ମାରିଦେବା ପରେ ଉଚ୍ଛେଦ କରନ୍ତୁ ବୋଲି ମହିଳାମାନେ କହିଥିଲେ। ଫଳରେ ଉଚ୍ଛେଦକୁ ନେଇ ପୁଣି ଅଡୁଆରେ ପଡିଛନ୍ତି ସରକାର।

ଶୁକ୍ରବାର ଗାଣ୍ଠୁଆ ଚଉରା ଛକରେ ମହିଳାମାନେ ଧାରଣ ଦେଇଥିବା ଖବର ପାଇ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ହେଲେ ମହିଳାମାନେ ତାଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ ବୋଲି ଦାବି କରିଥିଲେ। ଏହାପରେ ବିଧାୟକ ଷଡ଼ଙ୍ଗୀ ଧାରଣା ଦେଇଥିବା ମହିଳାମାନଙ୍କୁ ସାଙ୍ଗରେ ଧରି ଜିଲାପାଳଙ୍କ ସହ ଆଲୋଚନା ପାଇଁ ଯାଇଥିଲେ। ପ୍ରାୟ ଅଧଘଣ୍ଟା ଧରି ଜିଲାପାଳଙ୍କ ସହ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ବାସେଳିସାହିର ମିନତି ପଣ୍ଡା କହିଥିଲେ, ପୂର୍ବରୁ ୪ଥର ଜିଲା ପ୍ରଶାସନକୁ ଆମେ ଦୁଃଖ ଜଣାଇଛୁ। ଏଥର ଶେଷଥର ପାଇଁ ଆସିଥିଲୁ। ଏହାର ପୁନର୍ବିଚାର କରିବା ପାଇଁ ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛୁ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସ୍ଥାୟୀ ଭାବେ ବସବାସ କରୁଥିବା ଲୋକଙ୍କ ବାସଗୃହ ଉଚ୍ଛେଦ ନ କରିବା ପାଇଁ ଗୁହାରି କରିଛୁ। ପୁରୁଷ ପୁରୁଷ ଧରି ଆମେ ଘର କରି ରହିଆସିଛୁ। ମରିଯିବୁ ପଛେ, କେବେହେଲେ ଭିଟାମାଟିକୁ ଛାଡିପାରିବୁ ନାହିଁ ପଣ୍ଡା କହିଥିଲେ। ଅନ୍ୟ ଜଣେ ମହିଳା କହିଥିଲେ, ପଶ୍ଚିମ ପାର୍ଶ୍ୱକୁ ନ ଭାଙ୍ଗିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛୁ। ବର୍ତ୍ତମାନ ଯେଉଁ ମାପଚୁପ ଚାଲିଛି ତାହା ବନ୍ଦ କରାଯାଉ। ରାଜ୍ୟ ସରକାରଙ୍କୁ ଏହାର ପୁନର୍ବିଚାର ପାଇଁ ଆମେ ଜିଲାପାଳଙ୍କୁ ଗୁହାରି ଜଣାଇଛୁ। ଆମ ଅନୁରୋଧକୁ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ଧାରଣାରେ ମହିଳାମାନେ ବସିଥିବା ଖବର ପାଇ ସେମାନଙ୍କ ପାଖରେ ପହଞ୍ଚିଥିଲି। ଲୋକମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ସହମତିରେ ଯାହା ବିକାଶ ହେଉ। କାହା ଆଖିରେ ଲୁହ ବା କାହା ମନରେ ଦୁଃଖ ଦିଆ ନ ଯାଉ। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ସରକାରଙ୍କ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯିବ। କିନ୍ତୁ ଏଥିପାଇଁ ଲୋକମାନଙ୍କ ସହ ଥରେ ନୁହେଁ, ଆବଶ୍ୟକ ପଡିଲେ ଚାରିଥର ଆଲୋଚନା କରି ସହମତି ଭିତ୍ତିରେ କାର୍ଯ୍ୟ କରାଯିବ।



ପଶ୍ଚିମ ପାର୍ଶ୍ୱ ଗାଣ୍ଠୁଆ ଚଉରା ଛକରେ ଧାରଣାରେ ବସିଥିବା ମହିଳାମାନେ।

# ଗାନ୍ଧୀ ଜୟନ୍ତୀରୁ ବିଜେଡିର ପଦଯାତ୍ରା

**ଭୁବନେଶ୍ୱର,୨୦।୯ (ବ୍ୟୁରୋ):** ପ୍ରତିବର୍ଷ ପରି ଚଳିତ ଥର ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରି ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ୱାର୍ଡସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ବିଜେଡି ନେତୃବୃନ୍ଦଙ୍କୁ ଚିଠି ଲେଖି ଅବଗତ କରାଇଥିବା ଜଣାପଡ଼ିଛି। ସେହିପରି ଚଳିତ ମାସ ୨ରୁ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିଛି। ତେଣୁ ସଭ୍ୟ ସଂଗ୍ରହ ସହ ଜନସମ୍ପର୍କ ପଦଯାତ୍ରାକୁ ଆହୁରି ବ୍ୟାପକ କରିବାକୁ କୁହାଯାଇଛି। ନୂତନ ସଦସ୍ୟତା ଅଭିଯାନରେ ମହିଳା ଏବଂ ଯୁବବର୍ଗଙ୍କୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ପ୍ରଶାସନକୁ ଅଧିକ ସ୍ୱଚ୍ଛ ଏବଂ ଲୋକକୈନ୍ଦ୍ରିକ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ୫'ଟି ମନ୍ତ୍ର ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବ। ତୃଣମୂଳଠାରୁ ଆରମ୍ଭ କରି ରାଜ୍ୟସ୍ତରରେ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମର ସମୀକ୍ଷା କରାଯିବ। ସେହିପରି ଦଳୀୟ ସମସ୍ତ କାର୍ଯ୍ୟକ୍ରମ ବିବରଣୀ ସଭାପତିଙ୍କୁ ପଠାଇବା ପାଇଁ ବିଜେଡି ନେତୃବର୍ଗଙ୍କୁ କୁହାଯାଇଛି।

## ଜିଲା ଟିଠି କଳାହାଣ୍ଡି



### କ୍ୱାକ୍‌ଙ୍କ ହାତରେ ସ୍ୱାସ୍ଥ୍ୟସେବା

ସରକାର ସ୍ୱାସ୍ଥ୍ୟସେବା ନାଁ ରେ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସହରାଞ୍ଚଳ ସହିତ ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସରକାର କହୁଛନ୍ତି। ହେଲେ କଳାହାଣ୍ଡି ଜିଲାର ଅଧିକାଂଶ ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଚାଲିଛି। ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟି ଅଭାବ ଏଥିପାଇଁ ଦାୟୀ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗମନାଗମନର ସୁବିଧା ନ ଥିବା ଯୋଗୁ ଜିଲାର ବହୁ ଅଞ୍ଚଳବାସୀ କ୍ୱାକ୍‌ମାନଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ସେମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ବହୁ ରୋଗୀଙ୍କ ଅକାଳରେ ମୃତ୍ୟୁ ଘଟୁଛି। ଏହାପରେ ବି ସମ୍ପୃକ୍ତ କ୍ୱାକ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇଛନ୍ତି। ଆବଶ୍ୟକ ଔଷଧ ପ୍ରତି ଗାଁର ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ତଥା ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଯୋଗାଇ ଦିଆଯାଉଛି। ଏସବୁ ସତ୍ତ୍ୱେ ଜିଲାର ଗ୍ରାମାଞ୍ଚଳରେ କ୍ୱାକ୍‌ମାନଙ୍କ ଉପରେ ରୋଗୀମାନେ ନିର୍ଭର କରୁଥିବା ନଜିର ରହିଛି। ବିଶେଷ କରି ଜିଲାର ଥୁ.ରାମପୁର, ଲାଞ୍ଜିଗଡ, ମ.ରାମପୁର, ଭବାନୀପାଟଣା, କୋକସରା, ଗୋଲାମୁଣ୍ଡା, ଜୁନାଗଡ, ଧର୍ମଗଡ ବ୍ଲକର ଉପାନ୍ତ ଅଞ୍ଚଳରେ ଥିବା ଗ୍ରାମରେ କ୍ୱାକ୍‌ମାନଙ୍କ ଦୌରାତ୍ମ୍ୟରେ ସାଧାରଣ ଲୋକ ଅତିଷ୍ଠ ହେଉଛନ୍ତି। କ୍ୱାକ୍‌ମାନଙ୍କ ଏହି କ୍ଷେତ୍ରରେ ଶିକ୍ଷାଗତ ଯୋଗ୍ୟତା ନ ଥାଇ ମଧ୍ୟ ସେମାନେ ରୋଗୀମାନଙ୍କୁ ଚିକିତ୍ସା କରୁଥିବା ଅଭିଯୋଗ ହେଉଛି। କେତେଜଣ କ୍ୱାକ୍ କଲିକତା, ମୁମ୍ବାଇରୁ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଆଣି ଗ୍ରାମାଞ୍ଚଳରେ ସାଇନ ବୋର୍ଡ ଲଗାଇ ରୋଗୀ ଚିକିତ୍ସା କରୁଛନ୍ତି। ହେଲେ ସେହି ପ୍ରମାଣପତ୍ର ସତ୍ୟତାକୁ ପରଖିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଏ ଯାଏ ଗ୍ରହଣ କରାଯାଉନାହିଁ। ଫଳରେ ସେମାନେ ନିରୀହ ରୋଗୀଙ୍କଠାରୁ ଚିକିତ୍ସା ନାଁରେ ଟଙ୍କା ଲୁଟି ଚାଲିଛନ୍ତି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା, କ୍ୱାକମାନେ କିଛି ଅନାମଧେୟ କମ୍ପାନୀର ଔଷଧ ଆଣି ରୋଗୀମାନଙ୍କୁ ଦେଉଛନ୍ତି। ସେହି ଔଷଧ ସଂକ୍ରାନ୍ତରେ ପ୍ରଶାସନିକ ତଦନ୍ତର ଆବଶ୍ୟକତା ରହିଛି। ଏପରି କି କେତେଜଣ କ୍ୱାକ୍ ନିଜ ଘରେ ମିନି ଡାକ୍ତରଖାନା ଖୋଲି ରୋଗୀମାନଙ୍କୁ ଔଷଧ ସାଙ୍ଗକୁ ସାଲାଇନ୍ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି। କ୍ୱାକ୍‌ମାନେ ବେଆଇନ ଗର୍ଭପାତ କରାଇବା ସହ ଗର୍ଭବତୀ ଓ ଶିଶୁମାନଙ୍କୁ ଚିକିତ୍ସା କରିବାକୁ ବି ପଛାଉ ନାହାନ୍ତି। ସରକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ଗ୍ରାମରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି, ସ୍ୱାସ୍ଥ୍ୟ କର୍ମୀ ଆଦି ନିଯୁକ୍ତି କରିଛନ୍ତି। ହେଲେ ଏସବୁ କର୍ମଚାରୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ୱାକ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

**– ସଞ୍ଜୀବ କୁମାର ଜୋଷୀ**

**IN THE COURT OF ADDITIONAL DISTRICT JUDGE, ASKA, GANJAM, ODISHA**
**CIVIL REVISION-2/2018.**

Smt.Rasmita Bisoyi …….. Petitioner.
Versus
Rabindra Nath Bisoyi …….. Opp.Party.

To,
Rabindra Nath Bisoyi, S/o.Surendra Nath Bisoyi, Village-Rajkunda, Post-Lalsingh, P.S.Bhanjanagar, Dist.-Ganjam, Odisha.

Where as the petitioner has instituted the above suit/filed an application against you for revising the order in CMA 7/14 (Mat 18/14 of CJ (SD) Kodala, Dist.Ganjam.

You are here by summoned to appear in this court in person or by a pleader on 3rd day of October 2019 at 10.30 A.M. O Clock to answer the same, failing which the suit / application will be disposed of exparte.

Given under my hand and the seal of this court, this 3rd day of Sep. 2019.

Sd./- Judge
Addl. District & Sessions Judge, Aska, (GM)

### ଅଟୋ-ଟ୍ରକ୍ ମୁହାଁମୁହିଁ ଧକ୍କା

## ୨ ମହିଳା ମୃତ, ଜଣେ ଗୁରୁତର

**ପବିତ୍ରନଗର, ୨୦।୯(ଡି.ଏନ.ଏ.):** ଅନୁଗୋଳ ଜିଲା ୧୪୯ ନଂ ଜାତୀୟ ରାଜପଥର କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ନାଇକାନାଳୀ ଛକଠାରେ ଶୁକ୍ରବାର ଏକ ଟ୍ରକ୍-ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଅଟୋରେ ଥିବା ୨ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଓ ୪ ଜଣ ଆହତ ହୋଇଛନ୍ତି। ମୃତା ମହିଳା ଦ୍ୱୟ ହେଲେ ପରଜଙ୍ଗ ଥାନା ଅଞ୍ଚଳର ଶାନ୍ତି ବେହେରା ଓ ଗୋଲାପ ବେହେରା। ଆହତମାନଙ୍କୁ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ଓ ଅନୁଗୋଳ ଡାକ୍ତରଖାନାକୁ ପଠାଯାଇଛି। ଅପରାହ୍ନ ୪ଟାରେ ଅଟୋଟି ଶରଧାପୁର ଆଡୁ ପିତିରି ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଥିଲା। ସମଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଟ୍ରକ୍ ହେଲପର ଅଟକ ଅଛନ୍ତି। ଖବର ଲେଖାହେବା ସୁଦ୍ଧା ମୃତଦେହ ରାସ୍ତାରେ ପଡି ରହିଥିବାରୁ ଗାଡ଼ି ଚଳାଚଳ ବନ୍ଦ ରହିଛି।

# ଗାୟକ ରତ୍ନ ନରୋତ୍ତମ ମହାପାତ୍ରଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ/ ବେଗୁନିଆ,୨୦।୯ (ଡି.ଏନ.ଏ.):** ରାଜ୍ୟସ୍ତରୀୟ ପାଲା ଗାୟକ ଜ୍ଞାନ ସାଗର ନରୋତ୍ତମ ମହାପାତ୍ରଙ୍କର ବେଗୁନିଆ ବ୍ଲକର କଣ୍ଟାବାଡ ଗାଁରେ ଶୁକ୍ରବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ଖୋର୍ଦ୍ଧା ଓ ନୟାଗଡ ଜିଲାରେ ଶୋକର ଛାୟା ଖେଳିଯାଇଛି। ଲୋକକଳା ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ପୁରୀ ସ୍ୱର୍ଗଦ୍ୱାରରେ ମୃତଦେହ ସଂସ୍କାର କରାଯାଇଛି। ଆକାଶବାଣୀ, ଦୂରଦର୍ଶନରେ ତାଙ୍କ ପାଲା ପରିବେଷଣ ହୋଇଛି। ସେ ଇଣ୍ଟରମିଡିଏଟ ପାସ କରିବା ପରେ ୧୮ ବର୍ଷ ବୟସରୁ ପାଲାକୁ ଆଦରି ନେଇଥିଲେ। ପକ୍ଷାଘାତ ରୋଗରେ ଆକ୍ରାନ୍ତ ପରେ ୮୦ ବର୍ଷରେ ପାଲା ପରିବେଷଣ ବନ୍ଦ ହୋଇଥିଲା। ରାଜ୍ୟର ପ୍ରତିଷ୍ଠିତ ମଞ୍ଚ ସହ ଆନ୍ଧ୍ରପ୍ରଦେଶ, ବିହାର, ପଶ୍ଚିମବଙ୍ଗର ୭୦୦ରୁ ଊର୍ଦ୍ଧ୍ୱ ମଞ୍ଚରେ ସେ ପାଲା ପରିବେଷଣ କରିଥିଲେ। ତାଙ୍କ ରଚିତ ନରୋତ୍ତମ ଗ୍ରନ୍ଥାବାଳୀରେ ପାଲା, ଚଉପଦି, ଛାନ୍ଦ ଓ ପୁରାଣର ବିଭିନ୍ନ ଉପାଦେୟତା ବିଷୟ ରହିଛି। ଖଲ୍ଲିକୋଟର ରାଜା ରାମଚନ୍ଦ୍ର ଦେବଙ୍କଠାରୁ ଗାୟକ ରତ୍ନ ଉପାଧି ମିଳିଥିଲା। ଏହାଛଡା ବାଣୀ ରତ୍ନ, ଗାୟକ ସମ୍ରାଟ ଅନୁରୂପ ଉପାଧି ମଧ୍ୟ ମିଳିଛି। ତତ୍‌କାଳୀନ ପ୍ରସିଦ୍ଧ ପାଲାକାର ଗାୟକ ରତ୍ନ ହରି ନାଥ, ଗାୟକ ଶିରୋମଣି ନିରଞ୍ଜନ କର, ଗାୟକ ସମ୍ରାଟ ବୈଷ୍ଣବ ପ୍ରଧାନ, ଗାୟକ ବିଶାରଦ ମାର୍କଣ୍ଡେୟ ବାହିନୀପତିଙ୍କ ବିପକ୍ଷରେ ପାଲା ପରିବେଷଣ କରିଥିଲେ। ଅବିଭକ୍ତ ପୁରୀ, ଖୋର୍ଦ୍ଧା ଓ ନୟାଗଡ, ଢେଙ୍କାନାଳ, କେନ୍ଦୁଝରରେ ୫୦ରୁ ଊର୍ଦ୍ଧ୍ୱ ଶିଷ୍ୟ ଅଛନ୍ତି। ତାଙ୍କ ମୃତ୍ୟୁରେ ଶିଷ୍ୟ ତଥା ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ଉପସଭାପତି ମନୋଜ ମିଶ୍ର, ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, ବଳଭଦ୍ର ପଣ୍ଡା, ପ୍ରହ୍ଲାଦ ସାହୁ, ଶ୍ରୀଜଗନ୍ନାଥ ପାଲା ଗବେଷଣା ପ୍ରତିଷ୍ଠାନର ସନ୍ଦୀପ ମିଶ୍ର, ବିପ୍ଳବ ସମ୍ମିତ କୁମାର, ଅନ୍ନଦା ଶଙ୍କର ଦାଶ, ଚକ୍ରଧର ବାରିକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ବଡପୁଅ ମନୋରଞ୍ଜନ ମହାପାତ୍ର ମୁଖାଗ୍ନି ଦେଇଥିଲେ।



## ଓଡ଼ିଶା ସରକାର

## ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

## ଆଧାର ସେବା ପାଇଁ ନିର୍ଦ୍ଧାରିତ ଶୁଳ୍କ

ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନୂତନ କରି ଆଧାର ପଞ୍ଜିକରଣ ଏବଂ ଆଧାର କାର୍ଡରେ ସଂଶୋଧନ ନିମନ୍ତେ ରାଜ୍ୟ ସାରା ବିଭିନ୍ନ ସ୍ଥାନରେ ପଞ୍ଜିକରଣ କେନ୍ଦ୍ର ମାନ ଖୋଲାଯାଇଅଛି । ସରକାରଙ୍କ ଦ୍ୱାରା ବିଭିନ୍ନ ଆଧାର ସେବା ପାଇଁ ନିମ୍ନଲିଖିତ ମତେ ଶୁଳ୍କ ଧାର୍ଯ୍ୟ କରାଯାଇଛି ।

| | | |
|---|---|---|
| ୧. ନୂତନ କରି ଆଧାର ପଞ୍ଜିକରଣ ଓ ୫/୧୫ ବର୍ଷ ପରେ ଅନିର୍ବାର୍ଯ୍ୟ ବାୟୋମେଟ୍ରିକ୍ସ ନବୀକରଣ | - | ନିଃଶୁଳ୍କ |
| ୨. ଆଧାର କାର୍ଡରେ ଯେକୌଣସି ପ୍ରକାର ସଂଶୋଧନ | - | ୫୦ ଟଙ୍କା |
| ୩. ଆଧାର ୱେବସାଇଟ୍‌ରୁ A4 ଆକାରର ରଂଗୀନ ଆଧାରକାର୍ଡ ପ୍ରିଣ୍ଟ | - | ୩୦ ଟଙ୍କା |

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେତେକ ପଞ୍ଜିକରଣ କେନ୍ଦ୍ରରେ ଉପରୋକ୍ତ ଧାର୍ଯ୍ୟ ଶୁଳ୍କ ଠାରୁ ଅଧିକ ଅର୍ଥ ଦାବି କରୁଥିବାର ସୂଚନା ସରକାରଙ୍କ ନଜରକୁ ଆସିଅଛି । ଏଣୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଅଛି କି ଯଦି କୌଣସି ଆଧାର ପଞ୍ଜିକରଣ କେନ୍ଦ୍ରରେ ଧାର୍ଯ୍ୟ ଶୁଳ୍କ ଠାରୁ ଅଧିକ ଅର୍ଥ ଦାବି କରୁଥାନ୍ତି, ତେବେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି.ଡି.ଓ) କିମ୍ବା ସହରାଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରନ୍ତୁ । "ଜନ ହିତରେ ଜାରୀ"

airtel

**ନିରପେକ୍ଷ ବିଜ୍ଞପ୍ତି**
**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 30 ମାର୍ଚ୍ଚ, 2018 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2019 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2019 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2019 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2019 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341801000500500ରୁ 1341805001999144।

ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024

**NATIONAL INSURANCE COMPANY LIMITED**
**(A GOVT. OF INDIA UNDERTAKING)**
**Bhubaneswar Regional Office, 6th Floor, IDCO Tower, Janpath, Bhubaneswar-751022**
नॅशनल इन्श्योरेन्स National Insurance Trusted since 1906

**Requires Office Premises at Kamakhyanagar** Dt. 21.09.2019

Two bid sealed (Technical & Financial bid) offers are invited for office premises for our KAMAKHYANAGAR Business Centre admeasuring 200 to 250 Sqft carpet area preferably in Ground floor or First floor with one common toilet on lease basis for 06 years with suitable enhancement of rent in every 03 years. Tender forms along with guidelines will be available at Bhubaneswar Regional Office, Angul DO and Dhenkanal BO during office hours. Last date of submission/receipt of tender is 04.10.2019 by 4 PM through registered post/ speed post/ courier service or directly drop in the tender box of the Regional Office, at IDCO Towers, 6th Floor, Bhubaneswar. For details contact Manager, Estate Dept. of the Regional Office/ Angul Divisional Offie, Hanuman Bazar, Angul-759122/ Dhenkanal Branch Office, Madhukunj, South Madhuban, Dhenkanal-759001 or over phone No: 06764-230602/ 06762-224522 or visit our website (www.nationalinsuranceindia.com).

Brokers need not apply.

(Sd./- Abhiram Sethy)
Chief Regional Manager

**NOTICE**
**IN THE DEBTS RECOVERY TRIBUNAL: CUTTACK**
C-71, Sector-7, CDA, Cuttack-753014
**O.A. No. 102 of 2019**

State Bank of India, Bhanjanagar Branch ... Applicant
- Versus -
Smt. Rajani Palo and another ... Defendants

To
1. **Smt. Rajani Palo**, W/o Mr. Bata Krushna Palo, At/P.O: Netenga, Via: Gobara, Dist. Ganjam - 761124.
2. **Mr. Bata Krushna Palo**, S/o Late Basudeba Palo, At/P.O: Netenga, Via: Gobara, Dist. Ganjam - 761124.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No.102 of 2019** in the court of Debts Recovery Tribunal at Cuttack for recovery of **Rs.19,61,396/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorized agent, in support of their defence to show cause on **Dt. 08.11.2019** at **10.30 AM** as to why the reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the 16th day of September 2019.

Sd/- Registrar
Debts Recovery Tribunal, Cuttack

**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK - 753014
**O.A. No. 158 OF 2019**

Syndicate Bank
Paradeep Port Branch
Paradeep, Dist.: Jagatsinghpur .....Applicant
- Versus -
Mr. Gourahari Palai and others .....Defendants

To,
1. **Mr. Gourahari Palai,** S/o.: Late Mayadhar Palai, At/P.O.- Paradeepgarh, PS.: Paradeep Lock, Dist.: Jagatsinghpur, PIN - 754141
2. **Mr. Balgopal Palai,** S/o.: Late Mayadhar Palai, At/P.O.- Paradeepgarh, PS.- Paradeep Lock, Dist.: Jagatsinghpur, PIN - 754141
3. **Mr. Pradeep Palai,** S/o.: Late Mayadhar Palai, At/P.O.- Paradeepgarh, PS.- Paradeep Lock, Dist.: Jagatsinghpur, PIN - 754141
4. **Mr. Nirmal Chandra Biswal,** S/o.: Late Kashinath Biswal, At- Atharbanki Lockpada, P.O.- Atharbanki, P.S.- Paradeep, Dist.: Jagatsinghpur - 754142

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 158 of 2019** in the court of Debts Recovery Tribunal at Cuttack for a recovery of **Rs.44,13,388.51** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **11th day of Nov. 2019 at 10.30A.M.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **17th day of September, 2019.**

Sd/- M.K. Patnaik
REGISTRAR
Debts Recovery Tribunal

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ବାବୁଙ୍କ ବିଦ୍ରୋହ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୋଟିଏ ମାସ ଭିତରେ ତିନିଜଣ ଆଇଏଏସ୍ ଅଫିସର ଇସ୍ତଫା ଦେବା ଘଟଣା ସରକାରୀ ମହଲରେ ଏକ ପ୍ରକାର ଗୋପନ ଭୟର ବାତାବରଣ ସୃଷ୍ଟି କରିଛି। ତାହାକୁ ନେଇ ମୋଦି ସରକାର ଚିନ୍ତାରେ ଅଛନ୍ତି। ଏଜିଏମ୍‌ୟୁଟି କ୍ୟାଡର ଅଫିସର କନ୍ନନ ଗୋପୀନାଥନ୍ ଏବଂ କର୍ନାଟକ କ୍ୟାଡର ଅଫିସର ଶଶିକାନ୍ତ ସେନ୍ଥିଲ ଭିନ୍ନମତ ପାଇଁ ଏ ଦେଶରେ ସ୍ଥାନର ଅଭାବ ଥିବା ଦର୍ଶାଇ ଚାକିରିରୁ ଇସ୍ତଫା ଦେଇଛନ୍ତି। ଉଭୟ ଘଟଣାରେ ଅଫିସରଦ୍ୱୟଙ୍କ ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଗୋପୀନାଥନ୍ ତାଙ୍କ ସରକାରୀ ଚାକିରି ଛାଡ଼ିବାର କାରଣ ଭାବେ କଶ୍ମୀରରେ ଚାଲିଥିବା ଦମନଲୀଳାକୁ କାରଣ ଭାବେ ଦର୍ଶାଇଥିବା ବେଳେ ତାଙ୍କୁ ପ୍ରଶାସନିକ ଅବହେଳା ଅଭିଯୋଗ ଉପରେ କାରଣ ଦର୍ଶାଇବାକୁ ନୋଟିସ ଜାରି କରି ଚାକିରିରେ ପୁଣି ଯୋଗଦେବାକୁ କୁହାଯାଇଛି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ସେ ମାମୁଲି ବୋଲି ଦର୍ଶାଇବା ସହ କହିଛନ୍ତି ଯେ ଏକ ଜବାବୀ କଥନିକା (କାଉଣ୍ଟର ନ୍ୟାରେଟିଭ୍) ସୃଷ୍ଟି କରିବା ପାଇଁ ପୁରୁଣା ପ୍ରସଙ୍ଗ ଉଠାଯାଇଛି। ତୃତୀୟ ଅଫିସର ଜଣକ ହେଉଛନ୍ତି ଏଜିଏମ୍‌ୟୁଟି କ୍ୟାଡରର କାଶୀନାଥ ମିଟ୍ଟଲ, ଯିଏ କି ନୀତି ଆୟୋଗରେ ନିଯୁକ୍ତି ପାଇଥିଲେ। ତାଙ୍କୁ ଅରୁଣାଚଳ ପ୍ରଦେଶକୁ ବଦଳି କରାଯିବା ପରେ ସେ ଇସ୍ତଫା ଦେଇଛନ୍ତି।

ରାଜନୈତିକ ପାଣିପାଗ ଗରମ ଥିଲାବେଳେ ଏହି ଇସ୍ତଫାଗୁଡ଼ିକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। ବାବୁରୁ ନେତା ହୋଇଥିବା ଶାହ ଫୈଜଲଙ୍କ ପ୍ରସଙ୍ଗ ଏବେ ଚର୍ଚ୍ଚାକୁ ଆସିଛି। ଗତ ଜାନୁୟାରୀ ମାସରେ ଆଇଏଏସ୍ ଚାକିରିରୁ ଇସ୍ତଫା ଦେଇଥିବା ଫୈଜଲ ସରକାରଙ୍କ କଶ୍ମୀର ନୀତିକୁ ସମାଲୋଚନା କରିଛନ୍ତି। ଭାରତ ଛାଡ଼ି ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କୁ ରୋକାଯାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଟକ ରଖାଯାଇଛି। ସରକାର ଚାକିରିଆମାନଙ୍କ ଉପରେ ଚାପ ପକାଉଛନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ସରକାର ଏହାକୁ ଅସ୍ୱୀକାର କରିଛନ୍ତି।

ତଥାପି ବାହାରେ ଶାନ୍ତଭାବ ଥିବାବେଳେ ମୋଦି ସରକାର ଇସ୍ତଫାଗୁଡ଼ିକୁ ଗୁରୁତ୍ୱର ସହ ନେଇଛନ୍ତି। କେନ୍ଦ୍ର ସରକାର ଏବେ ପ୍ରଶାସନିକ ଚାକିରି ଛାଡ଼ିବାର ସର୍ତ୍ତାବଳୀକୁ ସଂଶୋଧନ କରିବା କଥା ଚିନ୍ତା କରୁଥିବା ଜଣାପଡ଼ିଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଉକ୍ତ ଇସ୍ତଫାଗୁଡ଼ିକ ଉପରେ ଆଲୋଚନା କରି ସମସ୍ୟା ସମାଧାନର ସୂତ୍ର ବାହାର କରିବାକୁ ଯୋଜନା କରୁଛି। ବାବୁମାନେ ଯେପରି ସହଜରେ ଚାକିରି ଛାଡ଼ି ନ ପାରିବେ ସେଥିପାଇଁ ଏକ ନୀତି ପ୍ରଣୟନ କରିବାକୁ ସରକାର ଯୋଜନା କରୁଥିବା ବିଶ୍ୱାସ କରାଯାଉଛି। ଏ ଲେଖା ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସରକାର ଉକ୍ତ ବାବୁମାନଙ୍କର ଇସ୍ତଫା ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଓଏସ୍ ପ୍ରଭୃତି ସର୍ବଭାରତୀୟ ସେବା କ୍ଷେତ୍ରରେ ଏବେ ବହୁ ପଦବୀ ଖାଲି ପଡ଼ିଥିବା ନେଇ ସରକାର ସଚେତନ ଅଛନ୍ତି। ତେଣୁ ବାବୁମାନେ ଚାକିରିରୁ ଇସ୍ତଫା ଦେବା ଲାଗି ସରକାର ଅଧିକ ସର୍ତ୍ତ ରଖିବାକୁ ଚାହୁଁଥିବା ଜଣାପଡ଼ିଛି।

ବାବୁମାନଙ୍କ ପିଛା ସରକାର ତାଲିମ ବାବଦକୁ ବିପୁଳ ଟଙ୍କା ଖର୍ଚ୍ଚ କରୁଥିବାରୁ ସେହି ବାବୁମାନେ ଯେକୌଣସି କାରଣରୁ ଅଧାରୁ ଚାକିରି ଛାଡ଼ିଦେଲେ ଏହାଦ୍ୱାରା ସରକାରଙ୍କର ବିପୁଳ ଆର୍ଥିକ କ୍ଷତି ଘଟୁଛି। ତେଣୁ ତାଲିମ ପରେ ବାବୁମାନେ ଯେପରି ସହଜରେ ଚାକିରି ଛାଡ଼ି ନ ପାରିବେ ସେଥିପାଇଁ ସରକାର ଚାକିରି ସର୍ତ୍ତାବଳୀକୁ କଡ଼ା କରିବା ପାଇଁ ଚାହୁଁଛନ୍ତି। ସେହି ଅନୁଯାୟୀ ତାଲିମ ପରେ କିଛିବର୍ଷ ଚାକିରି କରିବାକୁ ସରକାର ବାଧ୍ୟତାମୂଳକ କରିବେ ଏବଂ ତା' ପୂର୍ବରୁ ଚାକିରି ଛାଡ଼ିବାକୁ ଚାହିଁଲେ ଉକ୍ତ ତାଲିମ ବାବଦରେ ଖର୍ଚ୍ଚ ହୋଇଥିବା ବିପୁଳ ପରିମାଣର ଅର୍ଥ ସମ୍ପୃକ୍ତ ବାବୁମାନଙ୍କୁ ଫେରସ୍ତ ଦେବାକୁ ହେବ- ଏପରି ନିୟମ କରିବା ନିଶ୍ଚୟ ଯୁକ୍ତିଯୁକ୍ତ ହେବ।

ବର୍ତ୍ତମାନର ନିୟମ ଅନୁସାରେ ଚାକିରିରୁ ଇସ୍ତଫା ଦେଉଥିବା ଜଣେ ବାବୁଙ୍କ ପିଛା ତାଙ୍କୁ ବିଦେଶରେ ତାଲିମ ଦେବା ପାଇଁ ସରକାର ଯେଉଁ ଖର୍ଚ୍ଚ କରିଛନ୍ତି, ତାହା ଫେରସ୍ତ ଦେବାକୁ ହେବ। ଯେଉଁ ବାବୁ ପ୍ରୋବେଶନ ସମୟରେ ଚାକିରି ଛାଡ଼ିବାକୁ ଚାହିଁବେ ତାଙ୍କୁ ସମ୍ପୂର୍ଣ୍ଣ ତାଲିମ ଅର୍ଥ ଫେରସ୍ତ ଦେବାକୁ ହେବ। କିନ୍ତୁ ଅନେକ ପର୍ଯ୍ୟବେକ୍ଷକଙ୍କ ମତରେ ଅନିଚ୍ଛୁକ ବାବୁମାନଙ୍କ ଇସ୍ତଫା ବନ୍ଦକରିବା ଦୀର୍ଘକାଳୀନ ଭିତ୍ତିରେ ଉପଯୋଗୀ ହୋଇ ନ ପାରେ। ଏଥିପାଇଁ ସରକାରଙ୍କୁ ଆଇନଗତ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏହି ଚିନ୍ତାଧାରା ପୋଷଣ କରୁଥିବା ଲୋକମାନଙ୍କ ବିଶ୍ୱାସ ଅନୁସାରେ ଜବରଦସ୍ତ ଅନିଚ୍ଛୁକ ବାବୁମାନଙ୍କୁ ଅଟକେଇ ରଖିବା ସରକାରଙ୍କ ସ୍ୱାର୍ଥର ଅନୁକୂଳ ହୋଇ ନ ପାରେ। ତେବେ ଏହି ସମସ୍ୟାର ସମାଧାନ ପାଇଁ ସରକାର କ'ଣ ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

Email: dilipcherian@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୨୧ ସେପ୍ଟେମ୍ବର ୧୯୯୪

- ଆଣବିକ ନିରାପତ୍ତା ସଂକ୍ରାନ୍ତ ଆନ୍ତର୍ଜାତିକ ସମ୍ମିଳନୀର ଅନ୍ୟତମ ସଦସ୍ୟ ଭାବେ ଭାରତର ଯୋଗଦାନ।
- ବିଭିନ୍ନ ଗଠନମୂଳକ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ଶାନ୍ତିଦେବୀ ଯମୁନାଲାଲ ବଜାଜ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | D | 0 | 9 | | 7 | A | | | | | |
| | C | | | | | | | | | | | | | |
| 5 | 9 | | 6 | | E | B | 8 | | | 2 | 3 | | | |
| | | | | | 8 | 5 | | | | D | | 6 | 7 | |
| | | | C | | 3 | | | | | | | 5 | 4 | B |
| D | 4 | 5 | | | | | | | | 6 | | | | |
| 1 | | 0 | B | | | D | | | | | | 4 | | |
| | A | C | 5 | 3 | | 4 | | | | B | E | | 2 | 6 |
| 9 | | | | | | | | | 1 | 5 | | | | |
| | 7 | | 2 | 4 | | | 1 | | | | | | E | A |
| | 3 | | 4 | 6 | | | | | | | D | | | 8 |
| | | D | | | 1 | 2 | A | | | | 9 | | | 0 |
| | | | | | | | 5 | 8 | | | | | B | 9 |
| 6 | | | | | 9 | | | D | | E | A | C | | 2 |
| | 5 | A | | 8 | | | | | 0 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 9 | 5 | 3 | 7 | C | 2 | D | B | 1 | E | 8 | 6 | A | 0 |
| 7 | 3 | 6 | B | E | A | 5 | 1 | 8 | C | 0 | 9 | 2 | D | 4 |
| A | D | E | 5 | 1 | 2 | C | 0 | 7 | 6 | 4 | 3 | 8 | B | 9 |
| 1 | 0 | 2 | 6 | 8 | D | 4 | 9 | 3 | B | 7 | A | 5 | C | E |
| B | 8 | C | 4 | 0 | 9 | E | 6 | A | D | 2 | 5 | 3 | 1 | 7 |
| 3 | 4 | D | 1 | B | 7 | A | C | 0 | 9 | 6 | 2 | E | 8 | 5 |
| 6 | E | 0 | 9 | 5 | 8 | D | 2 | 4 | A | 3 | B | 1 | 7 | C |
| 2 | C | 9 | D | A | E | 8 | 3 | 5 | 0 | 1 | 7 | 4 | 6 | B |
| 8 | B | A | C | 6 | 3 | 7 | E | 1 | 5 | D | 4 | 0 | 9 | 2 |
| 5 | 7 | 1 | 0 | 2 | 4 | 6 | B | 9 | E | 8 | C | D | 3 | A |
| E | 1 | 4 | 8 | 3 | 5 | B | A | 2 | 7 | 9 | D | C | 0 | 6 |
| C | 2 | 7 | E | D | B | 1 | 4 | 6 | 3 | A | 0 | 9 | 5 | 8 |
| 0 | 5 | B | 7 | 9 | 1 | 3 | 8 | E | 4 | C | 6 | A | 2 | D |
| D | 6 | 8 | A | 4 | 0 | 9 | 7 | C | 2 | 5 | 1 | B | E | 3 |
| 9 | A | 3 | 2 | C | 6 | 0 | 5 | D | 8 | B | E | 7 | 4 | 1 |

ଗତକାଲିର ଉତ୍ତର

# ନୈରାଶ୍ୟରେ ସରେନାହିଁ ବାର୍ଦ୍ଧକ୍ୟ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଏକ ସହରର ଘଟଣା। ସେଠାରେ ଜଗଦୀଶ ନାମକ ଜଣେ ପଚାଶ ବର୍ଷ ବୟସ୍କ ବ୍ୟକ୍ତି ରହୁଥାନ୍ତି। ସେ ଉଚ୍ଚଶିକ୍ଷିତ। ରସାୟନଶାସ୍ତ୍ରରେ ଏମ୍‌ଏସ୍‌ସି ଡିଗ୍ରୀପ୍ରାପ୍ତ। କୌଣସି ଏକ କଲେଜର ପରୀକ୍ଷାଗାରରେ ଦୀର୍ଘ ପଚିଶବର୍ଷ ଧରି ଡେମୋନଷ୍ଟ୍ରେଟର ଚାକିରି କରୁଥିଲେ। ଜଗଦୀଶ ଅବିବାହିତ। ଘରେ ବୃଦ୍ଧା ମା' ସହିତ ସେ ରହୁଥିଲେ। ମା' ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ତେବେ ଜଗଦୀଶ ମାତୃସେବାରେ ଅବହେଳା କରୁ ନ ଥିଲେ। ଜନନୀର ଦୁଃଖକଷ୍ଟ ତାଙ୍କୁ ମର୍ମନ୍ତୁଦ ପୀଡ଼ା ଦେଉଥିଲା। ତାଙ୍କ ମନରେ ଏଥିପାଇଁ ଲେଶମାତ୍ର ଶାନ୍ତି ନ ଥିଲା।

କିଛିମାସ ପରେ ମା'ଙ୍କର ମୃତ୍ୟୁ ଘଟିଲା। ଅନେକେ ଭାବୁଥିବେ ଯେ, ତାଙ୍କ ଦେହାନ୍ତ ପରେ ଜଗଦୀଶ ଜଞ୍ଜାଳମୁକ୍ତ ହୋଇ ସୁଖରେ କାଳାତିପାତ କରିବେ। କିନ୍ତୁ ତାଙ୍କ ମାନସିକ ସ୍ଥିତିରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେଲାନାହିଁ। ଦିନ ପରେ ଦିନ, ମାସ ପରେ ମାସ, ସେଇ ଏକାପ୍ରକାର ଅବସାଦରେ ସେ ସମୟ କାଟିଲେ। ଅତି ଉଦାସ, ସର୍ବଦା ଅନ୍ୟମନସ୍କ। ବର୍ଷକ ପରେ ଯାହା ଘଟିଲା, ତାହା ଥିଲା ଅତ୍ୟନ୍ତ ମର୍ମନ୍ତୁଦ। ନିଜ ଫେସ୍‌ବୁକ୍ ଆକାଉଣ୍ଟରୁ ଦିନେ ପାହାନ୍ତିଆ ପହରରେ ତାଙ୍କର କେତେକ ସାଥୀ ଓ ସମ୍ପର୍କୀୟମାନେ ଏକ ଚାଞ୍ଚଲ୍ୟକର ଖବର ଦେଖିବାକୁ ପାଇଲେ। ସେଥିରେ ଜଗଦୀଶ ସୂଚାଇଥିଲେ ଯେ, ତାଙ୍କ ମା'ଙ୍କ ଜୀବନର ଅନ୍ତିମ କେତେ ବର୍ଷ ତାଙ୍କ ମାନସିକସ୍ତରକୁ ଦାରୁଣ ଭାବେ ଦୋହଲାଇଥିଲା। ଜୀବନ ଯେ ଏତେ ପୀଡ଼ାଦାୟକ, ତାହା ସେ ସ୍ୱଚକ୍ଷୁରେ ପ୍ରତ୍ୟକ୍ଷ କରିଛନ୍ତି। କିଛିବର୍ଷ ପରେ ସେ ମଧ୍ୟ ଏମିତି ବାର୍ଦ୍ଧକ୍ୟ ଭୋଗ କରିବେ। ତାଙ୍କୁ ମଧ୍ୟ ସେମିତି ଅସରନ୍ତି ରୋଗ ମାଡ଼ିବସିବ। ଜୀବନର ଚରିତ୍ର ଓ ସ୍ୱଭାବ ଯଦି ଏଇ ପ୍ରକାର, ତେବେ ଏହା କଦାପି ସ୍ୱାଗତଯୋଗ୍ୟ ନୁହେଁ। ତେଣୁ ଏମିତି ଭୟଙ୍କର ଦୁର୍ଦ୍ଦଶା ମାଡ଼ିଆସିବା ଆଗରୁ ସଂସାରରୁ ବିଦାୟ ନେଇଯିବା ଭଲ।

ଏଇ ମର୍ମରେ ସେ ଗୋଟିଏ ସୁଇସାଇଡ୍ ନୋଟ୍ ମଧ୍ୟ ଲେଖିଲେ। ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ ଯେ, ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି। ସକାଳୁ ଘର ଭିତରୁ କବାଟ କିଳିଦେଇ ସେ ପୋଲିସକୁ ଖବର ଦେଲେ। ଗେଟ୍ ପାଖରେ ଗୋଟିଏ ନୋଟିସ ଝୁଲାଇଥିଲେ, 'ଘର ଭିତରକୁ ଆସନ୍ତୁ ନାହିଁ। ପୋଲିସକୁ ଅପେକ୍ଷା କରନ୍ତୁ'। ସୁଇସାଇଡ୍ ନୋଟ୍‌ରେ ଅତିରିକ୍ତ ଭାବେ ସେ ଉଲ୍ଲେଖ କରିଥିଲେ, ଆସନ୍ତାକାଲିଠାରୁ ମୋତେ କେହି ଦେଖିପାରିବେ ନାହିଁ। ପୁନଃ ଜନ୍ମଚକ୍ର ପ୍ରକ୍ରିୟାରୁ ମୋର ମୁକ୍ତି ପାଇଁ ସମସ୍ତେ ପ୍ରାର୍ଥନା କରନ୍ତୁ। ପୋଲିସ ଯଥାଶୀଘ୍ର ସେଇ ଘରେ ପହଞ୍ଚି ଜଗଦୀଶଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କଲା।

ଅବସାଦଗ୍ରସ୍ତ ଜଗଦୀଶ ଯେଉଁ ଚରମ ପନ୍ଥା ଗ୍ରହଣ କଲେ, ଏହା ଏକ ବ୍ୟକ୍ତିଗତ ମାମଲା ବୋଲି ଅଭିହିତ କରି ପ୍ରସଙ୍ଗଟି ଏଡ଼ାଇଯିବା ଠିକ୍ ନୁହେଁ। ବରିଷ୍ଠମାନଙ୍କ ସମସ୍ୟା ଯେ ଦିନକୁ ଦିନ ଉତ୍କଟ ଓ ଉଗ୍ରରୂପ ନେବ, ଏହା ସ୍ପଷ୍ଟ ପ୍ରତୀୟମାନ ହେଉଛି। ଯୁକ୍ତରାଷ୍ଟ୍ରସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ କର୍ମରତ ପ୍ରଫେସର ଶ୍ରୀପଦ ତୁଲଜାପୁରକରଙ୍କ ନେତୃତ୍ୱରେ ଗବେଷକ ଦଳ ୧୯୬୦ରୁ ୨୦୧୦ ମସିହା ପର୍ଯ୍ୟନ୍ତ ୬୫ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କର ଜନ୍ମ-ମୃତ୍ୟୁ ତଥ୍ୟ ସଂଗ୍ରହ କରିଥିଲେ। ଏହାର ବିଶ୍ଳେଷଣରୁ ନିଷ୍କର୍ଷ ବାହାରିଲା ଯେ, ପ୍ରତି ପିଢ଼ି (୨୫ ବର୍ଷ ବ୍ୟବଧାନରେ) ମଣିଷର ଆୟୁ-କାଳ ତିନିବର୍ଷ ହିସାବରେ ବୃଦ୍ଧି ପାଉଛି। ଏହା ପଛରେ ମୁଖ୍ୟ କାରଣ ହେଉଛି ଉତ୍ତମ ଓ ଫଳପ୍ରଦ ସ୍ୱାସ୍ଥ୍ୟସେବା। ପରିଣାମସ୍ୱରୂପ ଆମେ ଜେଜେବାପା ଓ ଜେଜେମା'ଙ୍କ ଅପେକ୍ଷା ଅଧିକ ଛଅ ବର୍ଷ ବଞ୍ଚିବା ସମ୍ଭବପର (ରିପୋର୍ଟ ୧୫ ନଭେମ୍ବର ୨୦୧୮)। ତେଣୁ ସମାଜରେ ବୟସ୍କଙ୍କ କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟାକୁ ସ୍ୱୀକାର କରିବାକୁ ପଡ଼ିବ। ଏହିପରି ଜୀବନ ପ୍ରତି ବୀତସ୍ପୃହ ହୋଇ ଜଗଦୀଶମାନେ ଶେଷନିଃଶ୍ୱାସ ତ୍ୟାଗ କରିବା ଏହି ପରିପ୍ରେକ୍ଷୀରେ ସମସ୍ତଙ୍କ ପାଇଁ ଏକ ଆହ୍ୱାନ। ବୟସ୍କମାନେ ସମାଜଠାରୁ ଆଶା କରନ୍ତି ସମ୍ବେଦନଶୀଳତା ଓ ସହାୟତା। ଅବଶ୍ୟ ଏଥିପ୍ରତି କେତେଜଣ ବ୍ୟକ୍ତି ସଚେତନ। ଏପରିକି ଅନେକ ମାନ୍ୟଗଣ୍ୟ କ୍ଷମତାସମ୍ପନ୍ନ ମହାମାନବଙ୍କ ଦୃଷ୍ଟାନ୍ତ ଜଗତ ଭୁଲି ପାରିନାହିଁ।

ମୌର୍ଯ୍ୟ ସମ୍ରାଟ ଅଶୋକ (ଜନ୍ମ ୩୦୪ ଖ୍ରୀଷ୍ଟପୂର୍ବ, ପାଟଳିପୁତ୍ର) ଖ୍ରୀ.ପୂ. ୨୬୮ରୁ ୨୩୨ ଯାଏ ଆମ ଦେଶର ଏକ ବିଶାଳ ଭୂଖଣ୍ଡରେ ଶାସନ କରୁଥିଲେ। ଏକଦା ତାଙ୍କ ସାମ୍ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଲା। ପ୍ରଜାବତ୍ସଳ ଅଶୋକ ବିଭିନ୍ନ ସ୍ଥାନରେ ଅନ୍ନଛତ୍ରମାନ ଖୋଲିଲେ। ଦିନକର ଘଟଣା। ଜଣେ ଭୋକିଲା ବୃଦ୍ଧ ଅନ୍ନଛତ୍ର ଧାଡ଼ିରେ ଆଗରେ ପହଞ୍ଚିବା ବେଳକୁ ସମୟ ଗଡ଼ି ଯାଇଥିଲା। କର୍ମଚାରୀ ଜଣକ ତାଙ୍କୁ ଅନ୍ନଛତ୍ର ବନ୍ଦ ହୋଇଯାଇଥିବା କହି ନିରାଶ କଲେ। ବୃଦ୍ଧଙ୍କ ମୁଣ୍ଡରେ ଗୋଟିଏ ଭାରି ଗଣ୍ଠିଲି ଥିଲା। ଏହି ବରିଷ୍ଠ ଜଣକ ବହୁ ପୂର୍ବରୁ ସେଠାକୁ ଘରୁ ବାହାରିଥିଲେ ସୁଦ୍ଧା ଶାରୀରିକ ଦୁର୍ବଳତାରୁ ଧାଡ଼ିରେ ଯଥାସମୟରେ ଛିଡ଼ାହୋଇ ଅନ୍ନ ଗ୍ରହଣ କରିବାରେ ଅକ୍ଷମ ହୋଇଥିଲେ। ହଠାତ୍ ସେଠାରେ ଜଣେ ବ୍ୟକ୍ତି ଦେବଦୂତ ପରି ପହଞ୍ଚିଲେ। ସେ ଉକ୍ତ ବୃଦ୍ଧଙ୍କ ଗତିବିଧି ଲକ୍ଷ୍ୟ କରୁଥିଲେ।

ସେ କର୍ମଚାରୀକୁ ଆଦେଶ ଦେଲେ- ତୁରନ୍ତ ଅକ୍ଷମ ବୃଦ୍ଧଙ୍କୁ ଖାଦ୍ୟ ବିତରଣ କରିବା ପାଇଁ। କେବଳ ସେତିକି ନୁହେଁ। ବୃଦ୍ଧଙ୍କ ଗଣ୍ଠିଲିପତ୍ର ନିଜେ ଧରି ବଳହୀନ ବୃଦ୍ଧଙ୍କୁ ତାଙ୍କ ରହୁଥିବା ସ୍ଥାନରେ ପହଞ୍ଚାଇଲେ। ବୃଦ୍ଧ ଜଣକ ଏହି ଘଟଣାରେ କୃତଜ୍ଞ ଓ ବିସ୍ମିତ ହୋଇ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କ ପରିଚୟ ଜାଣିବାକୁ ଆଗ୍ରହୀ ହେଲେ। କିନ୍ତୁ ଦାତାଜଣକ ନିଜ ପରିଚୟ ଲୁଚାଇଥିଲେ।

ପରେ ଦୈବାତ୍ ଯେତେବେଳେ ଦଳେ ସୈନିକ ଉକ୍ତ ଦାତାଙ୍କୁ ଆକସ୍ମିକ ଭାବେ ଦେଖି ଅଭିବାଦନ ଜଣାଇଲେ, ବୃଦ୍ଧ ଜଣକ ଠିକ୍ ଅନୁମାନ କଲେ ଯେ, ସେ ହେଉଛନ୍ତି ସମ୍ରାଟ ଅଶୋକ। ତାଙ୍କ ପାଦତଳେ ପଡ଼ି ସେ କ୍ଷମା ଭିକ୍ଷା କରିବା ବେଳେ ସମ୍ରାଟ ଅଭୟବାଣୀ ଦେଲେ, ''ତୁମେ ଏଭଳି କିଛି କରିନାହଁ ଯେ କ୍ଷମାଯୋଗ୍ୟ ହେବ। ମୁଁ ମୋର କର୍ତ୍ତବ୍ୟ ମାତ୍ର କରିଛି।''

ପ୍ରକାଶ ଥାଉ କି ଏତାଦୃଶ ଉଚ୍ଚମାନର ମାନବିକତା ଆମେ ଏମିତି ଜଣକଠାରେ ଦେଖିବାକୁ ପାଇଲେ, ଯିଏ କି ଦିନେ ଚଣ୍ଡାଶୋକ ଭାବେ କୁଖ୍ୟାତ ଥିଲେ ଏବଂ ପରେ କଳିଙ୍ଗ ଯୁଦ୍ଧରେ ହୃଦୟ ପରିବର୍ତ୍ତନ ଘଟି ଧର୍ମାଶୋକରେ ଜଗତ୍‌ବନ୍ଦ୍ୟ ହେଲେ। ଉଚ୍ଚାସନରେ ଅଧିଷ୍ଠିତ ବ୍ୟକ୍ତିଙ୍କ ଆଦର୍ଶ, ଆଚରଣ ଆମ ଅଧଃପତିତ ସମାଜ ସକାଶେ ଆଲୋକବର୍ତ୍ତିକା ସଦୃଶ ହେବ। ସେମାନଙ୍କ କାର୍ଯ୍ୟବିଧି ସାଧାରଣ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରିଥାଏ। ସାଧାରଣ ଭାବେ ମାଛ ମୁଣ୍ଡ ଆଡୁ ପଚିଥିବା ପରି ସମାଜର ଅଧୋଗତି ତୁଙ୍ଗସ୍ଥାନୀୟ ବ୍ୟକ୍ତିଙ୍କଠାରୁ ଆରମ୍ଭହୋଇ ତଳସ୍ତର ପର୍ଯ୍ୟନ୍ତ ସଂକ୍ରମିତ ହୋଇଥାଏ। ତେଣୁ ସର୍ବୋଚ୍ଚ ଶାସନ ଆଦର୍ଶର ଅବତାର ହୁଅନ୍ତୁ।

ଅନ୍ୟ ଏକ ଘଟଣା ଏଠାରେ ଅବତାରଣା କରାଯାଇପାରେ। ଫ୍ରାଙ୍କ୍‌ଲିନ ରୁଜ୍‌ଭେଲ୍ଟ (୧୮୮୨ରେ ନ୍ୟୁୟର୍କରେ ଜନ୍ମ) ଦୀର୍ଘକାଳ (୧୯୨୯-୧୯୩୨) ଆମେରିକାର ରାଷ୍ଟ୍ରପତି ମୃତ୍ୟୁ ପର୍ଯ୍ୟନ୍ତ ଥିଲେ। ଏକଦା ସେ ସସ୍ତ୍ରୀକ ଗୋଟିଏ ଘରୋଇ ସମାରୋହରେ ଯୋଗଦେବା ପାଇଁ ଯାଇଥିଲେ। ସେତେବେଳେ ଜଣେ ବୃଦ୍ଧ ଶ୍ରୀମତୀ ରୁଜ୍‌ଭେଲ୍ଟଙ୍କୁ ଜଣାଇଲେ ଯେ, ତାଙ୍କ ସ୍ତ୍ରୀ ତାଙ୍କୁ ସାକ୍ଷାତ କରିବାକୁ ଆତୁର ଏବଂ ପଚାରିଲେ, ଆପଣ କ'ଣ ଏଥିପାଇଁ ଅନୁମତି ଦେବେନି?

ଶ୍ରୀମତୀ ରୁଜ୍‌ଭେଲ୍ଟ ଅନୁମାନ କରିପାରିଲେ ଯେ, ଆଗ୍ରହୀ ମହିଳା ଜଣକ ନିଶ୍ଚୟ ବୟସ୍କା ହୋଇଥିବେ। ସେ ଉକ୍ତ ବୃଦ୍ଧଙ୍କୁ ପଚାରିଲେ, ଆପଣଙ୍କ ସ୍ତ୍ରୀଙ୍କ ବୟସ କେତେ? ଉତ୍ତର ଜାଣିବା ପରେ ସେ ମନ୍ତବ୍ୟ ଦେଲେ ଯେ, ସେ ମୋଠାରୁ ବୟସରେ ବଡ଼। ତେଣୁ ସମ୍ମାନନୀୟା। ସେ ତୁରନ୍ତ ଅତି ବିଶିଷ୍ଟ ବ୍ୟକ୍ତିମାନଙ୍କ ପାଇଁ ସଂରକ୍ଷିତ ମଞ୍ଚର ଚୌକିରୁ ଓହ୍ଲାଇ ଆଗନ୍ତୁକ ବୃଦ୍ଧାଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ପେଣ୍ଡାଲ ଉପରକୁ ପାଛୋଟି ଆଣିଥିଲେ। ଏହି ଘଟଣାରେ ରାଷ୍ଟ୍ରପତି ମଧ୍ୟ ଅତ୍ୟନ୍ତ ପ୍ରସନ୍ନ ହୋଇଥିଲେ। ବଡ଼ ଲୋକଙ୍କ ଏମିତି ବ୍ୟବହାର ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିଥାଏ। ସମାଜରେ ଏହାର ପ୍ରଭାବ ସୁଦୂରପ୍ରସାରୀ।

ଆମେ ଏଠାରେ କିଛି ସ୍ମରଣୀୟ ଓ ଅନୁକରଣୀୟ ଉଦାହରଣ ଉପସ୍ଥାପନ କଲୁ। ଉଦ୍ଦେଶ୍ୟ ହେଉଛି, ନୈରାଶ୍ୟଭରା ଜଗଦୀଶମାନେ ହୃଦୟଙ୍ଗମ କରନ୍ତୁ ଯେ, ଏଇ ସଂସାରରେ ସେମାନେ ଏକା ଓ ନିରାଶ୍ରୟ ନୁହନ୍ତି। ସେମାନଙ୍କୁ ସହାୟତାର ହାତ ବଢ଼ାଇବାକୁ କ୍ଷମତାଶାଳୀ ବ୍ୟକ୍ତିମାନେ ମଧ୍ୟ କେବେକେବେ ପ୍ରସ୍ତୁତ।

ମୋ-୯୪୩୭୦୨୬୬୫୧

# ମରିଯାଉଥିବା ନଦୀ

ରୁଦ୍ର ପ୍ରସନ୍ନ ରଥ

କାହିଁ କେଉଁ ଅନାଦି କାଳରେ ନଦୀକୂଳରେ ରୂପ ନେଇଥିଲା ମଣିଷ ସଭ୍ୟତା। ବାରଆଡେ ବୁଲୁଥିବା ମଣିଷ ନଦୀକୁ ହିଁ ସାଥିକରି ନେଇଥିଲା ନିଜେ ବଞ୍ଚିବା ଓ ବଢ଼ିବା ପାଇଁ। ଆଉ ସେବେଠୁ ନଦୀ ଯେ ମଣିଷ ସଭ୍ୟତାର ସାବଲୀଳ ଜୟଯାତ୍ରାର ସାକ୍ଷୀ ରହିଛି ତାହା ନୁହେଁ ବରଂ ସେ କ୍ରମବର୍ଦ୍ଧିଷ୍ଣୁ ସଭ୍ୟତାର ମେରୁଦଣ୍ଡ ପାଲଟିଛି। ନଦୀର ଦକ୍ଷତାକୁ ଭରସା କରି ଆଉ କ୍ଷମତାକୁ ଆୟୁଧ କରି ମଣିଷ ନିଜର ପ୍ରଭୂତ ଉନ୍ନତି କରିଛି। ଏଇଠି ମଣିଷ ହାତଗୋଡ ଧୋଇଛି, ଗାଧୋଇଛି ଆଉ ପାଣି ନେଇ ବିଲରେ ମଡାଇ ଚାଷ କରିଛି। ତା'ର କଳକାରଖାନାର ଗର୍ଜନ ହେଉ ବା ସବୁଜ କ୍ଷେତରେ ଲହଡି ଭାଙ୍ଗୁଥିବା ଫସଲ ଏ ସବୁ ସମ୍ଭବ ହୋଇଛି କେବଳ ନଦୀ ଯୋଗୁ। ନଦୀ ଆଉ ମଣିଷର ଏହି ପାରମ୍ପରିକ ସମ୍ପର୍କକୁ ମନେ ପକାଇବା ପାଇଁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସେପ୍ଟେମ୍ବର ୨୨ ତାରିଖରେ ଅନ୍ତର୍ଜାତୀୟ ନଦୀ ଦିବସ ପାଳନ କରାଯାଉଛି। ବିଶ୍ୱର ନଦୀଗୁଡ଼ିକ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ଏବଂ ଏଥିନେଇ ସମାଧାନର ବାଟ କାଢ଼ିବା ହେଉଛି ବିଶ୍ୱ ନଦୀ ଦିବସର ଉଦ୍ଦେଶ୍ୟ।

ନଦୀ ସହ ମଣିଷର ସମ୍ପର୍କ ବେଶ୍ ପୁରୁଣା। ସମୟ ସହ ତାଳ ଦେଇ ମଣିଷ ଆଗକୁ ଚାଲିଲା ବେଳେ ନଦୀ ସହ ଏହି ସମ୍ପର୍କର ସଂଜ୍ଞା ଏବଂ ସୀମା ବଦଳିଯାଇଛି। ଯାହାକୁ ଦିନେ ମଣିଷ ମା' ବୋଲି ଡାକି ପୂଜା କରୁଥିଲା ସେହି ନଦୀ ଆଜି ପାଲଟିଯାଇଛି ସମ୍ବଳ। ନଦୀକୁ ଆଉ ନଦୀ ହୋଇ ରହିବାକୁ ଦିଆଯାଇନାହିଁ ବରଂ ଏହାକୁ ପରିଣତ କରିଦିଆଯାଇଛି ଗୋଟିଏ ପ୍ରବହମାନ ଗତିଶୀଳ ଯାନରେ। ଯାହାର କାମ ହେଉଛି ମଇଳା ବୋହିବା। ଆଜି ଦୁନିଆର ଅର୍ଦ୍ଧାଧିକ ନଦୀ ପ୍ରଦୂଷଣର ଶିକାର। କେଉଁଠାରେ ନଦୀରେ ମଣିଷ ଭସେଇ ଦେଉଛି ମୂର୍ତ୍ତି କିମ୍ବା ଶବ ତ ଆଉ କେଉଁଠି କଳକାରଖାନାର ପାଣି। ଗଙ୍ଗାଠାରୁ ଗୋଦାବରୀ ଯାଏ ସବୁ ପ୍ରମୁଖ ନଦୀର ପାଣି ଏବେ ପ୍ରଦୂଷିତ। କୁଢ଼କୁଢ଼ ମାତ୍ର ଥରଟିଏ ବ୍ୟବହୃତ ହୋଇପାରୁଥିବା ପ୍ଲାଷ୍ଟିକ୍ ଆଉ କଳକାରଖାନାର କଳାପାଣିରେ ନଦୀ ଆଉ ନଦୀ ହୋଇ ନାହିଁ। ଅନେକ ଜାଗାରେ ଏହା ନାଳର ଭ୍ରମ ସୃଷ୍ଟି କରୁଛି।

ଆମ ଦେଶର ନଦୀଗୁଡ଼ିକୁ ଉଦାହରଣ ରୂପେ ନିଆଯାଉ। ଦକ୍ଷିଣଭାରତର ଅନ୍ୟତମ ପ୍ରମୁଖ ନଦୀ କାବେରୀ ନିଜ ପ୍ରବାହର ୪୦% ହରାଇ ସାରିଥିବା ବେଳେ କୃଷ୍ଣା ଓ ନର୍ମଦାର ଏହି ହାର ୬୦%। ଓଡ଼ିଶାର ମହାନଦୀ ନିଜ ପ୍ରବାହର ୯% ପାଖାପାଖି ହରାଇ ସାରିଲାଣି। ଗୋଦାବରୀ ଓ କୃଷ୍ଣା ନଦୀ ଯେଉଁ ସ୍ଥାନରୁ ବାହାରିଥିଲେ ସେହି ସ୍ଥାନରେ ୨୦୧୬ ମସିହାରେ ଶୁଷ୍କ ହୋଇଗଲେ। ୨୦୧୬ରେ ବିହାରରେ ଗଙ୍ଗା ଏପରି ଶୁଷ୍କ ହୋଇଗଲା ଯେ ଲୋକ ପାଦରେ ଚାଲି ଚାଲି ପାରି ହୋଇଗଲେ। ନର୍ମଦା ଗୁଜରାଟରେ ଏପରି ସ୍ଥିତିକୁ ଆସିଗଲାଣି ଯେ ସେ ସମୁଦ୍ରଠିଁ ପହଞ୍ଚିପାରୁନି। ଦେଶର ପବିତ୍ରତମ

## ଅନ୍ତର୍ଜାତୀୟ ନଦୀ ଦିବସ ୨୨।୯ ଉପଲକ୍ଷେ

ନଦୀ କୁହାଯାଉଥିବା ଗଙ୍ଗା ସଂପୂର୍ଣ୍ଣ ପ୍ରଦୂଷିତ। ଯମୁନାର ଅବସ୍ଥା ବି ସେହିପରି। ମହାନଦୀ ଆଉ କାଠଯୋଡ଼ିରେ ମଧ୍ୟ ବର୍ଷସାରା ପାଣି ରହୁନାହିଁ। ନଦୀ ପ୍ରଦୂଷିତ ହେବାର ସିଧାସଳଖ ପ୍ରଭାବ ମଣିଷ ଉପରେ ପଡୁଛି। ପ୍ରଦୂଷିତ ନଦୀ ଜଳ ଯୋଗୁ ମାଛ ମରିଯାଉଛନ୍ତି ବା ମାଛ ରୋଗାକ୍ରାନ୍ତ ହେଉଛନ୍ତି, ଯାହାକୁ ଖାଇ ମଣିଷ ରୋଗଗ୍ରସ୍ତ ହେଉଛି। ମଣିଷ ନଦୀକୁ ଗୋଟିଏ ନିର୍ଜୀବ ଜଳଭାଗ ଭାବୁଥିବାରୁ ଏପରି ଘଟୁଛି। ଏହା ଭିତରେ ଯେ ଅନେକ ଜଳଚର ଜୀବ ଏବଂ ଉଦ୍ଭିଦଙ୍କର ଗୋଟିଏ ବିରାଟ ଦୁନିଆ ଅଛି, ମଣିଷ ତାହା ଜାଣି ମଧ୍ୟ ଅଜଣା ରହୁଛି।

ଅନେକ ଜାଗାରେ ମଣିଷ ନିଜର ଆବଶ୍ୟକତା ପାଇଁ ନଦୀ ଜଳକୁ ବିଭିନ୍ନ ସ୍ଥାନରେ ବାନ୍ଧି ରଖୁଛି, କେଉଁଠି ଡ୍ୟାମ୍ ତିଆରି କରି ତ ଆଉ କେଉଁଠି ନଦୀର ଦିଗ ବଦଳାଇ ଦେଇ। ଏସବୁ ଦ୍ୱାରା ନଦୀ ତା'ର ନିଜ ସ୍ୱରୂପ ହରାଇ ବସୁଛି। କେତେବେଳେ ଅସମୟରେ ବନ୍ୟା ଆସୁଛି ତ ଆଉ କେତେବେଳେ ବର୍ଷସାରା ନଦୀ ଶୁଖିଲା ପଡୁଛି। ଇଟାଲୀର ସାରନୋ କୁହନ୍ତୁ କିମ୍ବା ନାଇଜେରିଆର ନାଇଜର ନଦୀ ଏ ସବୁ ଏବେ ପ୍ରଦୂଷିତ। ନଦୀ କେବଳ ପ୍ରଦୂଷିତ ହେଉନାହିଁ, ବିଷାକ୍ତ ବି ହେଉଛି। ଜମିରୁ କୀଟନାଶକ ନେଇ ଜଳଧାର ନଦୀକୁ ଆସୁଛି। ବୃକ୍ଷ ହ୍ରାସ ଦ୍ୱାରା ମାଟି ପଶିଆସି ନଦୀଗର୍ଭ ପୋତିହୋଇ ପଡୁଛି।

ନଦୀ ପୁଣି ବେଳେ ବେଳେ ପଶିଆସୁଛି ରାଜନୀତି ଭିତରକୁ। ନଦୀ ବନ୍ଧର ଉଚ୍ଚତା ବଢ଼ାଇବା ନେଇ ରାଜନୀତି ଚାଲୁଛି। ପାଣି ଛାଡିବାକୁ ନେଇ ହେଉଛି ହରତାଳ। ଅନେକ ସମୟରେ ରାଜ୍ୟ ରାଜ୍ୟ ଆଉ ଦେଶ ଦେଶ ମଧ୍ୟରେ ନଦୀକୁ ନେଇ ସମ୍ପର୍କ ତିକ୍ତ ହେଉଛି। ଏ ତିକ୍ତତାର ପରିଣାମ ଏତେ ଅଧିକ ଯେ କୁହାଯାଉଛି ତୃତୀୟ ବିଶ୍ୱଯୁଦ୍ଧ କେବଳ ପାଣି ପାଇଁ ହେବ। ଯେତେ ହରତାଳ, ଧର୍ମଘଟ କିମ୍ବା ନଦୀ ପାଇଁ କଳସୀ ଯାତ୍ରା କଲେ ମଧ୍ୟ ନଦୀକୁ ବଞ୍ଚାଇ ହେଉନାହିଁ। ନଦୀକୁ ଜୀବନ୍ତ ବୋଲି ଦେଖାଯାଉ ନ ଥିବାରୁ ସ୍ଥିତି ଦିନକୁ ଦିନ ଖରାପ ହୋଇ ଚାଲିଛି। ପରିସ୍ଥିତି ଏପରି ହେଲାଣି ଯେ ନଦୀମାତୃକାର ଦେଶ ଭାରତ ଏବେ ପାଣି କିଣି ପିଉଛି।

ନଦୀ ଦିବସ ପରିପ୍ରେକ୍ଷୀରେ ନଦୀଗୁଡ଼ିକ ପ୍ରଦୂଷଣ, ଜଳଧାରଣ କ୍ଷମତା ହ୍ରାସ ଏବଂ ନଦୀ ଶୁଖିଯିବା ପରି ଯେଉଁ ଘଟଣା ଘଟୁଛି, ତାହା ଉପରେ ଗମ୍ଭୀର ହେବାର ଆବଶ୍ୟକତା ରହିଛି। ନଦୀକୁ କେବଳ ଜଳ ପାଇଁ ସମ୍ବଳ ବୋଲି ଭାବିବା କିମ୍ବା ନଦୀକୁ ପ୍ରବହମାନ ଡ୍ରେନ ବୋଲି ଭାବିବାର ଭୁଲ୍ ନ କରି ଏହାକୁ ମା' ପରି ସମ୍ମାନ ଦିଆଯାଉ। ନଦୀକୂଳରେ ରହୁଥିବା ଲୋକଙ୍କୁ ଏହାର ରକ୍ଷଣାବେକ୍ଷଣରେ ସାମିଲ କରାଯାଉ। ନଦୀକୁ ପ୍ରଦୂଷିତ କରୁଥିବା ସଂସ୍ଥା ଏବଂ ଅନୁଷ୍ଠାନଗୁଡ଼ିକୁ କଠୋର ଦଣ୍ଡରେ ଦଣ୍ଡିତ କରାଯାଉ। ଏହା ଆଖ ପାଖରେ ଗଛ ଲଗାଯାଉ। ନଦୀର ସୁରକ୍ଷା ନିଶ୍ଚିତ କରିପାରିଲେ ହିଁ ମାନବ ସଭ୍ୟତାର ବିକାଶ ହୋଇପାରିବ ଅନ୍ୟଥା ଆଜି ମରିଯାଉଥିବା ନଦୀସବୁ ଆସନ୍ତାକାଲି ମାନବ ସଭ୍ୟତା ଧ୍ୱଂସର କାରଣ ହେବ।

ଧବଳଗିରି, ଯାଜପୁର ରୋଡ,
ମୋ- ୭୯୭୮୬୭୧୭୭୬

## ଏଇ ଭାରତରେ

ଗୁଜରାଟର ପାଲନପୁର ତହସିଲ ଅନ୍ତର୍ଗତ ବାଘଣା ଗାଁର ଲୋକଙ୍କ ସହ ଯୋଡିହୋଇ ରହିଛି ଏକ ଅଜବ ପରମ୍ପରା। ଆଷାଢ଼ ଚତୁର୍ଦ୍ଦଶୀରୁ ଦଶହରା ଯାଏ ଓଟଗାଡି, ବଳଦଗାଡି, ରଥ, ଦୁଇଚକିଆ ଓ ଚାରିଚକିଆ ଯାନ ଏହି ଗାଁ ଭିତରକୁ ଯିବା ମନା। ଅନ୍ୟ ଗାଁର ଲୋକମାନେ ଆସିଲେ ଗାଁ ବାହାରେ ଗାଡି ରଖିଥାନ୍ତି। ଗୁରୁ ମହାରାଜାଙ୍କ ଆଦେଶକ୍ରମେ ରୋଗରୁ ମୁକ୍ତି ପାଇବା ସକାଶେ ଏଭଳି ପରମ୍ପରା ଆରମ୍ଭ କରାଯାଇଥିଲା। ଏହି ଗାଁରେ ଗୁରୁ ମହାରାଜାଙ୍କର ଏକ ପୁରୁଣା ମନ୍ଦିର ରହିଛି। ତାଙ୍କ ଆଶୀର୍ବାଦରୁ ଗାଁରେ କୌଣସି ବଡ଼ ରୋଗର ପ୍ରକୋପ ଦେଖାଯାଏ ନାହିଁ ବୋଲି ଲୋକେ ବିଶ୍ୱାସ କରନ୍ତି। ୩୫୦ ବର୍ଷ ତଳର ଏହି ପରମ୍ପରା ଆଜି ବି ଶ୍ରଦ୍ଧା ଓ ବିଶ୍ୱାସର ସହ ପାଳନ କରାଯାଉଛି। ବହୁବର୍ଷ ପୂର୍ବେ ଗାଁରେ ମହାମାରୀ ବ୍ୟାପିବା ଦ୍ୱାରା ଅନେକ ଲୋକଙ୍କ ମୃତ୍ୟୁ ହେଉଥିଲା ଓ ଏହା ବି ପ୍ରତିବର୍ଷ ଲାଗି ରହୁଥିଲା। ଏଥିରୁ ରକ୍ଷା ପାଇବା ପାଇଁ ଗୁରୁ ମହାରାଜା ଆଷାଢ଼ ଚତୁର୍ଦ୍ଦଶୀଠାରୁ ଦଶହରା ଯାଏ କୌଣସି ଗାଡି ଗାଁ ଭିତରେ ପ୍ରବେଶ କରିବାକୁ ମନା କରିଥିଲେ। ଏହା ପାଳନ କରିବା ପରେ ରୋଗର ପ୍ରକୋପ ଆଉ ଦେଖିବାକୁ ମିଳି ନ ଥିଲା।

## ଚିରନ୍ତନୀ

ଚିନ୍ତାହୀନ ଶୋକଶୂନ୍ୟ ସୁଖ ସୌଭାଗ୍ୟର କୋଳାହଳ,
କାହିଁ ଲୁଚେ ଅନ୍ଧକାରେ କାହିଁ ହୁଏ ଆଲୋକେ ଉଜ୍ଜ୍ୱଳ!
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ମା' କନ୍ଧୁଣୀ ଦେବୀଙ୍କ କଣ୍ଟାପିଢ଼ା ଯାତ୍ରା

ଗଞ୍ଜାମ ଜିଲାର ବ୍ରହ୍ମପୁର ସହରଠାରୁ ଉତ୍ତରପଶ୍ଚିମ କୋଣରେ ୭୫ କିମି ଯିବାପରେ ପଡ଼େ ନଦୀ, ପାହାଡ଼ ଘେରା ସୋରଡ଼ା ସହର। ଏହା ଦକ୍ଷିଣ ଓଡ଼ିଶାର ପ୍ରାଚୀନ ଖିଡ଼ିସିଙ୍ଗି ଚାରିଗଡ଼ ମଧ୍ୟରୁ ସର୍ବପୁରାତନ। ସହରକୁ ଲାଗି ଉତ୍ତର ଦିଗରେ ଋଷିକୁଲ୍ୟା ନଦୀ ଏବଂ ପୂର୍ବ ଦିଗରେ ଜରଉ ନଦୀ ବହିଯାଉଛି। ଦକ୍ଷିଣପଶ୍ଚିମ ଦିଗରେ ସୋରଡ଼ା ଜଳଭଣ୍ଡାର ବ୍ରିଟିଶ୍ ଶାସନ ସମୟରେ ନିର୍ମାଣ ହୋଇଛି। ଏଠାକାର ସର୍ବପ୍ରାଚୀନ ମନ୍ଦିର ମଧ୍ୟରୁ ଶ୍ରୀଜଗନ୍ନାଥ ମନ୍ଦିର ଅନ୍ୟତମ। ସହରର ମଧ୍ୟଭାଗରେ ବିରାଜମାନ କରିଛନ୍ତି ମା' କନ୍ଧୁଣୀ ଦେବୀ ବା ବାରାହୀ। ସେ ଇଷ୍ଟଦେବୀ ରୂପେ ସୋରଡ଼ା ରାଜାଙ୍କ ପାଟଅଗଣାରେ ଥିଲେ। ଏବେ ରାଜାଙ୍କର ଗଡ଼ ନାହିଁ। ତାହା ବହୁ ବର୍ଷ ତଳୁ ଧ୍ୱଂସପାଇଛି। କିନ୍ତୁ ମା' କନ୍ଧୁଣୀ ଦେବୀଙ୍କ ପୂଜା ଓ ରୀତିନୀତି ଜାରିରହିଛି। ବିଶେଷ କରି ମା'ଙ୍କ ପ୍ରସିଦ୍ଧ କଣ୍ଟାପିଢ଼ା ଯାତ୍ରା କେଉଁ ପ୍ରାଚୀନ ସମୟରୁ ହୋଇ ଆସୁଛି। ଭାଦ୍ରବ ଶୁକ୍ଳ ଦ୍ୱାଦଶୀରୁ ଆରମ୍ଭ ହୁଏ ୧୨ ଦିନିଆ ଯାତ୍ରା (ତିଥି ଅନୁଯାୟୀ ବେଳେ ବେଳେ ୧୩ ଦିନ। ଚଳିତବର୍ଷର ଯାତ୍ରା ୧୩ ଦିନିଆ)। ଆରମ୍ଭ ଦିନ ରାତ୍ରି ସମୟରେ ଋଷିକୁଲ୍ୟା ଓ ଜରଉ ନଦୀର ସଙ୍ଗମ ସ୍ଥଳରୁ ବାଲି ଆସେ ମା'ଙ୍କ ପୀଠକୁ। ଅର୍ଦ୍ଧରାତ୍ର ସମୟରେ ମୁଗ, ବିରି ଆଦି ପଞ୍ଚ ବ୍ରୀହିକୁ ଏକ ମାଟି ହାଣ୍ଡିରେ ଭଜାଯାଏ। ଏହାପରେ ସଙ୍ଗମ ସ୍ଥଳରୁ ଆସିଥିବା ବାଲିରେ ଉକ୍ତ ଭଜା ପଞ୍ଚବ୍ରୀହିକୁ ବୁଣାଯାଏ, ଯାହା ମା'ଙ୍କ ମହିମାରୁ ୧୦ ଦିନରେ ଗଜା ହୋଇଯାଏ। ପୂର୍ବରେ ଛାଗ ବଳି ପଡୁଥିଲା, ପରେ ତାହା ବନ୍ଦ ହୋଇ ହାଣ୍ଡିଭୋଗ ଚାଲିଛି। ମୂଳାଷ୍ଟମୀ ହେଉଛି ଯାତ୍ରାର ଶେଷ ଦିନ। ଏହିଦିନ ସନ୍ଧ୍ୟା ସମୟରେ ମା' (ଜଣେ ମହିଳା ବା ପୁରୁଷ ଯାହାଙ୍କ ଭିତରେ ମା' ସବାର ହୋଇଥିବା ବିଶ୍ୱାସ କରାଯାଏ) ଟଭାଗଛର କଣ୍ଟାରେ ପ୍ରସ୍ତୁତ ପିଢାରେ ବସି ବେଲକାଠର ଖୁଣ୍ଟିରେ ନିର୍ମିତ ଦୋଳିରେ ଝୁଲିଥାନ୍ତି। କଣ୍ଟା ଦୋଳିରେ ଝୁଲିବା ପରେ ମା'ଙ୍କୁ ଗଜା ହୋଇଥିବା ପଞ୍ଚବ୍ରୀହି ସମର୍ପଣ କରାଯାଏ।

-ଶିଶିର କୁମାର ଦାଶ, ରଥପଦା, ସୋରଡ଼ା

## ପାଠକ ଶ୍ରେଷ୍ଠ ବିଚାରକ

### ଗାନ୍ଧୀପ୍ରେମୀ ଆମ ମୁଖ୍ୟମନ୍ତ୍ରୀ

ମହାଶୟ,

ପୂର୍ବରୁ ସ୍ୱଚ୍ଛତାର ମନ୍ତ୍ର ଫୁଙ୍କୁଥିବା ପ୍ରଧାନମନ୍ତ୍ରୀ ମୋଦି ଚଳିତବର୍ଷ ଅକ୍ଟୋବର ୨ରୁ ଦେଶରେ ଗୋଟିଏଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗାନ୍ଧୀଙ୍କ ଅହିଂସା ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ରଖିବା ପାଇଁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଦୁଃଖର କଥା ନିଶାମୁକ୍ତ ଭାରତ ଗାନ୍ଧିଜୀଙ୍କର ସ୍ୱପ୍ନ ଥିଲାବେଳେ, ଆମ ରାଜ୍ୟରେ ମଦ ବେପାରକୁ ଉତ୍ସାହିତ କରାଯାଉଛି। ଓଡ଼ିଶା ଭଳି ଗରିବ ରାଜ୍ୟରେ ଅନେକ ଲୋକ ନିଶା ଖାଇ ଯେଉଁଭଳି ଭାବରେ ନିଜ ପରିବାରକୁ ଧ୍ୱସ୍ତବିଧ୍ୱସ୍ତ କରୁଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ନିଶା ରାକ୍ଷସର ବିନାଶ ପାଇଁ ଚିନ୍ତା କରିବା ଦରକାର। ବିହାର ଓ ଗୁଜରାଟ ପରି ଓଡ଼ିଶାକୁ ମଦମୁକ୍ତ କରିବାକୁ ଆମ ମୁଖ୍ୟମନ୍ତ୍ରୀ ଯଦି ନିଷ୍ପତ୍ତି ନିଅନ୍ତି, ତେବେ ଚିରଦିନ ପାଇଁ ତାଙ୍କ ନାଁ ଇତିହାସରେ ଲିପିବଦ୍ଧ ହୋଇରହିବ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଗାଡ଼ି କାଗଜପତ୍ର ଠିକ୍ କରିନିଅନ୍ତୁ

ନୂଆ ଯାନବାହନ ନିୟମକୁ ହଠାତ୍ କଡ଼ାକଡ଼ି ପାଳନ କରିବାରୁ ନାନା ଅସୁବିଧା ସୃଷ୍ଟି ହେଲା। ପୋଲିସ ଓ ଲୋକଙ୍କ ମଧ୍ୟରେ ରାଜମହଲ ଛକରେ ଧସ୍ତାଧସ୍ତି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କଲା। ମୁଖ୍ୟମନ୍ତ୍ରୀ ତିନିମାସ କୋହଳ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ଏହି ତିନିମାସ ମଧ୍ୟରେ ଲୋକେ ନିଜ କାଗଜପତ୍ର ଠିକ୍ କରିନେବା ଉଚିତ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ତାମିଲନାଡ଼ୁରୁ ଫେରିଥିବା ଯୁବକଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨୦।୯: ତାମିଲନାଡ଼ୁରୁ ଘରକୁ ଫେରିଥିବା ଜଣେ ଯୁବକଙ୍କ ଏମ୍‌କେସିଜି ମେଡିକାଲରେ ଶୁକ୍ରବାର ମୃତ୍ୟୁ ଘଟିଛି । ମୃତକ କନ୍ଧମାଳ ଜିଲା ରାଇକିଆ ଥାନା ଅନ୍ତର୍ଗତ ଷଣ୍ଡକୁପା ଗ୍ରାମର ମନ୍ଦିର ପ୍ରଧାନଙ୍କ ପୁତ୍ର ବିକୁନ୍ଦ ବୋଲି ମେଡିକାଲ ଫାଣ୍ଡି ଅଧିକାରୀ ଜନ୍ମେଜୟ ମଲିକ କହିଛନ୍ତି। ପୋଲିସ ମୃତଦେହ ଜବତ କରି ନଂ. ୪୯୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ କିଛିଦିନ ଧରି ସେ ଗୁରୁତର ଅସୁସ୍ଥ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରିଛି ।

ପ୍ରକାଶ ଯେ, ଗତ ଏକ ବର୍ଷ ତଳେ ବିକୁନ୍ଦ ଗାଁର କେତେକ ଯୁବକଙ୍କ ସହ ଦାଦନ ଖଟିବା ପାଇଁ ତାମିଲନାଡ଼ୁ ଯାଇଥିଲେ। ସେଠାରେ ସେ ଏକ ପ୍ଲାଏଉଡ୍ କମ୍ପାନୀରେ କାମ କରୁଥିଲେ। ଗତ କିଛିଦିନ ତଳେ ସେ ଟାଇଫଏଡ୍ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପରେ ଭଲ ନ ହେବାରୁ କମ୍ପାନୀ ମାଲିକ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରି ଟ୍ରେନ ଯୋଗେ ବ୍ରହ୍ମପୁର ପଠାଇଥିଲେ। ସେହିପରି ବିକୁନ୍ଦ ମଧ ତାଙ୍କ ମା' ଜ୍ଞାନବତୀଙ୍କୁ ବ୍ରହ୍ମପୁର ଆସି ଷ୍ଟେଶନରୁ ତାଙ୍କୁ ନେବାକୁ ଫୋନରେ କହିଥିଲେ। ଜ୍ଞାନବତୀ ତାଙ୍କ ଅନ୍ୟଜଣେ ପୁଅ ଅରୁଣ, ଷଣ୍ଡକୁପା ସରପଞ୍ଚ ବିଶିକେଶନ ପ୍ରଧାନ ଏକ ଗାଡ଼ି ନେଇ ବ୍ରହ୍ମପୁର ରେଳଷ୍ଟେଶନକୁ ଆସିଥିଲେ। ସେଠାରେ ଗୁରୁବାର ସକାଳୁ ମୁମୂର୍ଷୁ ଅବସ୍ଥାରେ ସେ ପଡ଼ି ରହିଥିଲେ। ପରିବାର ଲୋକେ ଶୁକ୍ରବାର ସକାଳେ ଷ୍ଟେଶନରେ ପହଞ୍ଚି ବିକୁନ୍ଦଙ୍କୁ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ହେଲେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

### ୪୦ଛାତ୍ରୀଛାତ୍ରଙ୍କୁ ସହାୟତା ବଣ୍ଟନ

ବ୍ରହ୍ମପୁର ଅଫିସ୍,୨୦।୯-ମହାତ୍ମା ହେଲପିଂ ହ୍ୟାଣ୍ଡସ ପକ୍ଷରୁ ଶୁକ୍ରବାର ଆମ୍ବପୁଆସ୍ଥିତ ରାମକୃଷ୍ଣ ମିଶନ୍‌ରେ ୪୦ ଛାତ୍ରୀଛାତ୍ରଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି । ସଂଗଠନର ଦୁଇଜଣ ସକ୍ରିୟ ସଦସ୍ୟ ଏମ୍.ଭେଙ୍କେଟରାମଣା ଏବଂ ସୁଜାତା ମୁଖାର୍ଜୀଙ୍କ ଜନ୍ମଦିନ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିଥି ଭାବେ ସୁଧୀର କୁମାର ରାଉତ, ଅବନୀ ଗୟା, ଆର. ସୁରବାଇ, ଏମ୍.ଜଗନ୍ନାଥ ରାଓ ଆଚାରୀ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ଡି.ବୀର ବ୍ରହ୍ମଣ, ଏ.ସୁରେଶ, ବି.ରାମ ବାବୁ, ବି.ରାଜୁ, ବନମାଳୀ ପ୍ରଧାନ, ଶିବରାମ ପାଣିଗ୍ରାହୀ, ସାଗର ପାତ୍ର, ଏମ୍.ଦିଲାପ, ଗୋପୀ, ଆଦର୍ଶ, ଭୂମନ, ଏମ୍.କଲ୍ୟାଣୀ ଏବଂ କୀର୍ତ୍ତି ମୁଖର୍ଜୀ ପ୍ରମୁଖ ଭାଗ ନେଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଯୁନିମାସ୍ ଡେଭଲପର୍ସ ଲିମିଟେଡ୍

# ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ

ବ୍ରହ୍ମପୁର ଅଫିସ,୨୦।୯

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଥରପୁଞ୍ଜି ଗ୍ରାମ ଲୋକଙ୍କଠାରୁ କଲିକତାର ୟୁନିମାସ୍ ଡେଭଲପର୍ସ ଲିମିଟେଡ୍ ନାମକ ଏକ ଚିଟ୍‌ଫଣ୍ଡ କମ୍ପାନୀ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛି। ଜମାକରୀମାନେ ଥାନା, ସମ୍ପୃକ୍ତ ସଂସ୍ଥାର ବିଭିନ୍ନ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହୋଇଗଲେଣି। ଟଙ୍କା ମିଳୁନି କିମ୍ବା ତାଙ୍କ ଗୁହାରି କେହି ଶୁଣୁନାହାନ୍ତି। ଜମାକାରୀମାନେ ଅଭିଯୋଗ କରିଛନ୍ତି, କଲିକତାର ୟୁନିମାସ୍ ଡେଭଲପର୍ସ ଲିମିଟେଡ୍ ନାମକ ଏକ କମ୍ପାନୀ ସାନଖେମୁଣ୍ଡି ଅଞ୍ଚଳରେ ୨୦୧୩ରେ ଅଫିସ ଖୋଲି ଥିଲା। ଏଠାରେ ନିଯୁକ୍ତ ଏଜେଣ୍ଟ ଲୋକଙ୍କ ବିଶ୍ୱାସ ଜନ୍ମାଇ ଟଙ୍କା ଦୁଇଗୁଣ ହେବା ଏବଂ ପ୍ଲଟ ଲୋଭ ଦେଖାଇ ଟଙ୍କା ଜମା କରିବାକୁ କହିଥିଲେ। କିନ୍ତୁ କିଛିଦିନ ପରେ କମ୍ପାନୀ କର୍ତ୍ତୃପକ୍ଷ ତାଲା ପକାଇ ଫେରାର ହୋଇଯାଇଛନ୍ତି। ଯେଉଁ ଏଜେଣ୍ଟ ଆଦାୟ କାର୍ଯ୍ୟରେ ଥିଲେ ତାଙ୍କୁ ଟଙ୍କା ମାଗିଲେ କିମ୍ବା କମ୍ପାନୀ ସମ୍ପର୍କରେ ପଚାରିଲେ ମିଳୁଛି ଧମକ। ଯାହା ଫଳରେ ଚିଟଫଣ୍ଡ ସଂସ୍ଥାରେ ପଥରପୁଞ୍ଜି ଓ ଆଖପାଖ ଗ୍ରାମବାସୀଙ୍କ କଷ୍ଟ ଉପାର୍ଜିତ ଅର୍ଥ ନେଇ କମ୍ପାନୀ କର୍ତ୍ତୃପକ୍ଷ ଫେରାର ହୋଇଯାଇଛନ୍ତି । ସବୁଆଡେ ନିରାଶ ହେବା ପରେ ନ୍ୟାୟ ଆଶାରେ କିଛିବର୍ଷ ତଳେ ତତ୍କାଳୀନ ବ୍ରହ୍ମପୁର ଏସ୍‌ପି ଆଶିଷ ସିଂଙ୍କ ନିକଟରେ ଅଭିଯୋଗ କରିଥିଲେ । ସେ ଜମାକାରୀଙ୍କୁ ଆଶ୍ୱସନା ଦେଇଥିଲେ। ଜମାକାରୀମାନେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି, ବ୍ରହ୍ମପୁର ଗାନ୍ଧୀନଗରର ଜଣେ ହେଉଛନ୍ତି ସମ୍ପୃକ୍ତ କମ୍ପାନୀର ଏଜେଣ୍ଟ। ଆମକୁ ଲୋଭ ଦେଖାଇ ପଥରପୁଞ୍ଜି ଗ୍ରାମବାସୀଙ୍କ ବିଶ୍ୱାସ ଜନ୍ମାଇଥିଲେ। ଲୋକଙ୍କୁ କଲିକତାର ଏହି ସଂସ୍ଥା ସମ୍ପର୍କିତ ତଥ୍ୟ ଦେଇ ବିଭିନ୍ନ ସ୍କିମ ମାଧ୍ୟମରେ ଅଧିକ ଟଙ୍କା ମିଳିବ ବୋଲି ପ୍ରବର୍ତ୍ତାଇ ଥିଲେ। କମ୍ପାନୀରେ ଟଙ୍କା ଜମା ରଖିଲେ ଅଧିକ ସୁଧ କମ ସମୟରେ ମିଳିବ ବୋଲି ମଧ ସେ କହିଥିଲେ। ଏହାପରେ ଗୋଟିଏ ପରେ ଗୋଟିଏ ପରିବାର ଲୋକଙ୍କୁ ବୁଝାଶୁଝା କରି ଟଙ୍କା ଆଦାୟ କରିଥିଲେ। କମ୍ପାନୀ ସମ୍ପର୍କରେ ଜାଣିବା ପୂର୍ବରୁ ଜମାକାରୀ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସଂସ୍ଥାରେ ଜମା କରି ସାରିଥିଲେ। ହେଲେ ପରବର୍ତ୍ତୀ ସମୟରେ ହଠାତ୍ କମ୍ପାନୀର ଗାନ୍ଧୀନଗର ସାଇ କମ୍ପ୍ଲେକ୍ସ ନିକଟରେ ଥିବା ଅଫିସ ବନ୍ଦ ହୋଇଯାଇଥିଲା। ଜମାକାରୀମାନେ ବ୍ରହ୍ମପୁର ଆସି ଏଜେଣ୍ଟଙ୍କୁ ସେମାନଙ୍କ ଜମା ଟଙ୍କା ଫେରସ୍ତ କରିବା ପାଇଁ କହିଥିଲେ। ଶେଷରେ ସେ କେତେକ ଜମାକାରୀଙ୍କୁ ନେଇ କଲିକତା ଯାଇଥିଲେ । ସେଠାରେ ଜଣେ ଅଣ ଓଡ଼ିଆଙ୍କୁ କମ୍ପାନୀ ମାଲିକ କହି ଜମାକାରୀଙ୍କୁ ଚିହ୍ନାଇଥିଲେ । ହେଲେ ନିରୀହ ଜମାକାରୀମାନେ ମିଥ୍ୟା ପ୍ରତିଶ୍ରୁତି ପାଇ କଲିକତାରୁ ଫେରି ଆସିଥିଲେ। ଶେଷରେ ଜମାକାରୀଙ୍କୁ ନା ମିଳିଲା ଟଙ୍କା ନା ମିଳିଲା ପ୍ଲଟ । କ୍ଷତିଗ୍ରସ୍ତ ଜମାକାରୀ ପୁଣିଥରେ ବ୍ରହ୍ମପୁର ଆସି ଏଜେଣ୍ଟଙ୍କ ଘର ସମ୍ମୁଖରେ ମେଳି ହୋଇଥିଲେ। ସେତେବେଳେ ସେ କହିଥିଲେ, ଅପେକ୍ଷା କର ନଚେତ୍ କଲିକତା ଗୁଣ୍ଡା ଲଗାଇ ଠିକଣା ଜବାବ ଦିଆଯିବ। ଏପରି ଧମକ ଶୁଣି ଭୟଭୀତ କ୍ଷତିଗ୍ରସ୍ତ ଜମାକାରୀମାନେ ଆଇନଜୀବୀ ପ୍ରଦୀପ କୁମାର ବେହେରାଙ୍କ ସହ ଯୋଗାଯୋଗ କରିଥିଲେ। ଆଇନଜୀବୀ ବେହେରାଙ୍କ ସହଯୋଗରେ ବ୍ରହ୍ମପୁରରେ ଏକତ୍ରିତ ହୋଇ ତତ୍କାଳୀନ ଏସପି ସିଂଙ୍କୁ ଭେଟିଥିଲେ। ଏସପି ଜମାକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ, କମ୍ପାନୀ ମାଲିକ ସହ ଏଜେଣ୍ଟଙ୍କୁ ଗିରଫ କରାଯିବ। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ପୋଲିସ ସମ୍ପୃକ୍ତ ସଂସ୍ଥାର ମାଲିକଙ୍କୁ ଗିରଫ କରିପାରିନାହିଁ । ଅନ୍ୟପଟେ ନିରୀହ ଜମାକାରୀମାନ ମଧ ତାଙ୍କ ଟଙ୍କା ଫେରସ୍ତ ପାଇପାରିନାହାନ୍ତି ବୋଲି ଆଇନଜୀବୀ ବେହେରା କହିଛନ୍ତି।

**ଗୁଣ୍ଡା ଭୟ ଦେଖାଉଛନ୍ତି ଏଜେଣ୍ଟ**

# କୁକୁଡ଼ାଖଣ୍ଡିରେ ମାପ, ଓଜନ ବିଭାଗର ଚଢ଼ାଉ



ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ାଉ ଚାଲିଛି ।

ବ୍ରହ୍ମପୁର ଅଫିସ୍,୨୦।୯

ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବଙ୍କ ନିର୍ଦ୍ଦେଶକ୍ରମେ ମାପ ଓ ଓଜନ ବିଭାଗ ଏବଂ ଉପଖଣ୍ଡସ୍ତରୀୟ ପ୍ରଶାସନ ପକ୍ଷରୁ ଶୁକ୍ରବାର କୁକୁଡ଼ାଖଣ୍ଡି ତହସିଲ୍ ଅନ୍ତର୍ଗତ ବିଭିନ୍ନ ଜାଗାରେ ଚଢ଼ାଉ କରାଯାଇଛି। ବିଭିନ୍ନ ପ୍ରସ୍ତୁତକର୍ତ୍ତା ଡାଲି ମିଲ୍ ଏବଂ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନରେ ବ୍ୟବହାର ହେଉଥିବା ଓଜନ ଯନ୍ତ୍ର ଏବଂ ସେମାନଙ୍କ ପାଖରେ ଥିବା ପ୍ୟାକେଟ୍‌ଗୁଡ଼ିକ ଯାଞ୍ଚ କରାଯାଇଥିଲା । ୩ ଜଣଙ୍କ ବିରୋଧରେ ମାପ ଓ ଓଜନ ନିୟମ ଖିଲାପ କରିଥିବା ଯୋଗୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୩୭ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସୁକୁଣ୍ଡାରେ ଥିବା ଗୋଟିଏ ମସଲା ପ୍ରସ୍ତୁତକାରୀ ରାଧାକୃଷ୍ଣ ଫୁଡ ପ୍ରଡକ୍ଟର ପ୍ୟାକେଟ୍ ଯାଞ୍ଚ ବେଳେ ସେଥିରେ ଠିକଣା, ଟେଲିଫୋନ୍ ନମ୍ବର ଏବଂ ଇମେଲ୍ ଲେଖାଯାଇ ନ ଥିଲା । ଓଜନ ଯନ୍ତ୍ର ମଧ୍ୟ ନବୀକରଣ ହୋଇ ନ ଥିଲା। ଏଣୁ ବିଭାଗ ପକ୍ଷରୁ ପ୍ୟାକେଟ୍ ଏବଂ ଓଜନ ଯନ୍ତ୍ର ଜବତ କରାଯାଇଥିଲା। ଅତିରିକ୍ତ ତହସିଲଦାର୍ କଳାକୃଷ୍ଣ ପ୍ରଧାନ, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାଶ ଏବଂ ଭାରପ୍ରାପ୍ତ ନିରୀକ୍ଷକ ସାଗରିକା ସାବତ ଓ ମୋହନ ରାଓ ପ୍ରମୁଖ ଚଢ଼ାଉରେ ଭାଗ ନେଇଥିଲେ ।

# ଗଞ୍ଜାମ ଜିଲା ଥ୍ରୋବଲ୍ ଦଳ ଘୋଷିତ



ଜିଲା ବାଳିକା ଦଳ ।

ବ୍ରହ୍ମପୁର ଅଫିସ,୨୦।୯

ପ୍ରଥମ ଥର ପାଇଁ ଗଞ୍ଜାମ ଜିଲା ଜୁନିୟର୍ ଥ୍ରୋବଲ୍ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଛି। ଜଟଣୀରେ ଏହି ପ୍ରତିଯୋଗିତା ଶନିବାର ଏବଂ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହେଉଛି । ଜଟଣୀ ଥ୍ରୋବଲ୍ ସଂଘ ଏବଂ ଓଡ଼ିଶା ରାଜ୍ୟ ଥ୍ରୋବଲ୍ ସଂଘ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହେଉଛି । ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଜିଲାର ଉଭୟ ବାଳିକା ଏବଂ ବାଳକ ଦଳ ଘୋଷଣା କରାଯାଇଛି। ବାଳକ ଦଳରେ ଶୁଭମ୍ ଜେନା, ସ୍ୱରୂପ ଶୁଭମ୍ ନାୟକ, ସୌଭାଗ୍ୟ ସାହୁ, ବ୍ଲେଶନ୍ ରଇତ, ରୁଦାକ୍ଷ ଦାସ, ସ୍ୱସ୍ତିକ ଚନ୍ଦନ ସେଠୀ, ତ୍ରିପତି ବିଷୋୟୀ, ସୁମିତ ସିଂ, ସୁଦର୍ଶନ ସାହୁ, ଡି.ଶିବ, ବି.ଶେଷ ଏବଂ ପ୍ରବୀଣ ଭୋଳ ପ୍ରମୁଖ ସ୍ଥାନ ପାଇଛନ୍ତି। ସେହିଭଳି ବାଳିକା ଦଳରେ ଦୀପ୍ତିମୟୀ ନାୟକ, ମହିମା ସିଂ, ପି. ନାୟକ, ଦୀପ୍‌ସିଖା ମିଶ୍ର, ଶ୍ରୀୟା ସିଂ, ଜ୍ୟୋତି ପାତ୍ର, ଶୁଭସ୍ମିତା ବେହେରା, ଏସ୍. ମିଶ୍ର, ସଂଘମିତ୍ରା ସାହୁ, ମୋନାଲିସା ବିଶ୍ୱାଶ, ଏମ୍.ସନ୍ଧିଆ ଏବଂ ଜାଗୃତି ବର୍ମା ପ୍ରମୁଖ ରହିଛନ୍ତି । ଗତ କିଛି ଦିନ ହେଲା ଖେଳାଳିମାନେ ଏମ୍‌ଏଭି ସ୍କୁଲରେ ଅଭ୍ୟାସ କରୁଥିଲେ । ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, କ୍ରୀଡ଼ା ଶିକ୍ଷକ ଏ.ତେଜେସ୍ୱୀ, କ୍ରୀଡ଼ା ଶିକ୍ଷକ ବିକାଶ କୁମାର ପାଣିଗ୍ରାହୀ, ଗଣେଶ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଦଳ ସହ କ୍ରୀଡ଼ା ଶିକ୍ଷକ ଏ.ତେଜେସ୍ୱୀ କୋଚ୍ ଭାବେ ଏବଂ ସନ୍ଦୀପ କୁମାର ପାତ୍ର ମ୍ୟାନେଜର୍ ଭାବେ ଶନିବାର ଜଟଣୀ ଯାତ୍ରା କରିବେ ।

### ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ପ୍ରଶିକ୍ଷଣ ଶିବିର

ଦିଗପହଣ୍ଡି,୨୦।୯(ଡି.ଏନ.ଏ.)

ଦିଗପହଣ୍ଡି ରାଜମାତା ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସର୍ବଶିକ୍ଷା ଅଭିଯାନ ଗଞ୍ଜାମ ଛତ୍ରପୁର ଆନୁକୂଲ୍ୟରେ ଆୟୋଜିତ ଶିବିରରେ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝିଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଦିଗପହଣ୍ଡି ବ୍ଲକ ଆଙ୍କୋରଡା, ଦିଗପହଣ୍ଡି ଏନ୍‌ଏସି, ଗୋକର୍ଣ୍ଣପୁର, ସିଦ୍ଧେଶ୍ୱର ଆଦି ୪ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୪୪ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ, ଶିକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟର ପରିଚାଳନା ଓ ତଦାରଖ କିପରି କରିପାରିବେ ତାହା ଶାଳା ଶିଦ୍ଧି ଅନ୍‌ଲାଇନ ମାଧ୍ୟମରେ ସ୍ୱମୂଲ୍ୟାୟନ କରିପାରିବେ। ସେ ବିଷୟରେ ଉକ୍ତ ଶିବିରରେ ବିସ୍ତୃତ ଆଲୋଚନା କରାଯିବା ସହ ତାଲିମ ପ୍ରଦାନ କରାଯାଇଥିଲା। ଶେଷରେ ଏନ୍‌ଏସି ଗୋଷ୍ଠୀ ସାଧନ କର୍ମୀ ଉପେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡ଼େଇ, ବିଶ୍ରବା ପାଇକ, ଏସ୍.ଟିକରପଡ଼ା ଗୋଷ୍ଠୀ ସାଧନ କର୍ମୀ ନୃସିଂହ ପ୍ରସାଦ ପାଠୀ, ବାବୁଲାଲ ନାୟକ, ଡି.ସନ୍ତୋଷ ଦୋରାଙ୍କ ସମେତ ସମସ୍ତ କ୍ଲଷ୍ଟରର ଗୋଷ୍ଠୀ ସାଧନ କର୍ମୀ ବୃନ୍ଦ ଉପସ୍ଥିତ ଥିଲେ।

# ବିଏଡ୍ ବିଭାଗର ସ୍ୱାଗତ ଉତ୍ସବ

ବ୍ରହ୍ମପୁର ଅଫିସ୍,୨୦।୯

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ବିଭାଗର ସ୍ୱାଗତ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର ଉତ୍ତମା ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଜଣେ ସଫଳ ଶିକ୍ଷକ ହେବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ତୁମେମାନେ କୌଣସି ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରିବ। ଏଦେଶର ଭବିଷ୍ୟତ ଗଢ଼ିବାର ଦାୟିତ୍ୱ ତୁମମାନଙ୍କ ଉପରେ ରହିଛି । ଏଣୁ ଏଥି ପ୍ରତି ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ । ବିଏଡ୍ ପ୍ରୋଗ୍ରାମର ନୋଡାଲ ଅଫିସର ଡ. ଯତୀନ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ନୋଡାଲ ଅଫିସର ମହେନ୍ଦ୍ର ବେହେରା, ଅଧାପକ ଡ. ଏସ୍‌ଏନ୍ ସେନାପତି, ରଶ୍ମିତା ପଣ୍ଡା, ଭି. ଜୟଶ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କଲେଜରେ ଖୋଲିଥିବା ବିଏଡ୍ ପାଠ୍ୟକ୍ରମ ପାଇଁ ୫୦ ସିଟ୍ ଥିବା ବେଳେ ପ୍ରତିବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରୁ ପାଖାପାଖି ୧୭୦୦ ଆବେଦନପତ୍ର ଆସିଥାଏ ବୋଲି ଡ. ବିଷୋୟୀ କହିଥିଲେ । ଦ୍ୱିତୀୟବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ନବାଗତଙ୍କୁ ସ୍ୱାଗତ କରାଯାଇଥିଲା । ନବାଗତ ଛାତ୍ରୀଛାତ୍ରୀ ନିଜର ପରିଚୟ ଦେବା ସହ ରୁଚି ଓ ଅଭ୍ୟାସ ବିଷୟରେ କହିଥିଲେ ।



ଉପସ୍ଥିତ ନବାଗତ ଛାତ୍ରୀଛାତ୍ରମାନେ ।

# ୮ ଜୁଆଡ଼ି ଗିରଫ, ଟଙ୍କା, ବାଇକ୍ ଜବତ

ବ୍ରହ୍ମପୁର ଅଫିସ,୨୦।୯

କୋ-ଅପରେଟିଭ କଲୋନୀର ଏକ ଘର ଭିତରେ ଚାଲିଥିବା ଜୁଆ ଆଡ୍ଡାରେ ବୈଦ୍ୟନାଥପୁର ପୋଲିସ ଚଢାଉ କରି ୮ ଜୁଆଡ଼ିଙ୍କୁ ଗୁରୁବାର ରାତି ପ୍ରାୟ ୧୦ଟାରେ ଗିରଫ କରିଛି। ସେମାନେ ହେଲେ କିଶୋର ଚନ୍ଦ୍ର ପଣ୍ଡା, ସୁନୀଲ ରେଡ୍ଡୀ, ରାକେଶ କୁମାର ସାହୁ, ଲିଟୁ ରାଉଳ, ଅମିତ ରାଉଳ, ଭବାନୀ ସାହୁ, ବୁଦ୍ଧିରାମ ସାହୁ ଓ ଏମ୍.ଆନନ୍ଦ ରାଓ। ପୋଲିସ ଘଟଣାସ୍ଥଳରୁ ୨୨ ହଜାର ୫ ଶହ ଟଙ୍କା, ୪ ବାଇକ୍, ୯ ମୋବାଇଲ ଫୋନ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଥିବା କହିଛି। ମାମଲା ନଂ. ୧୯୮/୧୯ ରେ ଏମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି ।

# ଟ୍ରାଫିକ ନିୟମ ଜାଣିଲେ ଛାତ୍ରୀ

ବ୍ରହ୍ମପୁର ଅଫିସ,୨୦।୯

ମହାମାୟୀ ମହିଳା ମହାବିଦ୍ୟାଳୟରେ ନୂତନ ଟ୍ରାଫିକ ନିୟମ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଏନ୍‌ଏସ୍‌ଏସ୍ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ଏସ୍‌ଆଇ ଜୟଶ୍ରୀ ସାହୁ, ଏସ୍‌ଆଇ ଜ୍ଞାନ ରଞ୍ଜନ ବେହେରା ଯୋଗଦେଇ ମୋଟର ଯାନ ଅଧିନିୟମ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନତ କରିଥିଲେ। ବ୍ରେଥ୍ ଆନାଲାଇଜର୍ ଏବଂ ସ୍ପିଡ଼ୋ ମିଟର୍ ମେଶିନ୍ ସାହାଯ୍ୟରେ କେମିତି ନିଶାସକ୍ତ ଚାଳକଙ୍କୁ ଯାଞ୍ଚ କରାଯାଏ ଏବଂ ଗାଡ଼ିର ବେଗ କିଭଳି ମପାଯାଏ, ସେ ସମ୍ପର୍କରେ ବୁଝାଇଥିଲେ। ଏନ୍‌ଏସ୍‌ଏସ୍ ତରଫରୁ ଗଞ୍ଜାମ ପ୍ରୋଗ୍ରାମ୍ ଅଫିସର୍ ସ୍ୱର୍ଣ୍ଣଲତା ପଟ୍ଟନାୟକ, କଲେଜ ପ୍ରୋଗ୍ରାମ୍ ଅଫିସର୍ ସମିତା ସାହୁ ଓ ସୁନୀତା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରାୟ ୨ଶହରୁ ଅଧିକ ଛାତ୍ରୀ ଏଥିରେ ଭାଗ ନେଇଥିଲେ ।




ବ୍ରେଥ୍ ଆନାଲାଇଜର୍ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରାଯାଉଛି ।

# 'ସରକାରୀ ଶୋଷଣର ଶିକାର ହେଉଛନ୍ତି ଶ୍ରମିକ'

ବ୍ରହ୍ମପୁର ଅଫିସ,୨୦।୯

ନିର୍ମାଣ ଶ୍ରମିକ ଓ ଅସଂଗଠିତ ଶ୍ରମିକ ୟୁନିୟନ ପକ୍ଷରୁ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ଆନ୍ଦୋଳନ ଡାକରା ଦିଆଯାଇଥିଲା। ବିଭିନ୍ନ ଅଞ୍ଚଳର ବହୁ ଶ୍ରମିକ ଏଥିରେ ଭାଗନେଇ ବ୍ରହ୍ମପୁର ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକଙ୍କ ପାଇଁ ସରକାର ବହୁତ ଯୋଜନା ଲାଗୁ କରୁଛନ୍ତି। ହେଲେ ସେଗୁଡ଼ିକ ଠିକ୍ କାର୍ଯ୍ୟକାରୀ ହେଉନି। ଅଧିକାରୀମାନେ ବ୍ୟାପକ ହରିଲୁଟ୍ କରୁଛନ୍ତି। ଅଯଥାରେ ଶ୍ରମିକଙ୍କୁ ବିଭିନ୍ନ ବାହାନାରେ ହଇରାଣ କରୁଛନ୍ତି। ଶ୍ରମିକମାନେ ସରକାରୀ ଶୋଷଣର ଶିକାର ହେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ଗଞ୍ଜାମ କଳା ପରିଷଦରୁ ବାହାରି ବ୍ରହ୍ମପୁର ଜିଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚିବା ପରେ ୧୨ଦଫା ପୂରଣ ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଆଇଟିୟୁସି, ଟିୟୁସିଆଇ, ଏଚ୍‌ଏମ୍‌ଏସ୍, ଆଇଏନଟିୟୁସି, ଆଇଏଫଟିୟୁ, ବିଏମ୍‌ଏସ୍ ଆଦି କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ଏଥିରେ ଭାଗ ନେଇଥିଲେ। କଲ୍ୟାଣ ବୋର୍ଡର ହରିଲୁଟ ଓ ପ୍ରିୟାପ୍ରୀତି ନୀତି ଏବଂ ଜିଲା ଶ୍ରମ ଅଧିକାରୀଙ୍କ ମନମୁଖୀ କାରବାରକୁ ଦୃଢ଼ ନିନ୍ଦା କରାଯାଇଥିଲା। ନିର୍ମାଣ ଶ୍ରମିକଙ୍କୁ ଭାଗ ଭାଗ କରି ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଉଛି। ଏମ୍‌ଜିଏନଆରଇଜିଏସ୍ ଶ୍ରମିକଙ୍କୁ ବ୍ଲକରେ କ୍ୟାମ୍ପ ମୋଡରେ ପଞ୍ଜୀକରଣ କରାଯାଉଥିବା ବେଳେ ବ୍ଲକର ଅନ୍ୟ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣକୁ ଉପେକ୍ଷା କରାଯାଉଛି। କେନ୍ଦ୍ର ସରକାର ଶ୍ରମ ଆଇନରେ ସଂସ୍କାର ଆଣି ୪୪ ଶ୍ରମ ଆଇନକୁ ୪ଟି କୋଡରେ ପରିଣତ କରୁଛନ୍ତି, ଫଳରେ ଅସଂଗଠିତ ଶ୍ରମିକଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଯିବ ବୋଲି ଶ୍ରମିକ ନେତାମାନେ କହିଥିଲେ। ପରେ ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଶ୍ରମ କମିଶନରଙ୍କ ଉଦ୍ଦେଶ୍ୟରେ ଜିଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାପ୍ତି ସ୍ୱୀକାରୋକ୍ତି ପତ୍ର, ପଞ୍ଜୀକରଣ ଓ ସମସ୍ତ ସହାୟତା ପ୍ରଦାନ ସମୟ ଧାର୍ଯ୍ୟ ସ୍ଥିରୀକୃତ କରିବା, ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପିଲାମାନେ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ ଶିକ୍ଷା ସହାୟତା ରାଶି ପାଇବେ ନାହିଁ ବୋଲି ଯେଉଁ ନିର୍ଦ୍ଦେଶନାମା ହୋଇଛି ଏହାର ତୁରନ୍ତ ପ୍ରତ୍ୟାହାର, ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ୧୦ ବର୍ଷ ବାର୍ଷିକ ନବୀକରଣ ଦେୟ ଦାଖଲ କରିଥିଲେ ପେନସନ ଦିଆଯିବ ବୋଲି ଯେଉଁ ନିର୍ଦ୍ଦେଶନାମା ଦିଆଯାଇଛି ପ୍ରତ୍ୟାହାର କରି ପୂର୍ବ ନିର୍ଦ୍ଦେଶ ୫ ବର୍ଷ ନବୀକରଣକୁ କାର୍ଯ୍ୟକାରୀ କରିବା ଓ ସର୍ବନିମ୍ନ ମାସିକ ୩୦୦୦ଟଙ୍କା ପେନସନ ବୃଦ୍ଧି, ବ୍ୟାକଲଗ ଫର୍ମକୁ ତୁରନ୍ତ ସହାୟତା ପ୍ରଦାନ କରି ପଞ୍ଜୀକରଣ ଧାରାରେ ଅପ୍‌ଲୋଡ କରି ସହାୟତା ପ୍ରଦାନ କରିବା ଓ ବାରମ୍ବାର ନୂଆ ନୂଆ ନିୟମ ବାହାର କରି ପୁରୁଣା ଆବେଦନପତ୍ରଗୁଡ଼ିକୁ ଖାରଜ କରି ଶ୍ରମିକଙ୍କୁ ଅଯଥା ହଇରାଣ ଓ ଖର୍ଚ୍ଚାନ୍ତକୁ ବନ୍ଦ କରିବା ଆଦି ୧୨ ଦଫା ରହିଛି। ଏଆଇଟିୟୁସିର ରାଜ୍ୟ ନେତା ସୁର ଜେନା, ପ୍ରବୀଣ ଦାସ, ଆଇଏଫଟିୟୁର ଭାଲଚନ୍ଦ୍ର ଷଡଙ୍ଗୀ ଏବଂ ପ୍ରତାପ ପ୍ରଧାନ, ଟିୟୁସିଆଇର ଶଙ୍କର ସାହୁ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନର ରାମଚନ୍ଦ୍ର ବାଡତ୍ୟା, ଏଚଏମଏସର ରାଜେନ୍ଦ୍ର ଦାସ, ମମତା ନାୟକ, ଶ୍ରୀକାନ୍ତ ପଣ୍ଡା, ସତ୍ୟନାରାୟଣ ତ୍ରିପାଠୀ, ଆଇଏନଟିୟୁସିର ସ୍ମୃତି ପଟ୍ଟନାୟକ, ବିଏମ୍‌ଏସ୍‌ର ରାଜେନ୍ଦ୍ର ନାୟକ, ଚପଳା ନାୟକ ଏବଂ ବାଲାଜୀ ମହାନ୍ତି, କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ନେତା ପ୍ରମୋଦ ରଥ, ହେତୁବାଦୀ ସଂଗଠନର ରାଜା ସୁରେଶ ପ୍ରମୁଖ ପ୍ରତିବାଦ ସଭାରେ ବକ୍ତବ୍ୟ ରଖିଥିଲେ ।




ଶ୍ରମିକଙ୍କ ରାଲି ସହର ପରିକ୍ରମା କରୁଛି ।

**କେନ୍ଦ୍ରୀୟ ଶ୍ରମିକ ସଂଗଠନର ବିକ୍ଷୋଭ**

## ସଂକ୍ଷେପରେ

### ଆବାସ ଗୃହର ଶୁଭ ଦେଲେ ବିଡିଓ



ଚନ୍ଦ୍ରଗିରି,୨୦।୯(ଡି.ଏନ.ଏ.)-ମୋହନା ବ୍ଲକରୁ ୭୦ କି.ମି. ଦୂରରେ ଥିବା ଦୁର୍ଗମାଞ୍ଚଳ ଗରଡମା ପଞ୍ଚାୟତକୁ ମୋହନା ବିଡିଓ ବଂଶୀଧର ଖୋସଲା ଗସ୍ତ କରିଥିଲେ। ଉକ୍ତ ପଞ୍ଚାୟତବାସୀ କିପରି ସରକାରୀ ସହାୟତା ପାଇପାରିବେ ସେ ନେଇ ଲୋକଙ୍କୁ ବୁଝାଇବା ସହ ଚଳିତ ବର୍ଷ ପାଇଥିବା ଆବାସ ଯୋଜନା ହିତାଧିକାରୀଙ୍କ ପାଖରେ ପହଞ୍ଚି ଆବାସଗୃହ ନିର୍ମାଣର ଶୁଭ ଦେଇଥିଲେ। କାର୍ଯ୍ୟକ୍ରମରେ ଗରଡମାର ପ୍ରାୟ ୭ ଘରର ଶୁଭ ଦେଇଥିଲେ। ଗରଡ଼ମାକୁ ସିମେଣ୍ଟ ଓ ଲୁହାରଡ ଆଣିବା ଲୋକଙ୍କ ପାଇଁ କଷ୍ଟକର ହେଉଛି। ତେଣୁ ପିଆରଆଇ ମେମ୍ବର, ସ୍ଥାନୀୟ ଲୋକେ ହିତାଧିକାରୀଙ୍କୁ ସହଯୋଗ କରି ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଅଞ୍ଚଳରୁ ନିର୍ମାଣ ସାମଗ୍ରୀ ଆଣିବାରେ ସହଯୋଗ କରିବାକୁ କହିଥିଲେ ଏବଂ ୪ ମାସ ମଧ୍ୟରେ ଆବାସ ଗୃହ ସମ୍ପୂର୍ଣ୍ଣ କରି ସରକାରଙ୍କ ଦ୍ୱାରା ୨୦ ହଜାର ଟଙ୍କା ଅତିରିକ୍ତ ରାଶି ବୋନସ ଆକାରରେ ପାଆନ୍ତୁ ବୋଲି ବୁଝାଇଥିଲେ। ଏହି ଅବସରରେ ମୋହନା ବ୍ଲକ ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟଙ୍କ ସମେତ ସ୍ଥାନୀୟ ସରପଞ୍ଚ ନରେଶ ମୁଠା ମାଝି, ସମିତିସଭ୍ୟ ଆରତୀ ବସ୍ତରାୟ ଓ ସମସ୍ତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ମୋ ନିବେଦନ: ୩୬୭ ଅଭିଯୋଗ ଶୁଣାଣି

ହିଞ୍ଜିଳିକାଟୁ,୨୦।୯(ଡ଼ି.ଏନ୍.ଏ.) : ହିଞ୍ଜିଳିକାଟୁ ବ୍ଲକ ବେଲଗାଁସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଶୁକ୍ରବାର ମୋ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ,ତହସିଲଦାର ଗୋପୀନାଥ କୁଅଁରଙ୍କ ତତ୍ତ୍ୱାବଧାନରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବେଲଗାଁ ସମେତ ଗଣ୍ଡଳା, ଭାବନ୍ଧ, ସାହାପୁର ଓ ଦୁର୍ବନ୍ଧ ପଞ୍ଚାୟତର ଜନ ସାଧାରଣ ଉପସ୍ଥିତ ରହି ସମସ୍ୟା ଜଣାଇଥିଲେ। ମୋଟ ୩୬୭ ଅଭିଯୋଗର ଶୁଣାଣି ହୋଇଥିଲା। କାର୍ଯ୍ୟକ୍ରମରେ ବେଲଗାଁ ସରପଞ୍ଚ ତ୍ରିନାଥ ପାଣିଗ୍ରାହୀ, ଗଣ୍ଡଳା ସରପଞ୍ଚ ଗୌରୀ ସାହୁ, ଭାବନ୍ଧ ସରପଞ୍ଚ ପ୍ରୀତି ସାହୁ, ବେଲଗାଁ ସମିତିସଭ୍ୟ ଦଣ୍ଡପାଣି ଆଚାରୀ, ବ୍ଲକ ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତା, ସାମାଜିକ ନିରାପତ୍ତା ଅଧିକାରୀ ଭୀମସେନ ବାରିକ, ଚିକିତ୍ସାଧିକାରୀ ଡା. ଅନିଲ କୁମାର ରଥ, ରାଜସ୍ୱ ସୁପରଭାଇଜର ପୁରୁଷୋତ୍ତମ ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### ମା' ଗୌରୀଚଣ୍ଡୀ ଦେବୀଙ୍କ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

କନିଷି,୨୦।୯(ଡି.ଏନ.ଏ.): ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମରେ ଭଗବତୀ ମା' ଗୌରୀଚଣ୍ଡୀଙ୍କ ଜିର୍ଣ୍ଣୋଦ୍ଧାର ଦେବୀ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଶତାଧିକ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ପରେ ଦିକ୍ଷା ଗ୍ରହଣ, ବନଯୋଗ, ଅଙ୍କୁରାରୋପଣ, ମଣ୍ଡଳାଧୀଶ ଓ ନାମଯଜ୍ଞାଧିବାସ, ଦେବତା ଧାନାଧିବାସ ଅନୁଷ୍ଠିତ ହୋଇଥିଲା । ଗୁରୁବାର ପ୍ରତିଷ୍ଠା, କର୍ମାରମ୍ଭ, ବ୍ରାହ୍ମଣ ବରଣ, ପାର୍ବତ୍ୟାଗ୍ନି ସ୍ଥାପନ, ମଣ୍ଡଳ ପୂଜା, ମହାସ୍ନାନ, ରତ୍ନମୁଦ୍ରା, ଜୀବନ୍ୟାସ ଓ ନାମଯଜ୍ଞ ସହ ଶୁକ୍ରବାର ପାର୍ଶ୍ୱଦ୍ୱାର, ଧ୍ୱଜା ସ୍ଥାପନ, ତ୍ରିଶୁଳ ସ୍ଥାପନ, ସ୍ୱର୍ଗଦ୍ୱାର ଓ ପୂର୍ଣ୍ଣାହୁତି, କୁମ୍ଭଲଗ୍ନରେ ଦେବତା ପ୍ରବେଶ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ପଣ୍ଡିତ ଅଶୋକ କୁମାର ପାଢ଼ୀ, ବୁଲୁ ଶତପଥୀ, ଶମ୍ଭୁ ପ୍ରସାଦ ଶତପଥି ଓ ମୁଖ୍ୟକର୍ତ୍ତା ଭାବେ ସନାତନ ଜେନା ଯୋଗ ଦେଇଥିଲେ। ମନ୍ଦିର କମିଟି ମୁଖ୍ୟ ବିଭୂତି ଭୂଷଣ ଜେନା, ସଭାପତି ରମାକାନ୍ତ ପ୍ରଧାନ, ବିନୋଦ ଚନ୍ଦ୍ର ମିଶ୍ର, ପ୍ରକାଶ ଚନ୍ଦ୍ର ଜେନା, ଟୁନା ଜେନା, ଆତ୍ମାରାମ ପ୍ରଧାନ, ତ୍ରିଲୋଚନ ପ୍ରଧାନଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

■ ଋଷିକୁଲ୍ୟା ରୟତ ମହାସଭାର ଅଭିଯୋଗ

# ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ

ଛତ୍ରପୁର,୨୦।୯(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ୟୁରିଆ ସାର ନିର୍ଦ୍ଧାରିତ ଦର ବଦଳରେ ଚଢା ଦରରେ ବିକ୍ରି ହେଉଛି । ଶୁକ୍ରବାର ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ସୀମାଞ୍ଚଳ ନାହାକ ଏହି ଅଭିଯୋଗ କରଛନ୍ତି। ଧାନ ଫସଲ ପାଇଁ ଚାଷୀମାନେ ବର୍ତ୍ତମାନ ୟୁରିଆ ସାର ବ୍ୟବହାର କରୁଛନ୍ତି। ବର୍ତ୍ତମାନ ୟୁରିଆ ସାର ବସ୍ତା ପିଛା ଦର ୨୬୬ଟଙ୍କା ୫୦ ପଇସା ନିର୍ଦ୍ଧାରିତ ଥିବା ବେଳେ ଘରୋଇ ଲାଇସେନ୍ସ ପ୍ରାପ୍ତ ଡିଲରମାନେ ବସ୍ତା ପିଛା ୩୩୦ରୁ ୩୪୦ ଟଙ୍କାରେ ବିକ୍ରି କରୁଥିବା ମହାସଭା ପକ୍ଷରୁ ଅଭିଯୋଗ ହୋଇଛି । ଏପରିକି ନିୟମ ଅନୁସାରେ ଦୋକାନ ଆଗରେ ସାରର ଦରର ତାଲିକା ଟାଙ୍ଗିବା କଥା । ମାତ୍ର ଏହା କରାଯାଉ ନ ଥିବା କୁହାଯାଇଛି । ଏହାଫଳରେ ଚାଷୀ ଶୋଷଣର ଶୀକାର ହେଉଛନ୍ତି। ଆଉ କେତେକ ସମବାୟ ସମିତି ନିଜର ଦାୟିତ୍ୱ ଖସେଇ ଦେଇ ୟୁରିଆ ସାର ବିକ୍ରି ପାଇଁ ଆଣୁନାହାନ୍ତି। ଏଥିସହ କେତେକ ସମିତି ଚାଷୀଙ୍କ ଚାହିଦା ମୁତାବକ ସାର ଆଣୁ ନ ଥିବା ଜଣାପଡିଛି । ଭାଗ ଚାଷୀମାନଙ୍କୁ ସୋସାଇଟି ପକ୍ଷରୁ ସାର ଦିଆଯାଉନି । ତେଣୁ ସେମାନେ ବାଧ୍ୟ ହୋଇ କଳା ବଜାରରେ ୟୁରିଆ ସାର ୩୪୦ ଟଙ୍କାରେ କିଣିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ମହାସଭା ପକ୍ଷରୁ ସୂଚନା ଦିଆଯାଇଛି ।

# ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପାଠଚକ୍ର



ମଞ୍ଚାସୀନ ଅତିଥି ।

ଭଞ୍ଜନଗର,୨୦।୯(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଏକ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବଟୁକେଶ୍ୱର ବାରିକ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଛାତ୍ର ତନ୍ମୟ ଦାସ ପଞ୍ଚଶଖା ସାହିତ୍ୟରେ ଶ୍ରୀ ଜଗନ୍ନାଥ ଉପରେ ଲିଖିତ ସନ୍ଦର୍ଭ ପାଠ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପକ ବିକ୍ରମ କୁମାର ପ୍ରଧାନ ସହଯୋଗ କରିଥିଲେ । ପ୍ରାଧ୍ୟାପକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଡ.ଆର.ଏନ.ପାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପିକା ସ୍ୱପ୍ନାରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ,ଦୀପାଶ୍ରୀ ମହାପାତ୍ର, ରୋଜାଲିନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଅସୁରଘାଟିରୁ ଟଙ୍କା ଲୁଟ୍ ଘଟଣା, ଜଣଙ୍କୁ କୋର୍ଟଚାଲାଣ

### ୨ ନାବାଳକଙ୍କୁ ପଠାଗଲା ବାଳସୁଧାର ଗୃହ

ଆର.ଉଦୟଗିରି,୨୦।୯(ଡି.ଏନ.ଏ.)

ଗଜପତି ଜିଲା ନୂଆଗଡ଼ ବ୍ଲକ ଅସୁରଘାଟିରେ ମଙ୍ଗଳବାର ଏକ ଘରୋଇ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଠାରୁ ଟଙ୍କା ଲୁଟ୍ ହୋଇଥିଲା । ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୂଆଗଡ଼ ଗ୍ରାମର ସିଦ୍ଧାନ୍ତ କୁମାର ମିଶାଲ। ଅନ୍ୟ ୨ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିବା ପୋଲିସ କହିଛି।

ପ୍ରକାଶ ଯେ, ଭାରତ ଫାଇନାନ୍ସ ଇନ୍ସ୍ୟୁରାନ୍ସ ଲିମିଟେଡର କର୍ମଚାରୀ ସୂର୍ଯ୍ୟକାନ୍ତ ସେନାପତି ଏବଂ ମନୋଜ କୁମାର ମିଶ୍ର ନୂଆଗଡ଼ରୁ ଟଙ୍କା ଆଦାୟ କରି ଗତ ୧୭ ତାରିଖ ଅପରାହ୍ନରେ ପାରଳାଖେମୁଣ୍ଡି ଫେରୁଥିଲେ। ଏହି ସମୟରେ ଅସୁରଘାଟିରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଠେଙ୍ଗାରେ ଆକ୍ରମଣ କରି ପାଖରେ ଦୁଇ ବ୍ୟାଗରେ ଥିବା ୧ ଲକ୍ଷ ୯୩ ହଜାର ୯୦୯ ଟଙ୍କା ସହ ଗୋଟିଏ ଟାବଲେଟ ଓ ସ୍କାନର ଲୁଟି ନିକଟରେ ଥିବା ପାହାଡ ଚଢ଼ି ଫେରାର ହୋଇଯାଇଥିଲେ। ସୂର୍ଯ୍ୟକାନ୍ତଙ୍କ ଏତଲା କ୍ରମେ ସେରଙ୍ଗ ପୋଲିସ ନଂ. ୪୯/୧୯ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ଅଧିକାରୀ ସ୍ୱରୂପ କିଷାନ ଖବର ପାଇ ସିଦ୍ଧାନ୍ତଙ୍କୁ ଗିରଫ କରି ମୋବାଇଲ ଫୋନ ଜବତ କରିଛନ୍ତି। ଫାଇନାନ୍ସ କମ୍ପାନୀର କର୍ମଚାରୀମାନେ ଋଣ ନ ଦେବାରୁ ପ୍ରତିଶୋଧ ପରାୟଣ ହୋଇ ସେମାନଙ୍କୁ ଆକ୍ରମଣ କରି ଟଙ୍କା ଲୁଟିଥିବା ଅଭିଯୁକ୍ତ ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧରେ ଧୋଇଲେ ଖଣ୍ଡରେ ମୋହିଲେ**
**ନିମ୍ବ କି ମଧୁର ହୋଇବ**
**ଯେତେ ପରକାରେ ବୁଝାଇ କହିଲେ**
**ପର କି ଆପଣା ହୋଇବ ?**

ନିମ୍ବକାଠି ପାଟିକୁ ପିତା ଲାଗିଥାଏ। ଏହାକୁ ଯେତେ କ୍ଷୀରରେ ଧୋଇଲେ କିମ୍ବା କନ୍ଦ ବା ଗୁଡ଼ରେ ଘଷିଲେ ଏହାର ପିତା ଅଂଶ କଟିପାରି ନ ଥାଏ। ସେହିପରି ପର ବ୍ୟକ୍ତିଙ୍କୁ ଯେତେ ପ୍ରକାରର ଆଦର ଅଭ୍ୟର୍ଥନା ଦେଖାଇବା ସହ ମୁଣ୍ଡରେ ବସାଇଲେ ମଧ୍ୟ ସେ କେବେ ଆପଣାର ହୋଇପାରି ନ ଥାନ୍ତି। ପର ବା ଅଜଣା ଅଚିହ୍ନା ବ୍ୟକ୍ତି କେବେ ବି ଆପଣାର କି ଭରସାଯୋଗ୍ୟ ହୋଇ ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦେହକୁ ସୋରିଷ ମୁଣ୍ଡକୁ ରାଶି**
**ପାଦେ ଜଡ଼ାତେଲ ଦେଉଥା ଘଷି ।**

ଦେହରେ ସୋରିଷ ତେଲ ଲଗାଇଲେ ସହଜରେ ଥଣ୍ଡା ଧରି ନ ଥାଏ। ମୁଣ୍ଡରେ ରାଶି ତେଲ ଲଗାଇଲେ କେଶ ଅପେକ୍ଷାକୃତ କଳା ହେବାର ସମ୍ଭାବନା ରହିଥାଏ। ସେହିପରି ପାଦରେ ଜଡ଼ାତେଲ ଲଗାଇବା ଦ୍ୱାରା ପାଦଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ। ଏପରି ଅଭ୍ୟାସ ବ୍ୟକ୍ତିକୁ ସୁସ୍ୱାସ୍ଥ୍ୟ ତଥା ନୀରୋଗ ରଖିବାରେ ବିଶେଷ ଫଳପ୍ରଦ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ



ସଫେଇ ଚାଲିଛି ।

ଭଞ୍ଜନଗର,୨୦।୯(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଶୁକ୍ରବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ କଲେଜ ପରିସରରେ ସଫେଇ ହୋଇଥିଲା। ଏଥିରେ ତନରଡ଼ାସ୍ଥିତ ଆଇଆରବି ବାଟାଲିୟନ ଯବାନ, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଏନ୍‌ସିସି, କେଏସ୍‌ୟୁବି କଲେଜ ଏନ୍‌ସିସି ଛାତ୍ରୀଛାତ୍ର ସାମିଲ ଥିଲେ । ଏନ୍‌ସିସି ଅଫିସର ଅଧ୍ୟାପକ ରଜନୀ କାନ୍ତ ତ୍ରିପାଠୀ, ଏନ୍‌ସିସି ନାଭାଲ ଅଫିସର ଡ଼.ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଲିଙ୍କ୍ ଫେଲ୍ :ସମବାୟ ବିଭାଗ ଅସହାୟ, ବଢୁଛି ଚାଷୀ ଅସନ୍ତୋଷ

ଧରାକୋଟ,୨୦।୯(ଡି.ଏନ.ଏ.)

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଧରାକୋଟ ଶାଖାରେ ବୀମା ରାଶି ମିଳିନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଧରାକୋଟ ଶାଖା ଅଧୀନରେ ୪୩୦୦ ଚାଷୀ ଓ ୨୨୪୬ ଋଣ ଖିଲାପକାରୀ ଚାଷୀ ରହିଛନ୍ତି । ବୀମା ସଂସ୍ଥାର ଲିଖିତ ରିପୋର୍ଟରୁ ଝାଡ଼ବନ୍ଧ, ମାଣିକ୍ୟପୁର ଓ ସାବା ପଞ୍ଚାୟତର ଚାଷୀ ବାଦ ପଡ଼ିଛନ୍ତି । ରାଜସ୍ୱ, କୃଷି ଓ ବୀମା କମ୍ପାନୀ ମିଳିତ ଯାଞ୍ଚରୁ ୩ ପଞ୍ଚାୟତର ଚାଷୀ ବାଦ ପଡ଼ିଥିବା ଜଣାପଡ଼ିଛି । ଏହି ଯାଞ୍ଚ ବେଳେ ୱାର୍ଡସଭ୍ୟ ଓ ସରପଞ୍ଚଙ୍କ ଅନୁମୋଦନ ରହିଥିଲେ ମଧ୍ୟ କିପରି ଚାଷୀ ବାଦ ପଡ଼ିଛନ୍ତି ତାହା ଆଶ୍ଚର୍ଯ୍ୟର ବିଷୟ। ଗତ ଏକ ସପ୍ତାହ ଧରି ବିଏସ୍ଏନଏଲର ଲିଙ୍କ୍ ନଥିବାରୁ ଚାଷୀମାନେ ହନ୍ତସନ୍ତ ହେଲେଣି । ଏ ସମ୍ପର୍କରେ ଟେଲିଫୋନ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ନିଜର ଅସହାୟତା ପ୍ରକାଶ କରିବା ସହ ମୁଁ ଜେଟିଓଙ୍କ ନଜରକୁ ଏହା ନେବି ବୋଲି କହିଛନ୍ତି । ଘଟଣା ସମ୍ପର୍କରେ ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଅଧ୍ୟକ୍ଷ ବୀରେନ୍ଦ୍ର କେଶରୀ ଆରୁଖଙ୍କ ଦୃଷ୍ଟି ଆକର୍ଷଣ ବେଳେ ମୋର ନଜରରେ ଏପରି ଅଭିଯୋଗ ଆସିନଥିଲା। ମୁଁ ତୁରନ୍ତ ଏ ସମ୍ପର୍କରେ ପଦକ୍ଷେପ ନେବି ବୋଲି କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

DHARITRI
Career appointment
Every Wednesday and Saturday

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ତାଲିମ ଶିବିର

**ଶେରଗଡ,୨୦।୯(ଡି.ଏନ.ଏ.)**

ଶେରଗଡ଼ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସୃଜନଶୀଳ ଓ ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଦୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ପାଠଦାନ କରିବା, ମୁଖ୍ୟସ୍ରୋତରେ ସାମିଲ କରି ମେଧାବୀ କରିବା ଦିଗରେ ଶିକ୍ଷକମାନେ ଯତ୍ନଶୀଳ ହେବା ନେଇ ତାଲିମ ପ୍ରଦାନ କରାଯାଇଥିଲା। ଦେବ ପ୍ରସାଦ ମହାପାତ୍ର, ଗଗନ ବିହାରୀ ଗୌଡ, ସନ୍ତୋଷ କୁମାର ସେଠୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ରାମାଚନ୍ଦ୍ର ପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ତାଲିମ ଶିବିର ହୋଇଥିଲା। ନବୀନ ଚନ୍ଦ୍ର ପାଢୀ ବଂଶୀଧର ସେଠୀ ପ୍ରମୁଖ ଉପସ୍ଥିତି ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜଳବାୟୁ ପରିବର୍ତ୍ତନକୁ ନେଇ ମାନବ ଶୃଙ୍ଖଳ

**ଜଗନ୍ନାଥପ୍ରସାଦ,୨୦।୯(ଡି.ଏନ.ଏ.)**

ଜଗନ୍ନାଥପ୍ରସାଦ ବ୍ଲକ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟରେ ଶୁକ୍ରବାର ଭାରତ ଜ୍ଞାନ ବିଜ୍ଞାନ ସମିତି, ଓଡ଼ିଶା ଓ ସର୍ବ ଭାରତୀୟ ଜଳ ବିଜ୍ଞାନ ନେଟୱାର୍କ ସହଯୋଗରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଷ୍ଟ୍ରାଇକକୁ ସମର୍ଥନ କରି ଏକ ମାନବ ଶୃଙ୍ଖଳ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବିଶ୍ୱ ତାପମାତ୍ରା ବଢ଼ିବା କିପରି ରୋକାଯାଇପାରିବ ସେ ଉପରେ ସଚେତନତା କରିଥିଲେ। ପ୍ରକାଶଥାଉକି, ଗୋଟିଏ ୧୬ ବର୍ଷର ଝିଅଟିଏ ତାର ନାମ ଗ୍ରେଟା ଥନବର୍ଗ। ସ୍ୱିଡେନର ସାରା ବିଶ୍ୱବାସୀଙ୍କୁ ଡାକରା ଦେଇଛି ବିଶ୍ୱ ଜଳବାୟୁ ପରିବର୍ତ୍ତନ ଷ୍ଟ୍ରାଇକ ପାଇଁ। ସେ ଝିଅଟି ପ୍ରତିଦିନ ସ୍କୁଲକୁ ଯାଏ ତାର ଲିଜର ସମୟରେ ସେ ତାଙ୍କ ଦେଶର ପାର୍ଲିଆମେଣ୍ଟ ପାଖରେ ବସି ସମସ୍ତଙ୍କୁ ସଚେତନ କରାଏ। ଫଳରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଶୁକ୍ରବାରରୁ ୮ ଦିନ ବ୍ୟାପୀ ଏକ ଗମ୍ଭିର ବିଷୟରେ ଆଲୋଚନା କରାଯିବ। ମହାବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ ପିଲାମାନଙ୍କୁ ପରିବେଶ ସୁସ୍ଥ ରଖିବାକୁ ଶପଥ ପାଠ କରାଇଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ଲୋକନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କମ୍ପ୍ୟୁଟର ପରିଚାଳକ ସରୋଜ କୁମାର ନାୟକ ଏହାକୁ ପରିଚାଳନା କରିଥିଲେ।


ଛାତ୍ରୀଛାତ୍ରଙ୍କ ମାନବ ଶୃଙ୍ଖଳ।

# ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**ବୁଗୁଡ଼ା,୨୦।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ମତାଝରୀ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦୀପା ପ୍ରଧାନ (୧୩) । ଏ ନେଇ ବୁଗୁଡ଼ା ଥାନାରେ ନଂ. ୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦୀପା ଡାକରଡ଼ା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଗୁରୁବାର ସ୍କୁଲ ଛୁଟି ହେବା ପରେ ଯାଇ ଘରକୁ ଯାଇଥିଲେ। ସନ୍ଧ୍ୟାରେ ଅନ୍ୟ ଝିଅମାନଙ୍କ ସହ ମିଶି ଦୀପା ଜହ୍ନିଓଷା ପାଇଁ ପୂଜାପାଠ କରିଥିଲେ। ରାତିରେ ଘରେ ଖାଦ୍ୟ ଖାଇବା ପରେ ମକା ଖାଇଥିଲେ। କିଛି ସମୟ ପରେ ତାଙ୍କର ପେଟରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ପରିବାର ଲୋକେ ତାଙ୍କୁ ନେଇ ବିଭିନ୍ନ ବାହ୍ୟ ଚିକିତ୍ସା କରାଯାଇଥିଲେ। ହେଲେ ଯନ୍ତ୍ରଣା ନ କମିବାରୁ ରାତି ପ୍ରାୟ ୪ଟାରେ ପରିବାର ଲୋକେ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଦୀପାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଇଥିଲା। ଉକ୍ତ ବିଦ୍ୟାଳୟରେ ଦୀପାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ବିଭିନ୍ନ ପ୍ରକଳ୍ପର ଭୂମିପୂଜା କଲେ ବିଧାୟକ

**ଆର.ଉଦୟଗିରି,୨୦।୯(ଡି.ଏନ.ଏ.)**

ନୂଆଗଡ଼ ବ୍ଲକକୁ ମୋହନା ବିଧାୟକ ଗୁରୁବାର ଦିନିକିଆ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଭୂମିପୂଜା କରିଛନ୍ତି। ଏଥିସହ ବ୍ଲକର କିରାମା, ଚୁରୁଙ୍ଗପଟା, ଝରଣାପୁର, ନିଧିଗୁଡ଼ି, ଡେରଡଙ୍ଗା, ଡାଲିମ୍ବପୁର-୧, ଡାଲିମ୍ବପୁର-୨, ଅନୁଗୁର ଗ୍ରାମର ସ୍କୁଲ ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ବିଧାୟକ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ କରିବା ସହ ଲୋକଙ୍କ ସମସ୍ୟା ବୁଝିଥିଲେ। ଅଞ୍ଚଳର ସମସ୍ୟାଗୁଡ଼ିକୁ ସରକାରୀ ସ୍ତରରେ ଉପସ୍ଥାପନ କରି କିଭଳି ସମାଧାନ କରାଯିବ ମୋର ଲକ୍ଷ୍ୟ ରହିଥିବା ବିଧାୟକ କରିଥିଲେ। ବିଧାୟକଙ୍କ ଗସ୍ତ ବେଳେ ବ୍ଲକ ଅଧ୍ୟକ୍ଷା ଗୁଡୁବାଇ ମଣ୍ଡଳ, ନୂଆଗଡ଼ ସରପଞ୍ଚ ମିନ ମଣ୍ଡଳ, କଂଗ୍ରେସ ବ୍ଲକ ସଭାପତି, ଅଞ୍ଚଳର ସରପଞ୍ଚ, ସମିତିସଭ୍ୟା ସଭ୍ୟ ଏବଂ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ବିଧାୟକ ଅଞ୍ଚଳ ପରିଦର୍ଶନ କରୁଛନ୍ତି।


**NATIONAL INSTITUTE OF FASHION TECHNOLOGY, BHUBANESWAR**
(Ministry of Textile, Govt. of India)
NIFT Campus, IDCO Plot No.24, Opposite KIIT School of Management, Chandaka Industrial Estate, Patia, Bhubaneswar-751024,
Ph: 0674-2305700 Fax : 2305710, Website: www.nift.ac.in/bhubaneswar

**E-TENDER NOTICE**

E-Tenders are invited by NIFT Bhubaneswar for "Subscription renewal of existing UTM-Cyberoam, Model No-CR750iNG-XP, last date of receipt of e-tender is **14.10.2019 till 2 PM**. Details available in e-tender portal and NIFT website https://niftetenders.eproc.in/http://www.nift.ac.in

Director

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751007
Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in
e-procurement notice no. : VI-23(06)/SERIFED/2019-20/1111/Dt.19.09.2019

**INVITATION FOR BIDS (IFB)**

The MANAGING DIRECTOR (SERIFED), Odisha, Bhubaneswar invites percentage rate bids in double cover system in ONLINE MODE only, for work "Renovation, Interior & Exterior decoration of Boyanika showroom" at Western Market Building, Bhubaneswar as follows. **(1) Nature of the work :** Construction, Interior & Exterior decoration of Handloom Showroom (Civil, Electrical, Water Supply Fire fighting) etc. **(2) Value of Tender : Rs.1,62,19,695/-** (Excluding GST), **(3) Cost of bid document** : Rs.10,000/- + 1800 (GST @18%), **(4) Class of Contractor :** "B" & "A" Class, **(5) Availability of Bid Documents in the website - www.tendersodisha.gov.in :** Dt.27.09.2019 to 16.10.2019 up to 5.00 PM, **(6) Pre bid meeting for clarification of bidders :** Dt.03.10.2019 at 3.00 P.M. in the office of SERIFED, **(7) Last date / time of receipt of Bids in the Portal :** Dt.16.10.2019 up to 5.00 PM, **(8) Date of Opening of Bid** : 11.30 A.M. on Dt.17.10.2019. The Bidders have to participate in ONLINE bidding only. Further details can be seen from e procurement portal **www.tendersodisha.gov.in**. Any addendum/corrigendum / cancellation of tender can also be seen in the said website.

Sd/- Managing Director


# ସାଲାସିଦ୍ଧି ପ୍ରଶିକ୍ଷଣ ଶିବିର

**ବେଗୁନିଆପଡ଼ା,୨୦।୯(ଡି.ଏନ.ଏ.)**

ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବେଗୁନିଆପଡ଼ା ବ୍ଲକ ଖଣ୍ଡିଆନଇସ୍ଥିତ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ସାଲାସିଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନୂଆଗଡ଼, ଷଣ୍ଡମୂଳ, ସୁମଣ୍ଡଳ, କେ. ବରିଡ଼ା, ଚିଙ୍ଗୁଡ଼ିଖୋଲ ଓ କୋଦଳା ଏନ୍‌ଏସି କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଛନ୍ତି। ସିଆରସିସି ମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ଭିତ୍ତିଭୂମି, ପରିବେଶ, ଗୃହ ଓ ଅନ୍ୟାନ୍ୟ ଅସୁବିଧା ଉପରେ ଆଲୋଚନା ସହ ଏହାର ସମାଧାନ କରିବା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।


**ସିଣ୍ଡିକେଟ୍ ବ୍ୟାଙ୍କ**
SyndicateBank
କ୍ଷେତ୍ରୀୟ କାର୍ଯ୍ୟାଳୟ: ଧର୍ମ ନଗର, ହିମାନୀ ଟାୱାର, ପ୍ରଥମ ମହଲା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପିନ୍ - ୭୬୦୦୦୨, ମୋ.: ୮୭୬୩୬୧୩୪୬୯, ଇମେଲ: ro.berhampur@syndicatebank.co.in

**ଦଖଲ ବିଜ୍ଞପ୍ତି କୁ ସଂଶୋଧନ**

ଦୈନିକ ଖବର କାଗଜ "ଧରିତ୍ରୀ" ରେ ତା୩୧.୦୮.୨୦୧୮ ରିଖ ରେ ପ୍ରକାଶିତ ଆମ୍ଭର ଦଖଲ ବିଜ୍ଞପ୍ତିରେ ଇଞ୍ଜିନିୟରିଂ ସ୍କୁଲ୍ ରୋଡ଼ ଶାଖା, ଗଞ୍ଜାମର **ଋଣଗ୍ରହୀତା: ଶ୍ରୀମତୀ ଧରିତ୍ରୀ ଶତପଥିଙ୍କ** ସମ୍ପତ୍ତି ବିବରଣୀରେ କ୍ଷେତ୍ର: ଏକର ୦.୦୩୩ ଡିସିମିଲି ପରେ **ପ୍ଲଟ୍ ନଂ.: ୮୦୧/୨୭୫୮, କ୍ଷେତ୍ର: ଏକର୦.୦୨୭ଡିସିମିଲି, (ଜମି ଏବଂ ଗୃହ) ପରିମିତ କ୍ଷେତ୍ର: ୧୨୬୯ ବର୍ଗଫୁଟ** ପଢିବାକୁ ଅନୁରୋଧ ଏବଂ ବ୍ରହ୍ମପୁର ମୁଖ୍ୟ ଶାଖାର **ଋଣଗ୍ରହୀତା: ସାହୁ କେମିକାଲ୍ସ, ସ୍ୱତ୍ୱାଧିକାରୀ:** ବିଜୟ ଚନ୍ଦ୍ର ସାହୁଙ୍କ ସମ୍ପତ୍ତି ବିବରଣୀରେ କ୍ଷେତ୍ର: ଏକର୦.୦୩୦ ଡିସିମିଲି ପରେ **ପ୍ଲଟ୍ ନଂ.: ୫୭୩, ବର୍ଦ୍ଧିତ କ୍ଷେତ୍ର: ଏକର୦.୦୧୯ଡିସିମିଲି, ମୋଟ ବର୍ଦ୍ଧିତ କ୍ଷେତ୍ର: ଏକର୦.୦୪୯** ଡିସିମିଲି ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟାବଳୀ ଅପରିବର୍ତ୍ତିତ ଅଟେ।

ସ୍ଥାନ: ବ୍ରହ୍ମପୁର
ତାରିଖ.: ୨୦.୦୯.୨୦୧୯
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ସିଣ୍ଡିକେଟ୍ ବ୍ୟାଙ୍କ


# ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଭିଭାବକଙ୍କ ତାଲିମ ଶିବିର

**ଧରାକୋଟ,୨୦।୯(ଡି.ଏନ.ଏ.)**

ଧରାକୋଟ ବ୍ଲକରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ସ୍ଥାନୀୟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ, ଢ଼ଉପଦା ପ୍ରାଥମିକ ବିଦ୍ୟାଳୟ, ପଙ୍କଲବାଡ଼ି ପ୍ରାଥମିକ ବିଦ୍ୟାଳୟ ଓ ନନ୍ଦିଘୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୌରୀ ଶଙ୍କର ବେହେରା ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସରକାରୀ ସହାୟତା ପ୍ରଦାନ, ଅର୍ନ୍ତନିବେଶୀ ଶିକ୍ଷାର ଆଭିମୁଖ୍ୟ, ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଉପରେ ଶିବିରରେ ଆଲୋକପାତ କରାଯାଇଥିଲା । ଶିବିରକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ଶୀତାକାନ୍ତ ପଣ୍ଡା ପରିଚାଳନା କରିଥିଲେ। ସମ୍ବଳ ଶିକ୍ଷକ ପ୍ରଭାସିସ ପରମାଣିକ, ସୁଶାନ୍ତ ଡାକୁଆ, ଆଶିଷ ମହାପାତ୍ର, ସ୍ୱେଚ୍ଛାସେବୀ ସଞ୍ଜୟ ସେଠୀ, ଶିବ ସାହୁ, ଦୀପ୍ତିମୟୀ ପ୍ରଧାନ ଓ ସିମନ ରଇତ ସହଯୋଗ କରିଥିଲେ।

# ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ପାତ୍ରପୁର, ୨୦।୯(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଅଭୟପୁରରେ ଦୁର୍ଗାପୂଜା ପାଇଁ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଗ୍ରାମବାସୀ ସଂକୀର୍ତ୍ତନ କରି ମଣ୍ଡପ ନିକଟରେ ପହଞ୍ଚି ପୂଜାପାଠ କରିବା ପରେ ଶୁଭଖୁଣ୍ଟି ପୋତାଯାଇଥିଲା। ଆସନ୍ତା ୩ ତାରିଖରୁ ୭ ଦିନ ବ୍ୟାପି ମା'ଙ୍କ ପୂଜା କରିବାକୁ ସ୍ଥିର ହୋଇଛି। ସିଙ୍ଗାରୀ ବିବେକାନନ୍ଦ କର୍ତ୍ତା ହୋଇଥିବା ପୁରୋହିତ ଅବନୀ ପାଢ଼ୀ ପୂଜା କରିଥିଲେ।


**Central University of Odisha**
(Established Under the Act of Parliament, 2009)
Sunabeda, Dist. Koraput, Odisha. PIN-763004

Ref.:CUO/Admn/MPC/93 Dt. 12/09/2019

**NOTICE INVITING TENDER**

Sealed quotations are invited from the agencies for Annual Maintenance for providing Manpower Services at Central University of Odisha, Sunabeda, Dist.Koraput, Odisha. The sealed quotations are to be submitted on or before dt.11/10/2019 by 15.00Hrs. as per the prescribed terms and conditions. For further details please log on to University website: www.cuo.ac.in.

Sd/- Registrar

**Central University of Odisha**
(Established Under the Act of Parliament, 2009)
Sunabeda, Dist. Koraput, Odisha. PIN-763004

Ref.:CUO/Admn./ASH/115 Dt.11/09/2019

**NOTICE INVITING TENDER**

Sealed Tenders are invited for Annual Maintenance Contract for providing Housekeeping and Sanitation Services at Central University of Odisha, Koraput. The last date for submission of Tender will be 1500Hrs on 10/10/2019. For further details please log on to our website www.cuo.ac.in.

Sd/- Registrar

**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22.
Ph: 0674-2541545, 2542921, Fax: 0674-2541543
Email: ophwc.od@nic.in, Website: www.ophwc.nic.in
e-procurement notice No.- 15/SE/09/OPHWC/2019-20.

**INVITATION FOR BIDS (IFB)**

| | | | |
|---|---|---|---|
| 1. | The **Superintending Engineer** (OSPH&WC), Odisha, Bhubaneswar invites **Percentage rate** bids in **double cover** system in **ONLINE MODE** only, for works as detailed below:- | | |
| 2. | Nature of work | : | Building works |
| 3. | No. of Works | : | 15 Nos. |
| 4. | Bid Cost | : | Rs. 11,800/- (To be paid online) |
| 5. | Value of Tender | : | Rs.51,00,000.00 to Rs.1,99,00,000.00 |
| 6. | Class of Contractor | : | B class to A Class |
| 7. | Availability of Bid Documents in the website | : | Dt.24.09.2019 to Dt.14.10.2019 up to 5:00 P.M. |
| 8. | Last date /time of Receipt of Bids in the Portal | : | Dt.14.10.2019 up to 5:00P.M |
| 9. | Date of Opening Bid | : | Dt.15.10.2019 at 11:30 A.M |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Superintending Engineer(OSPH&WC),Odisha

N.B. - The quoted rate should be all inclusive but excluding G.S.T.as applicable Under works contract.
12025/11/0025/1920 CAD-405


## ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No.: 08/2018/825 Dated: 24.07.2019

No.: V-70: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଦୋବେଇପେଣ୍ଟ, ଥାନା- ପାଟଣା, ତହସିଲ- ସାହାରାପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚିତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଟେଲ୍ ମାଇନର କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୭୭, ତା୨୫।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଦୋବେଇପେଣ୍ଟ, ଥାନା- ପାଟଣା, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kendujhar.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – ''କ''
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

**ଜିଲ୍ଲା: କେନ୍ଦୁଝର** **ତହସିଲ: ସାହାରପଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଦୋବେଇପେଣ୍ଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୩୩.୪୩ | ଏ.୦୩.୬୬ | ଏଥି ସହିତ ସଂଲଗ୍ନ |

### ତଫସିଲ – ''ଖ''
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

**ଜିଲ୍ଲା: କେନ୍ଦୁଝର** **ତହସିଲ: ସାହାରପଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.- ୧୧୭୭, ତା୨୫।୦୭।୨୦୧୮ରିଖ ଅନୁଯାୟୀ ଧାରା ୧୧(୧)ର ଘୋଷିତ ଅଧିସୂଚନା ବୈଧ ତାରିଖ ୨୮।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

**LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY - MINOR, SUB-MINOR IN DEO IRRIGATION PROJECT**

**ଗ୍ରାମ: ଦୋବେଇପେଣ୍ଟ, କ୍ରମିକ ସଂଖ୍ୟା – ୧୯୪, ଥାନା – ପାଟଣା, ତହସିଲ – ପାଟଣା, ଜିଲ୍ଲା – କେନ୍ଦୁଝର**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୨ | ୩୦୮ | ୧.୨୦ | ୦.୩୨ | ଶାରଦ ଏକ | କୀର୍ତ୍ତନ ଖଟୁଆ, ପି.- ଅର୍ଜୁନ ଖଟୁଆ, ଜା: ତେଲି, ବା: ନିଜଗାଁ | |
| ୨ | ୨୧ | ୩୩୯ | ୦.୭୪ | ୦.୨୫ | ଟଇଲା ଏକ | ଖଡ଼ିକା ନାଏକ, ସ୍ୱା.- ବଂଶୀ ନାଏକ, ପୁନ ନାଏକ, କୁନା ନାଏକ, ପି.- ସୁନା ନାଏକ, ଧନୁ ନାଏକ, ରଥୁ ନାଏକ, ପି.- ସମ୍ଭ ନାଏକ, ଶୁକୁରା ନାଏକ, ଡମା ନାଏକ, ଗହ୍ଲା ନାଏକ, ଭାମା ନାଏକ, ଜେମା ନାଏକ, ପି.- ନାଥ ନାଏକ, ଜା: ଖଣ୍ଡୁଆଳ, ବା: ନିଜଗାଁ | |
| ୩ | ୩୧ | ୩୦୮/୧୦୭୫ | ୦.୩୪ | ୦.୧୭ | ଶାରଦ ଦୁଇ | ଗୋବର୍ଦ୍ଧନ ଖଟୁଆ, ପି.- ଅର୍ଜୁନ ଖଟୁଆ, ଜା: ତେଲି, ବା: ନିଜଗାଁ | |
| ୪ | ୩୭ | ୩୧୮/୧୨୦୫ | ୧.୩୬ | ୦.୩୯ | ଟଇଲା ଦୁଇ | ଚରଣ ନାଏକ, ପି.- ପିତ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୫ | ୫୨ | ୩୧୧<br>୩୧୨<br>୩୩୭ | ୦.୯୪<br>୦.୬୫<br>୧.୨୫ | ୦.୦୩<br>୦.୦୧<br>୦.୩୪ | ଶାରଦ ଏକ<br>ଶାରଦ ଦୁଇ<br>ଟଇଲା ଏକ | ନବଘନ ନାଏକ, ତାରା ନାଏକ, ପି.- ଦ୍ୱାରି ନାଏକ, ଶୁକୁରା ନାଏକ, ପାଣ୍ଡୁ ନାଏକ, ଅବଳା ନାଏକ, ପି.- ନୀଳ ନାଏକ, ଚମ୍ପା ନାଏକ, ସ୍ୱା.- ନୀଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୬ | ୫୮ | ୩୪୦ | ୦.୭୪ | ୦.୨୦ | ଟଇଲା ଦୁଇ | ନୀଳମଣି ନାଏକ, ପି.- ବେନୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୭ | ୭୩ | ୩୨୦ | ୦.୯୩ | ୦.୦୩ | ଟଇଲା ଏକ | ପୂର୍ଣ୍ଣ ନାଏକ, ପି.- ଶ୍ରୀଧର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୮ | ୬୨ | ୩୦୦/୧୧୪୭ | ୦.୧୦ | ୦.୦୧ | ଟଇଲା ଏକ | ପରମା ନାଏକ, ପି.- ଦୁଃଖା ନାଏକ, ହାଡ଼ିଆ ନାଏକ, ଶୈଳ ନାଏକ, ଫକୀର ନାଏକ, ପି.- ଇନ୍ଦ୍ର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୯ | ୭୭ | ୩୧୮/୧୪୦୨ | ୧.୬୬ | ୦.୦୭ | ଟଇଲା ଦୁଇ | ବନମାଳୀ ନାଏକ, ସୁନିଆ ନାଏକ, ପି.- ଦିଗା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୦ | ୮୧ | ୩୧୮ | ୧.୬୦ | ୦.୦୩ | ଟଇଲା ଦୁଇ | ବିଦ୍ୟାଧର ନାଏକ, ମନ୍ତ୍ରୀବର ନାଏକ, ପି.- ଚିନ୍ତାମଣି ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୧ | ୯୦ | ୨୯୯ | ୧.୩୫ | ୦.୩୬ | ଟଇଲା ଏକ | ଭାଗବତ ନାଏକ, ରାଜ ନାଏକ, ଟିକୁଲୁ ନାଏକ, ପି.- ଦୁତି ନାଏକ, ପାନ ନାଏକ, ସ୍ୱା.- ଦୁତି ନାଏକ, କଣ୍ଡ ନାଏକ, ପି.- ନୁଣି ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୨ | ୯୫ | ୨୯୮ | ୧.୦୭ | ୦.୧୦ | ଟଇଲା ଏକ | ମକୁରୁ ନାଏକ, ଶଙ୍କୁରୁ ନାଏକ, ପି.- ପ୍ରହ୍ଲାଦ ନାଏକ, ରମେଶ ଚନ୍ଦ୍ର ନାଏକ, ରମାକାନ୍ତ ନାଏକ, କାବୁର ନାଏକ, ଦୁତିଆ ନାଏକ, ପି.- ଗୌରାଙ୍ଗ ନାଏକ, ଜା: ଭୂୟାଁ, ବା: ନିଜଗାଁ | |
| ୧୩ | ୧୧୫ | ୩୧୫ | ୧୫.୦୦ | ୦.୬୦ | ଟଇଲା ଏକ | ରବିନ୍ଦ୍ର ନାଥ ନାଏକ, ପୂର୍ଣ୍ଣ ଚନ୍ଦ୍ର ନାଏକ, ପି.- ଅଧିକାରୀ ନାଏକ, ଅଭି ନାଏକ, ଜଗନ୍ନାଥ ନାଏକ, ପି.- ସଦାନନ୍ଦ ନାଏକ, ଜା: ବଥୁଡ଼ି, ବା: ନିଜଗାଁ | |
| ୧୪ | ୧୧୯ | ୩୦୭ | ୧.୯୭ | ୦.୩୯ | ଶାରଦ ଦୁଇ | ରମେଶ ଚନ୍ଦ୍ର ନାଏକ, ପି.- ଭୀମ ନାଏକ, ମୋତି ନାଏକ, ସ୍ୱା.- ମଧୁ ନାଏକ, ଭଦ୍ରୁ ନାଏକ, ପି.- ଦେବ ନାଏକ, ଦୋଳ ନାଏକ, ଦକ୍ଷିଣ ନାଏକ, ପି.- ଅର୍ଜୁନ ନାଏକ, ସୁଦ୍ର ନାଏକ, ପି.- ସିର ନାଏକ, ନାଲୁ ନାଏକ, ଲକ୍ଷ୍ମୀଧର ନାଏକ, ପି.- ସୁବର୍ଣ୍ଣ ନାଏକ, ଅଇବନ ନାଏକ, ପି.- କହ୍ନେଇ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୫ | ୧୨୦ | ୩୧୯ | ୦.୮୦ | ୦.୧୩ | ଘରବାରି | ରସା ନାଏକ, ଦୁଃଶା ନାଏକ, ଶୈଳ ନାଏକ, ପି.- ସଦା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୬ | ୧୩୦ | ୩୩୮/୧୧୫୪<br>୩୦୫<br>୩୩୮ | ୦.୫୬<br>୦.୫୫<br>୦.୬୨ | ୦.୦୨<br>୦.୦୧<br>୦.୨୦ | ଟଇଲା ଏକ<br>ଶାରଦ ଏକ<br>ଟଇଲା ଏକ | ସାରତ ନାଏକ, ଗଣ ନାଏକ, ପି.- ସୁଦ୍ର ନାଏକ, ରୁକ୍ମଣୀ ନାଏକ, ସ୍ୱା.- ସୁଦ୍ର ନାଏକ, ବେଙ୍ଗ ନାଏକ, ସ୍ୱା.- ରୁଦ୍ର ନାଏକ, ଉଦ୍ଧବ ନାଏକ, ପି.- ଝଟା ନାଏକ, ବା: ବାଥୁଡ଼ି, ବା: ନିଜଗାଁ | |
| | | ୨୦ | ୩୩.୪୩ | ୩.୬୬ | | | |

**ସରକାରୀ ଖାତା**

| | | | | | | | |
|---|---|---|---|---|---|---|---|
| ୧ | ୧୪୭ | ୩୩୮/୧୧୫୩<br>୩୩୯/୧୧୫୫ | ୦.୨୪<br>୦.୧୦ | ୦.୦୭<br>୦.୦୩ | ରାସ୍ତା<br>ରାସ୍ତା | ରକ୍ଷିତ | |
| ୨ | ୧୫୦ | ୩୧୬<br>୩ | ୧.୬୮<br>୨.୦୨ | ୦.୧୦<br>୦.୨୦ | ପଥରବଣି | ଆବଦ ଅଯୋଗ୍ୟ ଅନାବାଦୀ | |

24045/14/0006/1920

# ଓଡ଼ିଶା ସରକାର

# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No.: 11/2018/713 Dated: 08.07.2019

No. V-75: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR & R Act, 2013)ର ଧାରା ୧୯ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ସଙ୍ଖୁଆ, ଥାନା- ପାଟଣା, ତହସିଲ- ସାହାରାପଡ଼ା, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚୀତ ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୯୮, ତା୨୫।୦୭।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ସଙ୍ଖୁଆ, ଥାନା- ପାଟଣା, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.kendujhar.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ - ''କ''
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର — ତହସିଲ: ସାହାରପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସଙ୍ଖୁଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୬୨.୬୬ | ଏ.୩୨.୨୪ | ଏଥି ସହିତ ସଂଲଗ୍ନ |

### ତଫସିଲ - ''ଖ''
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର — ତହସିଲ: ସାହାରପଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧୀନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.-୧୧୯୮, ତା୨୫।୦୭।୨୦୧୮ରିଖ ଅନୁଯାୟୀ ଧାରା ୧୧(୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ ୩୦।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

## Land Schedule for Permanent acquisition of land for Left Main Distributor, Bhangabila Minor, Sankhua-Sub-Minor, Pradhanpada-Sub-Minor, Budhabana, Sub-Minor, Bhurupada-Sub-Minor

ମୌଜା- ସଙ୍ଖୁଆ, କ୍ରମିକ ସଂଖ୍ୟା- ୨୦୬, ଥାନା- ପାଟଣା, ତହସିଲ- ସାହାରପଡ଼ା, ଜିଲ୍ଲା- କେନ୍ଦୁଝର

| କ୍ର.ନଂ. | ଖାତା ନମ୍ବର | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨ | ୭୧୦ | ୦.୬୫ | ୦.୦୧ | ଟଇଲା ଏକ | ଅଙ୍ଗଦ ବିନ୍ଧାଣୀ, ପି.- ଯଦୁ ବିନ୍ଧାଣୀ, ଜା: କମାର, ବା: ନିଜଗାଁ | |
| ୨ | ୩ | ୩୪୪ | ୧.୧୦ | ୦.୧୮ | ଶାରଦ ଦୁଇ | ଅର୍ଜ୍ଜୁନ ମାଝୀ, ପି.- ଯଦୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | ଜବର ଦଖଲ: ଧନେଶ୍ୱର ପାତ୍ର, ପି.- ଚୈତନ ପାତ୍ର, ଜା: ପାଣ, ବା: ନିଜଗାଁ |
| ୩ | ୪ | ୪୮୫ | ୦.୨୯ | ୦.୧୦ | ବାଜେ ଫସଲ ଦୁଇ | ଅଧିକାରୀ ନାଏକ, ପି.- ଦୁର୍ଜନ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୪ | ୫ | ୭୦୦ | ୦.୯୫ | ୦.୦୨ | ଟଇଲା ଦୁଇ | ଅଭି ପାତ୍ର, ପି.- ବୈଶାଖୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫ | ୧୩ | ୪୩୬ | ୨.୨୮ | ୦.୪୦ | ଟଇଲା ଏକ | ଉପେନ୍ଦ୍ର ପାତ୍ର, ପି.- ରଙ୍କିଆ ପାତ୍ର, ବଳରାମ ପାତ୍ର, ପି.- ହନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୬ | ୧୪ | ୪୨୭<br>୪୨୮<br>୪୩୦ | ୦.୬୨<br>୧.୩୭<br>୦.୭୪ | ୦.୦୪<br>୦.୩୮<br>୦.୦୧ | ଶାରଦ ଏକ<br>ଶାରଦ ଏକ<br>ଶାରଦ ଏକ | କଣ୍ଡ ପାତ୍ର, ପି.- ଜଗନ୍ନାଥ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୭ | ୧୫ | ୫୩୫<br>୫୮୦ | ୧.୨୦<br>୨.୭୦ | ୦.୫୩<br>୦.୧୭ | ଟଇଲା ଏକ<br>ଟଇଲା ଏକ | କନ୍ଦା ନାୟକ, ପି.- ସଙ୍ଖାଳି ନାୟକ, କୈଶନ ନାୟକ, ମାଗୁଣି ନାୟକ, ପି.- କୃଷ୍ଣ ନାୟକ, ଜା: ସାଉନ୍ତି, ବା: ନିଜଗାଁ | |
| ୮ | ୧୭ | ୩୦୯ | ୦.୮୩ | ୦.୨୬ | ଟଇଲା ଏକ | କାନ୍ଦୁ ମହାନ୍ତ, ପି.- ହରି ମହାନ୍ତ, ଅଷାଢୁ ମହାନ୍ତ, ପି.- ଗୋବରା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୯ | ୨୧ | ୪୪୧<br>୪୩୫<br>୧୧୯୮ | ୦.୮୧<br>୦.୪୨ | ୦.୧୪<br>୦.୦୯ | ଶାରଦ ଦୁଇ<br>ଟଇଲା ଏକ | କହ୍ନେଇ ପାତ୍ର, ପି.- ମଥୁରା ପାତ୍ର, ଜା- ପାଣ, ବା: ନିଜଗାଁ | |
| ୧୦ | ୨୭ | ୩୫୩<br>୪୦୬<br>୪୦୭<br>୪୪୫ | ୦.୩୦<br>୦.୧୩<br>୦.୩୮<br>୦.୮୪ | ୦.୧୧<br>୦.୦୧<br>୦.୧୦<br>୦.୨୭ | ଟଇଲା ଏକ<br>ଟଇଲା ଏକ<br>ଟଇଲା ଏକ<br>ଟଇଲା ଏକ | କିସୁମ ମାଝୀ, ପି.- ସାକିଲା ମାଝୀ, ସାଲଖୋ ମାଝୀ, ପି.- କୁସୁନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୧ | ୩୭ | ୫୯୦ | ୧.୩୫ | ୦.୨୦ | ଟଇଲା ଏକ | ଗୋପାଳ ନାଏକ, ପି.- ଗୋକୁଳ ନାଏକ, କୁଞ୍ଜ ନାଏକ, ଉପେନ୍ଦ୍ର ନାଏକ, ପି.- କପିଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୧୨ | ୩୮ | ୩୪୧ | ୦.୯୮ | ୦.୧୧ | ଟଇଲା ଏକ | ମୋଚି ମାଝୀ, ଭୀମ ମାଝୀ, ପି.- ଯାଦୁ ମାଝୀ, ଗେଣ୍ଡ ମାଝୀ, ପି.- ନିମାଇଁ ମାଝୀ, ଗୋପୀ ମାଝୀ, ଚନ୍ଦ୍ର ମାଝୀ, ପି.- ଭୀମ ମାଝୀ, ଗୋପୀ ମାଝୀ, ପି.- କିସୁନ ମାଝୀ, ସିଙ୍ଗ ରାଏ ମାଝୀ, ପି.- ଚୈତନ୍ୟ ମାଝୀ, ଭୀମ ମାଝୀ, ପି.- ନିମାଇଁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୩ | ୪୧ | ୩୧୭ | ୨.୦୦ | ୦.୪୫ | ଟଇଲା ଏକ | ଗୋବିନ୍ଦ ମାଝୀ, ଅର୍ଜ୍ଜୁନ ମାଝୀ, ପି.- କୃଷ୍ଣ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୧୪ | ୪୨ | ୫୭୪<br>୧୦୮୬ | ୧.୪୭<br>୦.୮୬ | ୦.୮୯<br>୦.୧୭ | ଟଇଲା ଦୁଇ<br>ଶାରଦ ଦୁଇ | ଗୌରହରି ମହାନ୍ତ, ପି.- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୫ | ୪୪ | ୬୯୦<br>୧୦୮୨ | ୪.୩୮<br>୦.୯୧ | ୦.୩୫<br>୦.୨୬ | ବାଜେଫସଲ ଦୁଇ<br>ଶାରଦ ଦୁଇ | ଜଇ ପାତ୍ର, ପି.- ଦୁଃଖିଆ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୧୬ | ୪୬ | ୧୦୮୧ | ୦.୮୭ | ୦.୨୦ | ଶାରଦ ଦୁଇ | ଜଗନ୍ନାଥ ମହାନ୍ତ, ପି..- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୭ | ୪୮ | ୩୦୨ | ୨.୭୦ | ୦.୩୦ | ଟଇଲା ଏକ | ଯଦୁମଣି ମହାନ୍ତ, ପି.- ସିଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୮ | ୫୦ | ୧୦୬୮ | ୦.୪୭ | ୦.୪୭ | ଶାରଦ ଦୁଇ | ଯୁଧିଷ୍ଠିର ମହାନ୍ତ, ପି.- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୧୯ | ୫୩ | ୫୮୭ | ୦.୯୦ | ୦.୧୫ | ଶାରଦ ତିନି | ତୁଳସୀ ନାୟକ, ସ୍ୱା.- ସାଧୁ ନାୟକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୨୦ | ୫୪ | ୧୦୮୦ | ୦.୪୪ | ୦.୧୭ | ଶାରଦ ଦୁଇ | ଦିଗାମ୍ବର ପାତ୍ର, ବଂଶୀ ପାତ୍ର, ବାନା ପାତ୍ର, ପି.- ବୈଦା ପାତ୍ର, ବିଷ୍ଣୁନ ପାତ୍ର, ପି.- କୁର୍ତି ପାତ୍ର, କନ୍ଦର୍ପ ପାତ୍ର, ନେତ୍ର ପାତ୍ର, ପି.- ଅନାମ ପାତ୍ର, ବଲ ପାତ୍ର, ପି.- ଶିବ ପାତ୍ର, ଶୁସିଲ ପାତ୍ର, ପଦନ ପାତ୍ର, ପି.- ମାଘୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୨୧ | ୫୬ | ୧୦୭୭<br>୧୦୯୯/<br>୧୧୫୩ | ୦.୩୮<br>୦.୨୭ | ୦.୨୬<br>୦.୦୧ | ଶାରଦ ଦୁଇ<br>ଶାରଦ ତିନି | ଦ୍ୱାରୀ ବାରିକ, ପି.- ଗଣେଶ୍ୱର ବାରିକ, ଜା: ଭଣ୍ଡାରୀ, ବା: ଶବରଣୀ ବେଡ଼ା | |
| ୨୨ | ୫୫ | ୩୦୪ | ୩.୨୪ | ୦.୪୦ | ଟଇଲା ଏକ | ଦିଗାମ୍ବର ପାତ୍ର, ବଂଶୀ ପାତ୍ର, ବାନା ପାତ୍ର, ପି.- ବୈଦା ପାତ୍ର, ବିଶୁନ ପାତ୍ର, ପି.- କୁର୍ତି ପାତ୍ର, କନ୍ଦର୍ପ ପାତ୍ର, ନେତ୍ର ପାତ୍ର, ପି.- ଅନାମ ପାତ୍ର, ବଲ ପାତ୍ର, ପି.- ଶିବ ପାତ୍ର, ଶୁସିଲ ପାତ୍ର, ପଦନ ପାତ୍ର, ପି.- ମାଘୁ ପାତ୍ର, ଜା: ପାଣ, ବା: ନିଜଗାଁ, ଦିଗାମ୍ବର ପାତ୍ର, ବଂଶୀ ପାତ୍ର, ବନା ପାତ୍ର ଅଂଶ ପକ୍ଷେ - ଖରିଦ ସୂତ୍ରେ ଦଖଲ - ବିଷ୍ଣୁନ ପାତ୍ର, ପି.- କୁର୍ତି ପାତ୍ର, ଜା: ପାଣ, ବା: ନିଜଗାଁ, ରେଜିଷ୍ଟାର୍ଡ ଦଲିଲ ନମ୍ବର - ୨୮୨୮, ତାରିଖ ୨୬।୦୬।୭୩ ଜରସମନ ଟଙ୍କା ୧୦୦୦.୦୦ ବା:- | |
| ୨୩ | ୬୩ | ୩୮୭<br>୩୯୬ | ୨.୦୪<br>୦.୧୮ | ୦.୦୪<br>୦.୦୧ | ଟଇଲା ଏକ<br>ଘରବାରି | ଭୁଣ୍ଡା କୋହ୍ଲ, ପି.- ଶ୍ୟାମ କୋହ୍ଲ, ବୀର ସିଂ କୋହ୍ଲ, ପି.- ଯଦୁ କୋହ୍ଲ, ବୁଦ୍ଧି କୋହ୍ଲ, ମାନ୍ଦୁ କୋହ୍ଲ, ବଣ୍ଡୁ କୋହ୍ଲ, ପି.- ଶ୍ୟାମ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୨୪ | ୬୪ | ୩୦୭ | ୦.୪୨ | ୦.୧୪ | ଟଇଲା ଏକ | ଧନେଶ୍ୱର ପାତ୍ର, ପି.- ଚୈତନ୍ୟ ପାତ୍ର, ଜା: ପାଣ, ବା: କୁଶୁପଦା | |
| ୨୫ | ୬୬ | ୪୮୨ | ୧.୭୪ | ୦.୪୪ | ଟଇଲା ଏକ | ଧନେଶ୍ୱର ପାତ୍ର, ପି.- କଳାକାର ପାତ୍ର, ଜା: ପାଣ, ବା: ନିଜଗାଁ | ଜବର ଦଖଲ: ଲକ୍ଷ୍ମୀଧର ନାଏକ, ରାଘବ ନାଏକ, ନରିଆ ନାଏକ, ପି.- କୃପାସିନ୍ଧୁ ନାଏକ, ନାଲୁ ନାଏକ, ପି.- ଫକିର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୪୯୧ | ୪.୪୫ | ୦.୦୧ | ଟଇଲା ଏକ | | ଜବର ଦଖଲ: ଲକ୍ଷ୍ମୀଧର ନାଏକ, ରାଘବ ନାଏକ, ନରିଆ ନାଏକ, ପି.- କୃପା ସିନ୍ଧୁ ନାଏକ, ନାଲୁ ନାଏକ, ପି.- ଫକିର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| | | ୫୮୯ | ୨.୩୨ | ୦.୪୨ | ଟଇଲା ଏକ | | |
| ୨୬ | ୬୭ | ୫୩୯ | ୧.୦୭ | ୧.୦୭ | ଟଇଲା ଏକ | ପଦ୍ମିନୀ ପାତ୍ର, ପି.- ନେମୁଁଆ ପାତ୍ର, କ୍ଷେତ୍ର ପାତ୍ର, ହରି ପାତ୍ର, ପି.- ବୈଶାଖୁ ପାତ୍ର, ମହେନ୍ଦ୍ର ପାତ୍ର, ପି.- ଅଭି ପାତ୍ର, ଧନେଶ୍ୱର ପାତ୍ର, ପି.- କଳାକାର ପାତ୍ର, ଝାଡ଼େଶ୍ୱର ପାତ୍ର, ପି.- ମଦନା ପାତ୍ର, ଯୁଧିଷ୍ଠିର ପାତ୍ର, ପି.- ବୈଶାଖୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୫୩୯<br>୧୧୬୦ | ୦.୪୫ | ୦.୨୫ | ଟଇଲା ଏକ | | ହର ପାତ୍ର ଅଂଶ ପକ୍ଷେ ଖ.ସୂ.ଦ. ବିପିନ ପାତ୍ର, ପି.- କୁଶନ ପାତ୍ର, ଜା: ପାଣ, ବା: ନିଜଗାଁ ରେଜିଷ୍ଟ୍ରେସନ ନଂ. ୨୯୪୮, ତା୦୬।୧୦।୮ ଜରସମନ ଟ.୫୦୦/- |
| ୨୭ | ୬୯ | ୫୩୨ | ୧.୫୬ | ୦.୦୧ | ଟଇଲା ଏକ | ଧରଣୀଧର ନାୟକ, ପି.- ନାଲୁ ନାୟକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୨୮ | ୭୦ | ୭୦୧ | ୦.୭୮ | ୦.୦୧ | ଟଇଲା ଏକ | ଧରଣୀ ପାତ୍ର, ନେପା ପାତ୍ର, ପି.- ହିନା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୨୯ | ୭୪ | ୧୧୧୭ | ୧.୮୯ | ୦.୦୫ | ଟଇଲା ଏକ | ନିରଞ୍ଜନ ମହାନ୍ତ, ରଞ୍ଜିତ ମହାନ୍ତ, ଭୁବନ ମହାନ୍ତ, ପି.- ସୁନାରାମ ମହାନ୍ତ, ଜା: କୁଡୁମି, ବା: ପ୍ରଧାନପଡ଼ା | |
| ୩୦ | ୭୯ | ୧୦୬୬<br>୧୦୭୩<br>୧୧୦୧<br>୧୧୦୨<br>୧୧୧୫<br>୧୧୧୬ | ୧.୫୩<br>୦.୬୭<br>୪.୭୮<br>୮.୫୫<br>୧.୩୯<br>୧.୮୪ | ୦.୨୩<br>୦.୧୩<br>୧.୯୦<br>୨.୧୨<br>୦.୪୦<br>୦.୮୮ | ଶାରଦ ତିନି<br>ଶାରଦ ଦୁଇ<br>ଶାରଦ ତିନି<br>ଟଇଲା ଏକ<br>ଘରବାରି<br>ଟଇଲା ଏକ | ଗୋବର୍ଦ୍ଧନ ମହାନ୍ତ, ବୈକୁଣ୍ଠ ମହାନ୍ତ, ପି-ମାଣିକ ରାମ ମହାନ୍ତ, ଧବଳି ମହାନ୍ତ, ସ୍ୱା.- ମାଣିକ ରାମ ମହାନ୍ତ, ପ୍ରହ୍ଲାଦ ମହାନ୍ତ, ହରେକୃଷ୍ଣ ମହାନ୍ତ, ନାରଣ ମହାନ୍ତ, ପି.- ମାଣିକ ରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୧ | ୮୧ | ୧୪୭<br>୪୦୮ | ୧.୨୨<br>୦.୬୨ | ୦.୦୫<br>୦.୦୯ | ଟଇଲା ଏକ<br>ଟଇଲା ଏକ | ପାର୍ବତୀ ପାତ୍ର, ପି.- ବଂଶୀ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୩୨ | ୮୨ | ୨୯୫<br>୨୯୬ | ୦.୬୨<br>୦.୯୭ | ୦.୧୦<br>୦.୦୧ | ଟଇଲା ଏକ<br>ଟଇଲା ଏକ | ପୁନ ପାତ୍ର, ସ୍ୱା.- ବୃନ୍ଦା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୩୩ | ୮୩ | ୩୦୩<br>୪୩୫<br>୪୪୩<br>୪୪୬ | ୧.୪୫<br>୩.୪୫<br>୦.୭୭<br>୦.୧୦ | ୦.୨୩<br>୦.୭୩<br>୦.୧୫<br>୦.୧୦ | ଟଇଲା ଏକ<br>ଟଇଲା ଏକ<br>ଶାରଦ ଏକ<br>ଟଇଲା ଏକ | ପୂର୍ଣ୍ଣ ଚନ୍ଦ୍ର ପାତ୍ର, ପି.- ଶିବ ପାତ୍ର, ଜା: ପାଣ, ବା: ନିଜଗାଁ | ଜବର ଦଖଲ: କଣ୍ଡ ପାତ୍ର, ପି.- ଜଗନ୍ନାଥ ପାତ୍ର, ଜା: ପାଣ, ବା: ନିଜଗାଁ |
| ୩୪ | ୮୪ | ୧୦୭୯ | ୦.୫୯ | ୦.୧୧ | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.- ମଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୫ | ୯୦ | ୫୪୪ | ୧.୦୨ | ୦.୫୮ | ଶାରଦ ତିନି | ବିଦନ ମହାନ୍ତ, ପି.- ମନସା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୩୬ | ୯୨ | ୪୮୩<br>୪୮୬ | ୦.୩୬<br>୦.୭୨ | ୦.୦୯<br>୦.୦୨ | ବାଜେଫସଲ ଦୁଇ<br>ଟଇଲା ଏକ | ବିରଞ୍ଚି ସାରିଡ଼ିଆ, ଅନି ସାରିଡ଼ିଆ, ବିପିନ ସାରିଡ଼ିଆ, ପି.- ବିଦା ସାରିଡ଼ିଆ, ଫଗୁଣ ସାରିଡ଼ିଆ, ପି.- ବରୁଣ ସାରିଡ଼ିଆ, ଜା: ଖଡ଼ିଆ, ବା: ନିଜଗାଁ | |
| ୩୭ | ୯୩ | ୨୮୮ | ୦.୪୫ | ୦.୦୫ | ଟଇଲା ଏକ | ବିଷ୍ଣୁନୁ ପାତ୍ର, ପି.- କୃତି ପାତ୍ର, ଜା: ପାଣ, ବା: ନିଜଗାଁ | |
| ୩୮ | ୯୪ | ୫୭୩<br>୫୭୮<br>୧୦୭୧ | ୧.୧୨<br>୦.୬୯<br>୦.୪୧ | ୦.୭୭<br>୦.୧୨<br>୦.୧୨ | ଟଇଲା ଏକ<br>ଟଇଲା ଏକ<br>ଶାରଦ ଦୁଇ | ବିଶ୍ୱନାଥ ନାଏକ, ପି.- ନେତ୍ରା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୩୯ | ୯୬ | ୩୦୧ | ୦.୫୯ | ୦.୧୩ | ଟଇଲା ଏକ | ଭକ୍ତ ମହାନ୍ତ, ପି.- ଯଦୁ ମହାନ୍ତ, ସାବିତ୍ରୀ ମହାନ୍ତ, ପି.- ରାଧୁ ମହାନ୍ତ, ସୁଲୋଚନା ମହାନ୍ତ, ସ୍ୱା.- ରାଧୁ ମହାନ୍ତ, ବନା ମହାନ୍ତ, ପି.- ଯଦି ମହାନ୍ତ, ଭଜ ମହାନ୍ତ, ରେଙ୍ଗଟି ମହାନ୍ତ, ସୁଭଦ୍ରା ମହାନ୍ତ, ପି.- ରାଧୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | ଜବର ଦଖଲ: କୌତୁକ ପାତ୍ର, ପି.- ମକ୍କୁରୁ ପାତ୍ର, ଜା: ପାଣ, ବା: ନିଜଗାଁ, ମୁସ୍ତାକିଲ-/୧ |
| | | ୩୦୬ | ୦.୪୬ | ୦.୧୩ | ଟଇଲା ଏକ | | ଜବର ଦଖଲ: ବିଶୁନୁ ପାତ୍ର, ପି.- କୃତି ପାତ୍ର, ଜା: ପାଣ, ବା: ନିଜଗାଁ |
| ୪୦ | ୯୭ | ୫୨୭<br>୫୭୭ | ୧.୦୦<br>୨.୭୦ | ୦.୩୦<br>୦.୪୫ | ଟଇଲା ଏକ<br>ଟଇଲା ଏକ | ଭଜନ ନାଏକ, ପି.- ନିତେଇ ନାଏକ, ଜୟଦେବ ନାଏକ, ପି.- ମଧୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୪୧ | ୯୯ | ୨୬୨<br>୨୯୩ | ୨.୧୦<br>୧.୯୨ | ୦.୨୬<br>୦.୦୧ | ଟଇଲା ଏକ<br>ଟଇଲା ଏକ | ଭରତ ଚନ୍ଦ୍ର ପାତ୍ର, ପି.- ଗୋବରା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୪୨ | ୧୦୨ | ୨୯୪ | ୦.୯୦ | ୦.୧୯ | ଟଇଲା ଏକ | ଭଗଲ ପାତ୍ର, ଅଙ୍କୁର ପାତ୍ର, ପି.- ଜେଠୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୪୩ | ୧୦୩ | ୧୦୯୪ | ୦.୦୮ | ୦.୦୮ | ଶାରଦ ତିନି | ଭାଗନ ମହାନ୍ତ, କାଞ୍ଚନ ମହାନ୍ତ, ପି.- ହରି ମହାନ୍ତ, ଜା: କୁଡୁମି, ବା: ପ୍ରଧାନ ପଡ଼ା | |
| ୪୪ | ୧୦୬ | ୨୨୪ | ୨.୪୦ | ୦.୫୬ | ଟଇଲା ଦୁଇ | ଚନ୍ଦ୍ର ମାଝୀ, ପି.- ଭୀମ ମାଝୀ, ଭୀମ ମାଝୀ, ମୋଚି ମାଝୀ, ପି.- ଜାଦୁ ମାଝୀ, ଗୋପି ମାଝୀ, ପି.- ଭୀମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୪୫ | ୧୦୮ | ୫୭୯<br>୧୦୭୮ | ୧.୫୮<br>୧.୦୧ | ୦.୨୭<br>୦.୨୫ | ଟଇଲା ଏକ<br>ଶାରଦ ଦୁଇ | ରାମ ଚନ୍ଦ୍ର ମହାନ୍ତ, ପି.- ମଦନ ମହାନ୍ତ, ରତନି ମହାନ୍ତ, ସ୍ୱା.- ମଦନ ମହାନ୍ତ, ମକୁନ୍ଦ ମହାନ୍ତ, ଅର୍ଜ୍ଜୁନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି.- ମଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୬ | ୧୧୦ | ୭୦୨ | ୦.୭୬ | ୦.୦୩ | ଟଇଲା ଏକ | ମହି ପାତ୍ର, ପି.- ବୃଷଭ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୪୭ | ୧୧୪ | ୧୪୧ | ୦.୬୪ | ୦.୦୧ | ଶାରଦ ତିନି | ମାଛୁଆ କୋହ୍ଲ, ପି.- ମାଧ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | ଜବର ଦଖଲ: ଜାଉର କୋହ୍ଲ, ମାଧ କୋହ୍ଲ, ବୁଟି କୋହ୍ଲ, ଘନ କୋହ୍ଲ, ରାଇସିଂ କୋହ୍ଲ, ବିରସିଂ କୋହ୍ଲ, ରଘୁ କୋହ୍ଲ, ପି.- ଜାଉରା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ |
| | | ୪୨୧ | ୧.୨୫ | ୦.୩୫ | ଟଇଲା ଏକ | | ଜବର ଦଖଲ: ଜାଉରା କୋହ୍ଲ, ମାଧ କୋହ୍ଲ, ବୁଟି କୋହ୍ଲ, ଘନ କୋହ୍ଲ, ରାଇସିଂ କୋହ୍ଲ, ବିରସିଂ କୋହ୍ଲ, ରଘୁ କୋହ୍ଲ, ପି.- ଜାଉର କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ |
| | | ୪୫୧ | ୨.୬୧ | ୦.୦୧ | ଟଇଲା ଦୁଇ | | ଜବର ଦଖଲ: ଜାଉରା କୋହ୍ଲ, ମାଧ କୋହ୍ଲ, ବୁଟି କୋହ୍ଲ, ଘନ କୋହ୍ଲ, ରାଇସିଂ କୋହ୍ଲ, ବିରସିଂ କୋହ୍ଲ, ରଘୁ କୋହ୍ଲ, ପି.- ଜାଉର କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ |
| ୪୮ | ୧୧୫ | ୫୩୭ | ୧.୮୩ | ୦.୨୨ | ପତିତ | ମୋଗଲ କମାର, ପି.- ବିରବଲ କମାର, ଜା: କମାର, ବା: ନିଜଗାଁ, ପଳାତକ ପକ୍ଷେ ଜବର ଦଖଲ: ଜଗନ୍ନାଥ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଯଦୁମଣି ମହାନ୍ତ, ଗୌରହରି ମହାନ୍ତ, ପି.- ସୁଦାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୪୯ | ୧୧୯ | ୫୮୮ | ୦.୮୪ | ୦.୧୮ | ବିଆଳି | ରଥା ନାଏକ, ପି.- ବୃଷଭ ନାଏକ, ଜା: | |
| ୫୦ | ୧୨୪ | ୩୩୦<br>୩୩୩<br>୩୩୯<br>୩୪୫<br>୩୯୪<br>୩୯୫<br>୩୯୭<br>୩୯୮<br>୩୯୯ | ୧.୭୨<br>୧.୪୪<br>୧.୯୦<br>୧.୨୮<br>୧.୦୨<br>୧.୧୦<br>୬.୮୦<br>୦.୩୭<br>୧.୦୫ | ୦.୪୨<br>୦.୧୫<br>୦.୦୧<br>୦.୦୪<br>୦.୦୯<br>୦.୧୨<br>୦.୬୭<br>୦.୧୭<br>୦.୦୫ | ଟଇଲା ଏକ<br>ଶାରଦ ତିନି<br>ଶାରଦ ଦୁଇ<br>ଶାରଦ ତିନି<br>ଟଇଲା ଏକ<br>ଟଇଲା ଏକ<br>ଟଇଲା ଏକ<br>ଶାରଦ ଦୁଇ<br>ଶାରଦ ତିନି | ବଡ଼ରାମଦାସ ମାଝୀ, ଦାସ ମାଝୀ, ଉତର ମାଝୀ, ଗୋବିନ୍ଦ ମାଝୀ, ଦୁର୍ଗା ମାଝୀ, ଧନୁ ମାଝୀ, ଠାକୁର ମାଝୀ, ପି.- ସୀତାରାମ ମାଝୀ, ଲକ୍ଷ୍ମଣ ମାଝୀ, ନୁହା ମାଝୀ, ପି.- ହାକିମ ମାଝୀ, ମୋହି ମାଝି, ସ୍ୱା.- ହାକିମ ମାଝୀ, ପାଦୁ ମାଝୀ, ସାନରାମଦାସ ମାଝୀ | |
| ୫୧ | ୧୨୮ | ୨୨୩ | ୧.୦୭ | ୦.୨୨ | ଟଇଲା ଦୁଇ | ଲକ୍ଷଣ ମାଝୀ, ପି.- ଧନୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | ନିରଂଶ ପକ୍ଷେ ଜବର ଦାଖଲ: ନନୀ ମାଝୀ, ସ୍ୱା.- ରାମଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୫୨ | ୧୩୧ | ୬୪୩<br>୬୪୪ | ୦.୧୬<br>୦.୧୦ | ୦.୦୫<br>୦.୦୩ | ରାସ୍ତା<br>ଟଇଲା ଏକ | ଲକ୍ଷ୍ମୀ ପାତ୍ର, ସ୍ୱା.- ବାଞ୍ଛା ପାତ୍ର, ଜା: ପାଣ, ବା: ଘୁସୁଦା, ଥା: କରଞ୍ଜିଆ, ଜି.- ମୟୂରଭଞ୍ଜ | |
| ୫୩ | ୧୩୨ | ୫୩୩<br>୫୩୮<br>୫୭୨ | ୭.୯୦<br>୨.୨୨<br>୩.୧୨ | ୧.୨୦<br>୧.୨୮<br>୦.୦୮ | ଟଇଲା ଏକ<br>ଟଇଲା ଏକ<br>ଟଇଲା ଏକ | ଲକ୍ଷ୍ମୀଧର ନାଏକ, ରାଘବ ନାଏକ, ଦରିଆ ନାଏକ, ପି.- କୃପାସିନ୍ଧୁ ନାଏକ, ନାଲୁ ନାଏକ, ପି.- ଫକିର ନାଏକ, ପଦୁନା ନାଏକ, ପି.- ନୀଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | ଜବର ଦଖଲ: ଧନେଶ୍ୱର ପାତ୍ର, ପି.- କଳାକାର ପାତ୍ର, ଝାଡ଼େଶ୍ୱର ପାତ୍ର, ପି.- ସପନା ପାତ୍ର, ଯୁଧିଷ୍ଠିର ପାତ୍ର, ପି.- ଅଭି ପାତ୍ର, ହରି ପାତ୍ର, ପି.- ବୈଶାଖୁ ପାତ୍ର, ଜା: ପାଣ, ବା: ନିଜଗାଁ |
| ୫୪ | ୧୩୬ | ୧୦୮୩ | ୦.୮୨ | ୦.୨୩ | ଶାରଦ ଦୁଇ | ଶତ୍ରୁଘନ ପାତ୍ର, ପି.- ଗୋରା ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫୫ | ୧୩୩ | ୨୬୦ | ୦.୯୯ | ୦.୩୩ | ଟଇଲା ଏକ | ଶଙ୍ଖଇ ମାଝୀ, କିଶୁନୁ ମାଝୀ, ପି.- କାରିଆ ମାଝୀ (ସାନ), ଲେଙ୍ଗା ମାଝୀ, ଚୈତନ ମାଝୀ, ପି.- ଲକ୍ଷ୍ମଣ ମାଝୀ, ଲଖନ ମାଝୀ, ପି.- କାରିଆ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୫୬ | ୧୩୭ | ୩୦୦ | ୧.୩୬ | ୦.୦୨ | ଟଇଲା ଏକ | ଚୁନ ପାତ୍ର, ସ୍ୱା.- ବୃନ୍ଦାବନ ପାତ୍ର, ଶତ୍ରୁଘନ ପାତ୍ର, ପି.- ଗୁରା ପାତ୍ର, କୈଳାଶ ପାତ୍ର, କପିଳ ପାତ୍ର, ପି.- ବୃନ୍ଦାବନ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୫୭ | ୧୩୮ | ୫୩୬ | ୦.୪୨ | ୦.୩୮ | ଟଇଲା ଦୁଇ | ସଦା ନୂଆ ଗଡ଼ିଆ, ପି.- ଶିବ ନୂଆ ଗଡ଼ିଆ, ଜା: ସାଉନ୍ତି, ବା: ନିଜଗାଁ | ଜବର ଦଖଲ: ଗୋପାଳ ନାଏକ, ପି.- ଗୋକୁଳ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ |
| ୫୮ | ୧୫୭/<br>୭୨ | ୧୦୮୫/<br>୧୩୧୬ | ୦.୨୦ | ୦.୧୯ | ଶାରଦ ଦୁଇ | ଭୁବନେଶ୍ୱର ମହାନ୍ତ, ପି.- ମୋହନ ମହାନ୍ତ, ଜା: କୁଡୁମୀ, ବା: ସରଣୀବେଡ଼ା, ଥା- ପାଟଣା, ଜି- କେନ୍ଦୁଝର | |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ

# ବିଏସ୍ଏନ୍ଏଲ ଟେଲିଫୋନ ଭବନରେ ଅଗ୍ନିକାଣ୍ଡ

- ଶର୍ଟ ସର୍କିଟରୁ ପୋଡିଗଲା କୋଟିଏ ଟଙ୍କାର ଯନ୍ତ୍ରାଂଶ
- ୪ ଜିଲାରେ ବିଏସ୍ଏନଏଲ ସେବା ବନ୍ଦ
- ୭ ଫାୟାର ଟିମ୍‌କୁ ଲାଗିଲା ୪ ଘଣ୍ଟା








କଟକ ଅଫିସ, ୨୦।୯

କଟକ ବକ୍ସିବଜାରୀ ରୋଡ୍‌ସ୍ଥିତ ଭାରତୀୟ ସଞ୍ଚାର ନିଗମ ଲିମିଟେଡ (ବିଏସ୍ଏନ୍ଏଲ୍) ଭବନରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କୋଟିଏ ଟଙ୍କାର ଯନ୍ତ୍ରାଂଶ ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡ ଯୋଗୁ କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ବିଏସ୍ଏନ୍ଏଲ୍ ସେବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଏ ନେଇ ବିଏସ୍ଏନ୍ଏଲ୍ ସାଧାରଣ ପରିଚାଳକ ହରିଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଯୋଗୁ ଲ୍ୟାଣ୍ଡ ଲାଇନ୍, ଏଫ୍‌ଟିଏଚ୍, ବ୍ରଡବ୍ୟାଣ୍ଡ ଓ ମୋବାଇଲ ସେବା ବନ୍ଦ କରାଯାଇଛି। ସମସ୍ତ କେବୁଲ ପୋଡି ଯାଇଥିବାରୁ ଲ୍ୟାଣ୍ଡଲାଇନ୍ ଉପଭୋକ୍ତା ୧୫ଦିନରୁ ଅଧିକ ସେବା ପାଇବାରୁ ବଞ୍ଚିତ ହେବେ। ୨ରୁ ୩ ଦିନ ଭିତରେ ମୋବାଇଲ ଓ ବ୍ରଡବ୍ୟାଣ୍ଡ ସେବା ଯୋଗାଇଦେବାକୁ ଆମେ ଯଥାସାଧ୍ୟ ଚେଷ୍ଟା କରୁଛୁ।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୧୨ଟାରେ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ କୋଠାର ତୃତୀୟ ମହଲାରେ ଥିବା ସିଭି ପ୍ରକୋଷ୍ଠରେ ନିଆଁ ଲାଗିଯାଇଥିଲା। ପ୍ରକୋଷ୍ଠରୁ ଧୂଆଁ ବାହାରୁଥିବା ଦେଖି କେତେଜଣ କର୍ମଚାରୀ ସେଠାକୁ ଆସିଥିଲେ। ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। କେବୁଲରେ ନିଆଁ ସଂଯୋଗ ହୋଇଯିବା ଫଳରେ ଏହା ଖୁବ୍‌ଶୀଘ୍ର ବ୍ୟାପି ଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗର ୭ଟି ଟିମ୍ ପହଞ୍ଚିଥିଲେ। ପ୍ରାୟ ୪ ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଷ୍ଟ୍ରାଇକିଂ ଫୋର୍ସ ଓ ଅଗ୍ନିଶମ କର୍ମଚାରୀଙ୍କୁ ମିଶାଇ ପ୍ରାୟ ୫୦ଜଣ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅନ୍ୟପକ୍ଷରେ ଖବର ସଂଗ୍ରହ କରୁଥିବାବେଳେ ୩ଜଣ ଖବରଦାତା ଆହତ ହୋଇଛନ୍ତି। ନିଆଁ ଲାଗିଥିବା ପ୍ରକୋଷ୍ଠର ଝରକା କାଚ ଖବରଦାତାଙ୍କ ଉପରେ ଖସି ପଡ଼ିଥିଲା। ପ୍ରାଥମିକ ଚିକିତ୍ସା ପାଇଁ ସେମାନଙ୍କୁ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

| କ୍ର.ନଂ. | ଖାତା ନମ୍ବର | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୫୯ | ୧୪୪ | ୩୪୬ | ୦.୫୯ | ୦.୧୭ | ତଇଳା ଏକ | ସିଙ୍ଗ ରାଏ, ଭୀମ ମାଝୀ, ସମାଇଁ ମାଝୀ, ପି.– ନିମାଇଁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୬୦ | ୧୫୭/୪୦ | ୩୨୯/୧୨୭୫ | ୦.୪୦ | ୦.୨୧ | ତଇଳା ଏକ | ସୀତାରାମ ମାଝୀ, ଘାସିରାମ ମାଝୀ, ରାମ ଦାସ ମାଝୀ, ପି.– ଦୁର୍ଗା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୬୧ | ୧୪୭ | ୭୦୧/୧୨୧୩ | ୦.୮୦ | ୦.୨୬ | ତଇଳା ଏକ | ଶିରିଆ ପାତ୍ର, ପି.– ବୃଷଭ ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୭୦୨/୧୨୧୬ | ୦.୮୨ | ୦.୧୩ | ତଇଳା ଏକ | | |
| ୬୨ | ୧୫୧ | ୩୦୮ | ୦.୮୬ | ୦.୨୨ | ତଇଳା ଏକ | ଶୁଭା ନାଏକ, ସ୍ୱା.– ସୁନ୍ଦର ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| | | ୪୮୪ | ୦.୫୯ | ୦.୧୨ | ତଇଳା ଏକ | | |
| ୬୩ | ୧୫୨ | ୧୦୯୮ | ୦.୩୫ | ୦.୩୧ | ଶାରଦ ତିନି | ଶୈଳ ନାଏକ, ପି.– ଝଗଡୁ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୬୪ | ୧୫୬ | ୫୨୮ | ୧.୦୬ | ୦.୬୫ | ତଇଳା ଏକ | ହଂସ ନାଏକ, ସ୍ୱା.– ଅଧିକାରୀ ନାଏକ, ଜା: ବାଥୁଡ଼ି, ବା: ନିଜଗାଁ | |
| ୬୫ | ୧୫୭ | ୩୩୨ | ୨.୧୯ | ୦.୨୩ | ତଇଳା ଏକ | ହାମରା ମାଝୀ, ପି.– ଦାକ୍ଷିଣ ମାଝୀ, କହ୍ନେଇ ମାଝୀ, ନୁନା ମାଝୀ, ପି.– ଜାଗତା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୬୬ | ୧୫୭/୪ | ୬୨୯ | ୦.୭୩ | ୦.୧୦ | ତଇଳା ଏକ | ବାସୁଦେବ ପାତ୍ର, ପି.– ବିଶ୍ୱନୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| | | ୧୧୧୧/୧୧୧୯ | ୦.୬୪ | ୦.୧୫ | ତଇଳା ଏକ | | |
| ୬୭ | ୧୫୭/୨୩ | ୨୮୯ | ୦.୬୧ | ୦.୧୦ | ତଇଳା ଏକ | ଭାଗୀରଥି ପାତ୍ର, ପି.– ଜେଠୁ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୬୮ | ୧୫୭/୨୪ | ୪୨୩ | ୦.୫୭ | ୦.୧୪ | ତଇଳା ଏକ | ଯଶୋବନ୍ତ ପାତ୍ର, ପି.– ଧନେଶ୍ୱର ପାତ୍ର, ଜା: ପାଣ, ବା: ନିଜଗାଁ | |
| ୬୯ | ୧୫୭/୩୦ | ୩୪୨ | ୦.୫୦ | ୦.୨୩ | ତଇଳା ଏକ | ସେଲେଇ ମାଝୀ, ପି.– ଜଗୁ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| | | ୩୪୧/୧୨୬୦ | ୦.୫୨ | ୦.୧୨ | ତଇଳା ଏକ | | |
| ୭୦ | ୧୫୭/୩୪ | ୬୪୨ | ୦.୨୫ | ୦.୦୨ | ତଇଳ ଏକ | ପ୍ରେମାନନ୍ଦ ପାତ୍ର, ଯୋଗେନ୍ଦ୍ର ପାତ୍ର, ପି.– ଉପେନ୍ଦ୍ର ପାତ୍ର, ଜା: ପାଣ, ବା: ନିଜଗାଁ | |
| ୭୧ | ୧୫୭/୫୬ | ୪୪୭ | ୦.୮୫ | ୦.୦୧ | ତଇଳା ଏକ | ଡମ୍ବରୁଧର ପାତ୍ର, ପି.– ମହି ପାତ୍ର, ଜା: ପାଣ, ବା: ନିଜଗାଁ | |
| ୭୨ | ୧୫୮ | ୩୧୯ | ୦.୧୯ | ୦.୦୪ | ତଇଳା ଏକ | ବଡ଼ଉତରା ମାଝୀ, ପି.– ଟୁରା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୭୩ | ୧୬୨ | ୩୪୭ | ୦.୪୫ | ୦.୨୦ | ତଇଳା ଏକ | ଭୁଣ୍ଡା କୋହ୍ଲ, ଦୁମ୍ବି କୋହ୍ଲ, ମାନ୍ଦ୍ରା କୋହ୍ଲ, ବଣ୍ଡୁ କୋହ୍ଲ, ପି.– ଶାମା କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୭୪ | ୧୬୩ | ୫୬୫ | ୦.୫୧ | ୦.୧୪ | ତଇଳା ଏକ | ମକୁନ୍ଦ ମହାନ୍ତ, ଅର୍ଜ୍ଜୁନ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାନ୍ତ, ପି.– ମଦନ ମହାନ୍ତ, ରତନୀ ମହାନ୍ତ, ସ୍ୱା.– ମଦନ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୭୫ | ୧୬୪ | ୩୫୧ | ୦.୨୮ | ୦.୦୭ | ତଇଳା ଏକ | ସମ୍ଭୁ ମହାନ୍ତ, ପି.– ଧର୍ମୁ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୭୬ | ୧୫୭/୫୮ | ୫୪୪/୧୨୯୪ | ୦.୨୧ | ୦.୦୩ | ଶାରଦ ତିନି | ସହିରାମ ମହାନ୍ତ, ପି.– ମନସା ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୭୭ | ୧୫୭/୫୯ | ୫୪୪/୧୨୯୮ | ୦.୦୯ | ୦.୦୫ | ଶାରଦ ତିନି | କ୍ଷୀରୋଦ ମହାନ୍ତ, ସହନ ମହାନ୍ତ, ପି.– ଧନୁର୍ଜ୍ଜୟ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| ୭୮ | ୧୫୭/୧୧ | ୨୨୩/୧୨୪୩ | ୦.୬୫ | ୦.୨୧ | ତଇଳା ଦୁଇ | ସୁଶୀଲ ଚନ୍ଦ୍ର ନାଏକ, ପି.– ବାହାଦୁଲା ନାଏକ, ଜା: ବାଥୁଡ଼ି, ବା: ନିଜଗାଁ (ବୁଢ଼ାବନ) | |
| ୭୯ | ୧୬୬ | ୩୬୨ | ୦.୩୭ | ୦.୧୨ | ତଇଳା ଏକ | ସୁରେଇ ମାଝୀ, ପି.– ଜଗୁ ମାଝୀ, ମୁଠାଇ ମାଝୀ, ପି.– ସୁବୁଦା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ | |
| ୮୦ | ୯୫ | ୩୬୩ | ୦.୩୭ | ୦.୦୧ | ତଇଳା ଏକ | ବୁଦାଙ୍ଗ କୋହ୍ଲ, ମାଝୀ କୋହ୍ଲ, ପି.– ସିରିକା କୋହ୍ଲ, ରାସି କୋହ୍ଲ, ପି.– ମାଛ କୋହ୍ଲ, ଜହର କୋହ୍ଲ, ଟୁବୁରୁ କୋହ୍ଲ, ମାଧ କୋହ୍ଲ, ଘନ କୋହ୍ଲ, ପି.– ରାଇ ସିଂ କୋହ୍ଲ, ଜା: କୋହ୍ଲ, ବା: ନିଜଗାଁ | |
| ୮୧ | ୧୫୭/୩୩ | ୪୩୬/୧୨୬୭ | ୦.୪୦ | ୦.୧୮ | ତଇଳା ଏକ | ପରମେଶ୍ୱର ପାତ୍ର, ପି.– ଦାରୋଗା ପାତ୍ର, ଜା: ପାଣ, ବା: କରଞ୍ଜିଆ, ଜି:ମୟୂରଭଞ୍ଜ | |
| ୮୨ | ୧୫୭/୨୧ | ୩୩୩/୧୨୫୨ | ୦.୪୫ | ୦.୦୫ | ଶାରଦ ତିନି | ପାଣ୍ଡବ ବୋଇପାଇ, ପି.– ବୀରସିଂହ ବୋଇପାଇ, ଜା: ହୋ, ବ: ନିଜଗାଁ | |

## ଦେବସ୍ଥଳୀ ପ୍ରତିବଦଳ

| କ୍ର.ନଂ. | ଖାତା ନମ୍ବର | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| | ୭୯ | ୧୧୧୪ | ୧.୬୦ | ୦.୧୭ | ତଇଳା ଏକ | ଗୋବର୍ଦ୍ଧନ ମହାନ୍ତ, ବୈକୁଣ୍ଠ ମହାନ୍ତ, ପି.– ମାଣିକ ରାମ ମହାନ୍ତ, ଧବଳି ମହାନ୍ତ, ସ୍ୱା.– ମାଣିକ ରାମ ମହାନ୍ତ, ପ୍ରହ୍ଲାଦ ମହାନ୍ତ, ହରେକୃଷ୍ଣ ମହାନ୍ତ, ନାରଣ ମହାନ୍ତ, ପି.– ମାଣିକରାମ ମହାନ୍ତ, ଜା: କୁଡୁମି, ବା: ନିଜଗାଁ | |
| | ମୋଟ | | ୧୬୨.୬୬ | ୩୨.୨୪ | | | |

24045/14/0011/1920

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No.04/2018 / 645 Dated : 26.06.2019

No.V-76 :- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩ (RFCTLAR & R Act, 2013)ର ଧାରା ୧୯(୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ୍‌ର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗୋଧେଇନାଳୀ, ଥାନା-ପାଟଣା, ତହସିଲ-ସାହାରାପଡା, ଜିଲ୍ଲା-କେନ୍ଦୁଝରରେ ନିମ୍ନ ସୂଚୀତ "କ" ତଫସିଲ ଜମି ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ମଧ୍ୟମ ଜଳ ସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିନିୟମ, ୨୦୧୩(RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୯୩୨ ତା.୨୯।୦୬।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ଗୋଧେଇନାଳୀ, ଥାନା-ପାଟଣା, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୂନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ମୟୂରଭଞ୍ଜ, କରଞ୍ଜିଆଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ- "କ"**

**ଜିଲ୍ଲା-କେନ୍ଦୁଝର** **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** **ତହସିଲ-ସାହାରପଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋଧେଇନାଳୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୦୬.୬୮ | ଏ.୨୩.୨୩ | ଏଥି ସହିତ ସଂଲଗ୍ନ |

**ତଫସିଲ- "ଖ"**

**ଜିଲ୍ଲା-କେନ୍ଦୁଝର** **(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)** **ତହସିଲ-ସାହାରପଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ର ଉପଧାରା (୭) ଅଧିନରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ଅଧିସୂଚନା ନଂ.-୯୩୨, ତା.୨୯।୦୬।୨୦୧୮ରିଖ ଅନୁଯାୟୀ ଧାରା ୧୧ (୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ.୨୪.୦୮.୨୦୧୮।

**ସ୍ୱା./-ରାଜ୍ୟପାଳଙ୍କ ଆଦେଶକ୍ରମେ, ଜିଲ୍ଲାପାଳ**

LAND SCHEDULE FOR PERMANENT ACQUISITION OF LAND FOR LEFT MAIN DISTRIBUTARY MINOR, SUB-MINOR OF DEO IRRIGATION PROJECT

**ମୌଜା-ଗୋଧେଇନାଳୀ, କ୍ରମିକ ସଂଖ୍ୟା.୨୧୨, ଥାନା-ପାଟଣା, ତହସିଲ-ସାହାରପଡା, ଜିଲ୍ଲା-କେନ୍ଦୁଝର**

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗୃହିତ ରକବା | କିସମ | ପ୍ରଜାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୧୫୨ | ୧.୦୯ | ୦.୩୩ | ତଇଳା ଏକ | କନ୍ଦା ମାଝୀ, ପି-ଶ୍ରୀରାମ ମାଝୀ, ଦୁର୍ଗା ମାଝୀ, ସାଲୁଗୁ ମାଝୀ, ନାରାୟଣ ମାଝୀ, ଗୋବିନ୍ଦ ମାଝୀ, ପି-ସିବା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୧୫୯ | ୧.୧୫ | ୦.୧୮ | ତଇଳା ଏକ | | |
| ୨ | ୩ | ୧୬୩ | ୨.୧୦ | ୦.୩୪ | ତଇଳା ଏକ | କାରିଆ ମାଝୀ, ପି-ଶାକଲା ମାଝୀ, ଶୁକୁଦା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୩ | ୪ | ୩୦ | ୦.୨୦ | ୦.୦୩ | ଶାରଦ ଏକ | କାରୁ ମାଝୀ, ପି-ଗାଙ୍ଗୁ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | ନିରଂଶ ପକ୍ଷେ ଜବର ଦଖଲ ହାରା ମାଝୀ, ରେଣ୍ଡା ମାଝୀ, ନାରଣ ମାଝୀ, ପି-ଡେବରା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| ୪ | ୮ | ୧୪୨ | ୦.୬୦ | ୦.୨୪ | ତଇଳା ଏକ | କୈଳାଶ ମାଝୀ, ସିଦାମ ମାଝୀ, ପ୍ରଧାନ ମାଝୀ, ପି-କଲେ ମାଝି, କାନ୍ଦୁ ମାଝୀ, ପି-ଲେପା ମାଝୀ, କାଲେ ମାଝୀ, ପି-ହାଜମା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୫ | ୧୨ | ୭୦ | ୨.୭୭ | ୦.୫୭ | ବାଜେ ଫସଲ ଦୁଇ | ଚେତନ ମାଝୀ, ପି-ରାତୁ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ, -ଜବରଦଖଲ- ବାଣିଜ ମାଝୀ, ପି-ସୁକୁଦା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୮୯ | ୨.୦୭ | ୦.୦୨ | ବାଜେ ଫସଲ ଦୁଇ | | |
| | | ୧୭୮ | ୧.୮୭ | ୦.୬୦ | ତଇଳା ଏକ | | |
| ୬ | ୧୩ | ୨୨ | ୩.୩୦ | ୦.୭୦ | ତଇଳା ଏକ | ଚୈତନ୍ୟ ମାଝୀ, ଗୋପାଳ ମାଝୀ, ଧନେଶ୍ୱର ମାଝୀ, ପି-ଶ୍ରୀରାମ ମାଝୀ, ରାମ ମାଝୀ, ରୁପାଇ ମାଝୀ, ଚିଲୁ ମାଝୀ, ପି-ଦାଡଗା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୨୫ | ୪.୦୦ | ୧.୩୩ | ତଇଳା ଏକ | | |
| | | ୩୮ | ୩.୭୨ | ୧.୧୨ | ତଇଳା ଏକ | | |
| ୭ | ୧୬ | ୧୪ | ୧.୮୨ | ୦.୯୪ | ତଇଳା ଏକ | ଦାସ ମାଝୀ, ପି-ସିଙ୍ଗରାଇ ମାଝୀ, ସାଉରୁ ମାଝୀ, ଶ୍ରୀରାମ ମାଝୀ, ପି-ଅନଦା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୧୮୦ | ୨.୨୮ | ୦.୨୮ | ତଇଳା ଏକ | | |
| | | ୧୮୧ | ୩.୩୪ | ୦.୩୮ | ତଇଳା ଏକ | | |
| ୮ | ୨୦ | ୧୬୪ | ୦.୮୫ | ୦.୨୦ | ତଇଳା ଏକ | ନାଇକ ମାଝୀ, ପି-ସୁରାଇ ମାଝୀ, ଚନ୍ଦ୍ର ମାଝୀ, ଦୁଃଖିଆ ମାଝୀ, ପି-ଫୁରୁମାଲି ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୨୦୨ | ୦.୫୬ | ୦.୩୦ | ତଇଳା ଏକ | | |
| | | ୧୭୬ | ୨.୭୬ | ୦.୮୦ | ତଇଳା ଏକ | | |
| | | ୪୩୯ | | | | | |
| ୯ | ୨୧ | ୭୧ | ୧.୦୬ | ୦.୯୧ | ବାଜେ ଫସଲ ଦୁଇ | ନାରାୟଣ ବେହେରା, ପି-ରୁପା ବେହେରା, ଜା-କୁମ୍ଭାର, ବା-ବଲିଆଡିହା | |
| | | ୭୨ | ୦.୪୩ | ୦.୨୨ | ବାଜେ ଫସଲ ଦୁଇ | | |
| | | ୧୬୦ | ୧.୪୧ | ୦.୦୨ | ତଇଳା ଏକ | ←→ | ଜବର ଦଖଲ-କାରୁଆ ମାଝୀ, ସୁକୁଦା ମାଝୀ, ପି-ସାକିଲା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| | | ୧୬୧ | ୧.୮୭ | ୦.୫୪ | ତଇଳା ଏକ | | |
| | | ୨୦୦ | ୧.୭୦ | ୦.୦୧ | ଶାରଦ ତିନି | | |
| | | ୨୦୩ | ୧.୨୩ | ୦.୨୬ | ଶାରଦ ଏକ | | |
| | | ୨୦୪ | ୦.୫୬ | ୦.୧୮ | ଶାରଦ ଏକ | | |
| ୧୦ | ୨୩ | ୨୦ | ୦.୨୨ | ୦.୦୨ | ତଇଳା ଏକ | ନାରାୟଣ ପାତ୍ର, ସିଦ ପାତ୍ର, ପି-ଲକ୍ଷ୍ମୀଧର ପାତ୍ର, ଭାଗିରଥି ପାତ୍ର, ପି-କରୁଣା ପାତ୍ର, ଜା-ପାଣ, ବା-ନିଜଗାଁ | |
| | | ୨୨ | ୦.୨୨ | ୦.୦୨ | ତଇଳା ଏକ | | |
| | | ୪୦୧ | | | | | |
| ୧୧ | ୨୪ | ୭୩ | ୩.୫୮ | ୧.୧୭ | ବାଜେ ଫସଲ ଦୁଇ | ପଦନ ମାଝୀ, ପି-ସୁନ୍ଦରା ମାଝୀ, ଜା-ସାନ୍ତାଳ ମାଝୀ, ବା-ନିଜଗାଁ | |
| | | ୧୬୬ | ୧୦.୨୫ | ୦.୭୭ | ତଇଳା ଏକ | | |
| | | ୧୬୭ | ୦.୫୦ | ୦.୦୯ | ତଇଳା ଏକ | | |
| ୧୨ | ୨୬ | ୬୫ | ୨.୨୧ | ୦.୦୨ | ତଇଳା ଏକ | ପାନ ମାଝୀ, ପି-ଫାଟେ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | ବେଆଇନ ଖରିଦ ସୂତ୍ରେ ଦଖଲ-ଦୋଳଗୋବିନ୍ଦ ମହାନ୍ତ, ପି-ବୁ.. ମହାନ୍ତ, ଜା-କୁଡୁମି, ବା-ବଡବାଲିପସି, ରେଜିଷ୍ଟ୍ରାର୍ଡ ଦଲିଲ ନମ୍ବର.୫୧୬ ତା.୫।୩।୬୫ ଜରସମନ-ଟ.୩୫୦.୦୦ |
| | | ୧୭୫ | ୦.୪୭ | ୦.୧୬ | ତଇଳା ଏକ | | |
| ୧୩ | ୨୭ | ୧୭ | ୧.୬୬ | ୦.୪୦ | ତଇଳା ଏକ | ପାରାଉ ମାଝୀ, ପି-ବୁଢାନ୍ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୩୫ | ୨.୩୦ | ୦.୮୩ | ତଇଳା ଏକ | | |
| | | ୩୯ | ୧.୨୮ | ୦.୦୮ | ତଇଳା ଏକ | | |
| | | ୧୫୩ | ୧.୯୧ | ୦.୨୯ | ତଇଳା ଏକ | | |
| ୧୪ | ୨୮ | ୧୭୪ | ୦.୪୫ | ୦.୦୯ | ତଇଳା ଦୁଇ | ପୁନି ବେହେରା, ସ୍ୱା-ଭିକୁ ବେହେରା, ଜା-କୁମ୍ଭାର, ବା-ଭାଲିଆଡିହା | |
| | | ୧୯୯ | ୧.୪୫ | ୦.୩୪ | ତଇଳା ଦୁଇ | | |
| | | ୨୦୦/୪୦୫ | ୧.୩୦ | ୦.୨୬ | ସାରଦ ତିନି | | |
| | | ୨୦୪/୪୦୬ | ୦.୪୪ | ୦.୦୫ | ସାରଦ ତିନି | | |
| ୧୫ | ୩୦ | ୪୧ | ୮.୦୪ | ୦.୦୨ | ତଇଳା ଏକ | ବୀର କିଶୋର ମାଝୀ, ଲାଲମୋହନ ମାଝୀ, ହଜାମ ମାଝୀ, ଲାଦ ରାମ ମାଝୀ, ପି-ଦାସମାତ୍ ମାଝୀ, ଭୁଣ୍ଡା ମାଝୀ, କାଲେୟାନ ମାଝୀ, ପି-ବଡରାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୭୮ | ୨.୧୬ | ୧.୩୯ | ବାଜେ ଫସଲ ଦୁଇ | | |
| | | ୨୩ | ୧.୩୪ | ୦.୦୨ | ତଇଳା ଏକ | | |
| ୧୬ | ୩୩ | ୩୨ | ୦.୨୯ | ୦.୦୩ | ବାଜେ ଫସଲ ଦୁଇ | ଭାଗା ମାଝୀ, ପି-ବାସୁ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | ଜବର ଦଖଲ- ସାନକାଲେ ମାଝୀ, ପି-ଭାଗଲ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| ୧୭ | ୩୪ | ୧୩୮ | ୨.୧୦ | ୦.୭୭ | ତଇଳା ଏକ | ଭାଣ ମାଝୀ, ପି-ରାମଦାସ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୧୮ | ୩୫ | ୨୯ | ୦.୧୧ | ୦.୦୫ | ବାଜେ ଫସଲ ଦୁଇ | ଭୀମା ମାଝୀ, ଦୁର୍ଗା ମାଝୀ, ବାଲାଇ ମାଝୀ, ଅର୍ଜ୍ଜୁନ ମାଝୀ, ପି-ଲକ୍ଷ୍ମଣ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୧୯ | ୩୭ | ୨ | ୨.୯୫ | ୦.୪୮ | ତଇଳା ଏକ | ମଙ୍ଗୁଲୁ, ପି-ଫାଟେ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | ନିରଂଶ ପେକ୍ଷ ଜବର ଦଖଲ ଗୋପାଳ ଚନ୍ଦ୍ର ମୁଣ୍ଡା, ପି-କାନ୍ଦରା ମୁଣ୍ଡା, ଜା-କୋହ୍ଲ, ବା-ବଡବାଲିପସି |
| | | ୩୧ | ୦.୭୦ | ୦.୨୫ | ବାଜେ ଫସଲ ଦୁଇ | | ନିରଂଶ ପେକ୍ଷ ଜବର ଦଖଲ ନାଇକ ମାଝୀ, ପି-ସୁରାଇ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| ୨୦ | ୪୧ | ୧୭୦ | ୨.୦୯ | ୦.୪୩ | ତଇଳା ଏକ | ଲକ୍ଷ୍ମଣ ମାଝୀ, ପି-ତାନ ମାଝୀ, ଛୋଟା ମାଝୀ, ଦୁବରାଜ ମାଝୀ, ପି-କିସନ ମାଝୀ, କାଲେ ମାଝୀ, ସ୍ୱା-ଲକ୍ଷ୍ମଣ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| | | ୧୭୧ | ୦.୩୪ | ୦.୦୪ | ତଇଳା ଏକ | | |
| ୨୧ | ୪୪ | ୧୭୨ | ୧.୪୪ | ୦.୧୫ | ତଇଳା ଏକ | ମିଦ ମାଝୀ, ମସ ମାଝୀ, ରାମ ମାଝୀ, ହାମରା ମାଝୀ, ପି-କାଳିଦାସ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୨୨ | ୪୭ | ୧୯ | ୦.୮୦ | ୦.୬୦ | ତଇଳା ଏକ | ସୁକୁଦା ମାଝୀ, ବର୍ଷା ମାଝୀ, ଫାରୁ ମାଝୀ, ପି-ରାମ ମାଝୀ, ବଣିଜ ମାଝୀ, ପି- ସୁଦାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | ଜବର ଦଖଲ ଚୈତନ୍ୟ ମାଝୀ, ପି-ଶ୍ରୀରାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| | | ୪୦ | ୨.୮୧ | ୧.୬୦ | ତଇଳା ଏକ | | |
| | | ୨୫/୪୦୪ | ୦.୧୦ | ୦.୦୩ | ସାରଦ ଏକ | ←→ | |
| ୨୩ | ୪୮ | ୬୬ | ୨.୩୨ | ୧.୨୯ | ତଇଳା ଏକ | ସୁନ୍ଦର ମାଝୀ, ଦାନ୍ଦୁ ମାଝୀ, ଧନେଶ୍ୱର ମାଝୀ, ପି-ଶ୍ରୀରାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | ଜବର ଦଖଲ-ଗୋପାଳ ମାଝୀ, ଧନେଶ୍ୱର ମାଝୀ, ପି-ଶ୍ରୀରାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| | | ୬୭ | ୦.୧୨ | ୦.୦୪ | ତଇଳା ଏକ | ←→ | ଜବର ଦଖଲ ବାଣିଜ ମାଝୀ, ପି-ଶ୍ରୀରାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| | | ୧୭୯ | ୩.୦୦ | ୦.୫୪ | ତଇଳା ଏକ | ←→ | ଜବର ଦଖଲ- ଗୋପାଳ ମାଝୀ, ପି-ଶ୍ରୀରାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| ୨୪ | ୫୧ | ୨୧୪ | ୧.୫୭ | ୦.୨୬ | ତଇଳା ଏକ | ସୁମୀ ମାଝୀ, ସାକର ମାଝୀ, ପି-ବିରାଲ ମାଝୀ, ପୁନିରାମ ମାଝୀ, ପି-ଦିଗା ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୨୫ | ୫୬/୧୪ | ୧୩ | ୧.୯୨ | ୦.୪୫ | ତଇଳା ଏକ | ଡିମ୍ବାର ମୁଣ୍ଡା, ପି-ଗୋକୁଳ ମୁଣ୍ଡା, ଜା-କୋହ୍ଲ, ବା-ନିଜଗାଁ | |
| ୨୬ | ୫୬/୨୪ | ୧୫୫ | ୧.୪୮ | ୦.୧୪ | ତଇଳା ଏକ | ଯୋଗେନ୍ଦ୍ର ତନ୍ତୀ, ଦୁର୍ଯ୍ୟୋଧନ ତନ୍ତୀ, ଜା-ପାଣ, ବା-ବଡବାଲିପସି | |
| ୨୭ | ୪୮ | ୮୨ | ୦.୫୫ | ୦.୦୧ | ବାଜେ ଫସଲ ଦୁଇ | ସୁନ୍ଦର ମାଝୀ, ଦାନ୍ଦୁ ମାଝୀ, ଧନେଶ୍ୱର ମାଝୀ, ପି-ଶ୍ରୀରାମ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | ଜବର ଦଖଲ-ଭିମ ମାଝୀ, ଦୁର୍ଗା ମାଝୀ, କାଳିଆ ମାଝୀ, ଅର୍ଜ୍ଜୁନ ମାଝୀ, ପି-ଲଖନ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ |
| ମୋଟ-୬୦ | | | ୧୦୬.୬୮ | ୨୩.୨୩ | | | |

24045/14/0012/1920

## ସଂକ୍ଷେପରେ

### ରେଳଷ୍ଟେଶନରୁ ଗୁଟ୍‌ଖା ଜବତ, ଜଣେ ଗିରଫ

**ବ୍ରହ୍ମପୁର,୨୦।୯(ଡି.ଏନ.ଏ.):** ସରକାରୀ ରେଳବାଇ ପୋଲିସ (ଜିଆରପି) ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ-୨ରୁ ଗୁଟଖା ଜବତ କରି ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି । ଗିରଫ ଜଣକ ଆନ୍ଧ୍ର ପ୍ରଦେଶର ଇଷ୍ଟ ଗୋଦାବରୀର ଜି.ଗଣେଶ (୩୩) । ଜିଆରପି ପୋଲିସ ତାଙ୍କ ନିକଟରୁ ମିରାଜ, ଭି-୨ ନାମକ ଦୁଇଟି ବ୍ରାଣ୍ଡର ଗୁଟ୍‌ଖା ଜବତ କରିଛି। ମାମଲା ନଂ ୭୭/୧୯ରେ ଶୁକ୍ରବାର ରାତିରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ପୂର୍ବାହ୍ନ ସାଢେ ୧୧ ଟା ବେଳେ ଜଣେ ଯୁବକ ସନ୍ଦେହଜନକ ଭାବେ ବୁଲୁଥିଲେ । ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ଧରି ଥାନାକୁ ଆଣିଥିଲେ । ଗଣେଶ ଧରିଥିବା ଏୟାରବ୍ୟାଗ ଯାଞ୍ଚ ବେଳେ ସେଥିରେ ଗୁଟଖା ଭର୍ତ୍ତି ହୋଇଥିବା ପୋଲିସ ଦେଖିବାକୁ ପାଇଥିଲା। ଗଣେଶ ଗୁରୁବାର ବ୍ରହ୍ମପୁର ଆସି ବଡବଜାର ଅଞ୍ଚଳରୁ ଗୁଟଖା କିଣି ଶୁକ୍ରବାର ବିଶାଖା ଏକ୍ସପ୍ରେସ ଯୋଗେ ଆନ୍ଧ୍ରପ୍ରଦେଶର ସାମଲକୋଟା ନେବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ପୋଲିସ ଜେରା ବେଳେ ପୋଲିସ ଜାଣିବାକୁ ପାଇଛି ।

### ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

**ଛତ୍ରପୁର,୨୦।୯(ଡି.ଏନ.ଏ.):** ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅଧୀନ କୁଜିଢେପା ଗାଁର ବିନାୟକ ମହାପାତ୍ର ଓ ତାଙ୍କ ନମିତାଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ସନ୍ଧ୍ୟାରେ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ ହୋଇଛି । ଫଳରେ ଉଭୟେ ଆହତ ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଦମ୍ପତିଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । କୁଜିଢ଼େପା ଗାଁର ୨ ଭାଇ ଠେଙ୍ଗାରେ ବିନାୟକ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ । ପୂର୍ବରୁ ଘର କାନ୍ଥ ପାଇଁ ମଧ ଉକ୍ତ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ମାମଲା କୋର୍ଟ ପର୍ଯ୍ୟନ୍ତ ଯାଇଥିଲା।

### ଖାରିଗୁଡ଼ାରେ ଅଗ୍ନିକାଣ୍ଡ, ୮ବଖରା ଜଳିଗଲା

**ଭଞ୍ଜନଗର,୨୦।୯(ଡି.ଏନ.ଏ):** ଭଞ୍ଜନଗର ତହସିଲ ଅନ୍ତର୍ଗତ ଖାରିଗୁଡ଼ାରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି । ଏଥିରେ ଗଙ୍ଗାଧର ନାୟକ, ସୁଗ୍ରୀବ ନାୟକ, ବାଳି ନାୟକ, ଶୈଳ ନାୟକଙ୍କ ୮ ବଖରା ଘର ପୋଡ଼ିଯାଇଛି । ଏଥିସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି । ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛନ୍ତି। ନିଆଁ କିଭଳି ଲାଗିଲା ତାହା ଜଣାପଡ଼ିନାହିଁ । ସରପଞ୍ଚ କୃଷ୍ଣ ସ୍ୱାଇଁ ରାତିରେ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରଙ୍କ ଥଇଥାନ ବ୍ୟବସ୍ଥା କରିଛନ୍ତି ।

■ ବ୍ରହ୍ମପୁରରେ ବୁଲିଲା ବିଜେଡିର ଅହିଂସା ରଥ

# ଆରମ୍ଭ ହେଲା ଦସ୍ତଖତ ସଂଗ୍ରହ ଅଭିଯାନ

**ବ୍ରହ୍ମପୁର ଅଫିସ,୨୦।୯**

ବ୍ରହ୍ମପୁରରେ ଶୁକ୍ରବାର ବୁଲିଲା ଅହିଂସା ରଥ। ଗଞ୍ଜାମ ଜିଲା ବିଜେଡି ପକ୍ଷରୁ ଆୟୋଜିତ ଏହି ରଥ ପରିକ୍ରମା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରସ୍ତାବିତ ଭାରତ ସମ୍ବିଧାନର ମୁଖବନ୍ଧରେ ଅହିଂସାକୁ ଯୋଡ଼ିବା ପାଇଁ ଯେଉଁ ପ୍ରୟାସ ଚଳାଇଛନ୍ତି ତାର ସଫଳ ରୂପାୟନ ନିମନ୍ତେ ହଜାର ହଜାର ଲୋକଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଏହା ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ ।

ଅପରାହ୍ନରେ ଇଞ୍ଜିନିୟରିଂ ରୋଡସ୍ଥ ବିଜେଡିର ଜିଲା କାର୍ଯ୍ୟାଳୟ ସମ୍ମୁଖରୁ ଅଭିଯାନ ଆରମ୍ଭ ହୋଇଥିଲା । ଏମ୍‌ପି ଚନ୍ଦ୍ରଶେଖର ସାହୁ ଏହାର ଶୁଭାରମ୍ଭ କରିଥିଲେ। ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ଶିବ ଶଙ୍କର ସାହାଣୀ, ବିଡିଏ ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଯୁବ ବିଜେଡି ଜିଲା ସଭାପତି ଏନ୍. ଧନଞ୍ଜୟ ରାଓ, ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ପୂର୍ବତନ ମେୟର କେ. ମାଧବୀ, ପୂର୍ବତନ ଡେପୁଟି ମେୟର ଜ୍ୟୋସ୍ନା ନାୟକ ଏବଂ ବିଏମ୍‌ସିର ପୂର୍ବତନ କର୍ପୋରେଟରମାନେ ଏଥିରେ ସାମିଲ ହୋଇଥିଲେ।



ବିଜେଡିର ଅହିଂସା ରଥ ଓ ଦସ୍ତଖତ ସଂଗ୍ରହ ଅଭିଯାନରେ ଦଳୀୟ ନେତା ଓ କର୍ମୀ ।

ବିଜେଡି କାର୍ଯ୍ୟାଳୟରୁ ଆସି ମେଡିକାଲ ଛକ ଦେଇ କୋର୍ଟପେଟା ଓ କମାପଲ୍ଲୀ ଛକରେ ଅହିଂସା ରଥ ପହଞ୍ଚିବା ପରେ ଶହ ଶହ ଲୋକ ସ୍ୱାଗତ ଜଣାଇଥିଲେ। ଯୁବନେତା ସୁରେନ୍ଦ୍ର ମହାରଣା ନେତୃତ୍ୱ ନେଇଥିଲେ । ସେଠାରୁ ଟାଟାବେଞ୍ଚ ଛକ, କଲେଜ ରୋଡ, ଟାଉନ ହଲ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ବଡ଼ ଓ ସାନବଜାର, ବାଲୁଙ୍କେଶ୍ୱର ମନ୍ଦିର ଛକ, ଫାଷ୍ଟଗେଟ, ଆସିକା ରୋଡ, ଗେଟ ବଜାର ଆଦି ଅଞ୍ଚଳ ପରିକ୍ରମା ପରେ ବିଜିପୁରରେ ପହଞ୍ଚିଥିଲା। ସେଠାରେ ମଧ ପ୍ରବଳ ଗହଳି ହୋଇଥିଲା । ସେଠାରୁ ଗୋସାଣୀନୂଆଗାଁ ଯାଇ ଉତ୍ତରେଶ୍ୱର ମନ୍ଦିର ନିକଟରେ ଶେଷ ହୋଇଥିଲା । ଉଦ୍‌ଯାପନୀ ସମାବେଶରେ ଏମ୍‌ପି ସାହୁ କହିଥିଲେ, ଅକ୍ଟୋବର ୨ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳିତ ହେବ । ସେହିଦିନରୁ ଅଭିଯାନକୁ ଆହୁରି ବ୍ୟାପକ କରାଯିବ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ପୂର୍ବ ପୌର ପରିଷଦ ନଗରପାଳ ପି. ଭୀମୁଡୁ, ଉପନଗରପାଳ ଜାମୁଲା ଶଙ୍କର ନାରାୟଣ, ଭଗବାନ ଗନ୍ତାୟତ, ମହାନଗର ବିଜେଡି ଓ ଯୁବ ବିଜେଡି ସଭାପତି ଯଥାକ୍ରମେ ବିଜୟ ସାମଲ ଓ ମୁକୁନ୍ଦ ଗୌଡ଼ଙ୍କ ସମେତ ଅନ୍ୟ ଛାମୁଆ ସଂଗଠନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଶତାଧିକ ଯୁବ କର୍ମୀ ସହଯୋଗ କରିଥିଲେ ।

## ଭାଜପା ସେବା ସପ୍ତାହ ପାଳିତ



ସେବା ସପ୍ତାହ ପାଳନ ଅବସରରେ ଭାଜପା କର୍ମକର୍ତ୍ତା ।

**ଆସିକା ୨୦।୯ (ଡି.ଏନ୍.ଏ.)**

ଆସିକା ଭାଜପା ପକ୍ଷରୁ ଶୁକ୍ରବାର ସେବା ସପ୍ତାହ ପାଳିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ଆସିକା ଡାକ୍ତରଖାନାକୁ ଯାଇ ଫଳ ବଣ୍ଟନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସରେ ଏହି ଦିବସ ଦଳ ପକ୍ଷରୁ ପାଳନ କରାଯାଉଥିଲା ବେଳେ କର୍ମୀମାନେ ଡାକ୍ତରଖାନା ଅନ୍ତେବାସୀଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣି ସଦସ୍ୟ ନାରାୟଣ ବେହେରା, ନଗର ସଭାପତି ନାରାୟଣ ହୋତା, ବିଦ୍ୟାନ୍ତ ଚର୍ଚ୍ଚ, ରବୀନ୍ଦ୍ରନାଥ ପୋଲାଇ, ସନ୍ତୋଷ କୁମାର ପୋଲାଇ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦେବକାନ୍ତ ଶର୍ମା, ସୁରେନ୍ଦ୍ର ଦଳାଇ, ସନ୍ତୋଷ କୁମାର ନାୟକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ ।

■ ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ

# ନାମାଙ୍କନ ଦାଖଲ, ୨୯ରେ ଭୋଟ

**ଛତ୍ରପୁର,୨୦।୯(ଡି.ଏନ.ଏ)**

ଗଞ୍ଜାମ ପୋଲିସ ଜିଲା ହାବିଲଦାର ଓ କନଷ୍ଟେବଳ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ ହୋଇଛି । ଅତିରିକ୍ତ ଏସ୍‌ପି ତଥା ରିର୍ଟର୍ଣ୍ଣିଂ ଅଫିସର ପତିତପାବନ ଚୌଧୁରୀଙ୍କ ନିକଟରେ ଏହି ନାମାଙ୍କନପତ୍ର ଦାଖଲ ହୋଇଥିଲା । ୨୨ ତାରିଖରେ ନାମାଙ୍କନପତ୍ର ଯାଞ୍ଚ, ୨୩ରେ ନାମାଙ୍କନ ପ୍ରତ୍ୟାହାର ଓ ୨୪ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୭ ତାରିଖରେ ବାଲାଟପେପର ଓ ବକ୍ସ ବୁଥ୍‌କୁ ପଠାଯିବ । ୨୯ରେ ଭୋଟ ଗ୍ରହଣ ଏବଂ ଅକ୍ଟୋବର ୧ ତାରିଖରେ ଗଣତି ହେବ ହେବ ବୋଲି ସୂଚନା ମିଳିଛି। ଅଭିମନ୍ୟୁ ଜାଲି ଓ ଗୋରାଚାନ୍ଦ ତ୍ରିପାଠୀ ସଭାପତି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦବୀ ପାଇଁ ଆକାଶ କୁମାର ବେହେରା ନାମାଙ୍କନ ଦାଖଲ କରିଥିବା ବେଳେ ସୁଦର୍ଶନ ଜେନା, ସୁବାସ ଚନ୍ଦ୍ର ସେଠୀ ଓ ବ୍ରଜମୋହନ ଜେନା ସମ୍ପାଦକ, ବଳରାମ ଜେନା ଓ ହାଡୁବନ୍ଧୁ ବେହେରା କୋଷାଧ୍ୟକ୍ଷ, ଦୀପକ କୁମାର ସେଠୀ ଓ ଡି. ହରେରାମ ସହସମ୍ପାଦକ-୧, କରୁଣାକର ମଲାଣ ଓ ସୀମାଞ୍ଚଳ ମିଶ୍ର ସହସମ୍ପାଦକ ପଦବୀ-୨ ପାଇଁ ନାମାଙ୍କନ ପତ୍ର ଦାଖଲ କରଛନ୍ତି। ୫-ଟି କାର୍ଯ୍ୟକାରୀ ସଭ୍ୟ ପାଇଁ ଜି ଗଣେଶ ରାଓ, ନାରାୟଣ ଦାଶ, ସୁରେଶ ପାଣି, ପ୍ରବୀଣ ଗୌଡ, କେ. ଅନୀଲ ରାଓ, ଅଭିମନ୍ୟୁ ବେହେରା, ନରୋତ୍ତମ ପ୍ରଧାନ, ବନବାସ ଶବର, ମନୋଜ କୁମାର ଗୌଡ ଓ ଅମର କୁମାର ତରାଇ ନାମାଙ୍କନପତ୍ର ଦାଖଲ କରିଥିବା ସୂଚନା ମିଳିଛି ।

### ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ : ଥାନାରେ ଏତଲା

**ଗଞ୍ଜାମ,୨୦।୯(ଡି.ଏନ.ଏ.)**

ରମ୍ଭା ଥାନା ମଲାଡ଼ ପଞ୍ଚାୟତ ପଣିବନ୍ଧ ଓ କାଠଗଡ଼ା ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ଗୁରୁବାର ରାତିରେ ଗଣ୍ଡଗୋଳ ହୋଇଥିଲା । ଶୁକ୍ରବାର ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ପଣିବନ୍ଧରୁ ହରିଶ୍ଚନ୍ଦ୍ର ସେଠୀ ଓ କାଠଗଡ଼ାର ଏମ୍. ଶିବରାମ ପାତ୍ର ରମ୍ଭା ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ ଉଭୟଙ୍କ ପକ୍ଷରୁ ନଂ. ୧୮୮/୧୯ ଓ ୧୮୯/୧୯ରେ ମାମଲା ରୁଜୁ ହୋଇଥିବା ରମ୍ଭା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡ଼କାଇ ସମାଧାନ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଖବର ହସ୍ତଗତ ହୋଇଛି । ଉଭୟ ଗୋଷ୍ଠୀକୁ ରମ୍ଭା ପୋଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି ।

## ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ



ମା'ମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ହାତୀଓଟ,୨୦।୯**

ପୋଲସରା ବ୍ଲକର ସମନ୍ୱିତ ଶିଶୁ ବିକାଶ ପକ୍ଷରୁ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଏନ୍‌ଏସିର ଏକ ନିର୍ଦ୍ଧିଷ୍ଟ କେନ୍ଦ୍ରରେ ପୋଲସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କୁନ୍ତଳା କୁମାର ନାଇକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ କନ୍ୟା ସନ୍ତାନ ମା' ଓ କିଶୋରୀ ବାଳିକ ଉପସ୍ଥିତ ରହିଥିବା ବେଳେ କନ୍ୟା ସନ୍ତାନ ମା'ଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ଅଞ୍ଚଳ ପରିଦର୍ଶିକାମାନେ ନିଜ ନିଜ ସେକ୍ଟରଗୁଡ଼ିକରେ ଏହି କାର୍ଯ୍ୟକ୍ରମ କରିଥିଲେ।

## ଭାଜପା ସେବା ସପ୍ତାହ ପାଳିତ



ଉପସ୍ଥିତ ଭାଜପା କର୍ମୀ ।

**ବୁଗୁଡ଼ା,୨୦।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଭାଜପା ପକ୍ଷରୁ ଶୁକ୍ରବାର ବୁଗୁଡ଼ାରେ ସେବା ସପ୍ତାହ ପାଳିତ ହୋଇଯାଇଛି। ଭାଜପା କର୍ମୀମାନେ ଏହି ଉପଲକ୍ଷେ ମୋଦିଙ୍କ ସୁସ୍ଥ ଜୀବନ କାମନା କରିବା ସହ ସହରରେ ସ୍ୱଚ୍ଛ ଭାରତର ବାର୍ତ୍ତା ପ୍ରଦାନ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ନଗର ଭାଜପା ସଭାପତି ହର ପ୍ରସାଦ ଦାଶ, ପୂର୍ବତନ ସଭାପତି ଶ୍ୟାମ ସୁନ୍ଦର ହୋତା, କୈଳାସ ଚନ୍ଦ୍ର ପ୍ରଧାନ, କେଦାର ମହାରଣା, କାର୍ତ୍ତିକ ମଙ୍ଗାଳ, ଶିବ ପ୍ରସାଦ ବିଷୋୟୀ, ଖୋଳଖାଳି ସରପଞ୍ଚ ସୂର୍ଯ୍ୟମଣି ଗୌଡ଼, ଗୋଲିଆ ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ ପ୍ରଧାନ, ଭାମଶିଆଳି ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର କୁମାର ବେହେରା, ସୂର୍ଯ୍ୟ ନାରାୟଣ ମହାନ୍ତି, ବିଷ୍ଣୁଚରଣ ପ୍ରଧାନ, ଶମ୍ଭୁନାଥ ନାହାକଙ୍କ ସମେତ ଭାଜପାର କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

### ପୋଷଣ ଦିବସ ପାଳନ

**ବୁଗୁଡ଼ା,୨୦।୯(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଗୋଲାସାହି ଅଙ୍ଗନୱାଡି କେନ୍ଦ୍ର ରଘୁନାଥ ସାହି, କୁମ୍ଭାରସାହି, ତଳ ଓଡ଼ିଆ ସାହି ଓ ଗୋଲା ସାହି କେନ୍ଦ୍ରର ମିଳିତ ଭାବେ ମହିଳା ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଗୁରୁବାର ପୋଷଣ ଦିବସ ପାଳନ କରାଯାଇଥିଲା। ଶୁକ୍ରବାର କୃଷ୍ଣସରଣପୁର କେନ୍ଦ୍ରରେ ମଧ ଏହି ଦିବସ ପାଳିତ ହୋଇଯାଇଛି। ଉକ୍ତ କେନ୍ଦ୍ର ଅଞ୍ଚଳ ପରିଦର୍ଶିକା ମମତା ପଣ୍ଡା ଯୋଗଦେଇ ଶୈଶବ ଅବସ୍ଥାରେ ଶିଶୁ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମ ସହ ପୋଷଣ ଦିବସ ପାଳନର ଆବଶ୍ୟକତା ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗୋଲାସାହି କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସନ୍ଧ୍ୟାରାଣୀ ନାୟକ, ପ୍ରଭାତ ନଳିନୀ ମହାରଣା, ସଞ୍ଜୁଲତା ପ୍ରଧାନ, ସୁଲୋଚନା ଡ଼ାକୁଆ ଉପସ୍ଥିତ ଥିବା ବେଳେ କୃଷ୍ଣସରଣପୁର କେନ୍ଦ୍ରରେ ଅନିତା ମିଶ୍ର ପ୍ରମୁଖ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ ।

## ପୃଥକ୍ ୨ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ

**ଭଞ୍ଜନଗର,୨୦।୯(ଡି.ଏନ.ଏ.)**

**ଥାନାରେ ମାମଲା, ଜଣେ ଅଟକ**

ଯେତେ କଠୋର ଆଇନ ପ୍ରଣୟନ କରାଗଲେ ମଧ ନାବାଳିକାଙ୍କ ପ୍ରତି ଅସଦାଚରଣ ଘଟଣା ବନ୍ଦ ହେଉନହିଁ। ପୃଥକ ୨ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରାଯାଇଥିବା ନେଇ ଶୁକ୍ରବାର ଭଞ୍ଜନଗର ଥାନାରେ ଅଭିଯୋଗ ହୋଇଛି । ନାବାଳିକାଦ୍ୱୟଙ୍କ ଅଭିଭାବକଙ୍କ ଏତଲାକୁ ଭିତ୍ତିକରି ପୋଲିସ ୨ ମାମଲା ରୁଜୁ କରିଛି। ଗୋଟିଏ ମାମଲାର ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଗୋଟିଏ ଦିନରେ ୨ଟି ଏପରି ଅଭିଯୋଗକୁ ନେଇ ପୋଲିସର ମୁଣ୍ଡବ୍ୟଥା ବଢ଼ିଯାଇଛି । ପ୍ରକାଶଯେ, ଜଣେ ଅଟୋ ଚାଳକ ୫ ବର୍ଷୀୟା ଛାତ୍ରୀକୁ ବିଦ୍ୟାଳୟ ନେବା ବେଳେ କିଛିଦିନ ପୂର୍ବେ ଅଶ୍ଳୀଳ ଇଙ୍ଗିତ କରିଥିବା ଅଭିଯୋଗ ହୋଇଛି। ଏନେଇ ନାବାଳିକାଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଶୁକ୍ରବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏତଲା ରଖି ଘଟଣାର ତଦନ୍ତ ଚଳାଇଛି । ଅଭିଯୁକ୍ତ ଅଟୋ ଚାଳକ ଭଞ୍ଜନଗର ଅଟୋ ଚାଳକ ସଂଘର ସଭ୍ୟ ନୁହଁନ୍ତି। ସେହିପରି ଆଉ ଏକ ୧୧ ବର୍ଷର ନାବାଳିକାଙ୍କୁ ଅନ୍ୟ ଏକ ସ୍ଥାନରେ ଜଣେ ଅଭିଯୁକ୍ତ ଅଶ୍ଳିଳ ଇଙ୍ଗିତ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏନେଇ ଥାନା ଅଧିକାରୀ ସୁଦୀପ୍ତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କିଛି କହିବାକୁ ମନା କରି ଦେଇଥିଲେ ।

## କିଡ୍‌ନୀ ରୋଗୀଙ୍କୁ ଆରଏମ୍‌ସି ପକ୍ଷରୁ ସହାୟତା

**ଭଞ୍ଜନଗର,୨୦।୯(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବେଡ଼ିଗୋବାର ଦୟାନିଧି ପ୍ରଧାନ କିଛିମାସ ହେବ କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଦୟା ଘରର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବା ବେଳେ ଏବେ ପରିବାର ଚଳିବା କଷ୍ଟକର ହୋଇପଡ଼ିଛି । ଅନ୍ୟପଟେ ଦୟାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ମଧ୍ୟ ଆବଶ୍ୟକ ଅର୍ଥ ଯୋଗାଡ଼ କରି ପାରୁନାହାନ୍ତି। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ପାଖରେ ଏହି ଖବର ପହଞ୍ଚିଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ ଆରଏମ୍‌ସି ସମ୍ପାଦକ ଦୀନବନ୍ଧୁ ଗୌଡ଼ ୨୦ ହଜାର ଟଙ୍କା ସଂଗ୍ରହ କରି ଦୟାଙ୍କ ପରିବାରକୁ ଶୁକ୍ରବାର ପ୍ରଦାନ କରିଛନ୍ତି । ସହାୟତା ପ୍ରଦାନ ବେଳେ ଦଦରାଲୁଣ୍ଡା ସରପଞ୍ଚ କୃଷ୍ଣ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ଆରଏମ୍‌ସି ସମ୍ପାଦକ ଦୀନବନ୍ଧୁ ଗୌଡ଼ ସହାୟତା ପ୍ରଦାନ କରୁଛନ୍ତି ।

### ଜଳ ନିଷ୍କାସନ, କ୍ଷତିପୂରଣ ପାଇଁ ଦାବି

**ଆସିକା ୨୦।୯ (ଡି.ଏନ୍.ଏ.)**

ଆସିକା ବ୍ଲକ ଜୟପୁର ଗ୍ରାମବାସୀଙ୍କ ଚାଷ ଜମିରେ ଶୁକ୍ରବାର ପାଣି ମାଡିଯିବାରୁ ଫସଲ କ୍ଷତି ଘଟିଥିବା ନେଇ ଆସିକା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀ ଆସିକା ତହସିଲଦାର ଆଶୁତୋଷ ଗୌରବ କରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିରେ ଲଗାଣ ବର୍ଷା ଯୋଗୁ ଗ୍ରାମ ସଂଲଗ୍ନ ସୁକନଈ, ମାଛୁଆ ଓ ଗହିର ପାହାଡ ଚାଷ ଜମିରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି କ୍ଷତି ଘଟିଛି। ଏହାର ଭରଣା ଲାଗି ଗ୍ରାମବାସୀ ଅନୁରୋଧ କରିଛନ୍ତି। ସମସ୍ତ ଚାଷୀ ଫସଲ ବୀମା କରିଥିଲେ ମଧ ସ୍ଥାନୀୟ ବ୍ୟାଙ୍କର ଖାମଖିଆଲି ନୀତି ଯୋଗୁ ରାଶି ମିଳିପାରି ନ ଥିବା ଅଭିଯୋଗ କରାଯାଇଛି । ଗ୍ରାମବାସୀଙ୍କ ଏହି ଅଭିଯୋଗ ପ୍ରତି ପ୍ରଶାସନ ଉପଯୁକ୍ତ ଦୃଷ୍ଟି ଦେଇ ଏହାର ସମାଧାନ କରିବା ନିମନ୍ତେ ଦାବି କରାଯାଇଛି। ଜୟପୁର ସରପଞ୍ଚ ସଞ୍ଜୟ କୁମାର ଜେନାଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ତହସିଲରେ ପହଞ୍ଚି ଏହି ଦାବି ପତ୍ର ପ୍ରଦାନ କରିଥିଲେ।

## ଭାଜପାର ସାଙ୍ଗଠନିକ ନିର୍ବାଚନ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଦଳୀୟ କାର୍ଯ୍ୟକର୍ତ୍ତା ।

**ଦିଗପହଣ୍ଡି,୨୦।୯(ଡି.ଏନ.ଏ.)**

ଦିଗପହଣ୍ଡିରେ ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ନିର୍ବାଚନ ପଦ୍ଧତି ଓ କାର୍ଯ୍ୟସୂଚୀ ସମ୍ପର୍କିତ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ରାଜ୍ୟ ଉପସଭାନେତ୍ରୀ ପିଙ୍କି ପ୍ରଧାନ, ଗଞ୍ଜାମ ଜିଲା ସାଙ୍ଗଠନିକ ନିର୍ବାଚନ ଅଧିକାରୀ ପ୍ରତାପ ମିଶ୍ର ଯୋଗଦେଇ ସାଙ୍ଗଠନିକ ନିର୍ବାଚନର ବିଧିବ୍ୟବସ୍ଥା ସବୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଜିଲା କାର୍ଯ୍ୟକର୍ତ୍ତା ରାଜେଶ ସାହୁ, କୁଞ୍ଜବିହାରୀ ପଣ୍ଡା, ରବି ସାହୁ ଉପସ୍ଥିତ ରହି ସଦସ୍ୟତା ଅଭିବୃଦ୍ଧିର କୌଶଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ସୂର୍ଯ୍ୟ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଭାଜପା ମଣ୍ଡଳ ସଭାପତିମାନଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଭାଜପା ମଣ୍ଡଳ ସଭାପତି ବାପି ପ୍ରଧାନ, ସୀମାଞ୍ଚଳ ପାଣିଗ୍ରାହୀ, ରବୀନ୍ଦ୍ର ବରାଡ, ରବି ରଣା, ରାମ ପ୍ରଧାନ, ଶିବରାମ ପାତ୍ର ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ଦଳୀୟ ବାଦବିବାଦ ଯୋଗୁ ସ୍ଥାନୀୟ ବହୁ ପ୍ରମୁଖ କାର୍ଯ୍ୟକର୍ତ୍ତା କର୍ମଶାଳାରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

### ଭାଜପାର ସେବା ସପ୍ତାହ ପାଳନ

**ହାତୀଓଟ,୨୦।୯**

ପୋଲସରା ଭାଜପା ତରଫରୁ ଏନ୍‌ଏସିର ଭାଜପା ନେତା ଗୋକୁଳା ନନ୍ଦ ମଲିକଙ୍କ ବାସଗୃହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା, ଏନ୍‌ଏସି ପୂର୍ବତନ କାଉନସିଲର ଓ ପୂର୍ବତନ ନଗରପାଳ ଉପସ୍ଥିତ ରହି ପ୍ଲାଷ୍ଟିକ ମୁକ୍ତ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାଜପା ନେତା ତଥା ପୂର୍ବତନ ନଗରପାଳ ଦୁର୍ଯ୍ୟୋଧନ ସାହୁ, ପୂର୍ବତନ ଉପନଗରପାଳ ନିବାସୀ ପରିଡ଼ାଙ୍କ ସହ ପୂର୍ବତନ କାଉନସିଲର ଯଜ୍ଞ ସାହୁ, ଶଶାଙ୍କ ଶେଖର ସାହୁ, ଭଗବାନ ଡ଼ାଙ୍ଗୁଆ, ସନ୍ତୋଷ ମାଝି, ଆଇନଜୀବୀ ପବିତ୍ର ନାୟକ ଏବଂ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏହି ଅବସରରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଓଲଟିଲା ଟ୍ରକ୍, ଚାଳକ ଗୁରୁତର

**ଖଜୁରିପଡ଼ା,୨୦।୯(ଡି.ଏନ.ଏ.)-** ଖଜୁରିପଡ଼ା ଥାନା ଗାଡ଼ିଆପଡ଼ା ଘାଟିରେ ଶୁକ୍ରବାର ଟ୍ରକ ଧକ୍କାରେ ଆଉ ଏକ ଟ୍ରକ ଓଲଟି ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ଇସୁରାପାଳ ଗ୍ରାମର କାଳନ୍ଦି ଚନ୍ଦ୍ର ପାତ୍ର । ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସକାଳ ୧୦ଟାରେ ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ୨ଟି ଟ୍ରକ ଯାଉଥିଲା। ଗାଡ଼ିଆପଡ଼ା ଘାଟିର ବୁଲାଣିରେ ଆଗ ଟ୍ରକ ପଛରେ ଯାଉଥିବା ଟ୍ରକର ବ୍ରେକ୍ ଫେଲ୍ ହୋଇଯିବାରୁ ଭାରସାମ୍ୟ ହରାଇ ଆଗ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଟ୍ରକଟି ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଏଥିରେ ଟ୍ରକର ଚାଳକ ଚାପି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରି ଖଜୁରିପଡ଼ା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖଜୁରିପଡ଼ା ଆଇଆଇସି ରମାକାନ୍ତ ପାତ୍ର ପହଞ୍ଚି ତଦନ୍ତ ଚଳାଇଛନ୍ତି । ଅନ୍ୟପକ୍ଷରେ ଆଉ ଏକ କାଠ ଗଣ୍ଡି ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଯାଇଛି। ଘାଟିଟି ଅଧିକ ଗଡ଼ାଣିଆ ହୋଇଥିବାରୁ ଟ୍ରକରେ ଅଧିକ ମାଲ ଲୋଡ଼ କରି ନେଇଯିବାରୁ ଦୁର୍ଘଟଣା ଘଟୁଥିବା କୁହାଯାଇଛି।

### ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

**ସୋରଡ଼ା,୨୦।୯(ଡି.ଏନ୍.ଏ.)-** ସୋରଡା-ଅସୁରବନ୍ଧ ବାଉଁଶିଆ ଜଙ୍ଗଲରୁ ଗୁରୁବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ନାବାଳିକା ସରାବାଡ଼ି ପଞ୍ଚାୟତର ଏସ୍.ଗୁଣ୍ଡିରିବାଡ଼ି ଗ୍ରାମର ବୋଲି ଜଣାପଡ଼ିଛି। ବଡ଼ଗଡ଼ ଥାନାଧିକାରୀ ପ୍ରତାପଚନ୍ଦ୍ର ତ୍ରିପାଠୀ, ସୋରଡ଼ା ଥାନାଧିକାରୀ ପ୍ରଭାତ ସାହୁ, ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଗଞ୍ଜାମ ଏସ୍‌ପି ବ୍ରିଜେସ ରାଏ ଘଟଣାସ୍ଥଳରେ ପହଞ୍ଚିଥିଲେ। ଛତ୍ରପୁର ସାଇଣ୍ଟିଫିକ୍ ଟିମ୍ ମଧରାତିରେ ପହଞ୍ଚି ବିଭିନ୍ନ ଦିଗରୁ ପରୀକ୍ଷା କରିଥିଲେ। ନାବାଳିକା ୧୦ ଦିନ ହେଲା ଘରୁ କେଉଁ ଆଡେ ପଳାଇଥିଲେ। ପୁଣି ଘରକୁ ନ ଫେରି ସମ୍ପର୍କୀୟଙ୍କ ଘର ଗୋବିନ୍ଦପୁରକୁ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ କେହି ନ ରଖିବାରୁ ସେ ଅନ୍ୟ ଉପାୟ ନପାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ନାବାଳିକା ଜଣକ କାହା ପ୍ରଲୋଭନରେ ଘରୁ ଯାଇଥିଲେ ସେ ନେଇ ପୋଲିସ ତଦନ୍ତ ଚଳାଇଛି। ଶୁକ୍ରବାର ଭଞ୍ଜନଗରରେ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସୁବଳଯ୍ୟାପଲ୍ଲିରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ଶେରଗଡ,୧୮।୯(ଡି.ଏନ୍.ଏ.)-** ଶେରଗଡ ବ୍ଲକ ସୁବଳଯ୍ୟାପଲ୍ଲୀ ଗ୍ରାମରେ ବୁଧବାର ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ ଯୋଗଦେଇ କନ୍ୟା ସନ୍ତାନ ମା' ମାନଙ୍କୁ ସ୍ୱାଗତ କରିଥିଲେ। ଆୟୋଜିତ ସଭାରେ ଯୋଗଦେଇ ବିଡିଓ ସାହୁ କହିଛନ୍ତି ଯେ, ସରକାରଙ୍କ ବିଜୁକନ୍ୟା ରତ୍ନ ଯୋଜନାରେ ପ୍ରତ୍ୟେକ ଗ୍ରାମର ଶିଶୁ କନ୍ୟାଙ୍କ ମା'ମାନଙ୍କୁ ସମ୍ମାନିତ କରାଯାଉଛି। କାର୍ଯ୍ୟକ୍ରମରେ ସୁପରଭାଇଜର ଗେଲି ସାରିଆ ସାହୁ, ଅବସରପ୍ରାପ୍ତ ଶିକ୍ଷକ ରାମକୃଷ୍ଣ ମାଦଳାଙ୍କ ସମେତ ଧନନ୍ତର ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିବାବେଳେ ବହୁ ଶିଶୁକନ୍ୟାଙ୍କ ମା'ମାନେ ଯୋଗ ଦେଇଥିଲେ।

## ■ ୟୁନାଇଟେଡ ବ୍ୟାଙ୍କ ଋଣରେ ଜାଲିଆତି

# ଶାଖା ପରିଚାଳକଙ୍କ ନାମରେ ଗ୍ରାହକଙ୍କ ଅଭିଯୋଗ

**ଫୁଲବାଣୀ ଅଫିସ, ୨୦।୯**

କନ୍ଧମାଳ ଜିଲା ୟୁନାଇଟେଡ ବ୍ୟାଙ୍କ ଶାଖା ପରିଚାଳକଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଛନ୍ତି ଗ୍ରାହକ । ଚାଷୀଙ୍କୁ ଋଣ (କେସିସି) ଦେବାରେ ସେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଗ୍ରାହକମାନଙ୍କୁ ଋଣ କରାଇ ଦେବାପାଇଁ ବ୍ୟାପକ ପରିମାଣର ଟଙ୍କା ହରିଲୁଟ କରିଛନ୍ତି। ଋଣ ମଞ୍ଜୁର ହେବା ପୂର୍ବରୁ ବ୍ୟାଙ୍କ ପାସ୍ ବୁକ୍ ଏବଂ ଏଟିଏମ୍ ଆଗୁଆ ନେଇଯାଉଛନ୍ତି। ଋଣ ମଞ୍ଜୁର ହେବାପରେ କେତେଜଣଙ୍କ ଆକାଉଣ୍ଟରୁ ୫୦ ପ୍ରତିଶତ ଟଙ୍କା ଉଠାଇ ନେଉଥିବା ବେଳେ ଅନ୍ୟ କେତେଜଣଙ୍କ ୯୦ ପ୍ରତିଶତ ନେଇ ଯାଉଛନ୍ତି। ଏ ବିଷୟରେ ଗ୍ରାହକ ପଚାରିଲେ ଋଣ ନେଇଛ, ଏବେ ଶୁଝ ବୋଲି ଗ୍ରାହକଙ୍କୁ କହୁଛନ୍ତି। ଏଥିରେ ଅସନ୍ତୁଷ୍ଟ ହୋଇ ଗ୍ରାହକମାନେ ଶୁକ୍ରବାର ବ୍ୟାଙ୍କ ସମ୍ମୁଖରେ ଏକାଠି ହୋଇ ଶାଖା ପରିଚାଳକଙ୍କ


ବ୍ୟାଙ୍କ ସମ୍ମୁଖରେ ବସିଥିବା ଗ୍ରାହକମାନେ।

ଏପରି କାର୍ଯ୍ୟକଳାପକୁ ବିରୋଧ କରିଛନ୍ତି। ଏହାକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହି ବ୍ୟାଙ୍କ ପ୍ରତି ଗ୍ରାହକଙ୍କ ଆସ୍ଥା ତୁଟିବାରେ ଲାଗିଛି।

ମିଳିଥିବା ସୂଚନା ଅନୁସାରେ, ବ୍ୟାଙ୍କର ଶାଖା ପରିଚଳାକ ଚାଷୀ ଋଣ କରାଇବା ପାଇଁ ଗ୍ରାହକମାନଙ୍କୁ ଟଙ୍କା ମାଗନ୍ତି। ଯିଏ ଟଙ୍କା ଦେଲା ତାହାର ଋଣ ମଞ୍ଜୁର ହୁଏ। ହେଲେ ଗ୍ରାହକଙ୍କ ଚାହିଁବା ମୁତାବକ ନୁହେଁ। ଫିରିଙ୍ଗିଆ ବ୍ଲକ ବନ୍ଧଗଡ ପଞ୍ଚାୟତ ମନୁଆବାଡିର ଜଣେ ଗ୍ରାହକ ପ୍ରଫୁଲ୍ଲ ଦେହୁରୀ କହିଛନ୍ତି ଯେ ସେ ଚାଷୀ (କେସିସି) ଋଣ ପାଇଁ ଶାଖା ପରିଚାଳକଙ୍କୁ ଦେଖା କରିଥିଲେ। ଋଣ ମିଳିପାରିବ ନାହିଁ ବୋଲି ତାଙ୍କୁ ପ୍ରଥମେ କୁହାଯାଇଥିଲା। ପରେ ୧୦ ହଜାର ଅଗ୍ରୀମ ଦେଲେ ୪ ଲକ୍ଷ ଟଙ୍କା ଋଣ ଦିଆଯିବ ବୋଲି କୁହାଗଲା। କହିବା ପ୍ରକାରେ ଟଙ୍କା ଦେବାରୁ ପ୍ରଥମେ ୩୦ ହଜାର ଟଙ୍କା ଆକାଉଣ୍ଟକୁ ଆସିଲା। ହେଲେ ଏଟିଏମ ମାଗି ନେଇ ସବୁ ଟଙ୍କା ନେଇଗଲେ ବୋଲି ପ୍ରଫୁଲ୍ଲ ଅଭିଯୋଗ କରିଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୯ ହଜାର ୫୦୦ ଟଙ୍କା ଛାଡିଲେ। ଏଥିରୁ ୧୦ ହଜାର ନେଇଗଲେ। ମୋଟ ୫୦ ହଜାର ଟଙ୍କା ନେଇଗଲେ। ଋଣ ବାବଦକୁ ମାତ୍ର ୫ ହଜାର ଟଙ୍କା ଉଠାଇଥିବା ପ୍ରଫୁଲ୍ଲ କହିଛନ୍ତି।

ଖଜୁରିପଡା ବ୍ଲକ ପାତ୍ରପଡା ଜାମୁଝରିର ଉର୍ବାସୀ ପ୍ରଧାନ କହିଛନ୍ତି, ୩ ଲକ୍ଷ ଟଙ୍କା ଋଣ ଦେବେ ବୋଲି ଶାଖା ପରିଚାଳକ କହିଲେ। ଆକାଉଣ୍ଟକୁ ଟଙ୍କା ଛାଡିବା ପୂର୍ବରୁ ଏଟିଏମ୍ ମାଗିଲେ। ଦିନେ ଦୁଇଦିନ ପରେ ବ୍ୟାଙ୍କ ଖାତା ଦେଖିଲା ବେଳକୁ ୪୦ ହଜାର ଟଙ୍କା ଆସିଥିଲା ଏବଂ ସେ ଏହାକୁ ଉଠାଇ ନେଇଥିଲେ। କହିବାରୁ ବାକି ଟଙ୍କା କିଛି ଦିନ ପରେ ଦିଆଯିବ ବୋଲି କହିଲେ। ୪ ମାସ ବିତିଲା ହେଲେ ଦେଲେନାହିଁ। ଏବେ ଋଣ ଶୁଝିବାକୁ କୁହାଯାଉଛି ବୋଲି ଉର୍ବାସୀ କହିଛନ୍ତି। ସେହିପରି ଅନ୍ୟ ଜଣେ ଗ୍ରାହକ ଫୁଲବାଣୀ କେନ୍ଦୁପଦରର ଯଶୋଦା ମଲ୍ଲିକ କହିଛନ୍ତି, ୪ ଲକ୍ଷ ଋଣ କରିଦେବେ କହି ପ୍ରଥମେ ୫୦ ହଜାର ଟଙ୍କା ଆକାଉଣ୍ଟକୁ ଛାଡିଲେ। ସେଥିରୁ ୪୫ ହଜାର ନେଇ ଗଲେ । ସେ ମାତ୍ର ୫ ହଜାର ପାଇଥିବା କହିଛନ୍ତି। ବାରିକୁମ୍ପାର ରାଜେନ୍ଦ୍ର ଗଣ୍ଡା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ସାଗରିକା ନାୟକଙ୍କୁ ପଚାରିବାରୁ ସେ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ଉପରିସ୍ଥ ଅଧିକାରୀ ଏ ବିଷୟରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଛନ୍ତି ବୋଲି ତାଙ୍କ ପ୍ରତିକ୍ରିୟାର ପ୍ରକାଶ କରିଛନ୍ତି। ଗ୍ରାହକ କାହିଁକି ତାଙ୍କୁ ଏଟିଏମ ଦେବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଯେଉଁ ଗ୍ରାହକଙ୍କ ଏଟିଏମରୁ ଟଙ୍କା ଯାଇଛି, ତାହା କେଉଁଠାରୁ ଉଠିଛି ଏବଂ କିଏ ଉଠାଇଛନ୍ତି ତାହା ସିସି ଟିଭି ଫୁଟେଜ ଯାଞ୍ଚ କଲେ ଜଣାପଡିବ ବୋଲି ଗ୍ରାହକମାନେ କହିଛନ୍ତି।

### ବିଜେଡିର ସଭ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକ

**କ.ନୂଆଗାଁ,୨୦।୯(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ପ୍ରସ୍ତୁତି ବୈଠକ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ବାସୁଦେବ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସମ୍ପାଦକ କୃଷ୍ଣ ମୋହନ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, କୁଟ୍ଟୁଲି ସମିତିସଭ୍ୟ ରଘୁନାଥ ବିଷୋୟୀ, ବ୍ଲକ ବିଜେଡି ସମ୍ପାଦକ ଭାଗ୍ୟବାନ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଜେଡିର ଆଭିମୁଖ୍ୟ ଓ ସରକାରଙ୍କ ସଫଳତାକୁ ନେଇ ଲୋକଙ୍କ ନିକଟରେ ପହଞ୍ଚି ଅଧିକ ସଭ୍ୟ ସଂଗ୍ରହ କରିବାକୁ ବିଧାୟକ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୪ ପଞ୍ଚାୟତର ଦଳୀୟ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ୱାର୍ଡମେମ୍ବର ଯୋଗଦେଇଥିଲେ।

## ହଳଦୀ ଚାଷ ଦେଖିଲେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରମାନେ କସମ ପରିସରରେ ହଳଦୀ ପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝୁଛନ୍ତି।

**ଦାରିଙ୍ଗବାଡ଼ି,୨୦।୯(ଡି.ଏନ.ଏ)**

କଟକ ଜିଲା ବିଦ୍ୟାଧରପୁରସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ବିଏସ୍‌ସି ଏଗ୍ରିକଲଚର ଶେଷ ବର୍ଷର ଛାତ୍ରୀଛାତ୍ର ଷ୍ଟଡି ଟୁରରେ ଦାରିଙ୍ଗବାଡ଼ି ବ୍ଲକକୁ ଆସିଥିଲେ। ସେମାନେ ବିଶ୍ୱ ପ୍ରସିଦ୍ଧ କନ୍ଧମାଳ ହଳଦୀର ଚାଷ ପ୍ରଣାଳୀ ଏବଂ ତାହାର ପ୍ରସ୍ତୁତି ସମ୍ପର୍କରେ ଜାଣିବା ପାଇଁ ଚାଷୀଙ୍କୁ ଭେଟିବା ସହ କସମ (କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏଶନ ଫର ମାର୍କେଟିଂ)ର ଆଉଟଲେଟ ଦେଖିଥିଲେ। ଅର୍ଗାନିକ ପଦ୍ଧତିରେ କିଭଳି ହଳଦୀ ଚାଷ କରାଯାଉଛି, ହଳଦୀକୁ ଗୁଣ୍ଡ କରାଯାଇ କିଭଳି ବଜାରରେ ପହଞ୍ଚାଯାଉଛି ସେ ସମ୍ପର୍କରେ ଛାତ୍ରୀଛାତ୍ରମାନେ ଜାଣିବାକୁ ପାଇଥିଲେ। ଏଥିସହ କ୍ଷୁଦ୍ର ଶସ୍ୟଦାନା ଚାଷ ସମ୍ପର୍କରେ ମଧ୍ୟ ସେମାନେ ଅବଗତ ହୋଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲି ଦେଖିଥିଲେ । ଷ୍ଟଡି ଟୁରରେ ଆସିଥିବା ଏହି ଛାତ୍ରୀଛାତ୍ରମାନେ କନ୍ଧମାଳ ପରେ କୋରାପୁଟ, ଜୟପୁର, ଭବାନୀପାଟଣା, ଚିପିଲିମା ଆଦି ଅଞ୍ଚଳ ବୁଲି ଆଲୋଭେରା, କାଜୁ ଆଦି ପ୍ରସ୍ତୁତି ବୁଲି ଦେଖିବା କାର୍ଯ୍ୟକ୍ରମ ରହିଥିବା ସେମାନେ କହିଛନ୍ତି। ଶ୍ରୀଶ୍ରୀ ବିଶ୍ୱ ବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସୁବ୍ରତ ମହାନ୍ତି, ସ୍ନେହାଶିଷ ରାଉତରାୟ, ଶୁଭଲକ୍ଷ୍ମୀ ପଲାଇ, ସୁବ୍ରତ ମହାପାତ୍ର, ମନ୍ଦାକିନୀ କବି ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଗାଇଡ କରୁଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

**ଫିରିଙ୍ଗିଆ, ୨୦।୯**

ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ପରେ ରଙ୍ଗୋଲି ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଅଧ୍ୟକ୍ଷା ପିଲାମାନଙ୍କୁ ପରିବେଶ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ଫିରିଙ୍ଗିଆ ବିଜୁ ଯୁବ ବାହାନୀ ପକ୍ଷରୁ ମଧ୍ୟ ଚାରା ରୋପଣ ହୋଇଥିଲା। ପରିବେଶକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ, ବନପାଳ ଆଶିଷ ଦିଗାଲ, ଯନ୍ତ୍ରୀ ସନ୍ନ୍ୟାସୀ ବାରିକ, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ବିଜୁ ଯୁବ ବାହିନୀ ଉପଦେଷ୍ଟା ରାଜେଶ କୁମାର ଦିଗାଲ, ସଦସ୍ୟ ଦିବ୍ୟ ଲୋଚନ ପ୍ରଧାନ, ଶୁଭକାନ୍ତ ପ୍ରଧାନ, ସୁକାନ୍ତ କହଁର, ବ୍ଲକ ସଂଯୋଜକ ସୁଶାନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ



ଜଣେ ଯୁବକ ରକ୍ତଦାନ କରୁଛନ୍ତି।

**ଫୁଲବାଣୀ ଅଫିସ, ୨୦।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ସପ୍ତାହ ଅବସରରେ କନ୍ଧମାଳ ଜିଲା ଭାଜପା ପକ୍ଷରୁ ଶୁକ୍ରବାର ସେବା ସପ୍ତାହ ପାଳନ କରାଯାଇଛି । ସକାଳ ୭ଟାରେ ଦଳୀୟ କର୍ମୀମାନେ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିଥିଲେ। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ରକ୍ତ ଭଣ୍ଡାରଠାରେ ରକ୍ତଦାନ ଶିବିର ହୋଇଥିଲା। ସେଠାରେ ୩୦ କର୍ମୀ ରକ୍ତଦାନ କରିଥିଲେ । ପରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୋର୍ଟ ଛକଠାରେ ଚନ୍ଦନଗଛ ଚାରା ବଣ୍ଟା ଯାଇଥିଲା। ଭାଜପା ଜିଲା ସଭାପତି ଲିଙ୍ଗରାଜ ଦଳବେହେରା, ସାଧାରଣ ସମ୍ପାଦକ ଭଗବାନ ମହାନ୍ତି, ଜିଲା ମହିଳା ମୋର୍ଚ୍ଚା ସଭାପତି ସୁଶ୍ରୀ ଅର୍ଚ୍ଚନା ପ୍ରଧାନ, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଧାଂଶୁ ଗୁରୁ, ଗତ ନିର୍ବାଚନରେ ଏମ୍‌ପି ପ୍ରାର୍ଥୀ ହୋଇଥିବା ଐର ଖାରବେଳ ସ୍ୱାଇଁ, ବିଧାୟକ ପ୍ରାର୍ଥୀ ଦେବନାରାୟଣ ପ୍ରଧାନ, ରମେଶ ମହାନ୍ତି, ସନ୍ତୋଷ ପଣ୍ଡା, ତପନ ପାଢ଼ୀ, ପରେଶ ମହାପାତ୍ର, ପଦ୍ମ ଚରଣ ଦାସ, ରାମବିସ ଦିଗାଲ, ଜଗନ୍ନାଥ ସାହୁ, ସନ୍ତୋଷ ସ୍ୱାଇଁ, ଜିତେନ କୁମାର ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୋଟ ୭୦୦ ଚନ୍ଦନ ଗଛ ଚାରା ବଣ୍ଟନ କରାଯାଇଥିଲା।

## ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

**କ.ନୂଆଗାଁ,୨୦।୯(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ, ରାତ୍ର ଜଗୁଆଳି, ଝାଡୁଦାର) ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଧୁଙ୍ଗିଆଦେଇଠାରେ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ମଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀମାନଙ୍କର ଦୀର୍ଘଦିନର ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର କାର୍ଯ୍ୟାଳୟରେ ସମାନ କାମକୁ ସମାନ ଦରମା, ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଇଥିଲେ ମଧ୍ୟ ଏଥିରୁ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ବଞ୍ଚିତ ହେଉଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ


ବୈଠକରେ ଯୋଗ ଦେଇଥିବା କର୍ମଚାରୀମାନେ।

୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ଉଚିତ ଦରମା ମିଳୁନି। ସରପଞ୍ଚଙ୍କ ଇଚ୍ଛା ଅନୁସାରେ ମାସକୁ ୫୦୦, ୭୦୦ କିମ୍ବା ଅତିବେଶିରେ ୧୫୦୦ ଟଙ୍କା ମିଳୁଛି। ତାହା ମଧ୍ୟ ଠିକ୍ ଭାବରେ ମାସକୁ ମାସ ମିଳୁନାହିଁ। ପୂର୍ବ ଆଇନକୁ ସଂଶୋଧନ କରିବା ଓ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରି ପ୍ରଦାନ କରିବା ପାଇଁ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲା ସମ୍ପାଦକ ଅଜିତ କହଁର, ପ୍ରମୋଦ ପୂଜାରୀ, ବୀରସେନ ଦଳବେହେରାଙ୍କ ସମେତ ଜିଲାର ସମସ୍ତ ବ୍ଲକରୁ ୨୧୩ କର୍ମଚାରୀ ଉପସ୍ଥିତ ଥିଲେ।

## ଟ୍ରାଫିକ ସଚେତନ କଲା ପୋଲିସ

**କ.ନୂଆଗାଁ,୨୦।୯(ଡି.ଏନ୍.ଏ.)**–କ.ନୂଆଗାଁ ପୋଲିସ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ହୋଇଛି। ଦାରିଙ୍ଗବାଡି ଛକ ବଜାର, କଞ୍ଚାମେଣ୍ଡି ସାରଙ୍ଗଗଡ ଛକ ଓ ପୁରୁଣା ନୂଆଗାଁ ଛକ ଆଦି ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଗାଡି ମୋଟର ଅଟକାଇ ଚାଳକଙ୍କୁ ସଚେତନତା ବାର୍ତ୍ତା ଥିବା ପତ୍ର ବଣ୍ଟନ କରୁଥିଲେ। ଆଗାମୀ ଦିନରେ ଟ୍ରାଫିକ ନିୟମ ନ ମାନି ଗାଡି ଚାଳନା କଲେ ସରକାରଙ୍କ ନୂତନ ନିୟମ ଅନୁଯାୟୀ ଦଣ୍ଡିତ ହୋବାକୁ ପଡ଼ିବ ବୋଲି ସତର୍କ କରାଇଥିଲେ। ଏଥିରେ ଥାନା ଅଧିକାରୀ ଶ୍ରୀନିବାସ ସାମଲ ଓ ଓ.ଆଇ.ସି.ପ୍ରକାଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀ ସଚେତନ କରୁଥିଲେ।

## ମୋଟର ଯାନ ଆଇନ ଉପରେ ବରିଷ୍ଠ ନାଗରିକ ସମାଜର ମତ

**ଫୁଲବାଣୀ ଅଫିସ, ୨୦।୯**

କେନ୍ଦ୍ର ସରକାର ସଡ଼କ ଦୁର୍ଘଟଣାକୁ କମାଇବା ଲାଗି ମୋଟରଯାନ ବିଷୟରେ ଯେଉଁ ନୂତନ ଆଇନ ଆଣିଛନ୍ତି ତାହା ସ୍ୱାଗତଯୋଗ୍ୟ । କିନ୍ତୁ ଏହାକୁ ବିଭିନ୍ନ ସ୍ଥାନରେ ବିରୋଧ ଦେଖାଦେଇଥିଲା। ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ହସ୍ତକ୍ଷେପ ଯୋଗୁ ଜନ ଅସନ୍ତୋଷକୁ ରୋକାଯାଇ ପାରିଛି। ମାତା ପିତା, ବୋହୂ, ପୁଅ ଅବିବାହିତ ଝିଅ ଏବଂ ଦାଦା, ପିଉସୀ ଯାହାଙ୍କ ନାମରେ ଗାଡ଼ି ରେଜିଷ୍ଟ୍ରେଶନ ଥିଲେ ବି ପରିବାରର ଯେ କୌଣସି ବ୍ୟକ୍ତି ଏହାକୁ ଚଳାଇ ଯାଇ ପାରିବେ। ନୂତନ ଧାରା ଅନୁସାରେ ଗାଡ଼ି ଚଳାଇବା ବେଳେ ଆବଶ୍ୟକ ପ୍ରମାଣ ପତ୍ର ନ ଥାଇ ଅବା ନିୟମ ନ ମାନି ଗାଡି ଚଳାଇଲେ, ଧାର୍ଯ୍ୟ ଜରିମାନାକୁ ଜିଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି । ହେଲେ ଗୁଜୁରାଟ ସରକାରଙ୍କ ଦ୍ୱାରା ପରିବର୍ତ୍ତିତ ଜରିମାନା ଭଳି ଲାଗୁ କରାଗଲେ କାହାର ଆପତ୍ତି ରହିବ ନାହିଁ। ନିଜ ଗ୍ରାମ, ସହରାଞ୍ଚଳରେ ଗାଡ଼ି ଚଳାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା ନିୟମ କୋହଳ କରାଯିବା ଉଚିତ୍ ହେବ । ନିଜ ଅଞ୍ଚଳ ଛାଡ଼ି ଅନ୍ୟସ୍ଥାନକୁ ଗାଡ଼ି ନେଇ ଯାଉଥିଲେ ହେଲ୍‌ମେଟ୍ ପିନ୍ଧିବା ନିୟମ କଡାକଡି କରାଯିବା ଉଚିତ୍ । ଅପରପକ୍ଷରେ ମଦ ପିଇ ଗାଡ଼ି ଚଳାଇବା ଯୋଗୁ ଦୁର୍ଘଟଣା ଘଟୁଛି। ସେଥିପାଇଁ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦେଉଥିବା ସଂସ୍ଥା ଓ ସମ୍ପୃକ୍ତ ଗାଡ଼ି ଚାଳକଙ୍କଠାରୁ ସମାନ ଜରିମାନା ଆଦାୟ କରାଯିବା ଠିକ୍ ହେବ। ଯେହେତୁ ଉଭୟେ ଦୋଷୀ। ଏଥିସହ ଉତ୍ତମ ରାସ୍ତା ନିର୍ମାଣ, ଅଙ୍କାବଙ୍କା ରାସ୍ତାରେ ସୂଚନା ଫଳକ, ଗାଡ଼ି ଚାଳକଙ୍କ କ୍ଷେତ୍ରରେ ଓଏମ୍‌ଭି ଆକ୍ଟ କଡ଼ାକଡି ପାଳନ, ହର୍ଣ୍ଣ ଦେବା ଓ ବିଦ୍ୟାଳୟ ନିକଟରେ ହମ୍ପସ୍ ନିର୍ମାଣରେ ଖିଲାପକାରୀ ସଂସ୍ଥାଠାରୁ ଜରିମାନା ଆଦାୟ ହେବା ଦରକାର । ଅରିଜିନାଲ କାଗଜପତ୍ର ସ୍ଥାନରେ ଜେରକ୍ସ କିମ୍ବା ଡୁପ୍ଲିକେଟ୍ କାଗଜପତ୍ର ଥିଲେ ଗାଡି ଚାଳକଙ୍କୁ ଛାଡ କରାଯାଉ ବୋଲି କନ୍ଧମାଳ ଜିଲା ବରିଷ୍ଠ ନାଗରିକ ସମାଜ ତରଫରୁ ଉପ ସଭାପତି ସୁରେଶ ପଟ୍ଟନାୟକ, ଉପଦେଷ୍ଟା କାଶୀନାଥ ମହାରଣା, ବିଶ୍ୱନାଥ ବଗର୍ତ୍ତୀ, ରାମଚନ୍ଦ୍ର ଠାକୁର, ଭୀମସେନ ମିଶ୍ର, ସୋମନାଥ ବଗର୍ତ୍ତୀ, ଗୋବିନ୍ଦ ଚନ୍ଦ୍ର ଘଟାଲ ପ୍ରମୁଖ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଜିଲା ପାରମ୍ପରିକ ଲୋକ କଳାକାର ସଂଘର ବିକ୍ଷୋଭ

**ଫୁଲବାଣୀ ଅଫିସ, ୨୦।୯**

କନ୍ଧମାଳ ଜିଲାର ଲୋକ କଳାକୁ ବଞ୍ଚାଇବା ଓ ଅନ୍ୟାନ୍ୟ ଦାବି ନେଇ ଶୁକ୍ରବାର ଜିଲା ପାରମ୍ପରିକ ଲୋକ କଳାକାର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସ୍ଥାନୀୟ ମାଦିକୁନ୍ଦ ଛକ ନିକଟରୁ ସମସ୍ତ କଳାକର ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକାଠି ହୋଇଥିଲେ। ସେଠାରେ ପ୍ରତିବାଦ ସଭା ହୋଇଥିଲା । ପରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କ ଜରିଆରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟକୁ ପଠାଯାଇଥିଲା।

ଜିଲାରେ ବିଭିନ୍ନ ପାରମ୍ପରିକ କଳାରେ ନିପୁଣ କଳାକାରମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଜିଲାରେ ସଂସ୍କୃତି ଅଧିକାରୀ ନାହାନ୍ତି। ୮୦୩ କଳାକାରଙ୍କୁ ଭତ୍ତା ଅନୁମୋଦିତ ହୋଇଥିବା ବେଳେ ୨୮୦



କଳାକାରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଜଣଙ୍କୁ ଦିଆଯାଉଛି। ଅନ୍ୟମାନଙ୍କୁ ମିଳୁନାହିଁ। ଜିଲାର ୮୬ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଆସିଥିବା ଆର୍ଥିକ ସହାୟତା ଦିଆଯାଇନାହିଁ । କଳାକାରମାନଙ୍କ ଜୀବିକା ନିର୍ବାହ ପାଇଁଥିବା ଅର୍ଥକୁ ବ୍ୟବହାର କରାଯିବା ସହିତ ଏହି ଅର୍ଥରେ ସମସ୍ତ କାର୍ଯ୍ୟକ୍ରମ କରାଯାଉ ବୋଲି ସଂଘ ସଭାପତି ଅକ୍ଷୟ କର୍ଣ୍ଣ, ସଂଯୋଜକ ସନ୍ତୋଷ ପାତ୍ର, ବାଲିଗୁଡା ବ୍ଲକ ସଭାପତି ପ୍ରମୋଦ କୁମାର ଦଣ୍ଡସେନା, ତୁମୁଡ଼ିବନ୍ଧ ବ୍ଲକ ସଭାପତି ସଦାନନ୍ଦ ପରାସେଠ, ଟିକାବାଲି ବ୍ଲକ ସଭାପତି ବୁଲୁ ଦିଗାଲ ପ୍ରମୁଖ ପ୍ରକାଶ କରଛନ୍ତି। ଶେଷରେ ଜିଲା ସାଂସ୍କୃତିକ ଭବନରେ କଳାକାରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ କଳାକାରଙ୍କର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା।

## ■ ସଡ଼କ ସୁରକ୍ଷା ସଚେତନତା

# ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦେଲେ ଏସ୍‌ପି

**ଫୁଲବାଣୀ ଅଫିସ, ୨୦।୯**

ସଡକ ସୁରକ୍ଷାକୁ ନେଇ କନ୍ଧମାଳ ଜିଲା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଭିନ୍ନ କଲେଜ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଫୁଲବାଣୀ ସରକାରୀ ବହୁବୃତି ବୈଷୟିକ ଶିକ୍ଷାନୁଷ୍ଠାନରୁ ବାହାରି ସହର ପରିକ୍ରମା କରିବା ପରେ ଗାନ୍ଧୀ ସ୍ମୃତି ଭବନ ଠାରେ ପହଞ୍ଚିଥିଲା। ଏଥିରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଗାନ୍ଧୀ ସ୍ମୃତି ଭବନଠାରେ ଏସ୍‌ପି ପ୍ରତୀକ ସିଂଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପ ଜିଲାପାଳ ବୀରେନ୍ଦ୍ର


ଜଣେ ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ ଦିଆଯାଉଛି।

କୁମାର ଦାସ, ଏମଭିଆଇ ଗତିକୃଷ୍ଣ ସାମନ୍ତରାୟ, ଫୁଲବାଣୀ ସଦର ଏଡ଼ିପିଓ ଏ.କେରକେଟା, ଟାଉନ ଥାନାଧିକାରୀ ନରେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେଠାରେ ସଡକ ସୁରକ୍ଷା ନେଇ ବିଭିନ୍ନ କାର୍ଯ୍ୟସୂଚୀ ଉପରେ ଆଲୋଚନା ହୋଇଥିଲା । ନାଟକ ମାଧ୍ୟମରେ କଳାକାରମାନେ ସଡ଼କ ସୁରକ୍ଷା ଉପରେ ଉପସ୍ଥିତ ଛାତ୍ରୀଛାତ୍ର ଓ କଳାକାରମାନଙ୍କୁ ସଚେତନ କରାଇଥିଲେ। ବାଇକ ଚାଳକ ବାଧ୍ୟତା ମୂଳକ ଭାବେ ହେଲମେଟ ଲଗାଇବା, ବିନା ଲାଇସେନ୍ସରେ ପିଲାମାନେ ଗାଡି ନ ଚଳାଇବା, ମୋବାଇଲ ଫୋନ ଧରି ଗାଡି ନ ଚଳାଇବା, କାରରେ ସିଟ ବେଲଟ୍ ବାନ୍ଧି ଗାଡ଼ି ଚଳାଇବା, ଗାଡ଼ି କାଗଜ ପତ୍ର ଠିକ ରଖିବା ଆଦି ଉପରେ ବାର୍ତ୍ତା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଏସ୍‌ପି ସିଂ ଫୁଲବାଣୀ ମୁଖ୍ୟ ରାସ୍ତାରେ ବାଇକ ଚାଳକମାନଙ୍କୁ ଅଟକାଇ ସେମାନଙ୍କୁ ସଡ଼କ ସୁରକ୍ଷା ତଥା ନିଜ ସୁରକ୍ଷା ପାଇଁ ହେଲମେଟ ପିନ୍ଧିବା କେତେ ଜରୁରୀ ତାହା ବୁଝାଇବା ସହିତ ଗୋଲାପ ଫୁଲ ଦେଇ ସଚେତନ କରିଥିଲେ।



ମୁଁ ନିଜକୁ ଜଣେ ଆଉଟ୍‌ସାଇଡର କହିବାକୁ ଗର୍ବ ଅନୁଭବ କରେ।
–ତାପ୍‌ସୀ ପାନ୍ନୁ, ବଲିଉଡ୍ ଅଭିନେତ୍ରୀ



# ବିଶ୍ୱ ସମ୍ମୁଖରେ ବଡ଼ ସମସ୍ୟା


## ଆଲଝିମର




ବୟସ ବଢ଼ି ଚାଲିଲେ ଶାରୀରିକ ପ୍ରକ୍ରିୟାରେ ମାନ୍ଦାବସ୍ଥା ପରିଲକ୍ଷିତ ହୁଏ। ଅଙ୍ଗପ୍ରତ୍ୟଙ୍ଗ ବି ପ୍ରଭାବିତ ହୁଏ। ବୟସ ବୃଦ୍ଧି ସହ ଆଲ୍‌ଝିମର୍ ସମସ୍ୟା ମଧ୍ୟ ଉଭା ହୁଏ। ଏହାଦ୍ୱାରା ମସ୍ତିଷ୍କରେ ଥିବା କୋଷଗୁଡ଼ିକର ବିକାଶରେ ବାଧା ଆସେ ଓ ତାହା ନଷ୍ଟ ହେବାରେ ଲାଗେ। ଏହାଯୋଗୁ ବ୍ୟକ୍ତିର ବ୍ୟବହାରିକ,ଭାବନା ତଥା ସାମାଜିକ ସ୍କିଲ୍ ଉପରେ ପ୍ରଭାବ ପଡେ। ଭୁଲାପଣ ବଢ଼ିଯାଏ। ଏହି ସମସ୍ୟାକୁ କୁହାଯାଏ ଡିମେନସିଆ। ଆଲଝିମର ଡିମେନ୍‌ସିଆର ମୂଳ କାରଣ। ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟ କ୍ଷମତା କମିଆସେ। ଆଲଝିମର୍‌ର ଚକିତ୍ସା କରା ନ ଗଲେ ତାହା ପୁଣି ପାରାଲିସିସ ଆଡକୁ ନେଇଯାଏ। ଏହିରୋଗକୁ ୧୯୦୬ରେ ପ୍ରଥମେ ଠାବ କରାଯାଇଥିଲା। ଏହାପରେ ବହୁ ବିଳମ୍ବରେ ହେଲେ ମଧ୍ୟ ୧୯୮୪ରେ ଆଲଝିମର ଡିଜିଜ ଇଣ୍ଟରନ୍ୟାଶନାଲ(ଏଡିଆଇ) ଗଠନ କରାଯାଇ ଏହା ବିରୋଧରେ ଲଢେଇ କରିବାର ଉଦ୍ୟମ ଆରମ୍ଭ କରାଯାଇଥିଲା। ଏଡିଆଇର କାର୍ଯ୍ୟାଳୟ ଲଣ୍ଡନରେ ରହିଛି। ଏହି ଅନୁଷ୍ଠାନ ବିଶ୍ୱର ୮୦ଟି ଆଲଝିମର ସଂଘକୁ ନେଇ ଚାଲିଛି। ଅନୁଷ୍ଠାନର ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ସେମାନଙ୍କ ଅଞ୍ଚଳରେ ଡିମେନସିଆରେ ପୀଡିତ ବ୍ୟକ୍ତି ଓ ତାଙ୍କ ପରିବାରକୁ ସହଯୋଗ କରୁଛନ୍ତି। ସାରା ବିଶ୍ୱରେ ଡିମେନସିଆ ପୀଡିତ ଓ ତାଙ୍କ ପରିବାରର ଲୋକମାନଙ୍କ ଜୀବନଶୈଳୀରେ ସୁଧାର ଆଣିବାକୁ ତା'ର ଲକ୍ଷ୍ୟ ଭାବେ ଗ୍ରହଣ କରିଛି।ଏହି ଅନୁଷ୍ଠାନ ବି ଏକ ଆଲଝିମର ୟୁନିଭର୍ସିଟି ଚଲାଉଛି। କ୍ରମାନ୍ୱୟରେ ପ୍ରାକ୍ଟିକାଲ କର୍ମଶାଳାର ଅୟୋଜନ କରି ସ୍ୱେଚ୍ଛାସେବୀ ସଂଗଠନ ଓ କର୍ମଚାରୀଙ୍କୁ ସାହାଯ୍ୟ କରିବା ସହ ଅନୁଷ୍ଠାନକୁ ମଜଭୁତ କରିପାରିଛି। ଏଡିଆଇ ପ୍ରତିବର୍ଷ ଏକ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରୁଛି। ଡିମେନସିଆ ଉପରେ କରାଯାଉଥିବା ଏହି ସମ୍ମିଳନୀ ସବୁଠାରୁ ବେଶିଦିନ ଧରି ଚାଲିଆସୁଛି। ଆଲଝିମର ଉପରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ସେପ୍ଟେମ୍ବର ୨୧କୁ ବିଶ୍ୱ ଆଲଝିମର ଦିବସ ଭାବେ ପାଳନ କରାଯାଉଛି।

ଏହା ସହ ୨୦୧୨ରୁ ସେପ୍ଟେମ୍ବର ମାସକୁ ଆଲଝିମର ମାସ ଭାବେ ବି ପାଳନ କରାଯାଉଛି। ୨୦୧୯ରେ ୭ମ ଆଲଝିମର ମାସ ପାଳନ କରାଯାଉଛି। ବିଶ୍ୱ ସ୍ତରରେ ମହାମାରୀ ଭଳି ମାଡିଯାଉଥିବା ଡିମେନସିଆ ଉପରେ ଗୁରୁତ୍ୱ ଦେବା ସହ ବିଭିନ୍ନ ଦେଶର ସରକାରଠାରୁ ଆରମ୍ଭ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଯାଏ ବିଭିନ୍ନ ନୀତିରେ ପରିବର୍ତ୍ତନ ଆଣିବା ଲାଗି ପ୍ରଚାର ଓ ସଚେତନ ମଧ୍ୟ କରୁଛି। ଏଡିଆଇର ଏକ ଆକଳନରୁ ଜଣାପଡିଛି ଯେ ୨୦୫୦ ସୁଦ୍ଧା ବିଶ୍ୱରେ ୧୩୫ ମିଲିଅନ ବା ୧୩.୫ କୋଟି ଲୋକ ଡିମେନସିଆରେ ପୀଡିତ ହେବେ । ଦୁଃଖର ବିଷୟ, ବିଶ୍ୱରେ ପ୍ରତି ୩ ଜଣରେ ଜଣେ ବିଶ୍ୱସ କରନ୍ତି ଯେ, ସେମାନଙ୍କ ଦେଶର ଲୋକମାନେ ଆଲଝିମର ବିଷୟରେ କମ୍ ଜାଣନ୍ତି କିମ୍ବା ଆଦୌ ଅବଗତ ନୁହନ୍ତି। ଏଥିରୁ ଆମେମାନେ ଏହି ରୋଗ ଉପରେ କେତେ ସଚେତନ ତାହା ସହଜରେ ଅନୁମେୟ। କିନ୍ତୁ ଆଲଝିମର ଦିବସ ଓ ମାସ ପାଳନ କରାଯିବା ପରେ ଏହି ରୋଗ ସମ୍ବନ୍ଧରେ ସଚେତନତା ବୃଦ୍ଧି ପାଉଥିଲେ ବି ବିଶ୍ୱ ସମ୍ମୁଖରେ ଏହା ଏକ ବଡ ସମସ୍ୟା ହୋଇ ରହିଛି। ଏଣୁ ଏଥିଲାଗି ବିଶ୍ୱସ୍ତରୀୟ ପଦକ୍ଷେପ ଲୋଡା।

## ୮୮ ପୃଷ୍ଠାର ଏଫ୍‌ଆଇଆର୍



**ଡେରାଡୁନ୍:** ଗୋଟିଏ କି ଦୁଇଟି ନୁହେଁ, ପୂରା ୮୮ ପୃଷ୍ଠାର ଏଫ୍‌ଆଇଆର (ଫାଷ୍ଟ ଇନ୍‌ଫର୍ମେଶନ ରିପୋର୍ଟ)। ଆଶ୍ଚର୍ଯ୍ୟ ଲାଗୁଛି ନା! ହଁ, ଦେଶର ସବୁଠାରୁ ଲମ୍ବା ଏଫ୍‌ଆଇଆର୍ ଲେଖାଚାଲିଛି ଉତ୍ତରାଖଣ୍ଡ କାଶୀପୁର ଜିଲା କୋତୱାଲି ଥାନାରେ। ଇତିମଧ୍ୟରେ ୪ଦିନ ବିତିଗଲାଣି। ଏହାକୁ ଶେଷ କରିବାକୁ ଆହୁରି ୨–୩ ଦିନ ଲାଗିବ। ଉଭୟ ଇଂଲିଶ ଏବଂ ହିନ୍ଦୀରେ ଲେଖାଯାଉଥିବା ଏହି ଏଫ୍‌ଆଇଆର୍ ଏବେ ଥାନା କର୍ମଚାରୀଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଏତେ ଲମ୍ବା ଏଫ୍‌ଆଇଆର୍ ଲେଖାଯିବା ପଛର କାରଣ ଅଟଳ ଆୟୁଷ୍ମାନ ଯୋଜନାରେ ମହାଦୁର୍ନୀତି। ରାମନଗର ରୋଡ୍‌ସ୍ଥିତ ଏମ୍‌ପି ହସ୍ପିଟାଲ ଏବଂ ତହସିଲ ରୋଡ୍‌ରେ ଥିବା ଦେବକୀନନ୍ଦନ ହସ୍ପିଟାଲ ଏହି ସ୍କାମ୍‌ରେ ଫସିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କ୍ଷମତାସମ୍ପନ୍ନ ଟିମ୍‌ର ଅଡିଟ୍‌ରୁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ କଳାକାରନାମା ଧରାପଡ଼ିଛି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଜାଣତରେ ବଡ଼ଧରଣର ଅର୍ଥ ତୋଷରପାତ ହୋଇଛି। ରୋଗୀଙ୍କ ନାମରେ ମିଥ୍ୟ ବିଲ୍ କରାଯାଇଛି। ରୋଗୀଙ୍କୁ ଡିସ୍‌ଚାର୍ଜ କରି ଦିଆଯିବା ପରେ ବି ସେମାନେ ଚିକିତ୍ସାଧୀନ ଥିବା ଦର୍ଶାଯାଇ ବିଲ୍ କଟାଯାଇଛି। ଡାକ୍ତରଖାନା ଆଇସିୟୁରେ କ୍ଷମତାଠାରୁ ବହୁ ଗୁଣ ଅଧିକ ରୋଗୀ ଚିକିତ୍ସିତ ହୋଇଥିବା ରେଜିଷ୍ଟରରେ ଦର୍ଶାଯାଇଛି। କେବଳ ଏତିକି ନୁହେଁ, ସାଧାରଣ ଡାଏଲିସିସ୍ କାର୍ଯ୍ୟରେ ଏମ୍‌ବିବିଏସ୍ ଡାକ୍ତର ନିୟୋଜିତ ହୋଇଥିବା ରିପୋର୍ଟ ଦିଆଯାଇଛି। ବିନା ଚିକିତ୍ସାରେ ବିଲ୍ ଆବେଦନ କରାଯାଇଛି, ଯାହାର ସୂଚନା ସମ୍ପୃକ୍ତ ରୋଗୀଙ୍କ ପାଖରେ ମଧ୍ୟ ନାହିଁ। ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଖୋଳତାଡ଼ରୁ ଏପରି ସାଂଘାତିକ ଦୁର୍ନୀତି ପଦାକୁ ଆସିଛି। ଏହାପରେ ଆୟୁଷ୍ମାନ ଯୋଜନାର ସହାୟକ ନିର୍ବାହୀ ଅଧିକାରୀ ଧନେଶ ଚନ୍ଦ୍ର ଦୁଇ ହସ୍ପିଟାଲ ସଞ୍ଚାଳକଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୋଟିଏ ହସ୍ପିଟାଲ ବିରୋଧରେ ୬୪ ପୃଷ୍ଠା ଏବଂ ଅନ୍ୟଟି ପାଇଁ ୨୪ ପୃଷ୍ଠାର ଅଭିଯୋଗପତ୍ର ଦାଖଲ କରାଯାଇଛି। ହେଲେ ଏଫ୍‌ଆଇଆର୍ ଟାଇପ୍ କରିବା ଲାଗି ବ୍ୟବହୃତ ସଫ୍ଟୱେର କ୍ଷମତା ୧୦ ହଜାର ଶବ୍ଦ ଭିତରେ ସୀମିତ। ତେଣୁ ସମସ୍ୟା ସୃଷ୍ଟି ହୋଇଛି। ଏ ନେଇ ଅତିରିକ୍ତ ଏସ୍‌ପି ଜଗଦୀଶ ଚନ୍ଦ୍ର କୁହନ୍ତି, ଏହା ହେଉଛି ଅଭିଯୋଗପତ୍ରର ମୂଳ କପି ; ଯେଉଁଥିରେ ସମସ୍ତ ତଥ୍ୟ ରହିଛି। ଏଥିରେ ଯେପରି କୌଣସି ପ୍ରକାର ହଟଚମଟ ନ ହୁଏ ସେଥିପାଇଁ ସତର୍କତାର ସହ ଏହାକୁ ହାତରେ ଲେଖାଯାଉଛି। ଏଥିପାଇଁ ନିୟୋଜିତ ହୋଇଛନ୍ତି ଥାନାର ୪ କର୍ମଚାରୀ। ଅନ୍ୟପଟେ ପୋଲିସର ସମସ୍ୟା କେବଳ ଏଫ୍‌ଆଇଆର୍ ଲେଖିବା ଭିତରେ ସୀମିତ ନାହିଁ। ଗୋଟିଏ ପୃଷ୍ଠା ଲିଖିତ ଅଭିଯୋଗର ତଦନ୍ତ ଏବଂ ଚାର୍ଜଶିଟ୍ ଦାଖଲ କରିବାକୁ ହାରାହାରି ୧୫ଦିନ ସମୟ ଲାଗିଥାଏ। ହେଲେ ଏତେ ବଡ଼ ଦୁର୍ନୀତିର ତଦନ୍ତ ରିପୋର୍ଟ ଦାଖଲ କରିବାକୁ ୩ ମାସ ସମୟ ଦିଆଯାଇଛି, ଯାହା ଅସମ୍ଭବ ମନେହେଉଛି। ଏଫ୍‌ଆଇଆର୍ ଲେଖା ଶେଷ ହେବାପରେ ଏହାର ଚାର୍ଜଶିଟ୍ ଦାଖଲ କରିବା ପୋଲିସ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

## ମା'ଙ୍କ ପାଇଁ ଅଗାଧୁଆରେ ୪୦ ଦିନ

ଭିଲ୍‌ୱାଡ଼ା, ୧୯।୯: ହିନ୍ଦୁ ସମାଜରେ ଈଶ୍ୱରଙ୍କ ଆରାଧନାକୁ ପବିତ୍ର ମନେକରାଯାଏ। ବେଶ୍ ଶୁଦ୍ଧପୂତ ଭାବେ ଶ୍ରଦ୍ଧାଳୁ ଦେବଦେବୀଙ୍କ ଆବାହନ କରିଥାନ୍ତି। ହେଲେ ରାଜସ୍ଥାନ ଭିଲ ସମ୍ପ୍ରଦାୟ ପକ୍ଷରୁ ପାଳନ କରାଯାଉଥିବା ଗୌରଜ୍ୟା ମା'ଙ୍କ ପୂଜା ଉତ୍ସବରେ ଭାଗ ନେଉଥିବା ମାନସିକଧାରୀମାନେ ୪୦ଦିନ ଯାଏ ଅଗାଧୁଆ ରହିଥାନ୍ତି। ରାଜସ୍ଥାନର ଭିଲୱାଡାରେ ମହାଆଡମ୍ବରରେ ସମ୍ପନ୍ନ ହୋଇଛି ଗୌରଜ୍ୟା ଠାକୁରାଣୀଙ୍କ ବାର୍ଷିକ ଯାତ୍ରା। ଏହି ଅବସରରେ ଆୟୋଜିତ ଗୱରୀ ଲୋକନୃତ୍ୟରେ ପ୍ରଚଳିତ ପ୍ରଥା ଅନୁଯାୟୀ ୧୫୦ଜଣ କଳାକାର ଭାଗନେଇଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା, ଗୌରଜ୍ୟା ଠାକୁରାଣୀଙ୍କୁ ସ୍ୱାଗତ ଜଣାଇ ଗୱରୀ ନୃତ୍ୟ ପରିବେଷଣ କରୁଥିବା କଳାକାରମାନେ ୪୦ଦିନ ଯାଏ କଠୋର ବ୍ରତ ଧାରଣ କରିଥାନ୍ତି। ଏହି



ସମୟରେ ସେମାନେ ଜମା ଗାଧୋଇ ନ ଥାନ୍ତି। ସେମାନଙ୍କୁ ସବୁଜ ପରିବା, ଆମିଷ, ମଦ ଆଦି ତ୍ୟାଗ କରିବାକୁ ପଡ଼େ। ସାରାଦିନର କଠୋର ବ୍ରତ ପରେ ମାତ୍ର ଥରେ ସାତ୍ତ୍ୱିକ ଭୋଜନ କରିଥାନ୍ତି ସେମାନେ। କେବଳ ଏତିକି ନୁହେଁ, ଏହି ବ୍ରତ ଏତେ କଠୋର ଯେ, ବ୍ରତଧାରୀମାନେ ବ୍ରହ୍ମଚର୍ଯ୍ୟ ପାଳନ କରିବା ସହ ଘରେ ପ୍ରବେଶ କରନ୍ତି ନାହିଁ। ସେମାନେ ପାଖାପାଖି ଦେଢ଼ମାସ ଯାଏ ମଠମନ୍ଦିରରେ ରୁହନ୍ତି। ଫୁଙ୍ଗୁଳା ପାଦରେ ଚାଲନ୍ତି। ଚଟାଣରେ ଶୁଅନ୍ତି। ନୃତ୍ୟରେ ଭାଗ ନେଉଥିବା ସମସ୍ତ କଳାକାର ପୁରୁଷ। ସେମାନଙ୍କ ମଧ୍ୟରୁ କେତେଜଣ ମହିଳାଙ୍କ ବେଶ ଧାରଣ କରି ଯାତ୍ରାରେ ଭାଗ ନେଇଥାନ୍ତି। ସମସ୍ତଙ୍କୁ କଡ଼ା ନିୟମ ମଧ୍ୟରେ ଅନ୍ତିମ ଦିନ ପାଇଁ ପ୍ରସ୍ତୁତ ହେବାକୁ ପଡ଼େ। ଅନ୍ତିମ ଦିନରେ ମା'ଙ୍କ ଶୋଭାଯାତ୍ରା ନଗର ପରିକ୍ରମା କରେ। ଏହା ପରେ ମୂର୍ତ୍ତିକୁ ବିସର୍ଜନ କରିଦିଆଯାଏ। ବିଶ୍ୱାସ ରହିଛି ଯେ, ଯାତ୍ରା ସମୟରେ ସେ କୈଳାସ ପର୍ବତକୁ ମା' ପାର୍ବତୀଙ୍କୁ ମିଶିବାକୁ ଆସିଥାନ୍ତି। ଠାକୁରାଣୀଙ୍କୁ ସ୍ୱାଗତ କରିବାକୁ ମେୱାରର ବିଭିନ୍ନ ସ୍ଥାନରେ ଗୱରୀ ନୃତ୍ୟ ଆୟୋଜିତ ହୋଇଥାଏ। ମା' ସନ୍ତୁଷ୍ଟ ହେଲେ ଅଞ୍ଚଳରେ ଶାନ୍ତି ଭାଇଚାରା ପ୍ରତିଷ୍ଠା ହେବ। ଆସନ୍ନ ସଙ୍କଟରୁ ରକ୍ଷାମିଳିବ ବୋଲି ସେ କହିଛନ୍ତି।



## ଲଭ୍‌ଙ୍କ ପାଇଁ ରଣବୀର-ଶ୍ରଦ୍ଧା ଏକାଠି

## ଦୀପିକା ଆଉଟ୍ ଶ୍ରଦ୍ଧା ଇନ୍

**ନୂଆଦିଲ୍ଲୀ:** ବଲିଉଡ୍ ନାୟିକା ଶ୍ରଦ୍ଧା କପୁର ଆଜି କାଲି ବେଶ୍ ଚର୍ଚ୍ଚାରେ। ଶ୍ରଦ୍ଧା ଓ ବାହୁବଳୀ ଷ୍ଟାର ପ୍ରଭାସଙ୍କ ଫିଲ୍ମ 'ସାହୋ' ବକ୍ସ ଅଫିସରେ ହିଟ୍ ହେବାପରେ ଏବେ 'ଛିଛୋରେ' ମଧ୍ୟ ୧୦୦କୋଟି କ୍ଲବରେ ସାମିଲ ହୋଇସାରିଛି। ବଲିଉଡ୍‌ରେ ବ୍ୟାକ୍ ଟୁ ବ୍ୟାକ୍ ଦୁଇଟି ସୁପରହିଟ୍ ଫିଲ୍ମ ଦେବା ପରେ ଏବେ ଶ୍ରଦ୍ଧାଙ୍କୁ ନେଇ ଆଉ ଏକ ବଡ଼ ଚର୍ଚ୍ଚା ଜୋର ଧରିଛି। ଶୁଣାଯାଉଛି, ଗୋଟିଏ ଫିଲ୍ମରେ ଶ୍ରଦ୍ଧା କାଳେ ପଦ୍ମାବତ୍ କୁଇନ୍ ଦୀପିକା ପାଦୁକୋଣଙ୍କୁ ରିପ୍ଲେସ୍ କରିଛନ୍ତି। ନିର୍ଦ୍ଦେଶକ ଲଭ୍ ରଞ୍ଜନଙ୍କ ଆଗାମୀ ଚଳଚ୍ଚିତ୍ରରେ ଏବେ ଦୀପିକାଙ୍କ ବଦଳରେ ଶ୍ରଦ୍ଧା କପୁର ନଜର ଆସିବେ ବୋଲି ଶୁଣିବାକୁ ମିଳିଛି। ପୂର୍ବରୁ ଏଥିରେ ରଣବୀର ସିଂହଙ୍କ ସହ ଦୀପିକା ନଜର ଆସିବେ ବୋଲି ଚର୍ଚ୍ଚା ହେଉଥିଲା। ଦୀପିକା ଓ ରଣବୀରଙ୍କୁ ନିର୍ଦ୍ଦେଶକ ଲଭ ରଞ୍ଜନଙ୍କ ଘର ବାହାରେ ଦେଖିବାକୁ ମିଳିଥିଲା। ଏହାପରେ ଲଭ୍‌ଙ୍କ ଆଗାମୀ ଚଳଚ୍ଚିତ୍ରରେ ପୁଣି ଏହି ରିୟଲ ଯୋଡ଼ିଙ୍କୁ ଏକାଠି ଦେଖିବାକୁ ମିଳିବ ବୋଲି ଦର୍ଶକ ଆଶା ବାନ୍ଧିଥିଲେ। କିନ୍ତୁ ପରେ ଦୀପିକା କହିଥିଲେ, କୌଣସି ଯୌନ ଉତ୍ପୀଡ଼ନ ଅଭିଯୁକ୍ତଙ୍କ ସହ ସେ କାମ କରିବେ ନାହିଁ। ତେବେ ବର୍ତ୍ତମାନ ଦୀପିକାଙ୍କ ବଦଳରେ ଫିଲ୍ମ ଶ୍ରଦ୍ଧାଙ୍କ ହାତକୁ ଚାଲିଯାଇଥିବା ସୂତ୍ରରୁ ଜଣାପଡ଼ିଛି।




## ନକାରାତ୍ମକ ଭାବନାରୁ ଦୂରେଇ ରଖେ ଆଲିଙ୍ଗନ

ଦାମ୍ପତ୍ୟ ଜୀବନରେ ସମ୍ପର୍କକୁ ସୁଦୃଢ଼ କରିଥାଏ ଆଲିଙ୍ଗନ। ଏହାଦ୍ୱାରା ସ୍ତ୍ରୀ–ସ୍ୱାମୀଙ୍କ ମଧ୍ୟରେ ଭଲ ପାଇବା ବଢ଼ିବା ସହିତ ସମ୍ପର୍କର ସ୍ଥାୟିତ୍ୱ ବୃଦ୍ଧି ପାଏ। ଏ ସମ୍ପର୍କରେ ଭର୍ଜିନିଆ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଦାମ୍ପତ୍ୟ ଜୀବନରେ ସ୍ତ୍ରୀ–ସ୍ୱାମୀଙ୍କ ମଧ୍ୟରେ ସମ୍ପର୍କ କିପରି ଅଛି ତାହା ଆଲିଙ୍ଗନ ସୂଚିତ କରେ। ପରସ୍ପରକୁ ନିବିଡ଼ ଭାବେ ଆଲିଙ୍ଗନ କଲେ ତାହା ଦୃଢ଼ ସମ୍ପର୍କକୁ ଦର୍ଶାଇଥାଏ। ଆଲିଙ୍ଗନ ମାନସିକ ଚାପ ହ୍ରାସ କରିବା ସହିତ ମନକୁ ଖୁସି କରିଥାଏ। ବେଳେବେଳେ ଆଲିଙ୍ଗନ ସମୟରେ ମନରେ କୋହ ସୃଷ୍ଟି ହୋଇଥାଏ। ଏହା ମନରୁ ନକାରାତ୍ମକ ଭାବନା ଦୂର କରିବାକୁ ସକ୍ଷମ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ମଶାଙ୍କୁ ଆକୃଷ୍ଟ କରେ ଡିଓ

ନୂଆଦିଲ୍ଲୀ: ମଶା କାମୁଡ଼ା ମଣିଷ ମନରେ ବିରକ୍ତି ଭାବ ଜାତ କରିଥାଏ। କେତେକ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କ ତୁଳନାରେ ଅଧିକ ମଶା କାମୁଡ଼ନ୍ତି। ଏହା ସ୍ଥଳ ବିଶେଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ଲଡ୍ ଗ୍ରୁପ୍ ଉପରେ ନିର୍ଭର କରିଥାଏ। ତେବେ ପର୍‌ଫ୍ୟୁମ୍, ଡିଓ ତଥା ଅନ୍ୟ ପ୍ରସାଧନ ସାମଗ୍ରୀ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ମଶା ଅଧିକ କାମୁଡ଼ିଥାନ୍ତି ବୋଲି ଚିକିତ୍ସା ବିଜ୍ଞାନୀ ପରାମର୍ଶ ଦେଇଛନ୍ତି। କେତେକ ପର୍‌ଫ୍ୟୁମ୍, ଡିଓ ଏବଂ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀରେ ଲାକ୍ଟିକ୍ ଏସିଡ୍ ରହିଥାଏ। ଏଥିପ୍ରତି ମଶା ଆକୃଷ୍ଟ ହୋଇ ସେହି ବ୍ୟକ୍ତିଙ୍କ ପାଖକୁ ଆସିଥାନ୍ତି। ଅପରପକ୍ଷରେ ମଶା ଲାକ୍ଟିକ୍ ଏସିଡ୍‌ର ବାସ୍ନାକୁ ମନେ ରଖି ଖୋଜି ଖୋଜି ଆସି ପର୍‌ଫ୍ୟୁମ୍ ଓ ଡିଓ ବ୍ୟବହାର କରୁଥିବା ଲୋକଙ୍କୁ କାମୁଡ଼ିଥାନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୪.୨ |
| ଚାନ୍ଦବାଲି | ୩୫.୦ | ୨୬.୪ |
| କଟକ | ୩୪.୦ | ୨୩.୮ |
| ପାରାଦ୍ୱୀପ | ୩୩.୪ | ୨୭.୬ |
| ଭୁବନେଶ୍ୱର | ୩୨.୭ | ୨୪.୯ |
| ଗୋପାଳପୁର | ୩୪.୫ | ୨୬.୮ |
| ପୁରୀ | ୩୩.୪ | ୨୭.୪ |
| ଅନୁଗୋଳ | ୩୩.୭ | ୨୧.୦ |
| ବାରିପଦା | ୩୪.୦ | ୨୫.୦ |
| ଝାରସୁଗୁଡ଼ା | ୩୩.୫ | ୨୪.୬ |
| କେନ୍ଦୁଝର | ୩୨.୨ | ୨୩.୨ |
| ସମ୍ବଲପୁର | ୩୫.୪ | ୨୪.୫ |
| ସୁନ୍ଦରଗଡ଼ | ୩୦.୦ | ୨୧.୦ |
| ହୀରାକୁଦ | ୩୩.୯ | ୨୪.୭ |
| ତାଳଚେର | -- | ୨୩.୫ |
| ଭବାନୀପାଟଣା | ୩୩.୦ | ୨୩.୫ |
| ବଲାଙ୍ଗୀର | ୩୩.୭ | ୨୫.୦ |
| କୋରାପୁଟ | ୩୦.୦ | ୧୯.୨ |
| ଫୁଲବାଣୀ | ୩୩.୦ | -- |
| ଟିଟିଲାଗଡ଼ | ୩୫.୦ | ୨୧.୬ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୩୩.୮ | ୨୧.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ବିଶ୍ୱକୁ ଶାନ୍ତି ଆଣିଦେବ ଅହିଂସା




ବିଶ୍ୱ ଆଜି ଶାନ୍ତି ସନ୍ଧାନରେ । ଏହି ଶାନ୍ତି କେଉଁଠୁ ଆସିବ ଓ କିଏ ଦେବ ? ଏହା ହିଁ ଆଜିର ପ୍ରଶ୍ନ। ଯଦି ଏହି ପ୍ରଶ୍ନର ଉତ୍ତର ଖୋଜାଯାଏ ତେବେ ପ୍ରଥମ ଉତ୍ତରଟି ହେବ ଅହିଂସା। ଅହିଂସା ଦେବ ବିଶ୍ୱକୁ ଶାନ୍ତି। ବରାଜମାନ କରାଇବ ସଦଭାବନା ଓ ଭାଇଚାରାର ପରିବେଶ। ବିଶ୍ୱରେ ଶାନ୍ତି ଲାଗି ସେପ୍ଟେମ୍ବର ୨୧ରେ ପାଳନ କରାଯାଉଛି ବିଶ୍ୱ ଶାନ୍ତି ଦିବସ। ଏହି ଦିବସ ସବୁ ଦେଶର ଲୋକମାନଙ୍କ ମଧ୍ୟରେ ସ୍ୱତନ୍ତ୍ରତା, ଶାନ୍ତି ଓ ଖୁସି ସ୍ଥାପନ କରିବାରେ ସାହାଯ୍ୟ କରିବାର ବାର୍ତ୍ତା ଦେଉଛି।

ବିଶ୍ୱର ଚାରିଆଡେ ଆତଙ୍କବାଦ, ହିଂସା, ଯୁଦ୍ଧ ,ବିପତ୍ତି ଓ ଅଶାନ୍ତିର ବାତାବରଣ ସୃଷ୍ଟି ହେବାରେ ଲାଗିଛି। ପୃଥିବୀ, ଆକାଶ ଓ ସାଗର ସବୁ ଅଶାନ୍ତ। ସ୍ୱାର୍ଥ ଓ ଘୃଣାରେ ମାନବ ସମାଜକୁ ଖଣ୍ଡ ବିଖଣ୍ଡିତ କରିବାରେ ଲାଗିଛି। ବିଶ୍ୱ ଶାନ୍ତିର ବାର୍ତ୍ତା ସବୁ ଯୁଗରେ ଦିଆଯିବା ନଜିର ରହିଛି, କିନ୍ତୁ ଏହାକୁ ପାଳନ କାରିବା ପାଇଁ ଖୁବ୍ କମ୍ ଲୋକ ବାହାରୁଛନ୍ତି। ୧୯୮୧ରେ ଜାତିସଂଘ ମହାସଭା ବିଶ୍ୱଶାନ୍ତି ଦିବସ ପାଳନ କରିବାର ପ୍ରସ୍ତାବ ଗ୍ରହଣ କରିବା ପରେ ପ୍ରଥମେ ୧୯୮୨ରୁ ଆରମ୍ଭ ହୋଇ ୨୦୦୧ ଯାଏ ସେପ୍ଟେମ୍ବର ମାସ ତୃତୀୟ ମଙ୍ଗଳବାରକୁ ଆନ୍ତର୍ଜାତିକ ଶାନ୍ତି ଦିବସ ବା ବିଶ୍ୱଶାନ୍ତି ଦିବସ ପାଳନ କରିବା ପାଇଁ ସ୍ଥିର କରାଯାଇଥିଲା, କିନ୍ତୁ ୨୦୦୧ରୁ ସ୍ଥାୟୀ ଭାବେ ଏହାକୁ ସେପ୍ଟେମ୍ବର ୨୧ରେ ପାଳନ କରାଯିବାର ଘୋଷଣା କରାଗଲା। ବିଶ୍ୱରେ ଶାନ୍ତି ବଜାୟ ରଖିବା ଜାତିସଂଘର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ଜାତିସଂଘ, ତା'ର ସବୁ ସଂସ୍ଥା ଓ ସବୁ ଦେଶ ପ୍ରତିବର୍ଷ ସେପ୍ଟେମ୍ବର ୨୧କୁ ବିଶ୍ୱ ଶାନ୍ତି ଦିବସ ଭାବେ ପାଳନ କରୁଛନ୍ତି। ବିଶ୍ୱର କୋଣ ଅନୁକୋଣରେ ଶାନ୍ତି ସନ୍ଦେଶ ପହଞ୍ଚାଇବା ପାଇଁ ଜାତିସଂଘ କଳା, ସାହିତ୍ୟ,ସିନେମା, ସଙ୍ଗୀତ ଓ ଖେଳ ଜଗତରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ଶାନ୍ତିଦୂତ ଭାବେ ନିଯୁକ୍ତ କରିଛି। ମାନବର କଲ୍ୟାଣ ଠାରୁ ଆଉ କିଛି ବଡ ନାହିଁ। ଏଣୁ ମନୁଷ୍ୟକୁ ହିଂସା, ବିଦ୍ୱେଷର ମାର୍ଗ ଛାଡି ଅହିଂସା ମାର୍ଗ ହିଁ ଆପଣାଇବା ଉଚିତ। ଅହିଂସା ଓ ସଦଭାବନାର ମାର୍ଗ ଛାତ୍ର ଜୀବନରୁ ପାଳନ କରାଯାଇପାରେ। ଏହି ବୟସରୁ ଅହିଂସାର ବାଟ ଆପଣାଇଲେ ଓ ଅନ୍ୟମାନଙ୍କୁ ଶାନ୍ତି ଲାଗି ପ୍ରୋତ୍ସାହନ ଦେଲେ ବିଶ୍ୱରେ ଶାନ୍ତି ଶୀଘ୍ର ଆସିପାରିବ। ଏଥିପାଇଁ ଯୁବପିଢିର ଭୂମିକା ଢେର ରହିଛି। ମହାତ୍ମା ଗାନ୍ଧୀଙ୍କ ଅହିଂସା ମାର୍ଗ ବି ବିଶ୍ୱରେ ଶାନ୍ତି ଆଣିବା ପାଇଁ ଏକ ଅମୋଘ ଅସ୍ତ୍ର ବୋଲି ଗ୍ରହଣ କରାଯିବା ଉଚିତ। ଧଳା ପାରା ଶାନ୍ତିର ପ୍ରତୀକ। ବିଶ୍ୱ ଶାନ୍ତି ଲକ୍ଷ୍ୟ ନେଇ ପ୍ରତି ଦେଶରେ ଧଳା ପାରା ଉଡାଇଦିଆଯାଏ। ପାରା ଉଡାଇ ଦେଲେ ଲକ୍ଷ୍ୟପ୍ରାପ୍ତିର ଭାବନା ଆସିପାରେ କିନ୍ତୁ ହିଂସାର ପଥ ଛାଡି ଅହିଂସା ମାର୍ଗ ହିଁ ବିଶ୍ୱ ଶାନ୍ତି ଲାଗି ଏକ ପ୍ରଶସ୍ତ ରାସ୍ତା ହୋଇପାରିବ। ୨୦୧୯ରେ ବିଶ୍ୱରେ ଶାନ୍ତି ରକ୍ଷା କରିବା ଓ ତାହାକୁ ଆଗକୁ ନେବା ଲକ୍ଷ୍ୟରେ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢିବାର ଲକ୍ଷ୍ୟକୁ ବି ନିଆଯାଇଛି।

## ସଂକ୍ଷେପରେ

### ୬୩୦ ଫୁଟ୍ ଛୁଇଁଲା ହୀରାକୁଦ ଡ୍ୟାମ୍ ଜଳସ୍ତର

**ସମ୍ବଲପୁର,୨୦।୯ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ରେ ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୩୦ ଫୁଟକୁ ଛୁଇଁଛି। ପ୍ରତି ସେକେଣ୍ଡରେ ଡ୍ୟାମ୍ ଭିତରକୁ ୫୯, ୯୦୩ କ୍ୟୁସେକ ବନ୍ୟାଜଳ ପ୍ରବେଶ କରୁଛି। ବିଭିନ୍ନ କେନାଲ ଓ ଶିଳ୍ପକୁ ମୋଟ ୨୧ ହଜାର ୭୮୬ କ୍ୟୁସେକ ପାଣି ଛଡା ଯାଉଛି। ବିଳମ୍ବରେ ଓ କମ୍ ପରିମାଣର ବର୍ଷା ହୋଇଥିଲେ ମଧ ଏବେ ଡ୍ୟାମ୍‌ରେ ଆବଶ୍ୟକ ପାଣି ଭର୍ତ୍ତି ହୋଇ ରହିଛି । ଉପର ମୁଣ୍ଡରେ କମ୍ ପରିମାଣର ବର୍ଷା ହେବାରୁ ଡ୍ୟାମ୍‌କୁ କମ୍ ପରିମାଣର ଜଳ ପ୍ରବେଶ କରିଥିଲା । ତଥାପି ଡ୍ୟାମରେ ଜଳସ୍ତର କ୍ଷମତା ପୂରା ହୋଇଛି। କମ୍ ପରିମାଣର ଜଳ ପ୍ରବେଶ କରିଥିଲେ ମଧ ଜଳସ୍ତର ଠିକ୍ ରହିଛି । ହେଲେ ଜଳ ସଂରକ୍ଷଣ ହୋଇ ପାରୁନି। ଡ୍ୟାମ୍ ପାଇଁ କୌଣସି ବିପଦ ନାହିଁ । ଏବେ ମଧ ବନ୍ୟାଜଳ ପ୍ରବେଶ କରୁଛି । ଯେତେ ପରିମାଣର ଜଳ ରହିଛି ତାହା ଚାଷ, ବିଦ୍ୟୁତ ଉତ୍ପାଦନ ପାଇଁ ଯଥେଷ୍ଟ ବୋଲି ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ବୁର୍ଲାରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବା, ତଳ ମୁଣ୍ଡରେ ଡ୍ୟାମ୍ ନ ଥିବାରୁ ଜଳ ଅପଚୟ ହେଉଛି । ଜିଲାରେ ଥିବା ନଦୀଗୁଡିକରେ ଛୋଟ ଛୋଟ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଞ୍ଚୟ କରାଗଲେ ଜଳ ଅପଚୟ ରୋକାଯାଇ ପାରନ୍ତା। ଫଳରେ ଆଗକୁ ଜଳ ସଙ୍କଟ ଦେଖା ଯାଆନ୍ତା ନାହିଁ ବୋଲି ପରିବେଶବିତ୍‌ମାନେ କହିଛନ୍ତି । ସୂଚନାଯୋଗ୍ୟ, ପ୍ରତିବର୍ଷ ଜୁନ୍ ପହିଲାରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ମନସୁନ ସିଜନରେ ଡ୍ୟାମ୍‌କୁ ୨୪ ମିଲିୟମ ଏକର ଫୁଟ ଜଳ ପ୍ରବେଶର ଲକ୍ଷ୍ୟ ଧାର୍ଯ୍ୟ ହୋଇଥାଏ । ହେଲେ ଚଳିତ ବର୍ଷ ଅର୍ଥାତ୍ ଗତ ୫ ମାସରେ ମାତ୍ର ୩ .୯ ମିଲିୟେମ ଏକର ଫୁଟ ଜଳ ଡ୍ୟାମକୁ ପ୍ରବେଶ କରିଛି । ଜୁନ୍‌ରେ ମାତ୍ର ୧୧ ପ୍ରତିଶତ, ଜୁଲାଇରେ ୧୫ ପ୍ରତିଶତ, ଅଗଷ୍ଟରେ ୬୬ ପ୍ରତିଶତ ଜଳ ଡ୍ୟାମକୁ ପ୍ରବେଶ କରିଛି। ସେପ୍ଟେମ୍ବର ୧ରୁ ଆଜି ପର୍ଯ୍ୟନ୍ତ ଡ୍ୟାମକୁ ମାତ୍ର ୯୨ ପ୍ରତିଶତ ଜଳ ପ୍ରବେଶ କରିଥିବା ରେକର୍ଡ କରାଯାଇଛି।

# ଗୋଟିଏ ଦେଶ, ଗୋଟିଏ ଭାଷା ସମ୍ଭବ ନୁହେଁ

**ସୁନୀତ୍ ମିଶ୍ର**
**ଭୁବନେଶ୍ୱର,୨୦।୯**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଗତ ୧୪ ତାରିଖ ହିନ୍ଦୀ ଦିବସ ପାଳନ ଅବସରରେ 'ଗୋଟିଏ ଦେଶ, ଗୋଟିଏ ଭାଷା' ସପକ୍ଷରେ ମତ ଦେଇଥିଲେ। ଦେଶରେ ହିନ୍ଦୀକୁ ଜାତୀୟ ଭାଷା କରିବାକୁ ଶାହ ପ୍ରସ୍ତାବ ଦେଇଥିଲେ। ଏହାକୁ ନେଇ ବିଭିନ୍ନ ରାଜ୍ୟରୁ ବିରୋଧ ହେବାରେ ଲାଗିଛି। ବହୁ ରାଜନୈତିକ ବ୍ୟକ୍ତି ଏବଂ ବିଶେଷଜ୍ଞ ୬୦ ଦଶନ୍ଧିରୁ ହିନ୍ଦୀକୁ ଜୋର ଜବରଜସ୍ତ ଲଦି ଦେବାକୁ କରାଯାଉଥିବା ଚେଷ୍ଟା ବିରୋଧରେ ମୁହଁ ଖୋଲିଥିଲେ। ବହୁ ବିଶେଷଜ୍ଞଙ୍କ କହିବା କଥା ହେଲା, ଗୋଟିଏ ଦେଶ, ଗୋଟିଏ ଭାଷା ପାଇଁ ଯଦି ହିନ୍ଦୀକୁ ଜାତୀୟ ଭାଷା କରାଯାଏ ତେବେ ବିଭିନ୍ନ ଆଞ୍ଚଳିକ ଭାଷା ଲୋପ ପାଇଯିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପଟେ ଯଦି ଓଡ଼ିଶା ଭଳି ଅଣହିନ୍ଦୀ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଏହାକୁ ଲାଗୁ କରାଯାଏ ତେବେ କ'ଣ ପରିସ୍ଥିତି ସୃଷ୍ଟି ହେବ ତାହାକୁ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ସାକ୍ଷାତ୍‌କାର।

***କେନ୍ଦ୍ର ସରକାର ହିନ୍ଦୀକୁ ଜାତୀୟ ଭାଷା କରିବା ଲାଗି ଚାହୁଁଛନ୍ତି। ଯଦି ତାହାକୁ ଓଡ଼ିଶା ଭଳି ଅଣହିନ୍ଦୀ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ଲାଗୁ କରାଯାଏ, ତେବେ କେଉଁ ପ୍ରକାର ପରିସ୍ଥିତି ଉପୁଜିବ ବୋଲି ଆପଣ ଭାବୁଛନ୍ତି?***

– ୱାନ ନେଶନ-ୱାନ ଲାଙ୍ଗୁଏଜ କଥା ଯାହା କେନ୍ଦ୍ରମନ୍ତ୍ରୀ କହିଛନ୍ତି, ତାହା ଭାରତବର୍ଷରେ ସମ୍ଭବ ନୁହେଁ। କର୍ନାଟକ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି. ଏସ୍. ୟେଦୁରପ୍ପା ମଧ ଏହାକୁ ମନା କରିସାରିଛନ୍ତି। କୌଣସି ପରିସ୍ଥିତିରେ ସେମାନେ କନ୍ନଡ ଭାଷା ସହ ବୁଝାମଣା କରିବୁନାହୁଁ ବୋଲି ୟେଦୁରପ୍ପା କହିଛନ୍ତି। ତାମିଲନାଡୁ, କେରଳ ତଥା ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଏଥିରେ ରାଜି ହେବେନାହିଁ। ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଯାହା ଗୁରୁତ୍ୱ ରହିଛି, ତାହା ରହିବ। ରାଜ୍ୟ ସରକାର ସମସ୍ତ ନଥିପତ୍ରରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ହିନ୍ଦୀ ପ୍ରତି ଆମର ବିଦ୍ୱେଷଭାବ ନାହିଁ। ଭାରତ ଭଳି ଦେଶ ବହୁ ସଂସ୍କୃତି, ବହୁ ଭାଷାକୁ ନେଇ ଗଠିତ ହୋଇଛି।

***ହିନ୍ଦୀକୁ ଜାତୀୟ ଭାଷା କରାଗଲେ ପ୍ରାଥମିକ ଶିକ୍ଷା କ୍ଷେତ୍ରରୁ ପିଲାମାନେ ପଢୁଥିବା ଇତିହାସ, ଭୂଗୋଳ, ସାହିତ୍ୟ ସବୁ ହିନ୍ଦୀରେ ପଢ଼ାଯିବ। ଓଡ଼ିଆ ଏବଂ ଇଂଲିଶ୍ ଭଳି ବିଷୟ କେବଳ ଏକ ବିଷୟ ହୋଇ ରହିଯିବ। ଏପରି ହେଲେ ଦୁଇ, ତିନି ପିଢିର ପିଲାମାନେ ଓଡ଼ିଆ କହିବା ଭୁଲିଯିବେ ବୋଲି ଅନେକ କହୁଛନ୍ତି। ଏନେଇ ଆପଣ ମତ କ'ଣ?***

– ଏହା ସମ୍ଭବ ନୁହେଁ। ଏପରି କି କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ ମଧ ତାହା ଗ୍ରହଣ କରାଯିବ ନାହିଁ। ନିଶ୍ଚିତ ଭାବେ ଯେଉଁ ରାଜ୍ୟରେ ଯାହା ମାତୃଭାଷା ରହିଛି, ତାହାକୁ ବ୍ୟବହାର କରାଯିବା ଉଚିତ୍। ତାହାକୁ ଆଧାର କରି ରାଜ୍ୟ ସରକାର ନୂଆ ବ୍ୟବସ୍ଥା କରିଛନ୍ତି। ମାତୃଭାଷା ଓଡ଼ିଆ ଏବଂ ଇଂଲିଶ୍‌କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହିନ୍ଦୀ ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଲାଗି କେନ୍ଦ୍ର ସରକାର ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଯେଉଁ ପ୍ରକ୍ରିୟା କରୁଛନ୍ତି ତାହା କରନ୍ତୁ, ସେଥିରେ ମନାନାହିଁ। ଏହାକୁ ଆଇନ କରି ଯଦି କେବେ ଲୋକଙ୍କ ମୁଣ୍ଡରେ ଲଦି ଦେବାକୁ ଚେଷ୍ଟା କରାଯାଏ ତେବେ ସ୍ୱାଧୀନତା ପରେ ଭାଷା ଆନ୍ଦୋଳନକୁ ଆଧାର କରି ଯେଉଁ ଘଟଣା ଘଟିଥିଲା ସେହିଭଳି ପରିସ୍ଥିତି ଉପୁଜିବ। ମତେ ଲାଗୁନି, କେନ୍ଦ୍ର ସରକାର ଏହାକୁ ଏମିତି ଲଦି ଦେବେ, ଯଦି ସେମାନେ ତାହା ଚିନ୍ତା କରୁଛନ୍ତି ତେବେ ତାହା ଦେଶ ପାଇଁ ଶୁଭଙ୍କର ନୁହେଁ।



ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ସୁନୀତ୍ ମିଶ୍ର।

ସମ୍ପୂର୍ଣ୍ଣ ସାକ୍ଷାତ୍‌କାର ପାଇଁ ଦେଖନ୍ତୁ–
https://www.youtube.com/watch?v=RoG0FcW_lUU&t=247s

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ସମ୍ବଲପୁର ହିଁ ଉପଯୁକ୍ତ ସ୍ଥାନ

**ସମ୍ବଲପୁର,୨୦।୯ (ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଜାରି ରହିଛି। ଜାଗା ଚିହ୍ନଟ ଆଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ସଂକ୍ରାନ୍ତରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ହେଲେ ସ୍ଥାନ ପାଇଁ ଆଉ ଦ୍ୱନ୍ଦ୍ୱ ନାହିଁ । ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ସମ୍ବଲପୁର ହିଁ ଉପଯୁକ୍ତ ସ୍ଥାନ ବୋଲି ପଶ୍ଚିମ ଓଡିଶା କ୍ରିୟାନୁଷ୍ଠାନ କମିଟି (ସିଏସି)ରେ ସାମିଲ ଥିବା ସମସ୍ତ ଓକିଲ ସଂଘ ମତପ୍ରକାଶ କରିଛନ୍ତି ବୋଲି ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଓକିଲ ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏପରି କି ରାଜ୍ୟ ସରକାର ଓ ହାଇକୋର୍ଟଙ୍କୁ ଏ ସଂକ୍ରାନ୍ତରେ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଅନ୍ୟପକ୍ଷେ ୨୦୦୭ ନଭେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯିବାକୁ ସୁପାରିସ କରିଥିଲେ । ତେଣୁ ସିଏସିର ଦାବି, ଜନତାଙ୍କ ସ୍ୱାର୍ଥ ଓ ମୁଖ୍ୟମନ୍ତ୍ରୀଙ୍କ ସୁପାରିସକୁ ଆଧାର କରି ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଶୀଘ୍ର ଘୋଷଣା କରନ୍ତୁ । କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ ମଧ ପ୍ରଦାନ କରନ୍ତୁ। ଫଳରେ ପରବର୍ତ୍ତୀ ଲଢେଇ କେନ୍ଦ୍ର ବିରୋଧରେ କରାଯିବ। ଅନ୍ୟଥା ଗତ ବଜେଟ ଅଧିବେଶନରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଅନୁଦାନ ଘୋଷଣା ଓ ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା କେବଳ ନାମକୁ ମାତ୍ର ଥିଲା ବୋଲି ଧରି ନିଆଯିବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି ।

ତେବେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଘୋଷଣା କରିବାକୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କୁ ସମୟ ଦିଆଯାଇଥିଲା। ହେଲେ ସମୟସୀମା ସରିଛି ସିନା ରାଜ୍ୟ ସରକାର ଚୁପ୍ ବସିଛନ୍ତି। ତେଣୁ ପୁଣି ଆନ୍ଦୋଳନ ହେବ। ଆସନ୍ତା ୨୬, ୨୭ ଓ ୩୦ ତାରିଖ ସାରା ପଶ୍ଚିମ ଓଡ଼ିଶାରେ ଥିବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟଗୁଡିକ ବନ୍ଦ କରାଯିବ। ବୀମା କମ୍ପାନୀ, ବ୍ୟାଙ୍କ ଗୁଡିକ ମଧ ବନ୍ଦ ରହିବ। କେବଳ ଆମ୍ବୁଲାନ୍ସ, ଦମକଳ, ପୋଲିସ ଭଳି ଜରୁରୀ ସେବା ଓ ଶିକ୍ଷା ଅନୁଷ୍ଠାନକୁ କୋହଳ କରାଯିବ ବୋଲି ସଂଘର ବରିଷ୍ଠ ସଦସ୍ୟ ସୁରେଶ୍ୱର ମିଶ୍ର କହିଛନ୍ତି। ଏହି ଅବସରରେ ଜିଲା ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ କହିଛନ୍ତି , ଜିଲା ଓକିଲ ସଂଘ ଆନ୍ଦୋଳନରେ ବିଭିନ୍ନ ଅନୁଷ୍ଠାନ, କର୍ମକର୍ତ୍ତା, ସାମାଜିକ କର୍ମୀ ପୂର୍ଣ୍ଣ ସମର୍ଥନ ଦେଇ ଆସୁଛନ୍ତି । ଆଗକୁ ମଧ ସମସ୍ତଙ୍କ ସମର୍ଥନ ରହିବ । ଆନ୍ଦୋଳନ ପ୍ରାୟ ସଫଳ ହେବାର ଦ୍ୱାରଦେଶରେ ପହଞ୍ଚିଛି । ସରକାର ନିଷ୍ପତ୍ତି ନେବାକୁ ବାଧ୍ୟ। ନ ହେଲ ପରିଣାମ ଭୟଙ୍କର ହେବ। ଜାଗାକୁ ନେଇ ସରକାର ଯେଉଁ ବାହାନା କରୁଥିଲେ ତାହା ଦୂର ହୋଇଯାଇଛି। ଜିଲା ଓକିଲ ସଂଘ ସବୁ ସମୟରେ ଲୋକମାନଙ୍କ ସହ ରହିଛି। ଏବେ ନୂଆ ମୋଟର ଯାନ ଆଇନ ଲାଗୁ କରି ଲୋକଙ୍କୁ ହଇରାଣ କରାଯାଉଛି । ପ୍ରଥମେ ଲୋକଙ୍କୁ ସାଧାରଣ ସୁବିଧା ଦିଆଯାଉ। ରାସ୍ତା ମରାମତି କରାଯାଉ। ଟ୍ରାଫିକ ସମସ୍ୟାର ସମାଧାନ କରାଯାଉ। ପରେ ସରକାର ଜରିମାନା ଆଦାୟ କରିବେ । କର ଆଦାୟ କଲା ଭଳି ଲୋକଙ୍କ ସହ ଅନ୍ୟାୟ କରାଯାଉଛି ବୋଲି ସେ କହିଛନ୍ତି। ପ୍ରମୋଦ ରଥ କହିଛନ୍ତି, ଓକିଲ ସଂଘ ସବୁବେଳେ ଲୋକଙ୍କ ସହ ରହିଛି। ବେଞ୍ଚ ପ୍ରସଙ୍ଗରେ ହାଇକୋର୍ଟ ମୁଖ୍ୟ ବିଚାରପତି କଟକରେ କିଛି ଦିନ ତଳେ ଏକ ବୈଠକ ଡାକିଥିଲେ। ହେଲେ ହାଇକୋର୍ଟର କେତେଜଣ ଓକିଲ ଉକ୍ତ ଆଲୋଚନାରେ ଭାଗ ନ ନେଇ ଚାଲି ଯାଇଥିଲେ । ସେମାନଙ୍କ ଏଭଳି ବିଚାରଧାରା ନିନ୍ଦନୀୟ ବୋଲି ସେ କହିଛନ୍ତି। ଜିଲା କ୍ରିୟାନୁଷ୍ଠାନ କମିଟି ସଭାପତି ପ୍ରଦୀପ ବହିଦାର, ସୁରେନ୍ଦ୍ର ମହାନ୍ତି, ପ୍ରବୀଣ ସିଂଦେଓ, ପ୍ରାଜୋତ ଶର୍ମା, ପ୍ରମୋଦ ଡେରା ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

# କଫ୍ ସିରପ ବୋଝେଇ କାର ଜବତ, ୨ ଗିରଫ

**ବରଗଡ଼ ଅଫିସ/ପାଇକମାଳ,୨୦।୯**

ବରଗଡ଼ ଜିଲା ପାଇକମାଳ ପୋଲିସ ହାତରେ କଫ୍ ସିରପ୍ ବୋଝେଇ ଏକ କାର୍ (ନଂ.ଓଡି୧୫ଏ/୧୦୪୦) ଧରାପଡ଼ିଛି । ପୋଲିସ ଉକ୍ତ କାର୍ ସମେତ ସେଥିରେ ଥିବା ୧୪୨୦ ବୋତଲ କଫ୍ ସିରପ୍, ୧୦ଟି ନିଶା ବଟିକା ଆଦି ଜବତ କରିଛି । ଏହାସହିତ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ଲରମ୍ବା ଥାନା ଘାଗରା ଗ୍ରାମର ମୁନା ବାଗ(୨୩) ଏବଂ ସୁଦାମ ଷଣ୍ଢ(୧୯) । ସେମାନଙ୍କ ପାଖରୁ ଗୋଟିଏ ନମ୍ବର ବିହୀନ ବାଇକ୍, ୨ଟି ମୋବାଇଲ ମଧ୍ୟ ଜବତ ହୋଇଛି । ପାଇକମାଳ ଥାନାରେ ଏକ ମାମଲା (ନଂ.୧୭୧/୧୯) ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପଦ୍ମିନୀ ସାହୁ କହିଛନ୍ତି, ଗୁରୁବାର ଝାରମୁଣ୍ଡା ଛକ ଦେଇ ଉକ୍ତ କାର୍‌ରେ ବିପୁଳ ପରିମାଣର କଫ୍ ସିରପ୍ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ସେହି ସୂଚନାକୁ ଆଧାର କରି ଏଏସଆଇ ଏସ. କେ. ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଝାରମୁଣ୍ଡା ଛକରେ ଜଗି ରହିଥିଲେ । କଫ୍ ସିରପ୍ ବୋଝେଇ କାର୍ ସେଠାରେ ପହଞ୍ଚିବାବେଳେ ୨ ଅଭିଯୁକ୍ତ ଅନ୍ୟ ଏକ ବାଇକ୍ ଯୋଗେ ଆସୁଥିଲେ । ପୋଲିସ ଟିମ୍ କାର୍, ବାଇକ୍‌କୁ ଅଟକାଇ ଯାଞ୍ଚ କରିବାରୁ କାର୍‌ରେ କଫ୍ ସିରପ୍, ନିଶା ବଟିକା ରହିଥିବା ଜଣାପଡ଼ିଥିଲା । ଉକ୍ତ ୨ଅଭିଯୁକ୍ତ ଧରାପଡ଼ିଥିବା ବେଳେ ଅନ୍ୟ ୨ଜଣ ସେଠାରୁ ନିକଟସ୍ଥ ଜଙ୍ଗଲ ପଟକୁ ଖସି ପଳାଇଥିଲେ । ସେମାନଙ୍କୁ ଗିରଫ କରିବା ପାଇଁ ତନାଘନା ଜାରି ରହିଥିବା ଏସ୍‌ପି ସାହୁ ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡ଼ିପିଓ ପ୍ରଦୀପ ସାହୁ ଉପସ୍ଥିତ ଥିଲେ ।


## CUTTACK MUNICIPAL CORPORATION

**TENDER CALL NOTICE**

No. 8677, Dt. 20.09.19

Cuttack Municipal Corporation invites sealed tenders from interested Manufacturers / Authorized Dealers / Suppliers for Supply of Allopathic Medicine and Surgical items for Animal Birth Control Programme for the year 2019-20.

The details can be downloaded from the official website www.cmccuttack.gov.in. The last date of submission of tender documents is upto 4.00PM, dt.27.09.2019.

*Sd./- Commissioner*
*Cuttack Municipal Corporation*

## THE ODISHA STATE COOPERATIVE BANK LTD.

**Pandit Jawaharlal Nehru Marg, Bhubaneswar-751001**

**Ref. No. OSCB/HRDD/3991/2019-20 Date: 18.09.2019**

**SHORT TENDER CALL NOTICE**

**No.20-LL:-** Sealed item rate tenders are invited from registered and eligible civil contractors/ firms for proposed construction of compound wall of Angul Branch at Angul, on behalf of the Managing Director, Odisha State Cooperative Bank Ltd. Pandit Jawaharlal Nehru Magr, Bhubaneswar-751001 as follows:

| Name of the work | Estimated Tender Amount (in Rs.) | EMD amount (in Rs.) | Cost of Tender Paper + GST 18% (in Rs.) | Eligibility Class of Contractor | Period of Completion |
|---|---|---|---|---|---|
| Proposed construction of compound wall of Angul Branch at Angul | 8,15,000/- | 8150/- | 4720/- | "C" Class | 3 months |

The tender documents and detailed terms and conditions with eligiblity can be obtained only from the official website www. odishascb.com from 20.09.2019 to 04.10.2019.

**Sd.- Managing Director**
**Odisha State Cooperative Bank Ltd.**

39012/11/0015/1920

## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

**'e'-Procurement Notice**

**Bid Identification No. 05/ PKDM - 2019-20**

**Letter No. 2491 Date : 19.09.2019**

| | | | |
|---|---|---|---|
| 1. | Nature of the work | : | 2(two) nos. of civil construction works. |
| 2. | Estimated Cost | : | Varies from Rs. 41.22 Lakhs to Rs. 40.16 Lakhs |
| 3. | Period of Completion | : | Three calendar months |
| 4. | Date and time of availability of bid documents in the portal | : | From 23.09.2019 at 10.00 A.M. to 29.09.2019 at 5.00 P.M. |
| 5. | Last date / Time for receipt of bids in the portal | : | 29.09.2019 at 5.00 P.M. |
| 6. | Submission of Financial Documents (Bid cost & EMD) by Registered Post or Speed Post | : | On or before 01.10.2019 by 5.00 P.M. |
| 7. | Date and time of opening of bid | : | 03.10.2019 at 11.00 A.M. |
| 8. | Name and address of the officer Inviting Bid | : | Executive Officer, Paralakhemundi Municipality. |

Further details can be seen from the e-procurement portal "https://tendersorissa.gov.in".

**Sd./- Executive Officer,**
**Paralakhemundi Municipality**

## DIRECTORATE OF MEDICAL EDUCATION & TRAINING, ODISHA

No.347-E :- **CORRIGENDUM NOTICE**

**No.12836 Bhubaneswar Dt. 17.09.2019**

With reference to RFP Notice No.12288 dt, 07.09.2019 for selection of Agency for Integration of Ambulance Services for Golden Hour Management. The date & time for opening of Technical Proposal (Part A & Part B) is modified and re-fixed on 03.10.2019 at 02.30 P.M. The revised Notice Inviting Proposal along with details of the clarification on the different queries, is available in the website of DMET, Odisha i.e. **www.dmetodisha.gov.in** in the news and event section. Other Terms & Conditions shall remain unchanged.

**Sd./-**
**10016/11/0026/1920 Jt. DMET, Odisha**

## DISTRICT RURAL DEVELOPMENT AGENCY, JAJPUR

**CORRIGENDUM**

The tender was invited vide Tender Call Notice No.5000 / dt.17.09.2019 for selection of Human Resource Service Providing Agency for engagement of Faculty & Support Staff to be engaged in DPRC, Jajpur. The date for submission of tender paper has been extended from 17.09.2019 to 26.09.2019 and the tender paper will be opened on the same day at 4.00 P.M. The other terms and conditions shall remain unchanged.

**Sd./-**
**Project Director**
**DRDA, Jajpur**

See
**CAREERAPPOINTMENT**
on every
**Wednesday & Saturday**

## OFFICE OF THE RAJGANGPUR MUNICIPALITY

No. 3621 Dtd. 19.09.2019

**"e" PROCUREMENT NOTICE**

**TENDER IDENTIFICATION NO.: EO/RGP/09 OF 2019-20**
**Tender ID in the portal: 2019_ORULB_56374**

Bid document, Work Specification and set of term & conditions of contract i.e. www.tendersorissa.gov.in

1. Total Number of Work : 11 Nos.
2. Nature of Works : Civil Construction
3. Estimated Cost : 5.00 Lakh to 106 Lakh
4. Date & time of availability of the bid documents in the portal : 20.09.2019 at 11.00AM to 14.10.2019 upto 5.00PM
5. Last date of Receipt of Bids in the portal : 14.10.2019 upto 5.00PM (Online)
6. Bids receipt online shall be opened on : 15.10.2019 at 11.00AM (Offline)

*Sd./- Executive Officer, Rajgangpur Municipality*

## TENDER CALL NOTICE NO: /CW/2019, Date: /09/2019

No. 35-n: Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, RTE-SSA, Koraput, on behalf of Government of Odisha for tenders for construction of ACR Buildings in SCA fund 2018-19.

| Sl. No. | Detail of Tender |
|---|---|
| 1. | Construction of ACR at Thotaguda UPS under Nandapur Block, EMD: Rs. 12,300/- & Tender Cost: Rs. 6,000/- |
| 2. | 1. The Tender Documents will be available in the District Website i.e. (www.koraput.nic.in) from 20/09/2019 to 30/09/2019 up to 5.00 PM and can be downloaded from the Website. 2. The Tenders will be opened at 11.00 AM on 01/10/2019. 3. Other details can be seen in the District Website www.koraput.nic.in. |

Yours faithfully,
District Project Coordinator
RTE-SSA, Koraput

27035/11/0008/1920

## GOVT. OF ODISHA
## DEPARTMENT OF WATER RESOURCES, O/O THE CHIEF CONSTRUCTION ENGINEER, RENGALI RIGHT IRRIGATION PROJECT, DHENKANAL

No. 243-A

Email Id – ccerrip@gmail.com

**'e' Procurement Notice**

The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1 Name of work : Excavation of Narasinghpur Branch Canal from RD 28.635 km to 30.210 km including construction of its structures lining and service road of Right Bank Canal of Rengali Irrigation Project
2. Tender Cost : ₹ 456.26 lakh
3. Bid Document Cost : ₹ 10,000.00 (on line)
4. Bid Security : ₹ 4, 56,300.00 (on line)
5. Class of Contractor : A and Special Class
6. Period of Completion : 11 calendar months (335 days)
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP,Dhenkanal | CCERRIP-01/2019-20 | 25.09.2019 10.00 AM | 17.10.2019 5.30 PM | 18.10.2019 11.00 AM |

8. For further details and on line bidding, visit Govt. website www.tendersodisha.gov.in

Sd/- Chief Construction Engineer
Rengali Right Irrigation Project, Dhenkanal

32351/11/0001/1920

## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)

**(Ministry of Social Justice & Empowerment, Department of Empowerment of Persons with Disabilities, Govt. of India)**
**Olatpur, P.O.- Bairoi, Dist.- Cuttack - 754010, Odisha**
**Mob.: 8093350360, 9038055172, E-mail: stores.nirtar@nic.in, Website: http://www.svnirtar.nic.in**

**E-TENDER NOTICE**

E-Tender is invited for procurement of the following items for our Institute and CRC, Ranchi, Bolangir and Nuapada.

1. Physiotherapy, Occupational Therapy, Prosthetic & Orthotic equipment and Hospital Equipment for SVNIRTAR, Odisha.
2. AMC of Lift at SVNIRTAR, Odisha
3. E-Journal/Books for Library, SVNIRTAR, Odisha.
4. Hiring of Manpower on yearly contract basis for SVNIRTAR, Odisha.
5. Hiring of Mahindra Bolero and Tata Indigo/Maruti Suzuki Dezire Car, SVNIRTAR, Odisha.
6. PT/OT/P&O/Speech & Hearing/Psychology equipment for CRC, Ranchi, Jharkhand.
7. Physiotherapy Equipment for CRC, Bolangir, Odisha.
8. Prosthetic & Orthotic Equipment/Tools/Materials for Sub-Centre, Nuapada, Odisha.

| IMPORTANT DATES | |
|---|---|
| Availability of Bid Documents | 21.09.2019 |
| Last date for Bid Submission | 11.10.2019 |
| Opening Date of Technical Bid | 14.10.2019 |

For more details log on to **http:www.svnirtar.nic.in** and CPP portal **http://eprocure.gov.in/eprocure/app.**

**Sd./- Director**

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION, RAIRANGPUR (MAYURBHANJ)

**No.369-O:- E-mail ID: eerwrairangpur@yahoo.com**
**Letter No.: 4205 Date: 18.09.19**

**"e" Procurement Notice for Building Works**
**Bid Identification No. - RWDRRP - 7/2019-20**

1. Name of the Work : Building Works (As per Annexure)
2. Estimated Cost : Rs.71.00 Lakhs (Approximately)
3. Class of Contractor : 'A' & 'B' Class
4. Period of Completion : 7 (Seven) Calendar Months
5. Tender Paper Cost : As per Annexure

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of opening of tender in O/o. EERWD, Rairangpur | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rairangpur | RWDRRP - 7/2019-20 | 01.10.2019 at 11.00 A.M. | 16.10.2019 upto 5.00 P.M. | 15.10.2019 upto 5.00 P.M. | 19.10.2019 at 11.30 A.M. | 25.10.2019 at 11.30 A.M. |

Further details can be seen from the website **www.tendersodisha.gov.in.**

**Sd./- Er. D.P. Karan**
**Executive Engineer, R.W. Division, Rairangpur**

25107/11/0010/1920

No. 199-C:

## WATCO
## OFFICE OF THE MANAGING DIRECTOR, WATCO.

**3rd Floor, Public Health Engineering Office Complex,**
**Near Rajiv Bhawan, Unit-V, Bhubaneswar-751001,Odisha, India**
**Telefax: - +91-674-2391444**
E-mail – mail@watcoodisha.in
md@watcoodisha.in

**INVITATION FOR BID (IFB)**

**Bid Identification No. WATCO (W) – 01 /2019-20 Dtd.18.09.2019**

1. Name of the work :- Provision for making House Connection in different wards under BMC.
2. Estimated cost :- Rs. 1108.86 Lakh
3. Period of completion :- 2 (Two) Months.
4. Date & time of availability of bid document in the portal :- From 11.00 AM of Dt.26.09.2019 to 5.00 PM of 11.10.2019
5. Last date / time of receipt of bids in the portal :- 5.00 PM of 11.10.2019.
6. Date & time of opening of technical bids :- 12.30 PM of 14.10.2019.
7. Name and address of the Officer Inviting Bid :- Managing Director, WATCO Telefax:- 0674-2391444. E-Mail: maild@watcoodisha.in md@watcoodisha.in
8. The bidders have to participate in ONLINE bidding only.

Further details can be seen from the web site www.tendersodisha.gov.in

**(Managing Director)**
**WATCO**

13083/11/0006/1920

# ପ୍ରତିଭା ରାୟଙ୍କ ସ୍ୱାମୀ ବିୟୋଗ

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ପ୍ରଖ୍ୟାତ ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ପ୍ରତିଭା ରାୟଙ୍କ ସ୍ୱାମୀ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଅକ୍ଷୟ ଚନ୍ଦ୍ର ରାୟ(୭୭)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ପୂର୍ବରୁ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ଆସିବାରୁ ଘରକୁ ଫେରିଯାଇଥିଲେ। କିନ୍ତୁ ଶୁକ୍ରବାର ମଧ୍ୟାହ୍ନରେ ସେ ପୁଣିଥରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଗତ୍‌ସିଂହପୁର ଜିଲା କାଦୁଆପଡ଼ା ଗ୍ରାମରେ ଜନ୍ମିତ ସ୍ୱର୍ଗତ ରାୟ ବୁର୍ଲା ଇଞ୍ଜିନିୟରିଂ କଲେଜରେ ଉତ୍ତୀର୍ଣ୍ଣ ହେବା ପରେ ଯନ୍ତ୍ରୀ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ସେ ନିଜର ପାରଦର୍ଶିତା ଦେଖାଇ ପ୍ରଶଂସାଭାଜନ ହେବା ସହିତ ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭାବେ ଚାକିରିରୁ ଅବସର ନେଇଥିଲେ। ରୋଟାରୀର ଜଣେ ସକ୍ରିୟ ସଦସ୍ୟ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ। ସେ 'ଆଦ୍ୟା' ପ୍ରକାଶନୀର ପ୍ରକାଶକ ମଧ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଲେଖିକା ରାୟଙ୍କ ପ୍ରିୟ ପାଠିକାପାଠକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ପ୍ରତିଭା ରାୟ, ଝିଅ ଆଦ୍ୟାଶା ଦାସ ଓ ଜ୍ୱାଇଁ ବରିଷ୍ଠ ଆଇପିଏସ୍ ଅଧିକାରୀ ଲଳିତ ଦାସଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତେବେ ଦୁଇପୁଅ ଅନ୍ୱେଷ ଓ ଅୟସକାନ୍ତ କାନାଡା ଓ ବେଙ୍ଗାଲୁରୁରୁ ଆସିବା ପରେ ଶନିବାର ସ୍ୱର୍ଗତ ରାୟଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ହେବ ବୋଲି ଝିଅ ଆଦ୍ୟାଶା ସୂଚନା ଦେଇଛନ୍ତି।

# ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ

## ଜିଏସ୍‌ଟି କାଉନସିଲ୍‌ର ବଡ଼ ନିଷ୍ପତ୍ତି

ପଣଜୀ, ୨୦।୯

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଏସ୍‌ଟି କାଉନସିଲର ୩୭ତମ ବୈଠକ ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମାନ୍ଦାବସ୍ଥା ଘେରରେ ଥିବା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କାଉନସିଲ କେତେକ ନିଷ୍ପତ୍ତି ନେଇଥିବା ବେଳେ ଅଟୋ ସେକ୍ଟର ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ।

ବୈଠକ ଶେଷରେ ଅର୍ଥମନ୍ତ୍ରୀ ସୀତାରାମନ୍ ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ଟିକସର ଅଧିକ ସରଳୀକରଣ ଏବଂ ନିୟମକୁ ଯୁକ୍ତିସଙ୍ଗତ କରିବା ନେଇ ବୈଠକରେ ଆଲୋଚନା କରାଯାଇଛି। ପର୍ଯ୍ୟଟନ ଶିଳ୍ପର ଅଙ୍ଗ ଭାବେ ପରିଗଣିତ ହୋଟେଲ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ନିଷ୍ପତ୍ତି ନିଆଯାଇଛି। ଏଣିକି ୧ ହଜାର ଟଙ୍କା ପର୍ଯ୍ୟନ୍ତ ହୋଟେଲ ରୁମ୍ ପାଇଁ କୌଣସି ଜିଏସ୍‌ଟି ଲାଗୁ କରାଯିବ ନାହିଁ। ସେହିପରି ୧୦୦୧ରୁ ୭୫୦୦ ଟଙ୍କା ପର୍ଯ୍ୟନ୍ତ ରୁମ୍ ପାଇଁ ୧୨% ଏବଂ ୭୫୦୦ ଟଙ୍କାରୁ ଊର୍ଦ୍ଧ୍ୱର ରୁମ୍ ପାଇଁ ୧୮% ଜିଏସ୍‌ଟି ଆଦାୟ କରାଯିବ। ପୂର୍ବରୁ ସମସ୍ତ ପ୍ରକାର ହୋଟେଲ ରୁମ୍ ପାଇଁ ୨୮% ଜିଏସ୍‌ଟି ଆଦାୟ କରାଯାଉଥିଲା। ତେବେ ମୃଦୁ ପାନୀୟ ମହଙ୍ଗା ହେବାକୁ ଯାଉଛି। ସୀତାରାମନ୍ କହିଛନ୍ତି ଯେ, କାଉନସିଲ୍ ମୃଦୁ ପାନୀୟ ଉପରେ ଜିଏସ୍‌ଟି ହାରକୁ ୧୮ରୁ ୨୮%କୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଛଡ଼ା ଏହା ଉପରେ ଅତିରିକ୍ତ ୧୨% କ୍ଷତିପୂରଣ ସେସ୍ ଆଦାୟ କରାଯିବ। ଏଣିକି ମୃଦୁ ପାନୀୟ କ୍ଷତିପୂରଣ ଯୋଜନା ଅଧୀନରେ ରହିବ ନାହିଁ। ସୀତାରାମନ୍ କହିଛନ୍ତି ଯେ, ଫୁଲ, ପତ୍ର ଏବଂ ବାୟୋଫ୍ରେଣ୍ଡଲି ସାମଗ୍ରୀରେ ତିଆରି କପ୍, ପ୍ଲେଟ୍ ଉପରେ କୌଣସି ଜିଏସ୍‌ଟି ଆଦାୟ କରାଯିବ ନାହିଁ। ବର୍ତ୍ତମାନ ଏଭଳି ସାମଗ୍ରୀ ଉପରେ ୫% ଜିଏସ୍‌ଟି ଆଦାୟ କରାଯାଉଛି। ସେହିଭଳି ରେଳ କୋଚ୍ ଓ ୱାଗନ ଉପରେ ଜିଏସ୍‌ଟିକୁ ୫ରୁ ୧୨%କୁ ବୃଦ୍ଧି କରାଯାଇଛି। ଏହାଛଡ଼ା ଏହା ଉପରେ ସଞ୍ଚିତ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ରିଫଣ୍ଡ ପ୍ରଦାନ କରାଯିବ ନାହିଁ। ସେହିଭଳି ଜାହାଜରେ ବ୍ୟବହୃତ ତେଲ ଉପରେ ଜିଏସ୍‌ଟିକୁ ୧୮ରୁ ୫%କୁ ହ୍ରାସ କରାଯାଇଛି। ଉଭେନ/ନନ୍ ଉଭେନ ପଲିଥିନ ବ୍ୟାଗ ଉପରେ ଏକପ୍ରକାର ୧୨% ଜିଏସ୍‌ଟି ଆଦାୟ କରାଯିବ। ଏହାଛଡା ବିଦେଶୀ ନିର୍ମିତ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ଉପରେ ଜିଏସ୍‌ଟି/ଆଇଜିଏସ୍‌ଟି ଛାଡ଼କୁ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# କଳରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର ଘଟଣା: ଟିଗିରିଆ ବନପାଳ, ବନରକ୍ଷୀ ନିଲମ୍ବିତ

ଟିଗିରିଆ, ୨୦।୯(ଡି.ଏନ.ଏ.)

କଟକ ଜିଲା ଟିଗିରିଆ ବନାଞ୍ଚଳ ଅନ୍ତର୍ଗତ ନିଜିଗଡ଼ ସଂରକ୍ଷିତ ଜଙ୍ଗଲର ହରିଡ଼ାପଶି ଗ୍ରାମ ନିକଟ ପାହାଡ଼ରୁ ଏକ କଳରାପତରିଆ ବାଘୁଣୀର ମୃତଦେହ ରବିବାର ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଶୁକ୍ରବାର ଆଠଗଡ଼ ଡିଏଫଓ ସସ୍ମିତା ଲେଙ୍କା ଟିଗିରିଆ ବନପାଳ ସୁଚରିତ ସାମନ୍ତରାୟ ଓ ବନରକ୍ଷୀ ଚନ୍ଦନ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏନେଇ ଏସସିଏଫ ରାଜେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ବାଘୁଣୀର ମୃତଦେହ ମିଳିବା ପରେ ତାକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଖବର ପାଇ ଆଠଗଡ଼ ଡିଏଫଓ ଲେଙ୍କା ଓ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବାଘଣୀକୁ ୧୦ ବର୍ଷ ହୋଇଥିବା ଜଣାପଡ଼ିଥିଲା।

## ଖବରଦାତା-ଆଇନଜୀବୀ ମୁହାଁମୁହିଁ ଭିଡିଓ ଭାଇରାଲ ଘଟଣା

# ଥାନାରେ ମାମଲା ରୁଜୁ

ନୟାଗଡ଼ ଅଫିସ, ୨୦।୯


ଭାଇରାଲ ହୋଇଥିବା ଭିଡ଼ିଓର ଦୃଶ୍ୟ।

ନୟାଗଡ଼ ଜିଲା ଖଣ୍ଡପଡ଼ା କୋର୍ଟ ପରିସରରେ ଗୁରୁବାର ଜଣେ ଖବରଦାତା ଓ ଜଣେ ଆଇନଜୀବୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିବାର ଭିଡିଓ ଭାଇରାଲ୍ ହୋଇଛି। ଉକ୍ତ ଭିଡିଓରେ କୌଣସି ଏକ ଘଟଣାକୁ କେନ୍ଦ୍ର କରି ଆଇନଜୀବୀ ଓ ଖବରଦାତାଙ୍କ ମଧ୍ୟରେ ଯୁକ୍ତିତର୍କ ହେଉଥିବାର ଦେଖିବାକୁ ମିଳିଛି। ପରେ ସେମାନେ ଆକ୍ରମଣ ପ୍ରତିଆକ୍ରମଣ କରୁଥିବାର ଦେଖାଯାଇଛି। ସେଠାରେ ଉପସ୍ଥିତ ଥିବା ଲୋକେ ଘଟଣାରେ ହସ୍ତକ୍ଷେପ କରିବାରୁ ଉଭୟ ଏଥିରୁ ନିବୃତ୍ତ ହୋଇଥିଲେ। ଏ ନେଇ ଖଣ୍ଡପଡ଼ା ଥାନାରେ ଉଭୟଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଖବରଦାତାଙ୍କ ଅଭିଯୋଗକ୍ରମେ ଥାନାରେ ୧୮୧/୧୯ରେ ମାମଲା ରୁଜୁ ହୋଇଥିବାବେଳେ ଆଇନଜୀବୀଙ୍କ ଅଭିଯୋଗକ୍ରମେ ୧୮୨/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ସମ୍ପୃକ୍ତ ଖବରଦାତାଙ୍କ ସ୍ତ୍ରୀ ଶୁକ୍ରବାର ଆଇନଜୀବୀଙ୍କ ଘର ଆଗରେ ଯାଇ ଗାଳିଗୁଲଜ କରିଥିବା ସମ୍ପୃକ୍ତ ଆଇନଜୀବୀ ଖଣ୍ଡପଡା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଖବରଦାତାଙ୍କ ସ୍ତ୍ରୀଙ୍କ ବିରୋଧରେ ୧୮୪/୧୯ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ଭାରତ-ମଙ୍ଗୋଲିଆ ବ୍ୟବସାୟିକ ବୈଠକରେ ଧର୍ମେନ୍ଦ୍ର

# 'ଦ୍ୱିପାକ୍ଷିକ ସହଯୋଗ ଅର୍ଥନୀତିକୁ ମଜଭୁତ କରିବ'



ନୂଆଦିଲୀଠାରେ ଏଫ୍‌ଆଇସିସିଆଇ ପକ୍ଷରୁ ଆୟୋଜିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଙ୍ଗୋଲିଆ ଗସ୍ତ ପରେ ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହୋଇଛି। ଏହି ସମ୍ପର୍କ ଦୁଇ ଦେଶର ଅର୍ଥନୀତିକୁ ମଧ୍ୟ ଭବିଷ୍ୟତରେ ମଜଭୁତ କରିବ ବୋଲି ନୂଆଦିଲ୍ଲୀଠାରେ ଏଫ୍‌ଆଇସିସିଆଇ ପକ୍ଷରୁ ଆୟୋଜିତ ବ୍ୟବସାୟିକ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଉକ୍ତ ବୈଠକରେ ମଙ୍ଗୋଲିଆର ରାଷ୍ଟ୍ରପତି ଏଚ୍.ଇ ଖଲ୍‌ଟମାଜିନ୍ ବାଟ୍ଟୁଲ୍‌ଗା ଉପସ୍ଥିତ ଥିଲେ। ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଏବଂ ବାଣିଜ୍ୟ ସମ୍ପର୍କ ରହି ଥିଲେ ସୁଦ୍ଧା ମୋଟ ଉପରେ ବ୍ୟବସାୟର ମାତ୍ରା କମ୍ ରହିଛି। ତେଣୁ ପୁଣିଥରେ ଦ୍ୱିପାକ୍ଷିକ ବ୍ୟବସାୟ ବୃଦ୍ଧି ହେବା ପାଇଁ ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବାର ଆବଶ୍ୟକତା ରହିଛି। ଉଭୟ ଦେଶକୁ ଆଇଟି, ଯୋଗାଯୋଗ ପ୍ରଯୁକ୍ତି ବିଜ୍ଞାନ, ଫାର୍ମାସ୍ୟୁଟିକାଲ ଏବଂ ସ୍ୱାସ୍ଥ୍ୟସେବା ଉଦ୍ୟୋଗ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯିବ। ଏହି କ୍ଷେତ୍ରର ଭିତ୍ତିଭୂମି ଉପରେ ମଙ୍ଗୋଲିଆକୁ ଭାରତ ସମର୍ଥନ ଦେଇଥିବା ମତବ୍ୟକ୍ତ ପ୍ରକାଶ କରିଛନ୍ତି। ସେହିପରି ଗୋପାଳନ, ଶିକ୍ଷା ପାଇଁ ଦୁଇ ଦେଶ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଦୁଇ ଦେଶର ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ସେ କହିଛନ୍ତି। ପୂର୍ବରୁ ଦୁଇ ଦେଶ ସାଇବର ନିରାପତ୍ତା କ୍ଷେତ୍ରରେ ଏକ ହୋଇ କାମ କରୁଛନ୍ତି। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ଭାରତ ଏବଂ ମଙ୍ଗୋଲିଆ ମଧ୍ୟରେ ସହଯୋଗର ବହୁତ ବଡ ସମ୍ଭାବନା ଅଛି। ଦୁଇ ଦେଶ ବନ୍ଧୁତ୍ୱ ଗଣତନ୍ତ୍ରର ସାମାନ୍ୟ ଆଦର୍ଶର ମୂଳଦୁଆରେ ନିର୍ମିତ ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଜୀ ସାର୍ଥକର ଅଭିନବ ପ୍ରୟାସ

# ଓଡ଼ିଆରେ 'ବାହୁବଳୀ'




**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ରପ୍ରେମୀଙ୍କ ପାଇଁ ଖୁସି ଖବର। ବହୁଚର୍ଚ୍ଚିତ 'ବାହୁବଳୀ' ଫିଲ୍ମକୁ ଓଡ଼ିଆ ଭାଷାରେ ଭେଟି ଦେବାକୁ ଯାଉଛି ଜୀ ସାର୍ଥକ ଚ୍ୟାନେଲ୍। ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ଶାରଦୀୟ ସିନେ ଉତ୍ସବ ଅବସରରେ ଜୀ ସାର୍ଥକ ଚ୍ୟାନେଲ୍ ପକ୍ଷରୁ ପ୍ରଥମଥର ପାଇଁ ଓଡ଼ିଆ ଭାଷାରେ ବାହୁବଳୀ ପ୍ରସାରିତ ହେବ। ମାହିଷ୍ମତି ରାଜଉଆସରୁ ଶୁଭିବ ଓଡ଼ିଆ କଣ୍ଠସ୍ୱର। ପ୍ରଜାମାନଙ୍କ ରକ୍ଷା ପାଇଁ କଟାପ୍ପାଙ୍କୁ ଓଡ଼ିଆରେ ଆଦେଶ ଦେବେ ଶିବ୍‌ଗାମୀ ଦେବୀ। ବାହୁବଳୀ, ଭଲ୍ଲାଳ ଦେବ୍, ଦେବ୍‌ସେନା, ବିଜ୍ଜଳ ଦେବ୍ ଏମାନେ ସମସ୍ତେ ଓଡ଼ିଆରେ କଥା ହେବେ। ଅମରେନ୍ଦ୍ର ବାହୁବଳୀ ଆଉ ଅବନ୍ତିକାଙ୍କ ପ୍ରେମ କାହାଣୀ ଠାରୁ ନେଇ ରାକ୍ଷସ ରାଜା କାଳକେୟର ସଂହାର ଓଡ଼ିଆରେ ଦେଖିବାକୁ ସୁଯୋଗ ପାଇବେ ଦର୍ଶକ। ଆସନ୍ତା ୨୨ତାରିଖ ସନ୍ଧ୍ୟା ୬ଟା ୩୦ରେ କେବଳ ଜୀ ସାର୍ଥକରେ ଦର୍ଶକମାନେ ଓଡ଼ିଆରେ ବାହୁବଳୀ ଦେଖିବାର ସୁଯୋଗ ପାଇପାରିବେ। ଏହି ଫିଲ୍ମ ପୂର୍ବରୁ ତେଲୁଗୁ, ତାମିଲ୍, ହିନ୍ଦୀ ଏବଂ ମାଲାୟାଲମ୍ ଭାଷାରେ ରିଲିଜ୍ ହୋଇ ସାରିଥିବାବେଳେ ରବିବାର ସନ୍ଧ୍ୟାରେ ପ୍ରଥମ ଥର ପାଇଁ ଓଡ଼ିଆରେ ପ୍ରସାରିତ ହେବ। ଅନ୍ୟପକ୍ଷରେ ସୋସିଆଲ୍ ମିଡିଆରେ ଓଡ଼ିଆ ବାହୁବଳୀର ପ୍ରମୋ ଆସିବା ପରେ ସିନେପ୍ରେମୀଙ୍କ ମଧ୍ୟରେ ଏହାକୁ ନେଇ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ସାଉଥ୍ ସୁପରଷ୍ଟାର୍ ପ୍ରଭାସ୍, ରାନା ଡଗୁବତି, ଅନୁଷ୍କା ସେଟ୍ଟି, ତମନ୍ନା ଭାଟିଆଙ୍କ କଣ୍ଠରୁ କିଭଳି ଓଡ଼ିଆ ଡାଏଲଗ୍ ବାହାରୁଛି ଓ କିଏ ସେମାନଙ୍କ ପାଇଁ ଭଏସ୍ ଦେଉଛନ୍ତି ତାହାକୁ ନେଇ ଆଲୋଚନା ଜୋର୍ ଧରିଛି।

# ମହିଳାଙ୍କ ସୁରକ୍ଷା ପାଇଁ କାମ କରୁନି ୫-ଟି: ଭାଜପା

ଭୁବନେଶ୍ୱର, ୨୦।୯(ବ୍ୟୁରୋ)

ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ନିର୍ଯ୍ୟାତନା ବୃଦ୍ଧି ପାଇବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ତଥା ଟ୍ରାନ୍ସପରେନ୍ସି, ଟିମୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସଫର୍ମେଶନ ଓ ଟାଇମ୍ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ମନ୍ତ୍ରୀ, ଅଧିକାରୀ ଓ କର୍ମଚାରୀଙ୍କୁ କହୁଛନ୍ତି। ହେଲେ ମହିଳାଙ୍କ ସୁରକ୍ଷା ପାଇଁ ସରକାରଙ୍କ ୫-ଟି କାମ କରୁନାହିଁ ବୋଲି ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ମହିଳା ସୁରକ୍ଷା ନେଇ ପୋଲିସ ଓ ପ୍ରଶାସନ ଚୁପ ବସିଛନ୍ତି। କୁହୁଲୀ, ପିପିଲି ପୀଡ଼ିତାଙ୍କ ସମେତ ଇତିଶ୍ରୀ, ମାଧବୀଲତାଙ୍କ ଭଳି ଷ୍ଟାଫନର୍ସ ନୀହାରିକା ବଳି ପଡ଼ିଛନ୍ତି। ନୀହାରିକା ନିଖୋଜ ହେବା ପରେ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଟକ ମଧୁପାଟଣା ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ନ ଥିଲା। କେବଳ ନୀହାରିକାଙ୍କ ପୁରୁଷ ବନ୍ଧୁଙ୍କୁ ଡାକି ପଚରାଉଚରା କରି ଛାଡ଼ି ଦେଇଥିଲା। ହେଲେ ନିଖୋଜ ହେବାର ୯ ଦିନ ପରେ ନୀହାରିକାଙ୍କ ମୃତଦେହ ଏକ ଅଖାରୁ ମିଳିଥିଲା। ଏହି ହତ୍ୟାକାଣ୍ଡରେ ତାଙ୍କ ପୁରୁଷ ବନ୍ଧୁ ମୁଖ୍ୟ ଅଭିଯୁକ୍ତ ବୋଲି ଅଭିଯୋଗ ହୋଇଛି। ଏହି ଘଟଣାକୁ ପୋଲିସ କାହିଁକି ଗୁରୁତ୍ୱର ସହ ନେଲା ନାହିଁ ତା'ର ଉତ୍ତର ଗୃହ ବିଭାଗ ଏବଂ ପୋଲିସ ପ୍ରଶାସନ ଦିଅନ୍ତୁ। ସାଧାରଣ ଜନତାଙ୍କ ପାଇଁ ପୋଲିସ କାର୍ଯ୍ୟ କରୁନାହିଁ। ୨୦ ବର୍ଷ ଶାସନ କାଳରେ ମୁଖ୍ୟମନ୍ତ୍ରୀ କ'ଣ ଟ୍ରାନ୍ସପରେନ୍ସି କାର୍ଯ୍ୟ କରିଛନ୍ତି ତାହାର ଉତ୍ତର ଦିଅନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ରାୟଗଡ଼ା ଅଫିସ, ୨୦।୯


ଅଭିଯୁକ୍ତ ମିନା ହିକ୍‌କା।

ରାୟଗଡ଼ା ପୋକ୍ସୋ ସ୍ୱତନ୍ତ୍ର ଅଦାଲତରେ ଜଜ୍ ଆଶିଷ କୁମାର ତ୍ରିପାଠୀ ଶୁକ୍ରବାର ଏକ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ମିନା ହିକ୍‌କାଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ୨୦୧୭ରେ କଲ୍ୟାଣସିଂପୁର ଥାନା ଅନ୍ତର୍ଗତ କୁମୁଟିମୁଣ୍ଡା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ମିନା ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ କଲ୍ୟାଣସିଂପୁର ଥାନାରେ ଏତଲା ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ମିନାଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିଥିଲେ। ତେବେ ଶୁକ୍ରବାର ରାୟଗଡ଼ା ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଅକ୍ଟୋବର ୩୧ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସାର

## ଓସାକୁ ଗୃହ ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୨୦।୯(ବ୍ୟୁରୋ):** ଚଳିବ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଓଡ଼ିଶା ସଚିବାଳୟ ସେବା ସଂଘ(ଓସା) ନିର୍ବାଚନ ପ୍ରକ୍ରିୟା ସମାପ୍ତ କରାଯାଉ। ଏହି ପ୍ରକ୍ରିୟା ଆରମ୍ଭ ସମ୍ପର୍କିତ ଏବ ସବିଶେଷ ବିବରଣୀ ୧୦ ଦିନ ମଧ୍ୟରେ ପ୍ରଦାନ କରାଯାଉ। ଏହି ମର୍ମରେ ଗୃହ ବିଭାଗ ପକ୍ଷରୁ ଓସା ସମ୍ପାଦକଙ୍କୁ ଶୁକ୍ରବାର ଚିଠି ପଠାଯାଇଛି।

ଗୃହ ବିଭାଗ ଅନୁଶାସନ ସଚିବ ଜି.ଏସ୍. ଦାସଙ୍କ ପକ୍ଷରୁ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଶେଷଥର ପାଇଁ ୨୦୧୭ ଜୁଲାଇ ୨୯ରେ ଓସା ନିର୍ବାଚନ ହୋଇଥିଲା। ସେ ସମୟରେ ନିର୍ବାଚିତ ପ୍ରତିନିଧିମାନଙ୍କ ଦାୟିତ୍ୱ ଗତ ଜୁଲାଇ ୨୮ରୁ ସମାପ୍ତ ହୋଇଛି। ତେଣୁ ଓସା ପରିଚାଳିତ ହେଉଥିବା ନିୟମାବଳୀ(ବାଇ'ଲ) ଅନୁଯାୟୀ ନୂତନ କର୍ମକର୍ତ୍ତା ଚୟନ ପାଇଁ ନିର୍ବାଚନ ହେବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ଓସା ନିର୍ବାଚନ ବିଳମ୍ବ ନେଇ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇଥିଲା। ଏହା ପରେ ନିର୍ବାଚନ ପ୍ରକ୍ରିୟା ନେଇ କର୍ମଚାରୀ ମହଲରେ ଆଲୋଡନ ସୃଷ୍ଟି ହୋଇଥିଲା। ପ୍ରାୟ ୧୨୪୨ ଜଣ ସଚିବାଳୟ କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ଏକ ପତ୍ର ଗୃହ ବିଭାଗ ପ୍ରମୁଖ ସଚିବଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ସମସ୍ତ ପ୍ରକାର ତର୍ଜମା କରାଯାଇ ବିଭାଗ ପକ୍ଷରୁ ଓସାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

**VIGEN INDIA**
Required Smart Boys / Girls Candidates for Office Job. Age - 20 - 30. Education - Matric to Graduate.
Job Location - Ravitalkies Square & Sastrinagar
9348916882

**REQUIRED**
Sales Officer for Marketing 'ALFA' make Diesel Engine, Pumpsets, Generators, Submersible Pumps in Western and South Odisha for Bhubaneswar Office.
WEST COAST DIESELS LLP
odisha@wcdllp.com
Contact: 9438164468, 9337003316

**D.T.P. OPERATOR WANTED**
Having good knowledge in designing and handy with Adobe Photoshop, Adobe Pagemaker and CorelDRAW 5-6 yrs of experience. Salary starts from 10,000/- to above, Plot No.2977, CHELSHHA Ravi Talkies Road, BBSR-2
Mob.- 9040821015, 9437387034

**ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍**
IBPS
ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୦-୨୧ର ଖାଲି ପଦବୀ ନିମନ୍ତେ ସିଆର୍‌ପି କ୍ଲର୍କ-IX)
ଅଂଶଗ୍ରହଣକାରୀ ସଙ୍ଗଠନଗୁଡ଼ିକରେ କ୍ଲରିକାଲ୍ କ୍ୟାଡର୍ ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର ୨୦୧୯ ଏବଂ ଜାନୁୟାରୀ ୨୦୨୦ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ତା୧୭।୦୯।୨୦୧୯ରିଖରୁ ତା୦୯।୧୦।୨୦୧୯ରିଖ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ତା୧୭।୦୯।୨୦୧୯ରିଖରୁ ତା୦୯।୧୦।୨୦୧୯ରିଖ |
| ପ୍ରାକ୍-ପରୀକ୍ଷା ତାଲିମ୍ ଲାଗି କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| ପ୍ରାକ୍-ପରୀକ୍ଷା ତାଲିମ୍ ସଞ୍ଚାଳନ | ତା୨୫।୧୧।୨୦୧୯ରିଖରୁ ତା୩୦।୧୧।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ନଭେମ୍ବର, ୨୦୧୯ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ତା୦୭।୧୨।୨୦୧୯ରିଖ, ତା୦୮।୧୨।୨୦୧୯ରିଖ, ତା୧୪।୧୨।୨୦୧୯ରିଖ ଓ ତା୨୧।୧୨।୨୦୧୯ରିଖ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ପରୀକ୍ଷାଫଳ | ଡିସେମ୍ବର, ୨୦୧୯/ ଜାନୁୟାରୀ, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ, ୨୦୨୦ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ତା୧୯।୦୧।୨୦୨୦ରିଖ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ, ୨୦୨୦ |

ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୧୨।୦୯।୨୦୧୯
ନିର୍ଦ୍ଦେଶକ, ଆଇବିପିଏସ୍

**LEXUS PAINTS UTKAL**
Requires Account Officer for their Bhubaneswar unit Male graduates may send their resume to.-
rafiqul.hoda@lexuspaints.com

**REQUIRED**
Airport Ground Staff.(10th to Graduate) Airticketing, Airhostess, I.T.I, Diploma, X.man Guard Supervisor, Loader Driver. Salary 27500 to 95700. Sent your resume
akashaviationacademy11@gmail.com
9811057388 / 9811135247

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

ପ୍ରକୃତ ବୟସଠାରୁ ଯଥେଷ୍ଟ କମ୍ ଜଣାପଡୁଥିବା ପରିବାରବିହୀନ ବିପତ୍ନିକ, ସୁସ୍ଥ ଅବସରପ୍ରାପ୍ତ ୬୧ ବର୍ଷୀୟ ଖଣ୍ଡାୟତ ଜାତିର ଅଫିସରଙ୍କ ପାଇଁ ସମ୍ବେଦନଶୀଳା ସହୃଦୟା ନିରାଶ୍ରୟା ବୟସ୍କା ମହିଳା ଆବଶ୍ୟକ।
ଯୋଗାଯୋଗ
7978449443 ଓ 9777605918

Urgent Requirements for Salon Staff and Spa Female Therapist.
Contact Number:
9937287222
9178278761

Job opening for Medical Officer, ICU Sister, OT Sister, Pharmacist, Receptionist, Accounts Manager, Marketing Executives, Anesthesist.
Apply within Ten Days:
Sara Gastro and Laparoscopic Hospital
Ph. No.: 9090961601, 9090961602
Address: Plot No- 3564, Near Garage Chhak, BBSR, 751002

**WANTED**
One HR and Five Salesman. Experienced person will be preferred. Must be with two wheeler. Come with biodata to HINDUSTAN JEWELLERS, BHUBANESWAR
Good Salary.

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ନୋଟିସ**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

CLASSIFIED DISPLAY
on Every
Tuesday and Friday

A leading Real Estate Company Urgently Required
ADVOCATE – 1 No. (Full time) 1 year and above experience in real estate.
DEALING ASST – 2 Nos., Exp- 3 yrs. and above in real estate.
RECEPTIONIST – 1 No., Exp-3 yrs. and above in real estate.
M/s- ODISHA UDYOG INFRAPROJECTS
Plot No- 687/2365, Jaydev Vihar, Next to Andhra Bank, Nayapalli, BBSR-13
7853962524
info@odishaudyog.com

## ସଂକ୍ଷେପରେ

### ୮% ଅଭିବୃଦ୍ଧି ହାସଲ ସମ୍ଭବ: ନୀତି ଆୟୋଗ

**ନୂଆଦିଲ୍ଲୀ,୨୦-୯:** ଜୁନ୍‌ରେ ଜିଡିପି ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତର ଛୁଇଁବା ପରେ ଦେଶରେ ଅର୍ଥନୀତିକୁ ନେଇ ସୃଷ୍ଟି ହୋଇଥିବା ନକାରାତ୍ମକତା ଭିତରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଶୁକ୍ରବାର କହିଛନ୍ତି ଯେ, ସରକାର ଘରୋଇ ସେକ୍ଟରକୁ ପ୍ରୋତ୍ସାହିତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ବାର୍ଷିକ ୮% ଅଭିବୃଦ୍ଧି ହାସଲ ସମ୍ଭବ ହୋଇପାରିବ। ସୂଚନାଥାଉ କି, ଦେଶର ଜିଡିପି ଅଭିବୃଦ୍ଧି ହାର ଜୁନ୍‌ରେ ୫%କୁ ହ୍ରାସ ପାଇଛି ଯାହା କି ୨୫ ତ୍ରୈମାସିକ ମଧ୍ୟରେ ସର୍ବନିମ୍ନ। କୁମାର କହିଛନ୍ତି ଯେ, କର୍ପୋରେଟ ଟିକସ ହ୍ରାସ କରିବା ଲାଗି ସରକାରଙ୍କ ଘୋଷଣା ଦ୍ୱାରା ନିବେଶକଙ୍କ ମଧ୍ୟରେ ବିଶ୍ୱାସ ବଢ଼ିବ। ସେମାନେ ଏହାର ଫାଇଦା ଉଠାଇପାରିବେ। ପବ୍ଲିକ ଆଫେୟାର୍ସ ଫୋରମ୍ ଅଫ୍ ଇଣ୍ଡିଆର ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ଆଜି ଏକ ଐତିହାସିକ ଦିନ। ଅର୍ଥମନ୍ତ୍ରୀଙ୍କ ଘୋଷଣାରୁ ଏହା ସ୍ପଷ୍ଟ ହେଉଛି ସରକାର ଅର୍ଥନୀତିକୁ ମାନ୍ଦାବସ୍ଥାରୁ ବାହାର କରିବା ଲାଗି କେତେ ଜାଗ୍ରତ।

### ରାଜସ୍ୱ ନିଅଣ୍ଟ ୩.୯%କୁ ବୃଦ୍ଧି ପାଇବ

**ନୂଆଦିଲ୍ଲୀ,୨୦-୯:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର କର୍ପୋରେଟ ଟିକସ, ମିନିମମ୍ ଅଲ୍ଟରନେଟ୍ ଟିକସ ଓ ନୂଆ ମାନୁଫାକ୍ଚରିଂ କମ୍ପାନୀ ପାଇଁ ଟିକସ ହ୍ରାସ ଘୋଷଣା କରିଛନ୍ତି। ମୋଦି ସରକାରଙ୍କ ପ୍ରାୟ ୨୦ ବିଲିୟନ ଡଲାର ଟିକସ ହ୍ରାସ ଦ୍ୱାରା ସରକାରଙ୍କ ରାଜସ୍ୱ ନିଅଣ୍ଟ ପରିମାଣ ୩.୯%କୁ ବୃଦ୍ଧି ପାଇବ ବୋଲି ଏକ ସର୍ଭେରୁ ଜଣାପଡିଛି। ୭ ଜଣ ଅର୍ଥନୀତିଜ୍ଞଙ୍କୁ ନେଇ ସର୍ଭେରେ ହୋଇଛି। ଗୁରୁଗ୍ରାମସ୍ଥିତ ଟି.ଏସ୍.ଲୋମ୍ବାର୍ଡର ଅର୍ଥନୀତିଜ୍ଞ ସୁମିତା ଶର୍ମା ଦେବେଶ୍ୱର କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କ ଘୋଷଣା ଯୋଗୁ ରାଜସ୍ୱ ନିଅଣ୍ଟ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି କ୍ଷେତ୍ରରେ ବିପଦ ରହିଛି। ତେବେ ବର୍ତ୍ତମାନ ସମୟରେ ବଡ଼ ଧରଣର ପଦକ୍ଷେପ ନେବା ଛଡ଼ା ସରକାରଙ୍କ ନିକଟରେ ଆଉ କୌଣସି ବିକଳ୍ପ ନାହିଁ।

### ଗବେଷଣା ଉପରେ ଭିଆଇଟିର ପ୍ରାଥମିକତା

**ଭୁବନେଶ୍ୱର,୨୦-୯:** କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ ଭେଲୋର ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ ଅଫ୍ ଏମିନେନ୍ସ ମାନ୍ୟତା ସହ ଗବେଷଣା ଉପରେ ଅଧିକ ଫୋକସ କରିବ। ଗୁଣବତ୍ତା ବିଶିଷ୍ଟ ଶିକ୍ଷା ସହ ସ୍ୱାଧୀନ ଭାବେ ନିଷ୍ପତ୍ତି ନେବା ଦିଗରେ ଏହା କାର୍ଯ୍ୟ କରିବ। ବିଶ୍ୱ ସ୍ତରରେ ନିଜର ନାମକୁ ପ୍ରତିଷ୍ଠା କରିବା ଦିଗରେ ସରକାରଙ୍କ ଉକ୍ତ ମାନ୍ୟତା ସହାୟତା କରିବ ବୋଲି ଭିଆଇଟି ପକ୍ଷରୁ କୁହାଯାଇଛି। ଆଗାମୀ ୩ ବର୍ଷରେ ବିଶ୍ୱ ବିଦ୍ୟାଳୟକୁ ବିଶ୍ୱର ୫୦୦ ଶୀର୍ଷ ପ୍ରତିଷ୍ଠାନ ମଧ୍ୟରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖାଯାଇଥିବା ଭିଆଇଟି ଚାନ୍‌ସେଲର ଜି.ବିଶ୍ୱନାଥନ କହିଛନ୍ତି। ବିଶ୍ୱବିଦ୍ୟାଳୟର କିଛି ପାଠ୍ୟକ୍ରମରେ ବିଶ୍ୱ ସ୍ତରର ର୍‍ୟାଙ୍କିଂରେ ଭଲ ପ୍ରଦର୍ଶନ କରୁଛି। ଏହାକୁ ଧ୍ୟାନରେ ରଖି ନୂଆ ନୂଆ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ବିଶ୍ୱନାଥନ କହିଛନ୍ତି।

---



"ସରକାରଙ୍କ କର୍ପୋରେଟ ଟିକସ ହ୍ରାସ ନିଷ୍ପତ୍ତି ଉଭୟ ଘରୋଇ କମ୍ପାନୀ ଏବଂ ବିଦେଶୀ ନିବେଶକଙ୍କ ଲାଗି ମଙ୍ଗଳକାରୀ ହେବ। ଭାରତ ନିବେଶର ପ୍ରମୁଖ ସ୍ଥଳୀ ହେବା ନେଇ ଆଶାବାଦୀ।"
– ଟି.ଭି. ନରେନ୍ଦ୍ରନ, ଟାଟା ଷ୍ଟିଲ ଏମ୍‌ଡି



"ଗତ ୨୮ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ଏହା ସବୁଠାରୁ ବଳିଷ୍ଠ ପଦକ୍ଷେପ। ଏହା କର୍ପୋରେଟଗୁଡିକର ମନୋବଳ ବଢ଼ିବା ଦିଗରେ ସହାୟତା କରିବ।"
– ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ

# କର୍ପୋରେଟ ଜଗତକୁ ସୀତାରାମନ୍‌ଙ୍କ ପୂଜା ଭେଟି



## କର୍ପୋରେଟ ଟିକସ ହ୍ରାସ ଐତିହାସିକ: ମୋଦି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ଟିକସ, ମିନିମମ୍ ଅଲ୍ଟରନେଟ ଟିକସ ଓ କ୍ୟାପିଟାଲ ଗେନ୍ସ ଉପରେ ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରିନିଆଯାଇଥିବା ଘୋଷଣା କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କ ପଦକ୍ଷେପ ଐତିହାସିକ। ତାଙ୍କ ସରକାର ଦେଶକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚାଇବା ଲାଗି ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। କର୍ପୋରେଟ ଟିକସ ହ୍ରାସ ଦ୍ୱାରା ମେକ୍ ଇନ୍ ଇଣ୍ଡିଆକୁ ଶକ୍ତି ମିଳିବ। ଏହାଦ୍ୱାରା ଘରୋଇ ନିବେଶ ବୃଦ୍ଧି ପାଇବ ଓ ଭାରତୀୟ ସାମଗ୍ରୀ ବିଶ୍ୱରେ ପ୍ରତିଯୋଗିତାରେ ସାମିଲ ହୋଇପାରିବ।

**ପାନାଜୀ,୨୦-୯**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ଜଗତକୁ ପୂଜା ଉପହାର ଭେଟି ଦେବାକୁ ଯାଇ ବଜେଟ ଢାଞ୍ଚାରେ ଟିକସ ହ୍ରାସ ଘୋଷଣା କରିଛନ୍ତି। ଏହାକୁ ତାଙ୍କର ମିନି ବଜେଟ କୁହାଯାଉଛି। ସେହିପରି ମିନିମମ୍ ଅଲ୍ଟରନେଟିଭ ଟିକସ ହ୍ରାସ କରି ସେ କର୍ପୋରେଟ ଜଗତକୁ ଆଉ ଏକ ବଡ଼ ଉପହାର ଦେଇଛନ୍ତି। ଷ୍ଟକ୍ ମାର୍କେଟ ନିବେଶକଙ୍କ ପାଇଁ ସେ ବଡ଼ଧରଣର ଘୋଷଣା କରିଛନ୍ତି। କର୍ପୋରେଟ ଟିକସକୁ ୧୦ ପ୍ରତିଶତ ହ୍ରାସ କରି ୨୫.୧୭%ରେ ରଖାଯାଇଥିବା ବେଳେ ଏହା ଏସିଆରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ଦେଶ ଚାଇନା,ଦକ୍ଷିଣ କୋରିଆ ଓ ଇଣ୍ଡୋନେସିଆ ସହ ସମକକ୍ଷ ହୋଇଛି ବୋଲି ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୀତାରାମନ୍ ଶୁକ୍ରବାର କହିଛନ୍ତି। ଏହାଦ୍ୱାରା ଚାହିଦା ଓ ନିବେଶ ବଢ଼ିବ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଏଥିଯୋଗୁ ସରକାରଙ୍କୁ ବାର୍ଷିକ ୧.୪୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡିବ।

ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ କର୍ପୋରେଟ ଜଗତକୁ ଖୁସି କରିବାକୁ ଯାଇ ସୀତାରାମନ୍ ତାଙ୍କର ଚତୁର୍ଥ ଅଭିବୃଦ୍ଧି ପଦକ୍ଷେପ ଘୋଷଣା କରିଛନ୍ତି। ଘରୋଇ କମ୍ପାନୀ ଓ ନୂଆ ମାନୁଫାକ୍ଚରିଂ କମ୍ପାନୀଙ୍କ ଲାଗି ଏକ ଅଧ୍ୟାଦେଶ ଜରିଆରେ କର୍ପୋରେଟ ଟିକସକୁ ହ୍ରାସ କରାଯାଇଛି ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ଘରୋଇ କମ୍ପାନୀ ଅନ୍ୟ କୌଣସି ଛାଡ଼ ନେଉ ନ ଥିଲେ କେବଳ ୨୨% ଟିକସ ଦେବେ। ତେବେ ସରଚାର୍ଜ ଓ ଅନ୍ୟ ସେସ୍ ମିଶାଇଲେ ପ୍ରଭାବୀ ଟିକସ ପରିମାଣ ୨୫.୧୭% ହେବ। ବର୍ତ୍ତମାନ କମ୍ପାନୀଗୁଡ଼ିକ ୩୦% ହାରରେ କର୍ପୋରେଟ ଟିକସ ଦେଉଛନ୍ତି। ସେସ୍ ଓ ସରଚାର୍ଜ ମିଶାଇଲେ ଏହା ୩୪.୯୪%ରେ ପହଞ୍ଚୁଯାଉଛି। ଅର୍ଥାତ୍ ନୂଆ ଟିକସ ହାର ଲାଗୁ ହେବା ପରେ କର୍ପୋରେଟ ଜଗତର ଟିକସ ହାର ୧୦% ହ୍ରାସ ପାଇବ। ସୂଚନାଥାଉ କି, ପ୍ରାଇଭେଟ, ଲିମିଟେଡ, ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ଅଥବା ଅଣ ତାଲିକାଭୁକ୍ତ କମ୍ପାନୀ ସମସ୍ତଙ୍କଠାରୁ କର୍ପୋରେଟ ଟିକସ ଆଦାୟ କରାଯାଇଥାଏ। କର୍ପୋରେଟ ଟିକସକୁ ସରକାରଙ୍କ ମୁଖ୍ୟ ରାଜସ୍ୱ ଆୟ ଭାବେ ଧରାଯାଏ। ସୀତାରାମନ୍ କହିଛନ୍ତି ଯେ, କୌଣସି କମ୍ପାନୀ ଯଦି ବର୍ତ୍ତମାନ ଛାଡ଼ ନେଉଛନ୍ତି, ତେବେ ଏହା ଟିକସ ହଲିଡେ ଶେଷ ହେବା ପରେ କମ୍ ଟିକସ ହାର ବିକଳ୍ପ ବାଛି ପାରିବେ। ନୂଆ ଟିକସ ହାର ଏପ୍ରିଲ ପହିଲାରୁ ଲାଗୁ ହେବ। ଏହା ଦକ୍ଷିଣ-ପୂର୍ବ ଏସିଆରେ ସବୁଠାରୁ କମ୍ ହୋଇଛି।



- ମିନିମମ୍ ଅଲ୍ଟରନେଟ୍ ଟ୍ୟାକ୍ସ ୧୫%କୁ ହ୍ରାସ
- କ୍ୟାପିଟାଲ ଗେନ୍ସ ଟିକସ ଉପରୁ ଅତିରିକ୍ତ ସରଚାର୍ଜ ପ୍ରତ୍ୟାହାର
- ସିଏସ୍ଆର୍ ପରିଧି ବୃଦ୍ଧି ପାଇବ

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଅକ୍ଟୋବର ପହିଲା ପରେ ପ୍ରତିଷ୍ଠା ହେବାକୁ ଥିବା ନୂଆ ଘରୋଇ ମାନୁଫାକ୍ଚରିଂ କମ୍ପାନୀଙ୍କ ଲାଗି ଟିକସ ହାର ୧୫% ରହିବ। ସରଚାର୍ଜ ଓ ସେସ୍ ମିଶାଇଲେ ଏହା ୧୭.୦୧%ରେ ହେବ। ତେବେ ସେମାନଙ୍କୁ ଅନ୍ୟ କୌଣସି ଇନ୍‌ସେଣ୍ଟିଭ ବା ପ୍ରୋତ୍ସାହନ ମିଳିବ ନାହିଁ। ସୂଚନାଥାଉ କି, ନୂଆ ମାନୁଫାକ୍ଚରିଂ କମ୍ପାନୀଙ୍କ ପାଇଁ ପୂର୍ବରୁ ୨୫% ଟିକସ ଆଦାୟ କରାଯାଉଥିଲା। ସେସ୍ ଓ ସରଚାର୍ଜ ମିଶାଇଦେଲେ ଏହା ୨୯.୧୨%ହେଉଥିଲା। ଅର୍ଥାତ୍ ଅକ୍ଟୋବର ପହିଲା ପରେ ନୂଆ ମାନୁଫାକ୍ଚରିଂ କମ୍ପାନୀଙ୍କ ଟିକସ ଦେୟ ୧୨% କମିଯିବ। ନୂଆ କମ୍ପାନୀ ଅନ୍ୟ କୌଣସି ପ୍ରୋତ୍ସାହନ ନେଉ ନ ଥିଲେ ତାଙ୍କୁ ଏହି ଫାଇଦା ମିଳିବ। ତେବେ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ସେମାନଙ୍କୁ ପ୍ରଡକ୍ସନ ବା ଉତ୍ପାଦନ ଆରମ୍ଭ କରିବାକୁ ହେବ ବୋଲି ସର୍ତ୍ତ ରଖାଯାଇଛି। ଟିକସ ଛାଡ଼ ଦେବା ଦ୍ୱାରା 'ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ନିବେଶ, ରୋଜଗାର ଓ ଆର୍ଥିକ ଗତିବିଧି ବଢ଼ିବ ଏବଂ ରାଜସ୍ୱ ଆୟ ବୃଦ୍ଧି ପାଇବ। ଏହାଦ୍ୱାରା ବ୍ୟବସାୟୀ ନୂଆ ମାନୁଫାକ୍ଚରିଂ କମ୍ପାନୀ ଖୋଲିବା ଲାଗି ପ୍ରୋତ୍ସାହିତ ହେବେ ବୋଲି ସୀତାରାମନ୍ କହିଛନ୍ତି।

ସେହିପରି ସରକାର ମିନିମମ୍ ଅଲ୍ଟରନେଟ୍ ଟ୍ୟାକ୍ସ ବା ସର୍ବନିମ୍ନ ବିକଳ୍ପ ଟିକସ(ମ୍ୟାଟ୍)କୁ ହ୍ରାସ କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ, କମ୍ପାନୀଗୁଡ଼ିକ ଏଣିକି ମ୍ୟାଟ୍ ବାବଦରେ ୧୫% ଟିକସ ଦେବେ। ସୂଚନାଥାଉ କି, ରିହାତି ହାସଲ କରୁଥିବା କମ୍ପାନୀ ବିଭିନ୍ନ ଛାଡ଼ ପାଉଥିବା କାରଣରୁ ଆଦୌ ଟିକସ ଦିଅନ୍ତି ନାହିଁ। ଏଭଳି କମ୍ପାନୀଙ୍କ ଠାରୁ ମ୍ୟାଟ୍ ଆଦାୟ କରାଯାଇଥାଏ। ବର୍ତ୍ତମାନ ସେମାନଙ୍କ ଠାରୁ ୧୮.୫% ଟିକସ ଆଦାୟ କରାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତି ଯୋଗୁ ବିଦେଶୀ କମ୍ପାନୀ ଅଧିକ ଉତ୍ସାହିତ ହେବେ। କାରଣ ସେମାନେ ଅଧିକ ମ୍ୟାଟ୍ କାରଣରୁ ଭାରତରେ ନିବେଶ କରିବାକୁ ପଛାଉଛନ୍ତି। ସରକାରଙ୍କ ଘୋଷଣା ପରେ ବିଦେଶୀ ନିବେଶକଙ୍କ ଆଗମନ ବୃଦ୍ଧି ପାଇଲେ ମୋଦି ସରକାରଙ୍କ ୨୦୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିବା ସହଜ ହୋଇଯିବ।

ଷ୍ଟକ୍ ମାର୍କେଟ ନିବେଶକଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ସରକାର ଶେୟାର ବିକ୍ରି ଉପରେ ଆଦାୟ ହେଉଥିବା କ୍ୟାପିଟାଲ ଗେନ୍ସ ଟ୍ୟାକ୍ସ ଉପରେ ଲାଗୁଥିବା ଅତିରିକ୍ତ ସରଚାର୍ଜକୁ ହଟାଇ ଦେଇଛନ୍ତି। ଜୁଲାଇ ୫ ପୂର୍ବରୁ ଶେୟାର ବାଏବ୍ୟାକ୍ ପାଇଁ ଘୋଷଣା କରିଥିବା କମ୍ପାନୀଙ୍କ ପାଇଁ ମଧ୍ୟ ଏହି ଅତିରିକ୍ତ ସରଚାର୍ଜ ଲାଗୁ ହେବ ନାହିଁ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସୂଚନାଥାଉ କି, ଜୁଲାଇ ୫ ସାଧାରଣ ବଜେଟରେ ଉଭୟ ଘରୋଇ ଓ ବିଦେଶୀ ନିବେଶକଙ୍କୁ ଝଟକା ଦେଇ ସରକାର ଅତିରିକ୍ତ ସରଚାର୍ଜ ଲାଗୁ କରିଥିଲେ। ଏଥିସହ ଶେୟାର ବଜାରରେ ନିବେଶ ଉପରେ ଲଙ୍ଗ୍ ଟର୍ମ କ୍ୟାପିଟାଲ ଗେନ୍ସ ସରଚାର୍ଜ ବଢ଼ାଇ ଦେଇଥିଲେ। ସରକାରଙ୍କ ନୂଆ ଘୋଷଣା ଦ୍ୱାରା ଷ୍ଟକ୍ ମାର୍କେଟରେ ଶେୟାର କିଣାବିକା କରୁଥିବା, ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରୁଥିବା ବ୍ୟକ୍ତିବିଶେଷଙ୍କୁ ଏହାଦ୍ୱାରା ଫାଇଦା ମିଳିବ।

ସେହିଭଳି କର୍ପୋରେଟ ସୋସିଆଲ ରେସ୍‌ପନ୍‌ସିବିଲିଟି (ସିଏସ୍ଆର୍) ଅଧୀନରେ ହେଉଥିବା ୨% ଖର୍ଚ୍ଚର ପରିଧିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ୨% ସିଏସ୍ଆର୍ ଅର୍ଥରାଶିକୁ କେନ୍ଦ୍ର କିମ୍ବା ରାଜ୍ୟ ସରକାର,ଅନ୍ୟ କୌଣସି ଏଜେନ୍ସି କିମ୍ବା କେନ୍ଦ୍ର ଓ ରାଜ୍ୟର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଦ୍ୱାରା ଅର୍ଥ ଯୋଗାଣ ହେଉଥିବା ଇନ୍‌କ୍ୟୁବେଟର୍ସ ଉପରେ ମଧ୍ୟ ଖର୍ଚ୍ଚ କରାଯାଇପାରିବ।

## ନିବେଶକଙ୍କୁ ୬.୮୨ ଲକ୍ଷ କୋଟି ଫାଇଦା

**ମୁମ୍ବାଇ,୨୦-୯**

ସରକାରଙ୍କ ଦ୍ୱାରା କର୍ପୋରେଟ ଟିକସ ହ୍ରାସ ଓ ନିବେଶକଙ୍କ ସମ୍ପର୍କିତ ଘୋଷଣା ଦ୍ୱାରା ଶୁକ୍ରବାର ଶେୟାର ବଜାରରେ ରେକର୍ଡ ବୃଦ୍ଧି ଦେଖାଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୯୨୧.୧୫ ପଏଣ୍ଟ ବୃଦ୍ଧି ପାଇ ୩୮,୦୧୪.୬୨ରେ ବନ୍ଦ ହୋଇଥିଲା। ଇଣ୍ଟ୍ରା-ଡେ ବା ଦିନର କାରବାର ମଧ୍ୟରେ ଗୋଟିଏ ସମୟରେ ଏହା ୨୨୮୪.୫୫ ପଏଣ୍ଟ ବୃଦ୍ଧି ପାଇଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୫୬୯.୪୦ ପଏଣ୍ଟ ବୃଦ୍ଧି ପାଇ ୧୧,୨୭୪ରେ ବନ୍ଦ ହୋଇଛି। ଇଣ୍ଟ୍ରା-ଡେରେ ଏହା ୬୭୭ ପଏଣ୍ଟ ବୃଦ୍ଧି ପାଇଥିଲା। ୧୦ ବର୍ଷ ଭିତରେ ଗୋଟିଏ ଦିନରେ ସେନ୍‌ସେକ୍ସ ସର୍ବାଧିକ ପଏଣ୍ଟ ବୃଦ୍ଧି ପାଇଛି। ଫଳରେ ନିବେଶକ ଗୋଟିଏ ଦିନରେ ୬.୮୨ ଲକ୍ଷ କୋଟି ଟଙ୍କା ଫାଇଦା ପାଇଛନ୍ତି। ଏଥିପୂର୍ବରୁ ୨୦୦୯ ମେ ୧୮ରେ ବଜାରରେ ଗୋଟିଏ ଦିନରେ ୨୧୧୦ ପଏଣ୍ଟ ବୃଦ୍ଧି ପାଇଥିଲା। ସେତେବେଳେ ତତ୍କାଳୀନ ଉପା ସରକାର ପୁନର୍ବାର କ୍ଷମତାକୁ ଫେରିଥିଲେ। ମାର୍କେଟ ଏହାର ଉତ୍ସବ ପାଳନ କରିଥିଲା। କର୍ପୋରେଟ ସେକ୍ଟର ଓ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ପକ୍ଷରୁ ବ୍ୟାପକ ହାରରେ କିଣାକିଣି କରାଯିବାରୁ ଶୁକ୍ରବାର ସେନ୍‌ସେକ୍ସରେ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସୀତାରାମନ୍‌ଙ୍କ ଘୋଷଣା ପରେ ବଜାରରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଫଳରେ ବଜାରର ମାର୍କେଟ କ୍ୟାପିଟାଲାଇଜେଶନ ୧୩୮.୫୪ ଲକ୍ଷ କୋଟି ଟଙ୍କାରୁ ଏକାଥରକେ ୧୪୩.୪୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ମାତ୍ର ଗୋଟିଏ ଘଣ୍ଟା ମଧ୍ୟରେ ନିବେଶକ ୫ ଲକ୍ଷ କୋଟି ଟଙ୍କା ଫାଇଦା ହାସଲ କରି ମାଲାମାଲ ହୋଇଥିଲେ। ସେନ୍‌ସେକ୍ସର ୩୦ରୁ ୨୫ ଏବଂ ନିଫ୍ଟିର ୫୦ ମଧ୍ୟରୁ ୪୪ ଶେୟାର ବୃଦ୍ଧି ସହିତ ବନ୍ଦ ହୋଇଥିଲା। ଏନ୍‌ଏସ୍‌ଇରେ ୧୧ରୁ ୧୦ ସେକ୍ଟର ଫାଇଦାରେ ରହିଥିଲା। ଅଟୋ ଇଣ୍ଡେକ୍ସ ସବୁଠାରୁ ଅଧିକ ୯.୯% ବୃଦ୍ଧି ପାଇଥିଲା।




ଏହା ୨୦୦୯ ମେ ପରେ ସର୍ବାଧିକ ବୃଦ୍ଧି କୁହାଯାଉଛି। ବଜାର ବିଶ୍ଳେଷକ ସେଣ୍ଟ୍ରାଲ ୱେଲ୍‌ଥ ମ୍ୟାନେଜମେଣ୍ଟ ମୁଖ୍ୟ ଦେବାଙ୍ଗ ମେହଟା କହିଛନ୍ତି ଯେ ସରକାରଙ୍କ ଘୋଷଣା ଯୋଗୁ ଆର୍ଥିକ ବିକାଶ ଗତିଶୀଳ ହେବ। ଏଥିଯୋଗୁ କର୍ପୋରେଟ ଓ କ୍ୟାପିଟାଲ ମାର୍କେଟ ଉତ୍ସାହିତ। ମନୋଭାବରେ ସୁଧାର ହେବା ମୁଖ୍ୟ ପ୍ରସଙ୍ଗ। କାରଣ ମନୋଭାବ ବିଗିଡ଼ିଯିବା କାରଣରୁ ଗତ କିଛି ଦିନ ହେବ ବଜାର ନିମ୍ନଗାମୀ ହୋଇଚାଲିଥିଲା। ସୂଚନାଥାଉ କି, ଗୋଟିଏ ଦିନରେ ବଡ଼ ଧରଣର ବୃଦ୍ଧି ଚଳିତବର୍ଷ ଚତୁର୍ଥ ଥର ଦେଖିବାକୁ ମିଳିଛି। ଏଥିପୂର୍ବରୁ ସର୍ବାଧିକ ବୃଦ୍ଧି ମେ ୨୦ରେ ହୋଇଥିଲା। ମେ ୧୯ରେ ସାଧାରଣ ନିର୍ବାଚନ ଫଳାଫଳ ପୂର୍ବରୁ ଏକ୍‌ଜିଟ୍ ପୋଲ୍ ପ୍ରକାଶ ପାଇଥିଲା। ଫଳରେ ବଜାରରେ ଯଥେଷ୍ଟ ବୃଦ୍ଧି ଦେଖାଯାଇଥିଲା। ସେତେବେଳେ ସେନ୍‌ସେକ୍ସ ୧୪୮୨ ପଏଣ୍ଟ ବୃଦ୍ଧି ପାଇଥିଲା।

## ସାହସିକ ପଦକ୍ଷେପ: ଆର୍‌ବିଆଇ ଗଭର୍ଣ୍ଣର

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ କର୍ପୋରେଟ ଟିକସ ହ୍ରାସ ଘୋଷଣାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସ୍ୱାଗତ କରିଛନ୍ତି। ସୀତାରାମନ୍ ଏକ ସାହସିକ ପଦକ୍ଷେପ ନେଇଛନ୍ତି। ଏହା ଅର୍ଥନୀତି ପାଇଁ ସକାରାତ୍ମକ ହେବ ଏବଂ ଆଗକୁ ବଢ଼ିବାରେ ସହାୟତା କରିବ। ଏହାଦ୍ୱାରା ବିକାଶଶୀଳ ଦେଶଗୁଡ଼ିକ ସହ ଏଣିକି ଭାରତ ପ୍ରତିଯୋଗିତାରେ ସାମିଲ ହୋଇପାରିବ।



---

# ଭାରତ ପାନାସୋନିକର ଫୋକସ୍ ବଜାର

**ଭାରତର ଅର୍ଥନୈତିକ ଢାଞ୍ଚା ମଜଭୁତ। ବିଭିନ୍ନ କାରଣ ଯୋଗୁ ଦେଶର ଅର୍ଥନୀତି ପ୍ରଭାବିତ ହୋଇଛି। ମାତ୍ର ଭାରତ ଏକ ଅଭିବୃଦ୍ଧିଶୀଳ ବଜାର। ଘରୋଇ ବଜାରର ଅଭିବୃଦ୍ଧି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପାନାସୋନିକର ଆସୋସିଏଟ ଡାଇରେକ୍ଟର ପି.ଭି. ମୁରାହରି ରାଓ କହିଛନ୍ତି। ଭାରତରେ ପାନାସୋନିକ ଏକ ପ୍ରମୁଖ ବ୍ରାଣ୍ଡ ହୋଇଥିବା ବେଳେ କମ୍ପାନୀର ଯୋଜନା ଏବଂ ଗ୍ରାହକକୈନ୍ଦ୍ରିକ ପଦକ୍ଷେପ ସମ୍ପର୍କରେ ସେ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାର...**

**ପରିବର୍ତ୍ତିତ ଗ୍ରାହକ ଚାହିଦା ପୂରଣ ଲାଗି ପାନାସୋନିକ କିଭଳି ପ୍ରସ୍ତୁତ?**

ଗ୍ରାହକଙ୍କ ଚାହିଦାରେ ଏବେ ଦ୍ରୁତ ପରିବର୍ତ୍ତନ ଆସିଛି। ଲୋକମାନେ ଅଧିକ ଫିଚର ଚାହୁଁଛନ୍ତି। ଡିଜିଟାଲ ପ୍ଲାଟଫର୍ମର ଚାହିଦା ବଢିଛି। ପ୍ରିମିୟମ ପ୍ରଡକ୍ଟକୁ ଗ୍ରାହକ ପସନ୍ଦ କରୁଛନ୍ତି। ଉଚିତ ମୂଲ୍ୟରେ ଭଲ ଫିଚର୍ ପାଇବା ସମସ୍ତଙ୍କ ଲକ୍ଷ୍ୟ। ଏହାକୁ ନଜରରେ ରଖି ପ୍ରଡକ୍ଟ ଅପ୍‌ଗ୍ରେଡ କରାଯାଉଛି। ଆମର ଟିଭିଗୁଡିକ ଅତ୍ୟାଧୁନିକ ଡିଜିଟାଲ ଫିଚର ସହ ଆସୁଛି। ଏହି ବର୍ଗରେ ୪କେ, ଆଣ୍ଡ୍ରଏଡ, ଇନବିଲ୍ଟ ଆପ୍, ପାନାସୋନିକର ନିଜସ୍ୱ ଟେକ୍ନୋଲୋଜି ସିନୋବି ସିରିଜ୍ ସ୍ମାର୍ଟ ସିରିଜ ଟିଭି ଆଣିଛୁ। ହୋମ ଆପ୍ଲାଏନ୍ସ ବର୍ଗରେ କାରବାରକୁ ଦୃଢୀକରଣ ଲକ୍ଷ୍ୟ ରହିଛି। ହାଇ ଏବଂ ପ୍ରିମିୟମ ପ୍ରଡକ୍ଟ ଉପରେ ମଧ୍ୟ ଫୋକସ ରହିଛି। ଗ୍ରାହକଙ୍କୁ ଇକୋନୋମି, ଭାଲ୍ୟୁ, ନ୍ୟୁଟ୍ରିଶନ ରିଟେନଶନ ଭାଲ୍ୟୁ ପ୍ରଦାନ କରାଯାଉଛି। ଟିଭି, ଏୟାର କଣ୍ଡିଶନର ବାଦ ୱାଶିଂମେଶିନ ବର୍ଗରେ ବିଭିନ୍ନ ରେଞ୍ଜର ଉପଲବ୍ଧ କରାଇଛୁ। ଏହି ବର୍ଗରେ ଟପ୍‌ଲୋଡ, ଇନବିଲ୍ଟ ହିଟର ମଡେଲ ରହିଛି। ସଫ୍ଟକ୍ଲୋଜର ମଡେଲ, ସେମି ଅଟୋମେଟିକ ୱାଶିଂ ମଡେଲ ଆଣିଛୁ। ଫ୍ରଣ୍ଟଲୋଡ ୱାଶିଂମେଶିନ ସହ ଗ୍ରାହକଙ୍କ ଲାଗି ବିସ୍ତୃତ ରେଞ୍ଜରେ ପ୍ରଡକ୍ଟ ଉପଲବ୍ଧ କରାଯାଉଛି। ନଏଡା, ହରିୟାଣାରେ ପ୍ଲାଣ୍ଟ ସହ ବିଭିନ୍ନ ପ୍ରଡକ୍ଟ ଉତ୍ପାଦନ କରୁଛୁ।

**ପାନାସୋନିକ ଲାଗି ଭାରତ ବଜାରକୁ କିଭଳି ଦେଖୁଛନ୍ତି?**

ଭାରତ ବଜାର ପାନାସୋନିକ ଲାଗି ଫୋକସ୍ ବଜାର। ଏଠାରେ ଗ୍ରାହକଙ୍କୁ ଗୁଣବତ୍ତା ଏବଂ ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ ଯୋଗାଣକୁ ଧ୍ୟାନରେ ରଖିଛୁ। ପ୍ରଡକ୍ଟ ଉପରେ ଟୋଟାଲ କଷ୍ଟ ସେଭିଂକୁ ଗୁରୁତ୍ୱ ଦିଆଯାଉଛି। ଏସି ଏବଂ ରେଫ୍ରିଜରେଟର ନିର୍ମାଣରେ କମ୍ପାନୀର ୬୦ ବର୍ଷର ଅଭିଜ୍ଞତା ରହିଛି। ପାୱାର ସେଭିଂକୁ ମଧ୍ୟ ନଜରରେ ରଖିଛୁ।

**ଗ୍ରାମାଞ୍ଚଳ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଲାଗି କିଭଳି କୌଶଳ ଆପଣାଉଛନ୍ତି?**

ସାରା ଦେଶରେ ସେବା ଯୋଗାଣ ହେଉଛି। ଲାଷ୍ଟ ମାଇଲ କଷ୍ଟମରଙ୍କ ନିକଟରେ ପହଞ୍ଚିବା ଆମର ଲକ୍ଷ୍ୟ। ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ପଦକ୍ଷେପ ନେଉଛୁ। ଲୋକଙ୍କ କ୍ରୟ ଶକ୍ତିକୁ ବିଚାର କରି ପ୍ରଡକ୍ଟ ରେଞ୍ଜ ଉପଲବ୍ଧ କରାଉଛୁ। ଚାହିଦା ଏବଂ ପ୍ରୋଫାଇଲ ଆଧାରରେ ପ୍ରଡକ୍ଟ ଡିଜାଇନ କରାଯାଉଛି।

**ଓଡ଼ିଶା ବଜାରରେ କମ୍ପାନୀର କାରବାର କିଭଳି ରହିଛି?**

ଓଡ଼ିଶାରେ ଭଲ କାରବାର କରୁଛୁ। ଗତ ମାସ ଏଠାରେ ଅଭିବୃଦ୍ଧି ଜାତୀୟ ଅଭିବୃଦ୍ଧିଠାରୁ ଉଚ୍ଚରେ ରହି ପ୍ରାୟ ୩୦% ରହିଛି। ଏଠାରେ ଅଧିକ ପ୍ରଡକ୍ଟ ଉପଲବ୍ଧ କରାଇଛୁ। ନୂଆ ନୂଆ ପ୍ରଡକ୍ଟ ଏଠାରେ ଗ୍ରାହକଙ୍କ ଲାଗି ଯୋଡାଯାଉଛି। କେବଳ ଓଡ଼ିଶା ନୁହେଁ ସମଗ୍ର ପୂର୍ବାଞ୍ଚଳରେ କାରବାର ଉଲ୍ଲେଖନୀୟ ରହିଛି। ସାରା ଦେଶରେ ଆମର ଅଭିବୃଦ୍ଧି ୧୦% ରହିଛି। ଏପରି ସ୍ଥିତିରେ ଓଡ଼ିଶା ଏବଂ ଝାଡଖଣ୍ଡ ଭଲ କାରବାର କରୁଛନ୍ତି।

**ଗତ ୩ ବର୍ଷ ମଧ୍ୟରେ ଘରୋଇ ବଜାରରେ ପାନାସୋନିକ କିଭଳି ଚ୍ୟାଲେଞ୍ଜ ସାମ୍ନା କରିଛି?**

ଗତ ୩ ବର୍ଷ ହେବ ଅନେକ ପଦକ୍ଷେପ ନେଇଛୁ। ପୂର୍ବରୁ କେବଳ ହାଇଏଣ୍ଡ ପ୍ରଡକ୍ଟଗୁଡିକ ଆମ ପୋର୍ଟଫୋଲିଓରେ ସାମିଲ ଥିଲା। ଏହି ଧାରାରେ ପରିବର୍ତ୍ତନ ଆଣିଛୁ। ବର୍ତ୍ତମାନ ସବୁ ବର୍ଗକୁ ସୁହାଇଲା ଭଳି ପ୍ରଡକ୍ଟ ସହ ଆମେ ପ୍ରସ୍ତୁତ। ବର୍ତ୍ତମାନ ଡିଲର ଏବଂ ବିତରକ ନେଟୱର୍କକୁ ଆହୁରି ଶକ୍ତିଶାଳୀ କରାଯାଉଛି। ଏହା ଦ୍ୱାରା ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ନେଇ ଆଶାବାଦୀ।

**ମାନ୍ଦାବସ୍ଥା କମ୍ପାନୀର କାରବାରକୁ ପ୍ରଭାବିତ କରୁଛି କି?**

ମୋଟାମୋଟି ଭାବେ କହିବାକୁ ଗଲେ ଆମ କାରବାରକୁ ମାନ୍ଦାବସ୍ଥା ପ୍ରଭାବିତ କରିନାହିଁ। ବଜାରରେ ସେମିତି ବିକ୍ରି ହ୍ରାସ ହୋଇନାହିଁ। ଗ୍ରାହକ ଅଫ୍‌ଲାଇନରୁ କିଛିଟା ଅନଲାଇନ କ୍ରୟକୁ ଚୟନ କରିଛନ୍ତି। ଏହା ଏବେ ନୂଆ ଚ୍ୟାଲେଞ୍ଜ ହୋଇଛି। ଆମର ମୋଟ ବିକ୍ରିରେ ଅନ୍‌ଲାଇନର ଅଂଶ ୧୦% ରହିଛି। ଗତ କିଛି ମାସ ହେବ ବଜାରରେ ସାମାନ୍ୟ ପ୍ରଭାବ ଦେଖାଯାଇଛି। ମାତ୍ର ମାନ୍ଦାବସ୍ଥା ଦ୍ୱାରା ଏହି ବର୍ଗରେ ସମ୍ପୂର୍ଣ୍ଣ ବଜାର ପ୍ରଭାବିତ ହୋଇଥିବା କହି ହେବ ନାହିଁ। ପାନାସୋନିକ ଅଭିବୃଦ୍ଧିଶୀଳ ବ୍ରାଣ୍ଡ ହୋଇଥିବାରୁ ବଜାର ସ୍ଥିତିକୁ ସାମ୍ନା କରିବାକୁ ସକ୍ଷମ ହୋଇଛି। ଏଥି ଲାଗି ବିଭିନ୍ନ ପଦକ୍ଷେପ ନିଆଯାଉଛି।




ପି.ଭି. ମୁରାହରି ରାଓ

## ନୂଆ ଓଏଲ୍‌ଇଡି ଉନ୍ମୋଚିତ

ପାନାସୋନିକ ପକ୍ଷରୁ ସ୍ଥାନୀୟ ବାପୁଜୀ ନଗରସ୍ଥିତ ପାତ୍ର ଇଲେକଟ୍ରୋନିକ୍ସ ଶୋ'ରୁମଠାରେ ନୂଆ ଓଏଲ୍‌ଇଡ଼ିକୁ ବଜାର ପ୍ରବେଶ କରାଯାଇଛି। ଏହି ଅବସରରେ ପାନାସୋନିକର ଆସୋସିଏଟ ଡାଇରେକ୍ଟର ପି.ଭି. ମୁରାହରିରାଓ, କମ୍ପାନୀର ଓଡ଼ିଶା, ବିହାର ଏବଂ ଝାଡଖଣ୍ଡ ମୁଖ୍ୟ ସନ୍ତୋଷ ସାମନ୍ତରାଏ, ଓଡ଼ିଶା ବାଣିଜ୍ୟ ମୁଖ୍ୟ ଦୁର୍ଗେସ ଶୁକ୍ଳା, ପାତ୍ର ଇଲେକଟ୍ରୋନିକ୍ସ ସ୍ୱତ୍ୱାଧିକାରୀ କୈଳାସ ପାତ୍ର ଉପସ୍ଥିତ ରହି ଏହାର ବଜାର ପ୍ରବେଶ କରିଛନ୍ତି। ଏହା ଆଡଭାନ୍ସ ଫିଚରଯୁକ୍ତ ଟିଭି ହୋଇଥିବା ବେଳେ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ବାହାରିନକୁ ହରାଇଲା ଭାରତ

ତାସକେଣ୍ଟ, ୨୦୧୯ (ପି.ଟି.): ଏଠାରେ ଚାଲିଥିବା ୧୬ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତୀୟ ଯୁବ ଫୁଟ୍‌ବଲ ଦଳ ୫-୦ ଗୋଲରେ ଏକପାଖିଆ ଭାବେ ବାହାରିନକୁ ପରାସ୍ତ କରିଛି। ଷ୍ଟ୍ରାଇକର ସିଦର୍ଥ ଓ ଶୁଭୋ ପଲ୍ ୨ଟି ଲେଖାଏ ଗୋଲସ୍କୋର କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାହାରିନ ଗୋଲକିପର ପ୍ରଥମାର୍ଦ୍ଧରେ ଏକ ଆତ୍ମଘାତୀ ଗୋଲ କରିଥିଲେ। ପ୍ରତିଯୋଗିତାରେ ଭାରତର ଏହ କ୍ରମାଗତ ୨ୟ ବୃହତ୍ ବିଜୟ। ଏଥିପୂର୍ବରୁ ବୁଧବାର ପ୍ରଥମ ମ୍ୟାଚ୍‌ରେ ଭାରତ ୫-୦ ଗୋଲରେ ତୁର୍କମେନିସ୍ତାନକୁ ହରାଇଥିଲା। ବିଜୟ ସହ ଭାରତ ୨ ମ୍ୟାଚ୍‌ରୁ ମୋଟ୍ ୬ ପଏଣ୍ଟ ପାଇଛି।

### ଭିନ୍ନକ୍ଷମ ଦଳକୁ ସମ୍ବର୍ଦ୍ଧିତ କରିବ ବିସିସିଆଇ

ମୁମ୍ବାଇ,୨୦୧୯(ପିଟି): ଟି୨୦ ଭିନ୍ନକ୍ଷମ ବିଶ୍ୱ କ୍ରିକେଟ ସିରିଜ୍ ଖେଳାଳିଙ୍କୁ ଭାରତୀୟ କ୍ରିକେଟ କେଣ୍ଟ୍ରାଲ ବୋର୍ଡ (ବିସିସିଆଇ) ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରଶାସକ କମିଟି (ସିଓଏ) ସଦସ୍ୟା ଡାଇନା ଇଡୁଲଜି ଶୁକ୍ରବାର କହିଛନ୍ତି। ତେବେ ଏଥିନେଇ ସିଓଏ ଦ୍ୱାରା କେତେ ପରିମାଣ ଟଙ୍କା ମଞ୍ଜୁରୀ କରାଯାଇଛି, ତାହା ଇଡୁଲଜି ସ୍ପଷ୍ଟ କରି ନାହାନ୍ତି। ଫେଭରାଇଟ ଭାରତ ଫାଇନାଲରେ ଆୟୋଜକ ଇଂଲଣ୍ଡକୁ ୩୬ ରନ୍‌ରେ ହରାଇ ପ୍ରଥମ ଭିନ୍ନକ୍ଷମ ବିଶ୍ୱ ଟି୨୦ କ୍ରିକେଟ ସିରିଜ୍ ହାତେଇଥିଲା।


### ପ୍ରଥମଥର ଲାଗି ଇଂଲଣ୍ଡ କେନ୍ଦ୍ରୀୟ ଚୁକ୍ତି ତାଲିକାରେ ଆର୍ଚର



ଲଣ୍ଡନ, ୨୦୧୯ (ଏଏଫ୍‌ପି)- ଗତ ଆଇସିସି ବିଶ୍ୱକପ୍ ଓ ଆଶେସ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ପ୍ରଥମଥର ଲାଗି ଇଂଲଣ୍ଡ କେନ୍ଦ୍ରୀୟ ଖେଳାଳି ଚୁକ୍ତି ତାଲିକାରେ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ପ୍ରକାଶିତ ଉଭୟ ଟେଷ୍ଟ ଓ ଦିନିକିଆ କେନ୍ଦ୍ରୀୟ ଖେଳାଳି ତାଲିକାରେ ଆର୍ଚରଙ୍କୁ ସ୍ଥାନ ମିଳିଛି। ୨୪ ବର୍ଷୀୟ ଆର୍ଚର ବିଶ୍ୱକପ୍‌ରେ ଇଂଲଣ୍ଡର ସର୍ବାଧିକ ଉଇକେଟ୍ ହାସଲକାରୀ ବୋଲର ରହିଥିଲେ। ସେ ମୋଟ୍ ୨୨ ଉଇକେଟ୍ ନେଇ ଇଂଲଣ୍ଡକୁ ପ୍ରଥମ ବିଶ୍ୱକପ୍ ଟ୍ରଫି ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାର୍ବାଡସ ଜନ୍ମିତ ୨୪ ବର୍ଷୀୟ ଆର୍ଚର ଚଳିତ ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ପକ୍ଷରୁ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ଆର୍ଚରଙ୍କ ସମେତ ୧୦ଜଣ ଖେଳାଳି ୨୦୧୯/୨୦ ସିଜନ ଲାଗି କେନ୍ଦ୍ରୀୟ ଟେଷ୍ଟ ଚୁକ୍ତିରେ ରହିଛନ୍ତି। ଦୁଇ ସ୍ପିନର ମୋଇନ ଅଲି ଓ ଆଡିଲ ରଶିଦ ସେମାନଙ୍କ ଟେଷ୍ଟ ଚୁକ୍ତି ହରାଇଛନ୍ତି।

---

> ୱେଷ୍ଟଇଣ୍ଡିଜ ଗସ୍ତ ସମେତ ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ଦଳରୁ ବାଦ୍ ପଡ଼ିବାକୁ ନେଇ ଚିନ୍ତିତ ନୁହେଁ।
> —କୁଳଦୀପ ଯାଦବ, ଭାରତୀୟ କ୍ରିକେଟର୍



> ପାକିସ୍ତାନ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ପଦରୁ ସର୍ଫରାଜ ଅହମ୍ମଦଙ୍କୁ ବାହାର କରିଦିଆଯିବା ଉଚିତ୍ ବୋଲି ଅନୁଭବ କରୁଛି।
> —ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ କ୍ରିକେଟର୍



# ଭାରତୀୟ ହକି ଦଳରେ ବୀରେନ୍ଦ୍ର, ଅମିତ

## ମନପ୍ରୀତ ଅଧିନାୟକ, ହରମନପ୍ରୀତ ଉପଅଧିନାୟକ
## ଲଳିତ ଉପାଧ୍ୟାୟ ଓ ରୂପିନ୍ଦର ପାଲ ସିଂଙ୍କ ପ୍ରତ୍ୟାବର୍ତ୍ତନ

ନୂଆଦିଲ୍ଲୀ, ୨୦୧୯

ବେଲଜିୟମ ଟୁର୍ ପାଇଁ ଶୁକ୍ରବାର ୨୦ ଜଣିଆ ଭାରତୀୟ ହକି ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ଦୁଇ ଅଭିଜ୍ଞ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ମନପ୍ରୀତ ସିଂ ଦଳର ନେତୃତ୍ୱ ନେଉଥିବାବେଳେ ହରମନପ୍ରୀତ ସିଂ ଉପ-ଅଧିନାୟକ ମନୋନୀତ ହୋଇଛନ୍ତି। ଚଳିତମାସ ୨୬ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଭାରତୀୟ ଦଳ ଆଣ୍ଟୱେର୍ପଠାରେ ବେଲଜିୟମ ବିପକ୍ଷରେ ୩ଟି ଏବଂ ସ୍ପେନ ବିପକ୍ଷରେ ୨ଟି ମ୍ୟାଚ ଖେଳିବ।

ଭାରତୀୟ ଦଳକୁ ଲଳିତ କୁମାର ଉପାଧ୍ୟାୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଳିତ ଶେଷଥରପାଇଁ ଭାରତ ପକ୍ଷରୁ ଭୁବନେଶ୍ୱରରେ ହକି ବିଶ୍ୱକପ ଖେଳିଥିଲେ। ସେହିପରି ଅଲିମ୍ପିକ ଟେଷ୍ଟ ଇଭେଣ୍ଟ ମିସ୍ କରିଥିବା ରୂପିନ୍ଦର ପାଲ୍ ସିଂ ମଧ୍ୟ ଦଳକୁ ଫେରିଛନ୍ତି। ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ପାଇଁ ବିଶ୍ରାମ ଦିଆଯାଇଥିବା ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେଶ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଦଳର ଅନ୍ୟ ଗୋଲକିପର ହେଲେ କ୍ରିଷ୍ଣନ ବାହାଦୁର ପାଠକ। “ଦଳରେ ସ୍ଥାନ ପାଇଥିବା ସମସ୍ତ ଖେଳାଳି ପରସ୍ପରକୁ ଭଲଭାବେ ବୁଝିଛନ୍ତି, ତେଣୁ ଦଳର ପ୍ରଦର୍ଶନ ଭଲ ହେବା ଆଶା ରହିଛି। ଲଳିତ ଉପାଧ୍ୟାୟ ଦଳକୁ ଫେରିଥିବାରୁ ମୁଁ ବହୁତ ଖୁସୀ। ଫରୱାର୍ଡ ଲାଇନ୍‌ରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ରୂପିନ୍ଦର ଫେରିବା ମଧ୍ୟ ଖୁସିର କଥା। ୨୦୧୯ ଏଫଆଇଏଚ ସିରିଜ ଫାଇନାଲ୍ସଠାରୁ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି। ଦଳରେ ଥିବା ଅଳ୍ପକିଛି ତ୍ରୁଟିକୁ ସୁଧାରି ଆମେ ବେଲଜିୟମ ଗସ୍ତ କରିବୁ” ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି। ଓଡ଼ିଶାରେ ରୁଷିଆ ବିପକ୍ଷରେ ଏଫଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ଖେଳିବାକୁ ଯାଉଥିବାରୁ ବେଲଜିୟମ ଗସ୍ତରେ ଆମକୁ ଉପଯୁକ୍ତ ଅଭ୍ୟାସ ମିଳିବ। “ବେଲଜିୟମ ଏକ ଶକ୍ତିଶାଳୀ ଦଳ। ଆମେ ଯଦି ସେମାନଙ୍କ ଘରୋଇ ପରିବେଶରେ ଭଲ ପ୍ରଦର୍ଶନ କରିବୁ ତେବେ ଅଲିମ୍ପିକ କ୍ୱାଲିଫାୟର୍ସ ପୂର୍ବରୁ ଖେଳାଳିଙ୍କ ମନୋବଳ ଦୃଢ଼ ହେବ। ଆମେ ଉଭୟ ବେଲଜିୟମ ଓ ସ୍ପେନଠାରୁ କଡ଼ା ଚ୍ୟାଲେଞ୍ଜ ଆଶା କରୁଛୁ” ବୋଲି ରିଡ୍ କହିଛନ୍ତି।



ବେଲଜିୟମ ଟୁର୍ ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

### ଭାରତୀୟ ଦଳ

- **ଗୋଲକିପର:** ପି.ଆର. ଶ୍ରୀଜେଶ, କ୍ରିଷ୍ଣନ ବାହାଦୁର ପାଠକ।
- **ଡିଫେଣ୍ଡର:** ହରମନପ୍ରୀତ ସିଂ(ଉପଅଧିନାୟକ), ସୁରେନ୍ଦର କୁମାର, ବୀରେନ୍ଦ୍ର ଲାକ୍ରା, ବରୁଣ କୁମାର, ଅମିତ ରୋହିଦାସ, ଗୁରିନ୍ଦର ସିଂ, ଖାଡାଙ୍ଗବାମ କୋଥାଜିତ ସିଂ, ରୂପିନ୍ଦର ପାଲ ସିଂ।
- **ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ(ଅଧିନାୟକ), ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା।
- **ଫରୱାର୍ଡ:** ମନଦୀପ ସିଂ, ଏସ.ଭି. ସୁନୀଲ, ଲଳିତ କୁମାର ଉପାଧ୍ୟାୟ, ରମଣଦୀପ ସିଂ, ସିମରନଜିତ ସିଂ, ଆକାଶଦୀପ ସିଂ।

■ ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ବ୍ୟାଙ୍କକ୍‌ଠାରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସିଙ୍ଗଲ୍ସ ସେମିଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୨୧-୧୮, ୧୫-୨୧, ୨୧-୧୬ ପଏଣ୍ଟରେ ପରାସ୍ତ କରିଛନ୍ତି। ଶନିବାର ସେ ଫାଇନାଲରେ ଅନ୍ୟତମ ଭାରତୀୟ ଖେଳାଳି ତଥା ତାଙ୍କ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କୁ ଭେଟିବେ। ଡବଲ୍ସ ସେମିଫାଇନାଲରେ ପ୍ରମୋଦ-ମନୋଜ ଯୋଡ଼ି ଥାଇଲାଣ୍ଡର ଚାୱାର୍ଟକିଟ୍‌ଚୋୱାଟ୍‌ନା ଓ ସାଙ୍ଗନିଲ ସିଙ୍ଘା ଯୋଡ଼ିଙ୍କୁ ସିଧାସଳଖ ୨୧-୧୫, ୨୨-୨୦ ପଏଣ୍ଟରେ ହରାଇ ଦେଇଛନ୍ତି। ଭାରତୀୟ ଯୋଡ଼ି ଶନିବାର ଡବଲ୍ସ ଫାଇନାଲରେ ଥାଇଲାଣ୍ଡର ମଙ୍ଗ୍‌ଖୋନ୍ ବୁନ୍‌ସୁନ ଏବଂ ସିରିପଙ୍ଗ ଟିମାରୋମ୍‌ଙ୍କୁ ଭେଟିବେ। ପ୍ରକାଶ ଯୋଗ୍ୟ ଯେ, ୨୦୧୯ରେ ଏହାକୁ ମିଶାଇ ପ୍ରମୋଦ ଖେଳିଥିବା ୮ ଟୁର୍ନାମେଣ୍ଟରୁ ୭ଟିରେ ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଡବଲ୍ସରେ ୮ ଟୁର୍ନାମେଣ୍ଟରୁ ଏହା ତାଙ୍କର ୬ଷ୍ଠ ଫାଇନାଲ ପ୍ରବେଶ।



ପ୍ରମୋଦ ଭଗତ ରିଟର୍ନ ଶଟ୍ ଖେଳୁଛନ୍ତି।

# ଜାତୀୟ ଜୁନିୟର ଉଶୁରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୧୮ତମ ଜାତୀୟ ଜୁନିୟର ଉଶୁ ପ୍ରତିଯୋଗିତାରେ ଓଡ଼ିଶାକୁ ୪ଟି ପଦକ ମିଳିଛି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ ପଦକ ସାମିଲ। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସାନ୍‌ସୋଉ ୪୮ କେଜି ବିଭାଗରେ ବବଲୁ ମୁଣ୍ଡା ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପୂର୍ବରୁ ଜାତୀୟ, ଏସୀୟ ଏବଂ ବିଶ୍ୱ ଉଶୁ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିବା ବବଲୁ ଏଥର ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ୨୦୧୮ରେ ବ୍ରାଜିଲରେ ଅନୁଷ୍ଠିତ ବିଶ୍ୱ ଉଶୁ ଏବଂ ଚଳିତବର୍ଷ ବ୍ରୁନେଇରେ ଅନୁଷ୍ଠିତ ଏସୀୟ ଉଶୁ ପ୍ରତିଯୋଗିତାରେ ସେ ରୌପ୍ୟ ପଦକ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୌଲୁ ବିଭାଗର ଜିଆନ୍‌ସୁ ବର୍ଗରେ ସୌଭାଗ୍ୟ ଶ ରନ ଏବଂ ନାନ୍‌ଗୁନ୍ ଓ ନାନ୍‌ଦାଓ ବର୍ଗରେ ସୋନାଲି ବାରିକ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ପଙ୍କଜ ମହାନ୍ତ ଏବଂ ଅନୁରାଧା ଦୋରା ଓଡ଼ିଶା ଦଳର ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସଫଳତା ପାଇଁ ଉଶୁ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ଓ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ପଦକ ବିଜୟୀ ୩ ଓଡ଼ିଆ ଉଶୁ ଖେଳାଳି।

# ପଞ୍ଚାଲଙ୍କ ଶତକ: ଭାରତ-ଏ ସିରିଜ ବିଜୟୀ

## ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର’

ମହୀଶୂର, ୨୦୧୯ (ପି.ଟି.)

ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ମଧ୍ୟରେ ସ୍ଥାନୀୟ ଶ୍ରୀକାନ୍ତଦତ୍ତ ନରସୀମା ରାଜା ୱାଡିୟର ଗ୍ରାଉଣ୍ଡରେ ଅନୁଷ୍ଠିତ ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର’ରେ ଶେଷ ହୋଇଛି। ଫଳରେ ରିଦ୍ଧିମାନ ଶାହଙ୍କ ନେତୃତ୍ୱାଧୀନ ଭାରତ-ଏ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୧-୦ରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା-ଏ ୭ ଉଇକେଟ୍‌ରେ ହାରିଯାଇଥିଲା।

୧୭ ରନରେ ଅଗ୍ରଣୀ ଥାଇ ୨ୟ ଇନିଂସ ଆରମ୍ଭ କରି ଭାରତ-ଏ ଗୁରୁବାର ୩ୟ ଦିବସ ଶେଷ ସୁଦ୍ଧା କୌଣସି ଉଇକେଟ୍ ନ ହରାଇ ୧୪ ରନ କରିଥିଲା। ଶୁକ୍ରବାର ଅନ୍ତିମ ତଥା ୪ର୍ଥ ଦିବସରେ ଭାରତ-ଏ ଓପନର୍ ପ୍ରିୟଙ୍କ ପଞ୍ଚାଲଙ୍କ ଶତକ ବଳରେ ୭୦ ଓଭରରେ ୩ ଉଇକେଟ୍ ହରାଇ ୨୦୨ ରନ ସଂଗ୍ରହ କରିବା ସହ ମୋଟ୍ ଉପରେ ୨୧୯ ରନରେ ଅଗ୍ରଣୀ ଲାଭ କରିଥିଲା। ଏହାପରେ ଭାରତ-ଏ ୨ୟ ଇନିଂସ ଘୋଷଣା କରିଥିଲା। ଫଳରେ ଦକ୍ଷିଣ ଆଫ୍ରିକା-ଏ ସମ୍ମୁଖରେ ପାଖାପାଖି ୨୬ ଓଭରରେ ୨୨୦ ରନର ଟାର୍ଗେଟ୍ ରହିଥିଲା।

ମ୍ୟାଚ୍‌ରୁ ଫଳାଫଳ ନ ବାହାରିବା ସ୍ପଷ୍ଟ ହୋଇଯିବା ପରେ ଉଭୟ ଦଳର ଅଧିନାୟକ ଡ୍ର’ ରଖିବା ପାଇଁ ରାଜି ହୋଇଯାଇଥିଲେ। ଗୁଜରାଟ ବ୍ୟାଟ୍ସମ୍ୟାନ ପଞ୍ଚାଲ ୧୯୨ ବଲରୁ ୧୦୯ ରନ (୯ ଚୌକା, ୪ ଛକା) କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଈଶ୍ୱରନ ୩୭, ରିଦ୍ଧିମାନ ଶାହ ୧ ଓ ଶୁବମନ ଗିଲ ଖାତା ଖୋଲିପାରି ନ ଥିବାବେଳେ କରୁଣ ନାୟାର ୫୧ ରନରେ ଅପରାଜିତ ରହିଥିଲେ। ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଡାନ୍ ପିଏଡେଟ୍ ୨ଟି ଉଇକେଟ୍ ନେଇଥିଲେ। ଦକ୍ଷିଣ ଆଫ୍ରିକା-ଏ’ର ପ୍ରଥମ ଇନିଂସରେ ୧୬୧ ରନର ଇନିଂସ ଖେଳିଥିବା ଅଧିନାୟକ ଏଡେନ ମାରକ୍ରାମଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର:**
ଭାରତ-ଏ ପ୍ରଥମ ଇନିଂସ: ୪୧୭ ଅଲ୍‌ଆଉଟ୍
ଦକ୍ଷିଣ ଆଫ୍ରିକା-ଏ ପ୍ରଥମ ଇନିଂସ: ୪୦୦ ଅଲ୍‌ଆଉଟ୍
ଭାରତ-ଏ ୨ୟ ଇନିଂସ: ୨୦୨/୩

# ଘୋଷକ ଅମିୟ ଚାନ୍ଦ ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନିତ

ଭୁବନେଶ୍ୱର, ୨୦୧୯ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାର ବରିଷ୍ଠ କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରାଜଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ସମ୍ମାନିତ କରିଛନ୍ତି। ଚଳିତ ବର୍ଷ ‘ଇଣ୍ଟରନ୍ୟାଶନାଲ ଏକ୍ସିଲେନ୍ସି ପୁରସ୍କାର’ରେ ସମ୍ମାନିତ କରାଯାଇଛି। କ୍ରୀଡ଼ା ମାଧ୍ୟମରେ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହିତ ସୁସ୍ଥ ସମାଜ ଗଠନ କରିହେବ ବୋଲି ଚାନ୍ଦ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ବାର୍ତ୍ତା ଦେଇଥାନ୍ତି। ସେଥିପାଇଁ ତାଙ୍କୁ ଏପ୍ରିଲ ୨୮ରେ ଶ୍ରୀଲଙ୍କାର କଲମ୍ବୋଠାରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଗତବର୍ଷ ଲଣ୍ଡନ ହାଉସ ଅଫ୍ କମନ୍ସ ୱେଷ୍ଟ ମିନିଷ୍ଟରଠାରେ ଥିବା ଷ୍ଟ୍ରେଞ୍ଜର୍ସ ହଲ୍‌ରେ ଆୟୋଜିତ ଗ୍ଲୋବାଲ କନ୍‌କ୍ଲେଭରେ ଚାନ୍ଦଙ୍କୁ ଇଂଲଣ୍ଡ ପାର୍ଲାମେଣ୍ଟ ମେମ୍ବର ବିରେନ ଶର୍ମା ‘ମହାତ୍ମା ଗାନ୍ଧୀ’ ସମ୍ମାନରେ ସମ୍ମାନିତ କରିଥିଲେ। ଦେଶର ଏହି ବରିଷ୍ଠ କ୍ରୀଡ଼ା ଘୋଷକ ୨ଟି ଅନ୍ତର୍ଜାତୀୟ ସମ୍ମାନ ପାଇଥିବାରୁ ଏହା ରାଜ୍ୟ ଓ ଦେଶର ଗୌରବ ବୋଲି ରାଜ୍ୟପାଳ ଏହି କାର୍ଯ୍ୟକ୍ରମ ଅବସରରେ କହିଛନ୍ତି।

# ମହିଳା ବାଇକ୍ ରାଲି ପ୍ରତି ଉତ୍ସାହ ବଢ଼ୁଛି



ଖବରଦାତା ସମ୍ମିଳନୀରେ ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଓମେନ୍ସ ଆଡ୍‌ଭେଞ୍ଚର କ୍ଲବ (ଓଡବ୍ଲ୍ୟୁଏସି) ଆନୁକୂଲ୍ୟରେ ଚଳିତମାସ ୨୨ ତାରିଖରେ ଏକ ମହିଳା ବାଇକ୍ ରାଲି ଆୟୋଜନ ହେବାକୁ ଯାଉଛି। ଏହି ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରି ରାମମନ୍ଦିର, ରୂପାଲି, ଆଚାର୍ଯ୍ୟବିହାର ଛକ ଦେଇ ରବୀନ୍ଦ୍ରମଣ୍ଡପଠାରେ ଶେଷ ହେବ। ଏହି ରାଲିରୁ ଜଣେ ଦୁଃସାହସିକ ମହିଳାଙ୍କୁ ଚୟନ କରାଯାଇ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଟ୍ରଫି ଏବଂ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦିକା ମଧୁସ୍ମିତା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନେ ଏହି ରାଲିରେ ଭାଗନେଇ ପାରିବେ। ପ୍ରତି ପ୍ରତିଯୋଗୀଙ୍କୁ ଟି-ଶାର୍ଟ ଓ କ୍ୟାପ ପ୍ରଦାନ କରାଯିବ। ଅଧିକରୁ ଅଧିକ ମହିଳା ଏହି ବାଇକ୍ ରାଲିରେ ଯୋଗ ଦେବାପାଇଁ ମଧୁସ୍ମିତା ଅନୁରୋଧ କରିଛନ୍ତି। ଏହି ବାଇକ୍ ରାଲି ପ୍ରତି ଅହେତୁକ ଆଗ୍ରହ ପ୍ରକାଶ ପାଇଛି। ବର୍ତ୍ତମାନସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ନାମ ପଞ୍ଜୀକରଣ କରି ସାରିଲେଣି। ଏଥିରେ ଆମେ ବହୁତ ଖୁସି। ପ୍ରତିଯୋଗିତା ଦିନ ସକାଳ ୬ଟା ପର୍ଯ୍ୟନ୍ତ ନାମ ପଞ୍ଜୀକରଣ କରାଯାଇ ପାରିବ। ତେଣୁ ଏହି ସଂଖ୍ୟା ବହୁତ ବଢ଼ିବା ନେଇ ଆମେ ଆଶାବାଦୀ ବୋଲି ମଧୁସ୍ମିତା କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡବ୍ଲ୍ୟୁଏସିର ପ୍ରତିଷ୍ଠାତା ସଦସ୍ୟା ନମିତା ପଣ୍ଡା, ମିନତି ଚାଟାର୍ଜୀ, ଅନୁରାଧା ମିଶ୍ର, ଅରୁନ୍ଧତି ମିଶ୍ର ପୃଷ୍ଠପୋଷକ ନିବେଦିତା ଆଚାର୍ଯ୍ୟ, ପରାମର୍ଶଦାତା ଦିଲୀପ ଦାସ ଏବଂ ଅନୀତା ପାତ୍ର, ସୁସ୍ମିତା ଧଳ, ସନ୍ଧ୍ୟା ନାୟକ, ମଞ୍ଜୁ ମିଶ୍ର, ବିନୋଦିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଜୁନିୟର ଟେନିସ କ୍ରିକେଟ

# ଓଡ଼ିଶା ଚାମ୍ପିୟନ

ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)

ମଥୁରାର ଜିଏଲଏ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଜୁନିୟର ଟେନିସ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଚାମ୍ପିୟନ ହୋଇଛି। ଫାଇନାଲରେ ଓଡ଼ିଶା ୯ ରନରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଏହାକୁ ମିଶାଇ ଓଡ଼ିଶା ୨ୟଥରପାଇଁ ଟାଇଟଲ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୫ ରନ କରିଥିଲା। ଜବାବରେ ଝାଡ଼ଖଣ୍ଡ ୯.୧ ଓଭରରେ ୫୬ ରନ କରି ଅଲଆଉଟ ହୋଇ ଯାଇଥିଲା। ୨ ଓଭରରେ ୮ ରନ ବିନିମୟରେ ୩ ଉଇକେଟ ହାସଲ କରିଥିବା ଓଡ଼ିଶାର ହିତେଶ ରାଉତ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଓଡ଼ିଶାର ସ୍ମୃତି ଚନ୍ଦନ ଦାସ ମୋଟ ୧୫୩ ରନ ଏବଂ ୮ ଉଇକେଟ ହାସଲ କରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। କ୍ୱାର୍ଟର ଫାଇନାଲରେ ମୁମ୍ବାଇକୁ ୬୫ ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ପ୍ରଥମ ସେମିଫାଇନାଲରେ ୮୬ ରନରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ଏହି ସଫଳତା ପାଇଁ ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସଭାପତି ଅବିନାଶ ସାହୁ, ଉପସଭାପତି ଦୀପକ ହଂସ, ମହମ୍ମଦ ଆଜାମ, ରାଜେନ୍ଦ୍ର ମହାରଣା, ଦେବବ୍ରତ ସାହୁ, ସାଧାରଣ ସମ୍ପାଦକ ରିଣ୍ଟୁ ମିତ୍ର, ଯୁଗ୍ମ ସମ୍ପାଦକ ସୋଭେନ ମହାରଣା, କୋଷାଧ୍ୟକ୍ଷ ରାଗିଣୀ ମିତ୍ର, ପରାମର୍ଶଦାତା ଅଖିଳେଶ୍ୱର ତିୱାରୀ ଓ ବାରିଜରଞ୍ଜନ ମହାନ୍ତି ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ଟେନିସ କ୍ରିକେଟ୍ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ପ୍ରଥମ ମହିଳା ଟି୨୦ ୱାର୍ମ ଅପ୍ ମ୍ୟାଚ୍ ବାତିଲ

ସୁର ଟ,୨୦୧୯(ପିଟି): ଦକ୍ଷିଣ ଆଫ୍ରିକା ଓ ବୋର୍ଡ ଏକାଦଶ ମଧରେ ଶୁକ୍ରବାର ଖେଳାଯିବାକୁ ଥିବା ପ୍ରଥମ ଟି୨୦ ୱାର୍ମ ଅପ୍ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ଦ୍ୱିତୀୟ ଅଭ୍ୟାସ ମ୍ୟାଚ୍ ରବିବାର ଲାଲଭାଇ ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଏହାପରେ ୩ ଦିନିଆ ଦିନିକିଆ ସିରିଜ୍ ଖେଳାଯିବାର ଅଛି। ଏବେ ସଭିଙ୍କ ନଜର ଦଳରେ ପ୍ରଥମ ଥର ପାଇଁ ସ୍ଥାନ ପାଇଥିବା ୧୫ ବର୍ଷୀୟ ଶେଫାଲି ବର୍ମାଙ୍କ ଉପରେ ରହିଛି।

### ପ୍ରଥମ ରାଉଣ୍ଡରେ ହାରିଲେ ସୁଶୀଲ



ନୁର-ସୁଲତାନ (କାଜାଖସ୍ତାନ),୨୦୧୯: ଦୀର୍ଘ ୮ ବର୍ଷ ପରେ ବିଶ୍ୱ ଚାମ୍ପିୟନଶିପରେ ଭାଗ ନେଇଥିବା ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି। ୭୪ କିଗ୍ରା ବର୍ଗରେ ସେ ପ୍ରଥମ ରାଉଣ୍ଡ ବାଉଟରେ ଆଜାରବଇଜାନର ଖାଦଜିମୁରାଦ ଗାଡଜିୟେଭଙ୍କଠାରୁ ହାରିଛନ୍ତି। ନିଜର ସମ୍ପୂର୍ଣ୍ଣ ଅଭିଜ୍ଞତା ବଳରେ ସୁଶୀଲ ଏକଦା ୯-୪ ପଏଣ୍ଟରେ ଆଗୁଆ ଥିଲେ। କିନ୍ତୁ କ୍ରମାଗତ ୭ ପଏଣ୍ଟ ହରାଇ ବାଉଟ୍ ହାତଛଡ଼ା କରିଥିଲେ। ବର୍ତ୍ତମାନ ସୁଶୀଲଙ୍କୁ ନିଜ ଭାଗ୍ୟ ଜାଣିବା ପାଇଁ ଗାଡଜିୟେମଙ୍କ ଅଭିଯାନ ଉପରେ ନଜର ରଖିବାକୁ ପଡ଼ିବ। ଗାଡଜିୟେମ ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହେଲେ ସୁଶୀଲଙ୍କୁ ବ୍ରୋଞ୍ଜ ପଦକ ସହ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିବ। ଏକମାତ୍ର ଭାରତୀୟ ଭାବେ ୨୦୧୦ରେ ମସ୍କୋରେ ବିଶ୍ୱ ଟାଇଟଲ ଜିତିଥିଲେ।

### ଚାଇନା ଓପନରେ ଭାରତର ଅଭିଯାନ ଶେଷ

ଚଙ୍ଗ୍‌ଝୋ,୨୦୧୯(ପିଟି): ଏଠାରେ ଚାଲିଥିବା ଚାଇନା ଓପନ ୱାର୍ଲ୍ଡ ଟୁର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ଅନ୍ତିମ ଶଟଲର ଭାବେ ବି. ସାଇ ପ୍ରଣୀଥ ବିଶ୍ୱର ୯ମ ର୍‍ୟାଙ୍କ ଆଣ୍ଟୋନୀ ସିନିସୁକା ଗିଣ୍ଟିଂଙ୍କଠାରୁ ପରାସ୍ତ ହୋଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ଠାରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା ପ୍ରଣୀଥ ୨୧-୧୬, ୬-୨୧, ୧୬-୨୧ ଗେମ୍‌ରେ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ତାଙ୍କ ପୂର୍ବରୁ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ଖେଳାଳି ପରାଜୟ ସହ ବିଦାୟ ନେଇସାରିଛନ୍ତି।

# ଓସିଏ ନିର୍ବାଚନ: ପ୍ରାର୍ଥୀପତ୍ର ଦାଖଲ ଶେଷ

**କଟକ ଅଫିସ,୨୦୧୯**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ୬ ପଦବୀ ପାଇଁ ଆବେଦନ କରିଛନ୍ତି ମୋଟ ୧୨ଜଣ ପ୍ରତିନିଧି। ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ନିମନ୍ତେ ୨ଜଣ ଲେଖାଏ ଆଶାୟୀ ପ୍ରାର୍ଥୀ ଥିବା ବେଳେ ଯୁଗ୍ମ ସମ୍ପାଦକ ନିମନ୍ତେ ୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହାଛଡ଼ା ଆପେକ୍ସ କାଉନସିଲ ପଦବୀ ନିମନ୍ତେ ମାତ୍ର ଜଣେ ଆବେଦନ କରିଛନ୍ତି। ଏହି ଆବେଦନକାରୀ ଜଣଙ୍କ ହେଲେ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ ସମର୍ଥିତ କେନ୍ଦ୍ରାପଡ଼ା ଜିଲାର ଶୁଭାଶିଷ ସେନାପତି। ବିପକ୍ଷ ଗୋଷ୍ଠୀ ପକ୍ଷରୁ ଏହି ପଦବୀ ନିମନ୍ତେ ପ୍ରାର୍ଥୀ ଦିଆଯାଇନାହିଁ। ଶୁଭାଶିଷଙ୍କ ପ୍ରାର୍ଥୀପତ୍ର ନାକଚ ନ ହେଲେ ମୋଟ ୬ ପଦବୀ ଭିତରୁ ଗୋଟିଏ ପଦବୀରେ ଏହି ଗୋଷ୍ଠୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ନିଶ୍ଚିତ। ଆସନ୍ତା ୨୨ ତାରିଖ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀତାଲିକା ଘୋଷଣା କରାଯିବ। ୨୧ ତାରିଖ ଦିନ ୧୨ଟା ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ସମ୍ପର୍କିତ ଅଭିଯୋଗ ଗ୍ରହଣ କରାଯିବ। ସେହିଦିନ ୧ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ଦିନ ୧ଟା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ଧାର୍ଯ୍ୟ କରାଯାଇଛି।

ଦିନ ପ୍ରାୟ ୨ଟା ସମୟରେ ଆଶୀର୍ବାଦଙ୍କ ଗୋଷ୍ଠୀର ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଓସିଏ କ୍ଲବ ପରିସରରୁ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଏମାନେ ପ୍ରାର୍ଥୀପତ୍ର ଦାଖଲ ସ୍ଥଳକୁ ଆସିଥିଲେ। ୬ଟି ପଦବୀ ନିମନ୍ତେ ଏହି ଗୋଷ୍ଠୀ ପକ୍ଷରୁ ୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସଭାପତି ପଦବୀ ନିମନ୍ତେ ବୌଦ୍ଧ ଜିଲାର ପ୍ରତିନିଧି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ପଦବୀ ନିମନ୍ତେ କଟକ ଜିଲାର ପ୍ରତିନିଧି ତଥା ଆଶୀର୍ବାଦଙ୍କ ପୁଅ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ପଦବୀ ନିମନ୍ତେ ଖୋର୍ଦ୍ଧା ଜିଲାର ପ୍ରତିନିଧି ବିକାଶ ପ୍ରଧାନ, ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାନ ଓ ସୁନ୍ଦରଗଡ଼ ଜିଲାର ପ୍ରତିନିଧି ପ୍ରଭାତ କୁମାର ଭୋଳ, ଉପସଭାପତି ପଦବୀ ନିମନ୍ତେ ଅନୁଗୋଳ ଜିଲାର ପ୍ରତିନିଧି ଅକ୍ଷୟ କୁମାର ସାମନ୍ତ, ଆପେକ୍ସ କାଉନସିଲ ପଦବୀ ନିମନ୍ତେ କେନ୍ଦ୍ରାପଡ଼ା ଜିଲାର ପ୍ରତିନିଧି ଶୁଭାଶିଷ ସେନାପତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କ୍ଲବଗୁଡ଼ିକୁ ଏକାଠି କରି ନିର୍ବାଚନକୁ ଓହ୍ଲାଇଥିବା ବିପକ୍ଷ ଗୋଷ୍ଠୀ ପକ୍ଷରୁ ୬ଟି ପଦବୀ ନିମନ୍ତେ ୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୟୁନିୟନ ସ୍ପୋର୍ଟିଂ କ୍ଲବର ପ୍ରତିନିଧି ପ୍ରଦୀପ ଚୌହାନ ସଭାପତି, ମଙ୍ଗଳା କ୍ଲବର ପ୍ରତିନିଧି ନବରଞ୍ଜନ ପଟ୍ଟନାୟକ ସମ୍ପାଦକ, ସୋନପୁର ଜିଲାର ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ ଉପସଭାପତି, ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନ ଯୁଗ୍ମ ସମ୍ପାଦକ ଓ ଜଗତ୍‌ସିଂହପୁର ଜିଲାର ପ୍ରତିନିଧି ଅନିଲ କୁମାର ବିଶ୍ୱାଳ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏମାନେ ଅପରାହ୍ଣ ପ୍ରାୟ ୪ଟା ସମୟରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ଷ୍ଟାଡିୟମ ପରିସରରେ ପହଞ୍ଚିଥିଲେ। ଓସିଏର ଦୁଇ ମୁଖ୍ୟ ପଦବୀ ସଭାପତି ପଦବୀ ନିମନ୍ତେ ଆଶାୟୀ ପଙ୍କଜ ଲୋଚନ ମହାନ୍ତି ଓ ପ୍ରଦୀପ ଚୌହାନ ରହିଥିବା ବେଳେ ସମ୍ପାଦକ ପଦବୀ ପାଇଁ ସଞ୍ଜୟ ବେହେରା ଓ ନବରଞ୍ଜନ ପଟ୍ଟନାୟକ ସାମ୍ନାସାମ୍ନି ହେବେ।



ସଞ୍ଜୟ ବେହେରା



ପଙ୍କଜ ଲୋଚନ ମହାନ୍ତି




ନବରଞ୍ଜନ ପଟ୍ଟନାୟକ



ପ୍ରଦୀପ ଚୌହାନ

## ୬ ପଦବୀ ପାଇଁ ୧୨ ଆବେଦନ
## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରନ୍ତି ଶୁଭାଶିଷ




### ଆକଳନରେ ଅଟକିଛି ଅଙ୍କକଷା

କେବଳ ଆକଳନ ଚାଲିଛି। କେଉଁ ଗୋଷ୍ଠୀର ପଲା ଭାରି ରହିଛି ତାହାକୁ ନେଇ ଦିନକୁ ଦିନ ନୂଆ କଥା ଶୁଣିବାକୁ ମିଳୁଛି। ସ୍କୁଲ, କଲେଜ ଭୋଟ ଉଭୟ ଗୋଷ୍ଠୀ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଥିଲେ ସୁଦ୍ଧା ଏବେବି ଜିଲା ଓ କ୍ଲବର ଭୋଟଗୁଡ଼ିକ କୌଣସି ଗୋଷ୍ଠୀ ପାଇଁ ସ୍ପଷ୍ଟ ହେଉନି। ମିଳିଥିବା ଖବର ଅନୁଯାୟୀ, ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶା ଜିଲାର ଭୋଟଗୁଡ଼ିକ ଏବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।


୧୧ତମ ଜନ୍ମଦିନ ଶୁଭେଚ୍ଛା



ଜିଶକ୍ତି ସ୍ୱରୂପ
ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ପିତାବଳୀଙ୍କ କୃପାରୁ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
ଶୁଭେଚ୍ଛା ସହ:
ଜେଜେବାପା, ଜେଜେମା', ବାପା, ବୋଉ, ବଡବାପା, ବଡବୋଉ, ଦାଦା, ନାନୀ, ମାମୁ, ଅପା, ଭାଇ ଓ ପ୍ରେରିତ
ଧ-୧୪୪୨୭

ଜନ୍ମଦିନ ଶୁଭେଚ୍ଛା



ସୁଚିତ୍ରା ରାଏ (ପ୍ରିତୀ)
ଖଣ୍ଡାୟତ ସାହି, ଶିଶୁପାଳଗଡ଼
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ରାଏ ପରିବାର
ଧ-୧୪୪୨୮


### କୋହଲି ରହିବେ ଆରସିବି ଅଧିନାୟକ

ବେଙ୍ଗାଲୁରୁ,୨୦୧୯: ବିରାଟ କୋହଲିଙ୍କ ନେତୃତ୍ୱରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଥରେ ହେଲେ ଆଇପିଏଲ ଟ୍ରଫି ହାସଲ କରିପାରିନାହିଁ। ହେଲେ ଫ୍ରାଞ୍ଚାଇଜ ଦଳର ନେତୃତ୍ୱରେ କୌଣସି ପରିବର୍ତ୍ତନ କରିବାକୁ ଇଚ୍ଛୁକ ନୁହେଁ। ଗୁରୁବାର ଆରସିବି ତା'ର ନୂଆ ସପୋର୍ଟ ଷ୍ଟାଫ ଘୋଷଣା କରିଛି। ଦଳର ନୂଆ ଡିରେକ୍ଟର ମାଇକ ହେସନ ଅଧିନାୟକତ୍ୱରେ ପରିବର୍ତ୍ତନ ହେବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ପ୍ରଥମ ଭାରତୀୟ ଭାବେ ଫାଇନାଲରେ ପଙ୍ଘାଲ

**ଏକାଟେରିନବର୍ଗ(ରୁଷିଆ), ୨୦୧୯(ପିଟି)**

ଏସିଆନ ଚାମ୍ପିୟନ ଅମିତ ପଙ୍ଘାଲ (୫୨ କିଗ୍ରା) ଶୁକ୍ରବାର ପ୍ରଥମ ଭାରତୀୟ ବକ୍ସର ଭାବେ ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ ଫାଇନାଲରେ ପ୍ରବେଶ କରିଛନ୍ତି। ହରିୟାଣାର ଯୁବ ବକ୍ସର ଅମିତ୍ ସେମିଫାଇନାଲରେ କାଜାଖସ୍ତାନର ସାକେନ ବିବୋସିନୋଭଙ୍କୁ ହରାଇ ଦେଇଛନ୍ତି। ଦ୍ୱିତୀୟ ସିଡ୍ ପଙ୍ଘାଲ ୩-୨ ବ୍ୟବଧାନରେ ମ୍ୟାଚ୍‌କୁ ଜିତି ନେଇଛନ୍ତି। ସେ ଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଉଜବେକିସ୍ତାନର ଶାଖୋବିଦିନ ଜୋଇରୋଭଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ଜୋଇରୋଭ ଫ୍ରାନ୍ସର ବିଲାଲ ବେନ୍ନାମାଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟତମ ଭାରତୀୟ ବକ୍ସର ମନୀଷ କୌଶିକ (୬୩ କିଗ୍ରା)ଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ମନୀଷ ସେମିଫାଇନାଲରେ ୦-୫ରେ ଏକପାଖିଆ ଭାବେ କ୍ୟୁବାର ଆଣ୍ଡି ଗୋମେଜ କ୍ରୁଜଙ୍କ ନିକଟରୁ ହାରି ଫାଇନାଲରେ ପ୍ରବେଶ କରିବାରୁ ବଞ୍ଚିତ ହୋଇଛନ୍ତି।

୨୩ ବର୍ଷୀୟ ପଙ୍ଘାଲଙ୍କ ଅଭିଯାନ ୨୦୧୭ରୁ ଏସିଆନ୍ ଚାମ୍ପିୟନଶିପରୁ ଆରମ୍ଭ ହୋଇଛି। ସେହିବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରି ସେ କ୍ୱାର୍ଟର ଫାଇନଲରେ ପ୍ରବେଶ କରିଥିଲେ। ଏହାପରେ ସମ୍ମାନଜନକ ଷ୍ଟ୍ରାଣ୍ଡଜା ସ୍ମାରକୀ ଟୁର୍ନାମେଣ୍ଟ (ବୁଲଗେରିଆ) ଓ ପରେ ୨୦୧୮ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅଲିମ୍ପିକ୍ସ ବକ୍ସିଂ ଇଭେଣ୍ଟର ବିଭିନ୍ନ ଓଜନ ବର୍ଗରୁ ୪୯ କେଜି ବର୍ଗ ବାଦ୍ ପଡ଼ିବା ପରେ ସେ ୫୨ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଥିଲେ। ଚଳିତବର୍ଷ ସେ ନୂଆ ଓଜନ ବର୍ଗରେ ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ଜିତି ସାରିଛନ୍ତି। ଉଲ୍ଲେଖଥାଉ କି, ବିଶ୍ୱ ଚାମ୍ପିୟନଶିପ୍‌ର କୌଣସି ସଂସ୍କରଣରେ ଭାରତ ଗୋଟିଏ ବ୍ରୋଞ୍ଜ ପଦକରୁ ଅଧିକ ଜିତି ପାରିନାହିଁ। ଚଳିତ ସଂସ୍କରଣରେ କିନ୍ତୁ ୨ ପଦକ ଜିତିବା ଏକପ୍ରକାର ସୁନିଶ୍ଚିତ ହୋଇସାରିଛି। ଫାଇନାଲରେ ପ୍ରବେଶ କରି ପଙ୍ଘାଲ ଇତିହାସ ରଚିଛନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ପାଇଁ କଠିନ ପ୍ରୟାସ କରିବି ବୋଲି ପଙ୍ଘାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏଥିପୂର୍ବରୁ ବିଜେନ୍ଦର ସିଂ (୨୦୦୯), ବିକାଶ କ୍ରିଷ୍ଣନ (୨୦୧୧), ଶିବ ଥାପ୍ପା (୨୦୧୫) ଓ ଗୌରବ ବିଧୁରୀ (୨୦୧୭) ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ।



ଅମିତ ପଙ୍ଘାଲ

## ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍

# ବଜରଙ୍ଗ, ଦାହିୟାଙ୍କୁ ବ୍ରୋଞ୍ଜ



**ନୁର୍-ସୁଲତାନ, ୨୦୧୯ (ପି.ଟି.)**

ବିବାଦୀୟ ଭାବେ ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ରୁ ସେମିଫାଇନାଲରୁ ହାରିଯାଇଥିବା ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ (୬୫ କିଗ୍ରା) ଓ ରବି ଦାହିୟା (୫୭ କିଗ୍ରା) ବ୍ରୋଞ୍ଜ ପଦକ ଜିତିଛନ୍ତି। ଶୁକ୍ରବାର ଏଠାରେ ଅନୁଷ୍ଠିତ ବ୍ରୋଞ୍ଜ ପଦକ ମୁକାବିଲାରେ ୨୫ ବର୍ଷୀୟ ବଜରଙ୍ଗ ୮-୭ରେ ମଙ୍ଗୋଲିଆର ତୁଲ୍‌ଗା ତୁମୁର ଓଚ୍‌ରିଙ୍କ ପରାସ୍ତ କରିଛନ୍ତି। ସେହିଭଳି ରବି ଏସିଆନ ଚାମ୍ପିୟନ ଇରାନର ରେଜା ଆତ୍ରି ନାଗାର୍ଚିଙ୍କୁ ୬-୩ରେ ହରାଇ ଦେଇଛନ୍ତି।

ଏଥିସହ ବିଶ୍ୱ ଚାମ୍ପିୟନଶିପରେ ବଜରଙ୍ଗ ନିଜର ୩ୟ ପଦକ ହାସଲ କରିଛନ୍ତି। ଏହି ମୁକାବିଲା ପ୍ରାରମ୍ଭରୁ ବଜରଙ୍ଗଙ୍କ ଉପରେ ତୁମୁର ପ୍ରଭାବ ବିସ୍ତାର କରି ଖେଳିଥିଲେ। ବଜରଙ୍ଗଙ୍କୁ ମ୍ୟାଟ୍ ବାହାରକୁ ପକାଇ ଦେବା ସହ ଆର୍ମ ଲକ୍ ଦ୍ୱାରା ୬-୦ରେ ଏକପାଖିଆ ଭାବେ ଅଗ୍ରଣୀ ନେଇଥିଲେ। ତେବେ ଏହାପରେ ସଫଳତା ସହ ପ୍ରତ୍ୟାବର୍ତ୍ତନ କରି ଏହି ହରିୟାଣା କୁସ୍ତିଯୋଦ୍ଧା ୮-୭ରେ ବିଜୟୀ ହୋଇଥିଲେ। ଏଥିପୂର୍ବରୁ ବଜରଙ୍ଗ ଗତବର୍ଷ ଏହି ପ୍ରତିଯୋଗିତାରେ ରୌପ୍ୟ ଓ ୨୦୧୩ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିଲେ। ସିଜନର ଏହା ପ୍ରଥମ ପ୍ରତିଯୋଗିତା ହୋଇଥିବାବେଳେ ବଜରଙ୍ଗ ଫାଇନାଲକୁ ପ୍ରବେଶ କରି ନ ଥିଲେ ମଧ୍ୟ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ, ସେମିଫାଇନାଲରେ ୨୫ ବର୍ଷୀୟ ବଜରଙ୍ଗଙ୍କୁ ବିବାଦୀୟ ପରିସ୍ଥିତିରେ ପରାଜୟ ବରଣ କରିବାକୁ ପଡ଼ିଥିଲା। ସେମିଫାଇନାଲରେ ତାଙ୍କ ମୁକାବିଲା ଘରୋଇ ରେସ୍‌ଲର ଦଉଲେଟ୍ ନିୟାଜବେକୋଭଙ୍କ ସହ ହୋଇଥିଲା। ଉଭୟ ରେସ୍‌ଲର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ସମାନ ୯-୯ ପଏଣ୍ଟ ସ୍କୋର କରିଥିଲେ। ନିୟାଜବେକୋଭଙ୍କୁ ବାଉଟ୍‌ର ଏକ ଥ୍ରୋ'ରେ ଏକାଥରକେ ୪ ପଏଣ୍ଟ ମିଳିଥିବାରୁ ଶେଷରେ ତାଙ୍କୁ ରେଫରି ବିଜୟୀ ଘୋଷିତ କରିଥିଲେ।

# ଅଂଶୁ ଚାମ୍ପିୟନ, ପୁରୁ ରନର୍ସଅପ୍



ଟ୍ରଫି ସହ ଅତିଥିଙ୍କ ଗହଣରେ ଅଂଶୁ କୁମାର ଭୂୟାଁ ଓ ପୁରୁ ଉପାଧ୍ୟାୟ।

**ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)**

## ଏଆଇଟିଏ-ଓଟିଏ ଟେନିସ

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଏଆଇଟିଏ-ଓଟିଏ ପୁରୁଷ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ସିଙ୍ଗଲ୍ସ ବିଭାଗରେ ସର୍ବଭାରତୀୟ ର୍‍ୟାଙ୍କ୍‌ର ୩୨ତମ ସ୍ଥାନରେ ଥିବା ଟପ୍ ସିଡ୍ ଅଂଶୁକୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶାର ଅଂଶୁ ଫାଇନାଲରେ ସର୍ବଭାରତୀୟ ର୍‍ୟାଙ୍କ୍‌ର ୧୩୬ତମ ସ୍ଥାନରେ ଥିବା ୩ୟ ସିଡ୍ ଗୁଜରାଟର ପୁରୁ ଉପାଧ୍ୟାୟଙ୍କୁ ସିଧାସଳଖ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ତାମିଲନାଡୁ, ତେଲେଙ୍ଗାନା, ମହାରାଷ୍ଟ୍ର, ଛତିଶଗଡ଼, ମଧ୍ୟପ୍ରଦେଶ, ଗୁଜରାଟ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ଆୟୋଜକ ଓଡ଼ିଶାରୁ ମୋଟ ୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୦ ଓ ୧୫ ର୍‍ୟାଙ୍କିଙ୍ଗ୍ ଏଆଇଟିଏ ପଏଣ୍ଟ ହାସଲ କରିଛନ୍ତି। ପୁରସ୍କାର ଆକାରରେ ଅଂଶୁଙ୍କୁ ୧୨,୪୦୦ ଓ ପୁରୁଙ୍କୁ ୮,୪୦୦ଟଙ୍କା ପ୍ରଦାନ କରାଯାଇଛି। ଜେଟ୍ ଏୟାରୱେଜ୍‌ର ପୂର୍ବତନ ଉପସଭାପତି ପି.କେ. ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ, ରେଫରି ଯତୀନ ବୈଶ୍ୟ, ଗୁରୁକୁଳ ରିସର୍ଟ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ, ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ରାଭିଡ଼୍‌ଙ୍କ ସହ ସମୟ ବିତାଇଲା ଟିମ୍ ଇଣ୍ଡିଆ

**ବେଙ୍ଗାଲୁରୁ,୨୦୧୯**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ସିରିଜ୍‌ର ଅନ୍ତିମ ତଥା ୩ୟ ମ୍ୟାଚ୍ ଖେଳାଯିବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଅପଶନାଲ ଟ୍ରେନିଂ ସେସନରେ ଯୋଗ ଦେଇଥିଲା। ଭାରତୀୟ ଦଳର ଖେଳାଳିଙ୍କ ଟ୍ରେନିଂ ଉପରେ କଡ଼ା ନଜର ରଖିଥିଲେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ। ଏହି ଅବସରରେ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ ପୂର୍ବତନ ଭାରତୀୟ ଅଧିନାୟକ ତଥା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ରାହୁଲ ଦ୍ରାଭିଡ। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଟିମ୍ ଇଣ୍ଡିଆର ସଦସ୍ୟଙ୍କୁ ଭେଟିଥିଲେ। ବିସିସିଆଇ ଏହାକୁ ନେଇ ଏକ ଫଟୋ ପୋଷ୍ଟ କରିଛି, ଯେଉଁଥିରେ ଦ୍ରାଭିଡ ଓ ଶାସ୍ତ୍ରୀ ପରସ୍ପରକୁ ଭେଟୁଛନ୍ତି। ଏହାର କ୍ୟାପଶନରେ ବିସିସିଆଇ ଲେଖିଛି, ଭାରତୀୟ କ୍ରିକେଟର ଦୁଇ କିମ୍ବଦନ୍ତୀ। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ମୋହାଲିଠାରେ ଅନୁଷ୍ଠିତ ମ୍ୟାଚ୍‌କୁ ଭାରତୀୟ ଦଳ ୭ ଉଇକେଟ ଜିତିନେଇଥିଲା। ଭାରତୀୟ ଦଳ ୩ୟ ଟି୨୦ ଜିତି ସିରିଜ୍ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି।



କୋଚ୍ ରବି ଶାସ୍ତ୍ରୀଙ୍କ ସହ ରାହୁଲ ଦ୍ରାଭିଡ।

# ଜାପାନ କରାଟେ ସୋତୋକାଇ ଟ୍ରେନିଂ ସେମିନାର



ଜାପାନ କରାଟେ ସୋତୋକାଇର ଟ୍ରେନିଂ ସେମିନାରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୨୦୧୯(କ୍ରୀଡ଼ା ପ୍ରତିନିଧି)**


ଜାପାନ କରାଟେ ସୋତୋକାଇର ଟ୍ରେନିଂ ସେମିନାର ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲରେ ଅନୁଷ୍ଠିତ ହୋଇ ଯାଇଛି। ଓକିନାୱା କରାଟେ ସ୍କୁଲ ପକ୍ଷରୁ ଆୟୋଜିତ ଏହି ସେମିନାରକୁ ଓଡ଼ିଶା ମୁଖ୍ୟ ସେନ୍‌ସେଇ ସୌମ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ। ତାଙ୍କୁ ଜ୍ଞାନରଞ୍ଜନ ନନ୍ଦ ସହଯୋଗ କରିଥିବାବେଳେ ଟ୍ରେନିଂ ପ୍ରୋଗ୍ରାମରେ ୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଟ୍ରେନିଂ ସେସନ ପରେ ପ୍ରଦର୍ଶନ ଭିତ୍ତିରେ ପିଲାମାନଙ୍କୁ ବେଲ୍ଟ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍କୁଲର ସମ୍ପାଦକ ବସନ୍ତ କୁମାର ତ୍ରିପାଠୀ, ପ୍ରିନ୍ସିପାଲ ଜି. ରାମ କିଶୋର, ଭାଇସ୍ ପ୍ରିନ୍ସିପାଲ ବିଜୟ ନାୟକ, ସୋନାଲି ସିଂ ଓ ମିନତି ରଥ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# କ୍ରିକେଟ ରେସ୍ତୋରାଁ ଉଦ୍‌ଘାଟନ କଲେ ଗାଙ୍ଗୁଲି

**କୋଲକାତା,୨୦୧୯(ପିଟି)**

ଏଠାରେ କ୍ରିକେଟ ଉପରେ ଆଧାରିତ ରେସ୍ତୋରାଁକୁ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ରେସ୍ତୋରାଁରେ ରହିଛି ଭାରତୀୟ କ୍ରିକେଟର ୧୦୦ରୁ ଅଧିକ ସ୍ମାରକୀ। ମୁଁ ଶ୍ରୀଲଙ୍କା, ଇଂଲଣ୍ଡ ଭଳି ଦେଶରେ କ୍ରିକେଟ ଉପରେ ଆଧାରିତ ରେସ୍ତୋରାଁ ଦେଖିଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ବହୁ ସ୍ମରଣୀୟ ମୁହୂର୍ତ୍ତ ରହିଛି। କ୍ରିକେଟ ଫ୍ୟାନମାନଙ୍କ ପାଇଁ ଏହା ଉପଯୋଗୀ ରେସ୍ତୋରାଁ ବୋଲି ଗାଙ୍ଗୁଲି କହିଛନ୍ତି। ରେସ୍ତୋରାଁରେ ସ୍ଥାନ ପାଇଥିବା ସ୍ମାରକୀରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକର, ବିରାଟ କୋହଲି, ମହେନ୍ଦ୍ର ସିଂ ଧୋନୀ, ଶାହିଦ ଆଫ୍ରିଦୀ, କ୍ରିସ ଗେଲ, ଡେଭିଡ ୱାର୍ନରଙ୍କ ଭଳି ବହୁ କ୍ରିକେଟରଙ୍କ ହସ୍ତାକ୍ଷର ରହିଛି। ବିଭିନ୍ନ ଆଇପିଏଲ ଫ୍ରାଞ୍ଚାଇଜରେ କାର୍ଯ୍ୟ କରିଥିବା ମୋଇନ ବିନ ମକସୁଦ ଏହି ସବୁ ସ୍ମାରକୀକୁ ସଂଗ୍ରହ କରିଛନ୍ତି। ଏହି ରେସ୍ତୋରାଁରେ ପାରମ୍ପରିକ ତନ୍ଦୁର, ଇଣ୍ଡିଆନ ଓ ଚାଇନିଜ ଫୁଡ୍ ମିଳିବ।


ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ



୰ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ଏଗାରଦିନ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି।
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍କାପଟତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି।
ଶୋକସନ୍ତପ୍ତ : ରାନୁ (ପତ୍ନୀ), ମିଟୁ, ଗଣ୍ଡୁ (ପୁତୁରା), ମାମୁନି (ଝିଅ), ବବ୍‌ଲୁ (ନାତି), କୁଟୁଲି (ନାତୁଣୀ), ନୂଆବୋଉ, ଭଉଣୀମାନେ, ବବି, ବୁଲି (ପୁତୁରା ବୋହୂ) ଓ ଆତ୍ମୀୟସ୍ୱଜନ
ଧ-୧୪୪୨୫

# ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ଶନିବାର, ସେପ୍ଟେମ୍ବର ୨୧/୨୦୧୯ | Berhampur, Saturday, September 21/ 2019


## ସଂକ୍ଷେପରେ

### ପ୍ରେମ ବିବାହ ପରେ ପ୍ରତାରଣା ସ୍ୱାମୀଙ୍କ ଘର ଆଗରେ ସ୍ତ୍ରୀଙ୍କ ଧାରଣା

ଗଞ୍ଜାମ,୨୦।୯(ଡି.ଏନ.ଏ.)–ଦୁଇଟି ମନର ମିଳନରୁ ସୃଷ୍ଟି ହୁଏ ପ୍ରେମ। ତା ପରେ ହୁଏ ବିବାହ । ସାରା ଜୀବନ ସାଥୀ ହୋଇ ରହିବା ପାଇଁ ଅଗ୍ନିକୁ ସାକ୍ଷୀ ରଖି ଉଭୟ ଶପଥ ନେଇଥାନ୍ତି। ପବିତ୍ର ବନ୍ଧନରେ ବାନ୍ଧି ହେବା ପରେ ବେଳେ ବେଳେ ସେହି ସମ୍ପର୍କରେ ଫାଟ ସୃଷ୍ଟି ହୋଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦ ହେବାର ଦୃଷ୍ଟାନ୍ତ ରହିଛି । ଏହିଭଳି ଏକ ଘଟଣା ରମ୍ଭା ଥାନା ଅଞ୍ଚଳରେ ଘଟିଥିବା ଦେଖିବାକୁ ମିଳିଛି ।
ସୂଚନାନୁଯାୟୀ, ରମ୍ଭା କଲେଜ ଛକ ଅଞ୍ଚଳର ଜଣେ ଯୁବତୀ ସେହି ଗ୍ରାମର ଜଣେ ପୁଅକୁ ଭଲ ପାଇଥିଲେ । ପରବର୍ତ୍ତୀ ସମୟରେ ଗ୍ରାମ ଭଦ୍ରବ୍ୟକ୍ତି ଏବଂ ରମ୍ଭା ପୋଲିସ ଉପସ୍ଥିତିରେ ବୀରେନ୍ଦ୍ର ଦାସଙ୍କ ସହ ଗତ ମେ ମାସରେ ଉକ୍ତ ଯୁବତୀଙ୍କର ବିବାହ ହୋଇଥିଲା। ସେହିଦିନଠାରୁ କିଛି ଦିନ ଉଭୟେ ଏକ ଭଡ଼ା ଘରେ ରହି ଆସୁଥିଲେ । ପରେ ପୁଅ ଘର ପକ୍ଷରୁ ଉଭୟଙ୍କୁ ଘରକୁ ଡ଼ାକି ଆଣିଥିଲେ। ଘରକୁ ଆସିବା ପରେ ଆରମ୍ଭ ହୋଇଯାଇଥିଲା ନିର୍ଯାତନା। ଏନେଇ ଯୁବତୀ ଜଣକ ଜୁଲାଇ ମାସରେ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିବା ସହ ଶ୍ୱଶୁର ଘରୁ ପଳାଇ ଆସିଥିଲେ । ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଯୁବତୀ ଜଣକ ବାଧହୋଇ ଶୁକ୍ରବାର ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଥିବା ଜଣାପଡ଼ିଛି। ଫଳରେ ଶାଶୁଘର ଲୋକ ଉକ୍ତ ଯୁବତୀଙ୍କୁ ମାରଧର କରୁଥିବା ଖବର ହସ୍ତଗତ ହୋଇଛି । ଖବର ଲେଖା ହେବା ସୁଦ୍ଧା ଘଟଣା ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ପାତ୍ରପୁର,୨୦।୯ (ଡି.ଏନ୍.ଏ.)– ଜରଡ଼ା ଥାନା ପାତ୍ରପୁର ବ୍ଲକ ଖରଣୀପଡ଼ା ଗ୍ରାମର ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନିଲ ବେହେରା (୩୦)। ଅନିଲ ପାତ୍ରପୁର ଗ୍ରାମରେ ଦୋକାନ କରି ଅଟୋ ମରାମତି କରନ୍ତି। ବର୍ଷା ହେବାରୁ ଦୋକାନରେ ପାଣି ପଶି ଯାଇଥିଲା। ଦୋକାନରୁ ପାଣି ବାହାର କରିବା ପାଇଁ ସେ ମୋଟର ଲାଗାଇଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା। ଜରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ରୁପା ବ୍ୟବସାୟୀଙ୍କ ବ୍ୟାଗ ଲୁଟ୍

କୋଦଳା,୨୦।୯(ଡି.ଏନ.ଏ.)–ଗଞ୍ଜାମ ଜିଲା କୋଦଳା ମେଡିକାଲ ଛକ ନିକଟରୁ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧.୩୦ମିରେ ରେନ୍‌କୋଟ୍ ଓ ହେଲମେଟ୍ ପିନ୍ଧିଥିବା ଦୁଇଜଣ ଲୁଟେରା ଏକ ନମ୍ବର ବିହୀନ ଧଳା ରଙ୍ଗର ବାଇକ୍‌ରେ ଆସି ଜଣେ ବୁଲା ବ୍ୟବସାୟୀଙ୍କ ରୁପା ଭର୍ତ୍ତି ବ୍ୟାଗ ଲୁଟି ନେଇଥିଲେ। ସ୍ଥାନୀୟ ଖରୁଡ଼ା ସାହିର ରୁପା ବ୍ୟବସାୟୀ ଆଦିକନ୍ଦ ମହାପାତ୍ର ସବୁଦିନ ଭଳି ରୁପା ଓ ସୁନା ନିର୍ମିତ ସାମଗ୍ରୀ ବିକ୍ରି କରିବା ପାଇଁ ସାଇକେଲରେ ବାହାରି ସ୍ଥାନୀୟ ମେଡିକାଲ ଛକ ପଣ୍ଡା ସାହିରେ ପହଞ୍ଚିଥିଲେ। ସେଠାରେ ଜଣେ ଗ୍ରାହକଙ୍କୁ କେତେକ ସାମଗ୍ରୀ ଦେଖାଇବାକୁ ବ୍ୟାଗ ବାହାର କରିବା ବେଳେ ବଜାର ପଟରୁ ଲୁଟେରା ଦୁହେଁ ଦ୍ରୁତ ଗତିରେ ଆସି ବ୍ୟାଗଟିକୁ ଛଡ଼ାଇ ସିଂହାସନି ଯିବା ରାସ୍ତାରେ ପଳାଇ ଯାଇଥିଲେ । ଘଟଣାସ୍ଥଳରେ ପାଟି ଶୁଣି ଦୁଇଜଣ ଯୁବକ ତାଙ୍କ ପିଛା କରି ବାଘୁଆ ପାହାଡ଼ ନିକଟରେ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଲୁଟେରାମାନେ ମାଉଜର ଦେଖାଇ ମାରିଦେବାକୁ ଧମକ ଦେଇ ସେଠାରୁ ଚମ୍ପଟ ମାରିଥିଲେ । ଏନେଇ ଥାନାଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ସମସ୍ତ ଥାନାକୁ ଖବର ଦେଇ ସ୍ୱତନ୍ତ୍ର ଟିମ୍ ଗଠନ କରି ଖୋଜାଖୋଜି ଚାଲିଛି । ଥାନାରେ କୌଣସି ଏତଲା ଦିଆଯାଇ ନାହିଁ ବୋଲି ସେ କହିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୀକ୍ଷା ବୈଠକ
# ଶିକ୍ଷାର ମାନ ବୃଦ୍ଧି ଉପରେ ଗୁରୁତ୍ୱ

**ଛତ୍ରପୁର,୨୦।୯(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଡିକରେ ଥିବା ଅସୁବିଧା ଓ ସମସ୍ୟା ଦୂର ପାଇଁ ଏକ ସମୀକ୍ଷା ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ଜିଲାରେ ୨୨ ଓଡିଶା ଆଦର୍ଶ ବିଦ୍ୟାଳୟ ଚାଲିଛି। ସେଥିରୁ ୭ଟିରେ ହଷ୍ଟେଲ କାର୍ଯ୍ୟକ୍ଷମ ଅଛି । ଆଉ ୫ ବିଦ୍ୟାଳୟରେ ହଷ୍ଟେଲ ଖୋଲିବା ଯୋଜନା ରହିଛି । ଆଦର୍ଶ ବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି, ଚାରାରୋପଣ, ପରିମଳ ଓ ପରିବେଶ ସଫା ରଖିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ଆଦର୍ଶ ବିଦ୍ୟାଳୟଗୁଡିକୁ ଯାଇ କ'ଣ ସବୁ ଅସୁବିଧା ଅଛି, ତାହାର ସମାଧାନ କରିବାକୁ ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ସାଉଥକୋ ବିଭାଗୀୟ

### କେଜିଭିବି ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିର୍ଦ୍ଦେଶ


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

ଯନ୍ତ୍ରୀଙ୍କୁ ବୈଠକରେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡିଲେ ସ୍ଥାନୀୟ ବିଡିଓଙ୍କ ସହ ଯୋଗାଯୋଗ କରି ବିଭିନ୍ନ ସମସ୍ୟା ସୁଧାରିବାକୁ ଆଦର୍ଶ ବିଦ୍ୟାଳୟ ଅଧକ୍ଷମାନଙ୍କୁ କୁହାଯାଇ ଥିଲା। ୨୦୧୮–୧୯ ଦଶମ ସିବିଏସଇ ପରୀକ୍ଷାରେ ଓଡିଶା ଆଦର୍ଶ ବିଦ୍ୟାଳୟର ୯୪.୩୪ ପ୍ରତିଶତ ଛାତ୍ରୀଛାତ୍ର ପାଶ କରିଥିବା ସୂଚନା ଦିଆଯାଇଥିଲା । ଆଦର୍ଶ ବିଦ୍ୟାଳୟଗୁଡିକରେ ୧୩୨ଟି ବିଭିନ୍ନ ପଦବୀ ଖାଲି ପଡିଛି। ଜିଲାରେ ୧୭ଟି କେଜିଭିବି (କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ) ରହିଛି । ସେଥିରେ ଥିବା ଛାତ୍ରୀଙ୍କ ମାସିକ ସ୍ୱାସ୍ଥ୍ୟ ଚିକିତ୍ସା କରାଇବାକୁ ସିଡିଏମଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଛାତ୍ରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତାତ୍ରୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ବିନୀତା ସେନାପତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପାଣିଗ୍ରାହୀ ଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ, ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଚୋରା ମଦ ଜବତ
# ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ


ଜବତ ମଦ ଓ ଗିରଫ ୨ ଅଭିଯୁକ୍ତ।

**ଦିଗପହଣ୍ଡି/ପାଟପୁର, ୨୦।୯(ଡି.ଏନ.ଏ.)**

ଦିଗପହଣ୍ଡି ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଗଜପତି ଜିଲା ଆର୍.ଉଦୟଗିରି ଥାନା ସାନସୋଡା ଗ୍ରାମର ରାଜେଶ ଶବର ଏବଂ ପାଟପୁର ଥାନା ପୋଡାମରି ଗ୍ରାମ ଦଳିତ ସାହିର ହେମନ୍ତ ନାୟକଙ୍କୁ ମାମଲା ନଂ.୩୦/୨୦ ରେ ସାନଖେମୁଣ୍ଡି ଗ୍ରାମ ନ୍ୟାୟାଳୟ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ରାତି ପ୍ରାୟ ୯ ଟାରେ ପାଟପୁର ଥାନା ପୋଡାମାରୀ ମହାରାଜା ଢାବା ସମ୍ମୁଖରେ ଦିଗପହଣ୍ଡି ଅବକାରୀ ବିଭାଗ ଓ ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ପକ୍ଷରୁ ଚଢ଼ାଉ କରାଯାଇ ୫୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଥିଲା। ଅଭିଯୁକ୍ତ ଦ୍ୱୟ ବାଇକ (ନଂ ଓଆର୦୭ ଜେଡ୪୫୬୬) ଯୋଗେ ପାଟପୁର ଥାନା ଟି. ଗୋବିନ୍ଦପୁରରୁ ୫ ପ୍ଲାଷ୍ଟିକ ବ୍ୟାରେଲରେ ଚୋରା ଦେଶୀ ମଦ ଧରି ଆସୁଥିବା ସମୟରେ ଅବକାରୀ କର୍ମଚାରୀଙ୍କ ହାତରେ ଧରା ପଡ଼ିଥିଲେ। ଏହି ଧରପଗଡରେ ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଙ୍ଗ ଇନ୍ସପେକ୍ଟର ରୋଷନ ଇସୁହାସଦା, ଚିକିଟି ଅବକାରୀ ଇନ୍ସପେକ୍ଟର ଲକ୍ଷ୍ମଣ ଷଡ଼ଙ୍ଗୀ, ଦିଗପହଣ୍ଡି ଏସ୍ଆଇ ଅଭିରାମ ସାହୁ, ଏଏସ୍ଆଇ ରବୀନ୍ଦ୍ର ନାଥ ପାଢୀ, କନଷ୍ଟେବଳ ଶିଶିର ନାୟକ, ଗୋବିନ୍ଦ ବେହେରା ଓ ଡମ୍ବୁରୁ ବେହେରା ପ୍ରମୁଖ ସାମିଲ ଥିଲେ।

# ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଅଧିକ ଅର୍ଥ ଆଦାୟ


ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲୋକେ ଭିଡ଼ ଜମାଇଛନ୍ତି।

**ଚନ୍ଦ୍ରଗିରି,୨୦।୯(ଡି.ଏନ.ଏ.)**

ସେପ୍ଟେମ୍ବର ୧ରୁ ଦେଶରେ ସଂଶୋଧିତ ମୋଟରଯାନ ଆଇନ ଲାଗୁ ହୋଇଛି। ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିବାରୁ ଗାଡ଼ି ଚାଳକ ଓ ମାଲିକମାନେ ଡ୍ରାଇଭିଂ ଲାଇସେନ୍ସ, ଗାଡି କାଗଜପତ୍ର ଓ ପ୍ରଦୂଷଣ ପ୍ରମାଣପତ୍ର ଠିକ ରଖିବାକୁ ତତ୍ପର ହୋଇଛନ୍ତି। ତେବେ ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଅଧିକ ଜରିମାନା ଆଦାୟ ୩ ମାସ କୋହଳ କରିଛନ୍ତି। ଏବେ ଗଜପତି ଜିଲା ମୋହନା ଥାନା ଅଞ୍ଚଳରେ ପ୍ରଦୂଷଣ ପ୍ରମାଣପତ୍ର ଦେବା ପାଇଁ ଏକ ଗାଡି ଗାଁକୁ ଗାଁ ବୁଲୁଛି। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବିଭିନ୍ନ ଗାଡି ମାଲିଙ୍କଠାରୁ ଅଧିକ ଟଙ୍କା ଆଦାୟ କରାଯାଉଛି। ତେବେ ଶୀଘ୍ର ଓ ସୁବିଧାରେ ପ୍ରମାଣପତ୍ର ମିଳିଯାଉଥିବାରୁ ଏହାକୁ କେହି ବିରୋଧ କରୁ ନଥିବା ଦେଖାଯାଇଥିଲା।
ଶୁକ୍ରବାର ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ବାରିଆବନ୍ଧ ଖଳାରେ ପ୍ରଦୂଷଣ ପ୍ରମାଣପତ୍ର ଦେବା ପାଇଁ ଏକ କାର୍ (ନଂ.ଓଆର୦୭ଏକ୍ସ୦୦୨୭) ଆସି ରହିଥିଲା। ବିଭିନ୍ନ ଗାଡି ମାଲିକମାନେ ଉକ୍ତ କାର୍ ଆଗରେ ଭିଡ ଜମାଇଥିଲେ। ଗାଡ଼ିର ନମ୍ବର ପ୍ଲେଟକୁ ସ୍କାନିଂ କରି ପ୍ରମାଣପତ୍ର ପାଇଁ ରସିଦରେ ଉଲ୍ଲେଖ ଥିବା ମୂଲ୍ୟଠାରୁ ୪୦ରୁ ୫୦ ଟଙ୍କା ଲେଖାଏ ଅଧିକ ଆଦାୟ କରାଯାଉଥିଲା। ଏ ସମ୍ପର୍କରେ ପଚାରିଲେ, ଆମେ ବ୍ରହ୍ମପୁରୁ ଆସିଛୁ, ତେଣୁ ଗାଡ଼ି ଭଡା ବାବଦକୁ ଅଧିକ ଟଙ୍କା ନେଉଛୁ ବୋଲି ଉକ୍ତ କାର୍‌ରେ ଥିବା କର୍ମଚାରୀମାନେ କହିଥିଲେ। ପ୍ରଦୂଷଣ ପ୍ରମାଣପତ୍ର ପାଇଁ ବ୍ରହ୍ମପୁରକୁ ଗାଡି ନେଇ ଗଲେ ରସିଦ୍ ମୁତାବକ ଟଙ୍କା ନିଆଯିବ ବୋଲି କହିଥିଲେ। ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ କାର୍‌ଟି ସେଠାରେ ରହିଥିବା ଦେଖାଯାଇଥିଲା।

## ଗଞ୍ଜେଇ ଜବତ, ଜଣେ ଗିରଫ

**ଖଲ୍ଲିକୋଟ,୨୦।୯(ଡି.ଏନ.ଏ.)**

ଖଲ୍ଲିକୋଟ ଥାନା ୧୬ନଂ. ଜାତୀୟ ରାଜପଥ ଲଙ୍ଗଳେଶ୍ୱର ନିକଟରେ ଶୁକ୍ରବାର ସକାଳେ ପୋଲିସ ଏକ ଟ୍ରକରୁ ୨ କୁଇଣ୍ଟାଲ ୯୩ କେଜି ଗଞ୍ଜେଇ ବସ୍ତା ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଉତ୍ତର ପ୍ରଦେଶ ଅଞ୍ଚଳର ଟ୍ରକ ଡ୍ରାଇଭର ଅଜୟ କୁମାର ସିଂଙ୍କୁ ଗିରଫ କରାଯାଇଛି। ଆଉ ଜଣେ ସହଯୋଗୀ ଫେରାର୍ ଅଛନ୍ତି। ଏ ନେଇ ସ୍ଥାନୀୟ ଥାନା ଅବକାରୀ ନଂ. ୨୪୩/୧୯ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବେଧଡ଼କ ଗଞ୍ଜେଇ କାରବାର ଚାଲିଥିବା ଖବର ପାଇ ଖଲ୍ଲିକୋଟ ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ, ଏସ୍ଆଇ ସିଲୁ ଧଳ, ଭେଜିପୁଟ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ସଦଳବଳ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ସେଠାରେ ଏକ କଣ୍ଟେନର ଟ୍ରକ ସହ ସେଥିରେ ଥିବା ଗଞ୍ଜେଇ ଜବତ କରିଥିଲେ। ଅଜୟଙ୍କ କହିବାନୁଯାୟୀ ଏହି ଗଞ୍ଜେଇ ରମ୍ଭାରୁ ଖୋର୍ଦ୍ଧା ଚାଲାଣ ହେଉଥିଲା।

# ମଦଭାଟି ଖୋଲିବା ପ୍ରସ୍ତାବକୁ ମହିଳାଙ୍କ ବିରୋଧ

**ଆର.ଉଦୟଗିରି,୨୦।୯(ଡି.ଏନ.ଏ.)**

ଆର.ଉଦୟଗିରିରେ ମଦଭାଟି ଖୋଲିବା ପ୍ରସ୍ତାବକୁ ନେଇ ମହିଳା ମଣ୍ଡଳ ତରଫରୁ ବିରୋଧ କରାଯାଇଛି। ଆଦିବାସୀ ଅଧ୍ୟୁସିତ ଆର.ଉଦୟଗିରି ବ୍ଲକ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ପଛରେ ଥିବାବେଳେ ଲୋକଙ୍କ ଆର୍ଥିକ ସ୍ଥିତି ବି ସେଭଳି ସ୍ୱଚ୍ଛଳ ନୁହେଁ। ଏଭଳି ସ୍ଥିତିରେ ଆର.ଉଦୟଗିରି ଗ୍ରାମରେ ଏକ ଦେଶୀ ମଦଭାଟି ଖୋଲିବା ପ୍ରସ୍ତାବ ରହିଛି। ଏହା ଜାଣିବା ପରେ ଗ୍ରାମର ସମସ୍ତ ମହିଳା ମଣ୍ଡଳ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଠାର ଅଧିକାଂଶ ଲୋକ ଦିନ ମଜୁରିଆ। ଦିନତମାମ ପରିଶ୍ରମ କରି ଯାହା ପ୍ରାପ୍ୟ ପାଆନ୍ତି, ସେଥିରେ ପରିବାର ଚଳାନ୍ତି। ମଦଭାଟି ଖୋଲାଗଲେ ଏହାର କୁପ୍ରଭାବ ନିଶ୍ଚିତ ପଡ଼ିବ। ତେଣୁ ଏଠାରେ କୌଣସି ପରିସ୍ଥିତିରେ ବି ଭାଟି ନ ଖୋଲିବାକୁ ମହିଳା ଗୋଷ୍ଠୀ ଜିଦ୍ ଧରିଛନ୍ତି। ଏ ନେଇ ବ୍ଲକ, ତହସିଲ ପ୍ରଶାସନ ସହ ଥାନା ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି ମହିଳାମାନେ। ସୁସ୍ଥ ସମାଜ ଗଠନ, ନିଶା ନିବାରଣ, ଅନ୍ୟାୟ ଓ ଅତ୍ୟାଚାରକୁ ରୋକିବାକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ କେଉଁ ପରିସ୍ଥିତିରେ ଗ୍ରାମରେ ମଦ ଭାଟି ଖୋଲିବାକୁ ନିର୍ଦ୍ଦେଶ ଦିଆଗଲା ସେ ନେଇ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ଏହାକୁ ବାତିଲ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମହିଳା ଗୋଷ୍ଠୀ ଚେତାବନୀ ଦେଇଛନ୍ତି। ଏ ନେଇ ବ୍ଲକ ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ସ୍ମୃତିରଞ୍ଜନ ସତପଥି ଏବଂ ଥାନା ଅଧିକାରିଣୀ ମମତା ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଥାନା ଅଧିକାରିଣୀ ନାୟକ କହିଛନ୍ତି, ଭାଟି କରିବାକୁ ଅନୁମତି ପାଇଥିବା ବ୍ୟକ୍ତିଙ୍କୁ ଡାକିଛି, ସେ ଆସିବା ପରେ ଏହି ବିଷୟରେ ଆଲୋଚନା କରାଯିବ।

# ବନ୍ଧରେ ବୁଡ଼ି ଶିଶୁ ମୃତ

**ଖଲ୍ଲିକୋଟ,୨୦।୯(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ବଧିନୂଆପଲ୍ଲୀ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଦିଲୀପ ପ୍ରଧାନଙ୍କ ଦୁଇ ବର୍ଷର ଶିଶୁପୁତ୍ରର ବନ୍ଧରେ ବୁଡ଼ି ମୃତ୍ୟୁ ହୋଇଛି । ଦିଲୀପଙ୍କ ଘର ଆଗରେ ଥିବା ଗାଁ ପୋଖରୀରେ ଶିଶୁ ପୁତ୍ରଟି ଅସାବଧାନତାରୁ ଖସି ପଡ଼ି ବୁଡ଼ି ଯାଇଥିଲା। କିଛି ସମୟ ପରେ ଘର ଲୋକ ପିଲାଟିକୁ ନ ପାଇ ଖୋଜାଖୋଜି କରିଥିଲେ। କିନ୍ତୁ ଦେଖିଲା ବେଳକୁ ପିଲାଟି ବନ୍ଧରେ ଭାସୁଥିଲା। ତାକୁ ଉଦ୍ଧାର କରି ଖଲ୍ଲିକୋଟ ଡ଼ାକ୍ତରଖାନାକୁ ଅଣାଯାଇଥିଲା। ଡ଼ାକ୍ତର ପ୍ରଦୀପ ଗନ୍ତାୟତ ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଛି।

## ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ
# ବଞ୍ଚିବା ଲାଗି ରାହା ଖୋଜୁଛନ୍ତି ନିଃସହାୟ ବୃଦ୍ଧ

**ପୁରୁଷୋତ୍ତମପୁର,୨୦।୯(ଡି.ଏନ.ଏ.)**

ସରକାର ଅସହାୟଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ଏବେ ମଧ୍ୟ ଏହା କେତେକ ସ୍ଥାନରେ କାର୍ଯ୍ୟକାରୀ ହୋଇନାହିଁ। ଏହା ଦେଖିବାକୁ ମିଳିଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଗଞ୍ଜାମ ଜିଲା ହିଞ୍ଜିଳି ବ୍ଲକର ନନ୍ଦିକ ଗ୍ରାମରେ। ଉକ୍ତ ଗ୍ରାମର ନିଃସହାୟ ବୃଦ୍ଧ ରାମ ସାବତ (୮୦)। ତାଙ୍କର ନା ଅଛି ଘର ନା ରାଶନ କାର୍ଡ ନା ମିଳୁଛି ଭତ୍ତା। ରାମଙ୍କ ଲାଗି ସରକାରଙ୍କ ସମସ୍ତ ଯୋଜନା ସାତ ସପନ ହୋଇପଡ଼ିଛି। ବର୍ତ୍ତମାନ ପେଟକୁ ଦାନା ମୁଠାଏ ଯୋଗାଡ କରିବା ଲାଗି ନା ରହିଛି ବୟସ। ସେ ଏଣେତେଣେ ବୁଲି ଭୋକ ଉପାସରେ ପଡି ରହୁଛନ୍ତି। ପୁରୁଷୋତ୍ତମପୁର ଏନ୍ଏସିର ଏକ ସ୍ଥାନରେ ସେ ପଡିରହି ଭୋକରେ କାନ୍ଦୁଥିବା ବେଳେ ରଥସାହି ଛକର କିଛି ଯୁବକଙ୍କ ନଜରକୁ ଆସିଥିଲା। ଯୁବକମାନେ ବୃଦ୍ଧଙ୍କୁ ଉଦ୍ଧାର କରି ରଥସାହି ଜଗନ୍ନାଥ ମନ୍ଦିର ପରିସରକୁ ଆଣି ଘଟଣା ପଚାରି ବୁଝିଥିଲେ। ତାଙ୍କର ବର୍ତ୍ତମାନ କେହି


ନିଃସହାୟ ବୃଦ୍ଧ ରାମ ସାବତ।

ନାହାନ୍ତି। ବିବାହର କିଛିଦିନ ପରେ ସ୍ତ୍ରୀ ଛାଡି ଚାଲି ଯାଇଥିଲେ। ସେ ତାଙ୍କର ଦୁଇ ଭାଇଙ୍କ ପାଖରେ ରହୁଥିଲେ। କିନ୍ତୁ ପରେ ଭାଇମାନେ ନିଜ ଗାଁର ଘରଦ୍ୱାର ବିକ୍ରି କରି ବାହାରକୁ ଚାଲିଗଲେ। ଫଳରେ ବୟସ ଥିବାବେଳେ ସେ ମୂଲ ଲାଗି ଚଳୁଥିଲେ। ମାତ୍ର ବର୍ତ୍ତମାନ ବଳ ନଥିବାରୁ ଆଉ କାମଧନ୍ଦା କରିପାରୁନାହାନ୍ତି। ଏପରି କି ଆତ୍ମହତ୍ୟା କରିବାକୁ ଇଚ୍ଛା ହେଉଥିବାର ସେ କହିଛନ୍ତି। ଯୁବକମାନେ ବୃଦ୍ଧଙ୍କୁ ମନ୍ଦିରରେ ଆଶ୍ରୟ ଦେଇ ଗଞ୍ଜାମ ଜିଲାପାଳ, ଏସ୍‌ପି, ଛତ୍ରପୁର ଉପଜିଲାପାଳ, ପୁରୁଷୋତ୍ତମପୁର ତହସିଲଦାରଙ୍କୁ ଜଣାଇଥିଲେ। ଏଥିସହ ଜିଲା ପ୍ରଶାସନର ଅଭିଯୋଗ ଶୁଣାଣି ମୋବାଇଲକୁ ଫୋନ କରି ଅଭିଯୋଗ ଜଣାଇ ହ୍ୱାଟ୍‌ସପରେ ଦରଖାସ୍ତ ଦେଇ ଏହି ବୃଦ୍ଧଙ୍କ ଥଇଥାନର ବ୍ୟବସ୍ଥା ଲାଗି ନିବେଦନ କରିଛନ୍ତି। ମାତ୍ର ଖବର ଲେଖା ସୁଦ୍ଧା କେହି ମଧ୍ୟ ଗୁରୁତ୍ୱ ଦେଇନାହାନ୍ତି। ଏଥିପ୍ରତି ଶୀଘ୍ର ପ୍ରଶାସନ ଦୃଷ୍ଟି ଦେଇ ବୃଦ୍ଧାଙ୍କ ଥଇଥାନ ଲାଗି ପୁରୁଷୋତ୍ତମପୁରର ଜନସାଧାରଣ ଦାବି କରିଛନ୍ତି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ